# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୪/୨୦୨୪ (୧୬ ପୃଷ୍ଠା) | Bhubaneswar, Tuesday, June 4/2024 | Page 16 | ₹ 7.00 | BERHAMPUR

୫୦ଶ ଭାଗ ୧୯୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 190 | ମୂଲ୍ୟ ₹୭/-





KP
GROUP
Quality Since 1965
KAMLA PASAND
SILVER COATED ELAICHI
KAMLA PASAND
Anokha Swad
KP
GROUP
SILVER COATED ELAICHI
Anokha Swad
THIS CONTAINS SODIUM SACCHARIN (INS 954) or Sucralose (INS 955) and Neotame(INS 961)
NOT RECOMMENDED FOR CHILDREN, NO SUGAR ADDED IN THE PRODUCT,
CONTAINS ARTIFICIAL SWEETENER AND FOR CALORIE CONSCIOUS.
Watch at:
You Tube

ଧରିତ୍ରୀ
DHARITRI
50 Years
ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୪/୨୦୨୪ | Bhubaneswar, Tuesday, June 4/2024 | ପୃଷ୍ଠା-୧



## ବୋପାନ୍ନା କ୍ୱାର୍ଟରଫାଇନାଲରେ

ଭାରତର ରୋହନ ବୋପାନ୍ନା ଫ୍ରେଞ୍ଚ ଓପନ ଟେନିସ ପୁରୁଷ ଡବଲ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି।

୧୪

୦୯

## ଶାହାରୁଖ୍‌ଙ୍କ ଦେଶୀ 'ଜନି ଡେପ୍' ଲୁକ୍

ଅନନ୍ତ ଅମ୍ବାନୀଙ୍କ ପ୍ରି-ୱେଡିଂ ଉତ୍ସବରେ ଅଭିନେତା ଶାହରୁଖ୍ ଖାନଙ୍କ ନୂଆ ଲୁକ୍ ଦେଖିବାକୁ ମିଳିଛି। ସେ ଆମେରିକୀୟ ଅଭିନେତା ଜନି ଡେପ୍‌ଙ୍କ ପରି ଦେଖାଯାଉଥିବା ପ୍ରଶଂସକ କହିଛନ୍ତି।





ଆଜି ଭୋଟ ଗଣତି: ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟ ପରିସର ଷ୍ଟ୍ରଙ୍ଗରୁମ୍‌କୁ ଜଗିଛନ୍ତି ସିଆର୍‌ପିଏଫ୍ ଯବାନ। (ଫଟୋ: ବି.ଶଙ୍କର)

# ଆଜି ଫିଟିବ ଭାଗ୍ୟ ପେଡ଼ି

## ୭୦ କେନ୍ଦ୍ରରେ ହେବ ଭୋଟ ଗଣନା

**ଭୁବନେଶ୍ୱର,୩।୬(ଅନିଲ ଦାସ)**

ନିର୍ବାଚନ ସରିଛି। ନେତାଠୁ ଜନତା ସଭିଏଁ ଚାହିଁ ରହିଛନ୍ତି ଫଳାଫଳକୁ। ମଙ୍ଗଳବାର ପ୍ରତୀକ୍ଷାର ଅନ୍ତ ଘଟିବ। ଇଭିଏମରେ ସିଲ୍ ହୋଇଥିବା ପ୍ରାର୍ଥୀଙ୍କ ଭାଗ୍ୟ ଖୋଲିବ। କାହା ମୁଣ୍ଡରେ ହାତୀ ସୁନା କଳସ ଢାଳିବ, ତାକୁ ନେଇ ପ୍ରାର୍ଥୀଙ୍କର ହାର୍ଟବିଟ୍ ବଢ଼ି ଯାଇଛି। ବିଗତ ନିର୍ବାଚନ ଠାରୁ ଚଳିତ ନିର୍ବାଚନ ଅଧିକ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିବାରୁ ରାଜ୍ୟ ଶାସନ ଡୋରି କାହା ହାତକୁ ଯିବ ସେ ନେଇ ସଂଶୟ ଲାଗି ରହିଛି। ଅପରପକ୍ଷରେ ମଙ୍ଗଳବାର ଗଣତି ହେବାକୁ ଥିବାରୁ ନିର୍ବାଚନ କମିଶନଙ୍କ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ କରାଯାଇଛି। ସକାଳ ୮ଟାରୁ ଭୋଟ ଗଣନା ଆରମ୍ଭ ହେବ। ପ୍ରଥମେ ବାଲଟ ଓ ଏହା ପରେ ଇଭିଏମ୍ ଗଣନା ହେବ। ରାଜ୍ୟର ୭୦ଟି କେନ୍ଦ୍ରରେ ଭୋଟ ଗଣନା ହେବ। ସେଥିରୁ ୬୯ଟିରେ ଇଭିଏମ୍ ଏବଂ ଗୋଟିଏ କେନ୍ଦ୍ରରେ ପୋଷ୍ଟାଲ ବାଲଟ ଗଣନା କରାଯିବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) କହିଛନ୍ତି।

ସୋମବାର ଖବରଦାତା ସମ୍ମିଳନୀରେ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇ ସିଇଓ ନିକୁଞ୍ଜ ବିହାରୀ ଧଳ କହିଛନ୍ତି ଯେ, ମୋଟ ୩,୫୮୯ ଟେବୁଲରେ ଭୋଟ ଗଣନା ହେବ। ଭୋଟ ଗଣନା ସକାଶେ ବିଧାନସଭା ପାଇଁ ୧,୭୯୯ ଏବଂ ଲୋକ ସଭା ପାଇଁ ୧,୭୯୦ କାଉଣ୍ଟିଂ ଟେବୁଲ କରାଯାଇଛି। ପ୍ରତ୍ୟେକ ଟେବୁଲରେ ଜଣେ ଲେଖାଏ କାଉଣ୍ଟିଂ ସୁପରଭାଇଜର, ଜଣେ ଆସିଷ୍ଟାଣ୍ଟ କାଉଣ୍ଟିଂ ସୁପରଭାଇଜର, ଜଣେ ମାଇକ୍ରୋ ଅବଜରଭର ରହିବେ। ସେମାନଙ୍କୁ ସମସ୍ତଙ୍କୁ ପର୍ଯ୍ୟାପ୍ତ ତାଲିମ ଦିଆଯାଇଛି। ୬୦ଟି ହଲ୍‌ରେ ଉଭୟ ଲୋକ ସଭା ଓ ବିଧାନସଭା ନିର୍ବାଚନମଣ୍ଡଳୀର ଅଲଗା ଅଲଗା ଟେବୁଲରେ ଗଣନା ହେବ। ମାତ୍ର ୮୭ଟି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଉଭୟ ବିଧାନସଭା ଓ ଲୋକ ସଭା ପାଇଁ ଅଲଗା ଅଲଗା କାଉଣ୍ଟିଂ ସେଣ୍ଟର କରାଯାଇଛି। ଭାରତର ନିର୍ବାଚନ କମିଶନ ଭୋଟ ଗଣନା ତଦାରଖ କରିବାକୁ ୧୨୪ ଜଣ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତି ଦେଇଛନ୍ତି। ୧୩୯ ବିଧାନସଭା କ୍ଷେତ୍ରରେ ୩୦ ରାଉଣ୍ଡ ଗଣନା ହେବ। ତେବେ ୮ଟି ବିଧାନସଭା ନିର୍ବାଚନମଣ୍ଡଳୀ ଯଥା ରାଇରଙ୍ଗପୁର, ବିଷମକଟକ,



ସିଇଓ ନିକୁଞ୍ଜ ବିହାରୀ ଧଳ

ସାରସକଣା, ଆଳି, ଚିତ୍ରକୁଣ୍ଡା, ପାଟକୁରା, ମୋହନା ଓ ଲୋଇସିଂହା ବିଧାନସଭା ନିର୍ବାଚନମଣ୍ଡଳୀରେ ଗଣନା ପାଇଁ ସମୟ ଲାଗିବାକୁ ଥିବାରୁ ସେଠାରେ ୩୦ରୁ ଅଧିକ ରାଉଣ୍ଡ ଗଣନା ହେବ ବୋଲି ସିଇଓ ସୂଚନା ଦେଇଛନ୍ତି। ଚଳିତ ନିର୍ବାଚନରେ ୧ ଲକ୍ଷ ୪୭ ହଜାର ପୋଷ୍ଟାଲ ବାଲଟ ମିଳିଛି। ପ୍ରତି କାଉଣ୍ଟିଂ ସେଣ୍ଟରରେ ଜଣେ ଲେଖାଏ ଏଆରଓ ରହିବେ। ଏଥିସହିତ ତାଙ୍କୁ ସହାୟତା କରିବାକୁ ଅତିରିକ୍ତ ଏଆରଓ ରହିବେ। ସଂସଦୀୟ କ୍ଷେତ୍ର ପାଇଁ ୫୧୭ ଏବଂ ବିଧାନସଭା ପାଇଁ ୭୧୨ ଜଣ ଏଆରଓ ନିୟୋଜିତ ହୋଇଛନ୍ତି। ୨୦ଟି ସଂସଦୀୟ କ୍ଷେତ୍ର ପାଇଁ ଜିଲାପାଳ ତଥା ରିଟର୍ନିଂ ଅଫିସର ରହିବେ। ଭୋଟ ଗଣନା ପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ୬୯ଟି ଷ୍ଟ୍ରଙ୍ଗରୁମ୍‌ରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ☞ପୃଷ୍ଠା-୨

## ଗଣତି ପାଇଁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା

**ଭୁବନେଶ୍ୱର,୩।୬(ସତ୍ୟଜିତ୍ ରାଉତ)**

ରାଜ୍ୟରେ ମଙ୍ଗଳବାର ବିଧାନସଭା ଓ ଲୋକସଭା ନିର୍ବାଚନର ଭୋଟ ଗଣତି ହେବ। ତେବେ ଭୋଟ ଗଣତି ସମୟରେ କଡ଼ା ସୁରକ୍ଷା ବ୍ୟବସ୍ଥା ହୋଇଥିବାବେଳେ ଆଇନ ଶୃଙ୍ଖଳା ରକ୍ଷା ପାଇଁ ରାଜ୍ୟ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏଡିଜି (ଆଇନ ଶୃଙ୍ଖଳା) ସଞ୍ଜୟ କୁମାର ଏନେଇ ଭୁବନେଶ୍ୱରସ୍ଥିତ ଡିଜିପି କ୍ୟାମ୍ପ ଅଫିସ୍‌ରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏଡିଜି କହିଛନ୍ତି, ଷ୍ଟ୍ରଙ୍ଗରୁମ୍ ପାଇଁ ତ୍ରିସ୍ତରୀୟ ବ୍ୟବସ୍ଥା କରାଯାଇଛି। ୬୯ଟି ସ୍ଥାନରେ ଥିବା ଇଭିଏମ୍ ଷ୍ଟ୍ରଙ୍ଗ ରୁମ୍ (୭୮ କୋଠା)ରେ ଆଭ୍ୟନ୍ତରୀଣ ସୁରକ୍ଷା ପାଇଁ ୭୮ ପ୍ଲାଟୁନ ସିଏପିଏଫ୍ ☞ପୃଷ୍ଠା-୨

# ଶେୟାର ମାର୍କେଟରେ ବଡ଼ ଉତ୍ସାହ

**ଭୁବନେଶ୍ୱର,୩।୬ (ଅନୁରାଧା ମହାରଣା)**

ସାଧାରଣ ନିର୍ବାଚନ ଫଳାଫଳ ମଙ୍ଗଳବାର ପ୍ରକାଶ ପାଇବ। ହେଲେ ଏହା ପୂର୍ବରୁ ଶେୟାର ବଜାରରେ ଉତ୍ସାହ ଦେଖିବାକୁ ମିଳିଛି। ଭାଜପା ସରକାର କ୍ଷମତାକୁ ଫେରିବା ନେଇ ବିଭିନ୍ନ ଏକ୍‌ଜିଟ୍ ପୋଲ୍ ପୂର୍ବାନୁମାନ କରିଥିବାରୁ ଏହାର ପ୍ରଭାବ ଭାରତୀୟ ଷ୍ଟକ୍ ମାର୍କେଟ ଉପରେ ପଡ଼ିଛି। ସପ୍ତାହର ପ୍ରଥମ ଦିନରେ ଶେୟାର କାରବାର ସର୍ବକାଳୀନ ରେକର୍ଡ କରିଛି। ବିଏସ୍‌ଇ ସେନ୍‌ସେକ୍ସ ୨୫୦୭.୪୭ ପଏଣ୍ଟ ଅର୍ଥାତ୍ ୩.୩୯ ପ୍ରତିଶତ ବୃଦ୍ଧି ହୋଇ ୭୬,୪୬୮.୭୮ ପଏଣ୍ଟରେ ବନ୍ଦ ହୋଇଛି। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି କାରବାରରେ ମଧ୍ୟ ୭୩୩ ପଏଣ୍ଟ ଅର୍ଥାତ୍ ୩.୨୫ ବୃଦ୍ଧି ସହିତ ୨୩,୨୬୩ ସ୍ତରରେ ବନ୍ଦ ହୋଇଛି।

ଭାରତୀୟ ଷ୍ଟକ୍ ମାର୍କେଟ ବୃଦ୍ଧିରେ ଆଦାନୀ ଗ୍ରୁପ୍, ପବ୍ଲିକ ସେକ୍ଟର ବ୍ୟାଙ୍କ ଏବଂ ପିଏସ୍‌ୟୁ କମ୍ପାନୀଗୁଡ଼ିକର ପ୍ରମୁଖ ଯୋଗଦାନ ରହିଛି। ବ୍ୟାଙ୍କିଙ୍ଗ୍ ଶେୟାରରେ ବୃଦ୍ଧି ହେତୁ ନିଫ୍ଟି ବ୍ୟାଙ୍କ ପ୍ରଥମଥର ପାଇଁ ୫୧ ହଜାର ପଏଣ୍ଟ ନିକଟବର୍ତ୍ତୀ ହୋଇଛି। ପ୍ରାୟ ୨୦୦୦ ପଏଣ୍ଟ (୧୯୯୬.୦) ବୃଦ୍ଧି ହୋଇ ୫୦,୯୭୯ ପଏଣ୍ଟରେ ବନ୍ଦ ହୋଇଛି। ୪.୦୭ ପ୍ରତିଶତ ବୃଦ୍ଧି ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**
**ପକ୍ଷୀ ରକ୍ଷା**

# ଓଡ଼ିଶା ବିଧାନସଭା ଭଙ୍ଗ

**ଭୁବନେଶ୍ୱର,୩।୬(ଅନିଲ ଦାସ)**

ଷୋଡ଼ଶତମ ରାଜ୍ୟ ବିଧାନସଭା ଭଙ୍ଗ ପାଇଁ ରାଜ୍ୟପାଳ ରଘୁବର ଦାସ ନିର୍ଦ୍ଦେଶ ଦେଇଛନ୍ତି। ସଂସଦୀୟ ବ୍ୟାପାର ବିଭାଗ ପକ୍ଷରୁ ସୋମବାର ଏ ନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ରାଜ୍ୟରେ ସାଧାରଣ ନିର୍ବାଚନ-୨୦୨୪ ଶେଷ ହୋଇଛି। ମଙ୍ଗଳବାର ଫଳାଫଳ ଘୋଷଣା ହେବ। ଏହା ପୂର୍ବରୁ ଓଡ଼ିଶା ବିଧାନସଭା ଭଙ୍ଗ ପାଇଁ ରାଜ୍ୟ କ୍ୟାବିନେଟ୍ ରାଜ୍ୟପାଳଙ୍କୁ ସୁପାରିସ କରିଥିଲା। ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବିଜେଡି ସରକାର ପଞ୍ଚମ ପାଳିର ଶେଷ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ଏହି ବୈଠକରେ ଭର୍ଚୁଆଲ ମୋଡ୍‌ରେ ଯୋଗ ଦେଇଥିଲେ। ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତିକ୍ରମେ ବିଧାନସଭା ଭଙ୍ଗ ପାଇଁ ରାଜ୍ୟପାଳଙ୍କୁ ସୁପାରିସ କରାଯାଇଥିଲା।

ବିଧି ଅନୁସାରେ, ନିର୍ବାଚନ ଫଳାଫଳ ଘୋଷଣା ପୂର୍ବରୁ ପୁରୁଣା କ୍ୟାବିନେଟ୍ ଭଙ୍ଗ ହୋଇଥାଏ। ମୁଖ୍ୟମନ୍ତ୍ରୀଙ୍କୁ ରାଜ୍ୟପାଳ ନୂଆ ସରକାର ଗଠନ ହେବା ପର୍ଯ୍ୟନ୍ତ କାମଚଳା ଦାୟିତ୍ୱରେ ରହିବା ପାଇଁ ପରାମର୍ଶ ଦେଇଥାନ୍ତି। ଏଥିସହ ନୂଆ ସରକାର ଗଢ଼ିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥାଏ। ଫଳାଫଳ ଆସିବା ପରେ ସର୍ବାଧିକ ଆସନ ପାଇଥିବା ଦଳକୁ ସରକାର ଗଢ଼ିବା ପାଇଁ ରାଜ୍ୟପାଳ ଆମନ୍ତ୍ରଣ କରିବା ପରମ୍ପରା ରହିଛି। ଏଠାରେ ସୂଚନାଯୋଗ୍ୟ, ନବୀନ ପଟ୍ଟନାୟକ ୨୦୧୯ ମେ ୨୯ ତାରିଖରେ ପଞ୍ଚମ ଥର ଲାଗି ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ଚଳିତ ନିର୍ବାଚନରେ ନବୀନ ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇ ସମଗ୍ର ଦେଶରେ ରେକର୍ଡ କରିପାରୁଛନ୍ତି କି ନାହିଁ ତାହା ମଙ୍ଗଳବାର ଫଳାଫଳ ଘୋଷଣାହେବା ପରେ ସ୍ପଷ୍ଟ ହୋଇଯିବ। ଭୋଟ ଗଣତି ପୂର୍ବରୁ ରାଜ୍ୟର ୬୯ଟି ଷ୍ଟ୍ରଙ୍ଗ୍ ରୁମ୍‌ରେ ଇଭିଏମ୍ ଓ ଭିଭିପିଏଟିଗୁଡ଼ିକୁ କଡ଼ା ସୁରକ୍ଷା ମଧ୍ୟରେ ରଖାଯାଇଛି। ଷ୍ଟ୍ରଙ୍ଗରୁମ୍ ଚାରିପଟେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ସିସିଟିଭି ସର୍ଭିଲାନ୍ସ ସହ ଷ୍ଟ୍ରଙ୍ଗ୍ ରୁମ୍ ବାହାରେ ଦିନରାତି ସୁରକ୍ଷା କର୍ମୀ ପହରା ମାରୁଛନ୍ତି। କେତେକ ସ୍ଥାନରେ ପ୍ରାର୍ଥୀ ନିଜେ କିମ୍ବା ତାଙ୍କ ପ୍ରତିନିଧିମାନେ ଷ୍ଟ୍ରଙ୍ଗ୍ ରୁମ୍ ବାହାରେ ଜଗି ରହିଥିବା ସୂଚନା ମିଳିଛି।



# ତାଜ୍ ଏକ୍ସପ୍ରେସ୍‌ର ୩ ବଗିରେ ନିଆଁ

**ନୂଆଦିଲ୍ଲୀ, ୩।୬**

ଦେଶରେ ପୁଣି ଏକ ରେଳ ଦୁର୍ଘଟଣା ଘଟିଛି। ସୋମବାର ଅପରାହ୍ନ ୪.୩୦ରେ ଦକ୍ଷିଣ ପୂର୍ବ ଦିଲ୍ଲୀର ସରିତା ବିହାର ଅଞ୍ଚଳରେ ଦିଲ୍ଲୀରୁ ଝାନ୍ସି ଯାଉଥିବା ତାଜ୍ ଏକ୍ସପ୍ରେସ୍‌ରେ ନିଆଁ ଲାଗିଥିଲା। ଘଟଣାସ୍ଥଳରେ ଦିଲ୍ଲୀ ଅଗ୍ନିଶମ ସେବା(ଡିଏଫ୍‌ଏସ୍)ର ୮ଟି ଟିମ୍ ପହଞ୍ଚି ସନ୍ଧ୍ୟା ସୁଦ୍ଧା ନିଆଁକୁ ଆୟତ୍ତ କରିବାରେ ସଫଳ ହୋଇଛନ୍ତି। ତେବେ ଟ୍ରେନ୍‌ରେ ନିଆଁ ଲାଗିବା ଘଟଣାରେ କେହି ମୃତାହତ ହୋଇ ନ ଥିବା ପୋଲିସ ସୂଚନା ଦେଇଛି। ସମ୍ପୃକ୍ତ ୩ ବଗିରେ ନିଆଁ ଲାଗିବା ସମୟରେ ☞ପୃଷ୍ଠା-୨

# ମତଦାନରେ ବିଶ୍ୱ ରେକର୍ଡ

**ନୂଆଦିଲ୍ଲୀ,୩।୬(ପି.ଟି.)**

## ୬୪.୨ କୋଟି ଦେଲେ ଭୋଟ



ଚଳିତ ଲୋକ ସଭା ନିର୍ବାଚନରେ ୩୧.୨ କୋଟି ମହିଳାଙ୍କ ସମେତ ମୋଟ ୬୪.୨ କୋଟି ଭୋଟର ସେମାନଙ୍କର ମତାଧିକାର ସାବ୍ୟସ୍ତ କରି ବିଶ୍ୱରେକର୍ଡ ସ୍ଥାପନ କରିଥିବା ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର ସୋମବାର କହିଛନ୍ତି। ଏଥର ନିର୍ବାଚନରେ ଭାରତ ଏକାଧିକ ରେକର୍ଡ କରିଛି। ସାଧାରଣ ନିର୍ବାଚନରେ ଭୋଟର ସଂଖ୍ୟା ଜି-୭ ରାଷ୍ଟ୍ରଗୁଡ଼ିକର ମୋଟ ଭୋଟର ସଂଖ୍ୟାର ଦେଢ଼ଗୁଣ ହୋଇଛି। ଏଥର ୩୧.୨ କୋଟି ମହିଳା ଭୋଟ ଦେଇଛନ୍ତି, ଯାହାକି ୨୭ ୟୁରୋପୀୟ ୟୁନିୟନ ଦେଶର ମୋଟ ମହିଳା ଭୋଟରଙ୍କ ତୁଳନାରେ ୧.୨୫ ଗୁଣ। ଏହି ନିର୍ବାଚନରେ ପ୍ରଥମ ଥର ପାଇଁ ୮୫ ବର୍ଷରୁ ଉର୍ଦ୍ଧ୍ୱ ଏବଂ ଭିନ୍ନକ୍ଷମମାନ ମତଦାତାଙ୍କୁ ଘରେ ରହି ଭୋଟ ଦେବାର ସୁବିଧା ପ୍ରଦାନ କରାଯାଇଥିଲା।

ବିଶ୍ୱର ଏହି ସର୍ବବୃହତ୍ ଗଣତନ୍ତ୍ର ପର୍ବରେ ୬୮,୦୦୦ରୁ ଉର୍ଦ୍ଧ୍ୱ ପର୍ଯ୍ୟବେକ୍ଷକ ଟିମ୍ ଏବଂ ୧.୫ କୋଟି ପୋଲିଂ ଏବଂ ସୁରକ୍ଷା କର୍ମଚାରୀ ନିୟୋଜିତ ଥିଲେ। ନିର୍ବାଚନ ପରିଚାଳନାରେ ପାଖାପାଖି ୪ ଲକ୍ଷ ଗାଡ଼ି, ୧୩୫ ସ୍ୱତନ୍ତ୍ର ☞ପୃଷ୍ଠା-୨

# ଅଂଶୁଘାତ ମୃତ୍ୟୁ ୩୦କୁ ବୃଦ୍ଧି

**ଭୁବନେଶ୍ୱର,୩।୬(ଅସମାପିକା ସାହୁ)**

ରାଜ୍ୟରେ ଅଂଶୁଘାତ ମୃତ୍ୟୁସଂଖ୍ୟା ୩୦କୁ ବୃଦ୍ଧି ପାଇଛି। ଗତ ୨୪ ଘଣ୍ଟାରେ ୪ଜଣଙ୍କ ଜୀବନ ଯାଇଛି। ଏନେଇ ସୋମବାର ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆର୍‌ସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାନୁସାରେ, ରାଜ୍ୟରେ ମୋଟ ୧୪୭ଟି ଅଂଶୁଘାତଜନିତ ମୃତ୍ୟୁ ଅଭିଯୋଗ ହୋଇଛି। ସେଥିମଧ୍ୟରୁ ୫୦ଟି ମାମଲାର ତଦନ୍ତ ସରିଥିବା ବେଳେ ୩୦ଟି ଅଂଶୁଘାତଜନିତ ଏବଂ ୨୦ଟି ଅନ୍ୟ କାରଣରୁ ମୃତ୍ୟୁ ହୋଇଥିବା ସ୍ପଷ୍ଟ ହୋଇଛି। ବାକି ୯୭ଟି ମୃତ୍ୟୁ ମାମଲାର ତଦନ୍ତ ସରି ନ ଥିବା ସୂଚନା ଦିଆଯାଇଛି।

ସେପଟେ ରାଉରକେଲାରେ ସର୍ବାଧିକ ଲୋକଙ୍କର ମୃତ୍ୟୁ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଏ ନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର କହିଛନ୍ତି, ୨ ତାରିଖ ସୁଦ୍ଧା ୨୬ ଜଣଙ୍କର ଅଂଶୁଘାତଜନିତ ମୃତ୍ୟୁ ସ୍ପଷ୍ଟ ହୋଇଛି। ☞ପୃଷ୍ଠା-୨




# ଓଜେଇଇ ରେଜଲ୍ଟ, ୫୬ ହଜାର ପରୀକ୍ଷାର୍ଥୀଙ୍କୁ ର୍‍ୟାଙ୍କ୍

**ଭୁବନେଶ୍ୱର, ୩।୬(ଅସମାପିକା ସାହୁ)**



ସାଗରିକା ଦାଶ
ବି. ଫାର୍ମ ଟପ୍ପର



ସୂର୍ଯ୍ୟକାନ୍ତ ପୃଷ୍ଟି
ଏମ୍‌ବିଏ ଟପ୍ପର



ବ୍ରହ୍ମାନନ୍ଦ ମହାରଣା
ଏମ୍‌ସିଏ ଟପ୍ପର

ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା(ଓଜେଇଇ) ୨୦୨୪ର ଫଳାଫଳ ସୋମବାର ପ୍ରକାଶ ପାଇଛି। ଏଥିରେ ୫୬ହଜାର ପରୀକ୍ଷାର୍ଥୀଙ୍କୁ ନିଜ ପ୍ରଦର୍ଶନ ଅନୁଯାୟୀ ସେମାନଙ୍କ ଅନୁରୂପ ପାଠ୍ୟକ୍ରମରେ ର୍‍ୟାଙ୍କ୍ ପ୍ରଦାନ କରାଯାଇଛି। ପରୀକ୍ଷାର୍ଥୀମାନେ ଓଜେଇଇ ୱେବ୍‌ସାଇଟ୍ www.ojee.nic.in/ www.odishajee.comରୁ ନିଜ ର୍‍ୟାଙ୍କ ପାଇପାରିବେ। ୨୦୨୪-୨୫ ଶିକ୍ଷାବର୍ଷ ନିମନ୍ତେ ରାଜ୍ୟର ବିଭିନ୍ନ ସରକାରୀ ଯାନ୍ତ୍ରିକ ତଥା ବେସରକାରୀ ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନରେ ପ୍ରଚଳିତ ୨୩ଟି ବୈଷୟିକ ଏବଂ ବୃତ୍ତିଗତ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ବି. ଫାର୍ମରେ ସାଗରିକା ଦାଶ ଟପ୍ପର ହୋଇଥିବା ବେଳେ ଏଲ୍‌ଇ. ଟେକ୍(ଡିପ୍ଲୋମା)ରେ ବିଲ୍ଟୁ ମଣ୍ଡଳ, ଏଲ୍‌ଇ. ଟେକ୍(ବିଏସ୍‌ସି)ରେ ଶ୍ରୀକାନ୍ତ କୁମାର ମିଶ୍ର, ଏଲ୍‌ଇ. ଫାର୍ମରେ ବିଭୂତି ଭୂଷଣ ଆଚାର୍ଯ୍ୟ, ଏମ୍‌ବିଏରେ ସୂର୍ଯ୍ୟକାନ୍ତ ପୃଷ୍ଟି, ଏମ୍‌ସିଏ/ଏମ୍‌ଏସ୍‌ସି(କମ୍ପ୍ୟୁଟର ସାଇନ୍ସ)ରେ ବ୍ରହ୍ମାନନ୍ଦ ମହାରଣା, ଇଣ୍ଟିଗ୍ରେଟେଡ ଏମ୍‌ବିଏରେ ଶାଶ୍ୱତ ଦାସମିଶ୍ର, ଏମ୍.ଫାର୍ମରେ ପଦ୍ମାଳୟା ମିଶ୍ର, ଏମ୍. ଆର୍କରେ ଅଙ୍କିତ ବିଶ୍ୱାଳ, ଏମ୍. ପ୍ଲାନ୍‌ରେ ପ୍ରତ୍ୟୁଷ ଦାସ, ଏମ୍‌ଟେକ୍-ସିଭିଲ ଇଞ୍ଜିନିୟରିଂରେ ରବୀନ୍ଦ୍ର ସାହୁ, ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂରେ ପୂର୍ବପ୍ରିୟା ନାୟକ, ମେକାନିକାଲ ଇଞ୍ଜିନିୟରିଂରେ ଗୋବିନ୍ଦ ନାୟକ, କମ୍ପ୍ୟୁଟର ସାଇନ୍ସ ଇଞ୍ଜିନିୟରିଂ/ଆଇଟିରେ ଆକାଶ କୁମାର ଦାସ, କେମିକାଲ ଇଞ୍ଜିନିୟରିଂରେ ରିଙ୍କୁ ନାୟକ, ବାୟୋଟେକ୍ନୋଲୋଜିରେ ଅଙ୍କିତା କୁମାରୀ ରଥ, ଇଲେକ୍ଟ୍ରୋନିକ୍ସ ଆଣ୍ଡ୍ କମ୍ୟୁନିକେଶନ ଇଞ୍ଜିନିୟରିଂରେ ସୌମ୍ୟ ପ୍ରକାଶ ସୂତାର, ମେଟାଲର୍ଜିକାଲ ଇଞ୍ଜିନିୟରିଂରେ ତୁଷାରକାନ୍ତ ଦାସପଟ୍ଟନାୟକ, ଏନ୍‌ଭାଇରନ୍‌ମେଣ୍ଟାଲ ଇଞ୍ଜିନିୟରିଂରେ ଶୁଭଜ୍ୟୋତି ମାଝି, ପ୍ଲାଷ୍ଟିକ୍ ଇଞ୍ଜିନିୟରିଂରେ ଶୁଚିସ୍ମିତା ପ୍ରିୟଦର୍ଶିନୀ, ଟେକ୍ସଟାଇଲ୍ ଇଞ୍ଜିନିୟରିଂରେ ନିର୍ଲିପ୍ତା ସାହୁ, ବି. କ୍ୟାଟ୍(ଫିଲ୍ମ ଏଡିଟିଂ)ରେ ରିଷିଦେବ ମହାନ୍ତି ଓ ବି.କ୍ୟାଟ (ସିନେମାଟୋଗ୍ରାଫି, ସାଉଣ୍ଡ୍ ରେକର୍ଡିଂ ଆଣ୍ଡ୍ ଡିଜାଇନ୍)ରେ ପଦ୍ମସ୍ମିତ ମହାନ୍ତି ଟପ୍ପର ହୋଇଛନ୍ତି। ସୂଚନାଯୋଗ୍ୟ, ଗତ ମେ' ୬ରୁ ୧୦ ପର୍ଯ୍ୟନ୍ତ ଓଜେଇଇ ଅନୁଷ୍ଠିତ ହୋଇଥିଲା। ☞ପୃଷ୍ଠା-୨

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଭୁବନେଶ୍ୱର -ମଧ୍ୟ, ଭୁବନେଶ୍ୱର-ଉତ୍ତର, ଭୁବନେଶ୍ୱର- ଏକାମ୍ର, ଜୟଦେବ ଓ ଜଟଣୀ ବିଧାନସଭା କ୍ଷେତ୍ରର ଭୋଟ ଗଣତି, ସ୍ଥାନ: ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର, ସମୟ: ସକାଳ ୮ଟା।
- ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶଙ୍କ ୧୦୧ତମ ଜୟନ୍ତୀ ଓ ଫାଉଣ୍ଡେଶନର ୩୨ତମ ବାର୍ଷିକୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- ପୁରୀ ଜିଲାର ନିମାପଡ଼ା, କାକଟପୁର ବିଧାନସଭା କ୍ଷେତ୍ରର ଭୋଟ ଗଣତି, ସ୍ଥାନ: ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ପୁରୀ, ସମୟ: ସକାଳ ୮ଟା।
- ବ୍ରହ୍ମଗିରି, ପିପିଲି, ପୁରୀ ସଦର ଓ ସତ୍ୟବାଦୀ ବିଧାନସଭା ନିର୍ବାଚନମଣ୍ଡଳୀର ଭୋଟ ଗଣତି, ସ୍ଥାନ: କେନ୍ଦ୍ରୀୟ ବିଦ୍ୟାଳୟ, ପୁରୀ,ସମୟ: ସକାଳ ୮ଟା।
- ଶ୍ରୀ ରାମଚରିତ ମାନସର ୮ମ ଦିବସ, ସ୍ଥାନ: ସାକ୍ଷୀଗୋପାଳ ମନ୍ଦିର ନିକଟ, ସାକ୍ଷୀଗୋପାଳ, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- ମା'ଭଗବତୀଙ୍କ ବାର୍ଷିକ ସାହିଯାତ୍ରା ଶୁଭାରମ୍ଭ, ସ୍ଥାନ: ଟ୍ରାଫିକ କଲୋନୀ ଜଟଣୀ, ସମୟ: ସକାଳ ୬ଟା।
- ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଜ୍ଞାନଯଜ୍ଞ, ସ୍ଥାନ: ଅସରଳା, ବୋଲଗଡ଼, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ଜଳେଶ୍ୱର, ଭୋଗରାଇ ବିଧାନସଭା ନିର୍ବାଚନମଣ୍ଡଳୀର ଭୋଟ ଗଣତି, ସରକାରୀ ଆଇଟିଆଇ କଲେଜ ପରିସର, ବାଲେଶ୍ୱର, ସମୟ: ସକାଳ ୮ଟା।
- ବସ୍ତା, ବାଲେଶ୍ୱର, ରେମୁଣା ବିଧାନସଭା ନିର୍ବାଚନମଣ୍ଡଳୀର ଭୋଟଗଣତି, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାଲେଶ୍ୱର, ସମୟ: ସକାଳ ୮ଟା।
- ନୀଳଗରି ବିଧାନସଭା ନିର୍ବାଚନମଣ୍ଡଳୀର ଭୋଟ ଗଣତି, ସ୍ଥାନ: ନୀଳଗିରି କଲେଜ ପରିସର, ସମୟ : ସକାଳ ୮ଟା।
- ସୋର, ସିମୁଳିଆ ବିଧାନସଭା ନିର୍ବାଚନମଣ୍ଡଳୀର ଭୋଟ ଗଣତି, ସ୍ଥାନ: ରେମୁଣା ଡିଗ୍ରୀ କଲେଜ ପରିସର, ରେମୁଣା, ସମୟ: ସକାଳ ୮ଟା।
- 'ଅନାଲୋକିତ କୀର୍ତ୍ତିମାନ' ପୁସ୍ତକ ଲୋକାର୍ପଣ ଉତ୍ସବ, ସ୍ଥାନ: ହୋଟେଲ ଲକି ଇଣ୍ଟରନ୍ୟାଶନାଲ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ମୟୂରଭଞ୍ଜ

- ଓଆର୍‌ଏସ୍ ବଣ୍ଟନ କେନ୍ଦ୍ର, ସ୍ଥାନ: ମୟୂରଭଞ୍ଜ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୮ଟା।
- ଜଳସେବା କେନ୍ଦ୍ର, ସ୍ଥାନ: ବାରିପଦା ପିଡବ୍ଲୁଡି ଅଫିସ ସାମ୍ନା, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ

- ଧାମନଗର ବିଧାନସଭା କ୍ଷେତ୍ରର ଭୋଟ ଗଣତି, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ସକାଳ ୮ଟା।
- ଭଦ୍ରକ, ଭଣ୍ଡାରିପୋଖରୀ, ଚାନ୍ଦବାଲି ଓ ବାସୁଦେବପୁର ବିଧାନସଭା କ୍ଷେତ୍ରର ଭୋଟ ଗଣତି, ସ୍ଥାନ: ଭଦ୍ରକ କଲେଜ, ସମୟ: ସକାଳ ୮ଟା।
- ଶନି ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଘରପଦା, ନିଳୋକ, ବନ୍ତ, ସମୟ: ଅପରାହ୍ନ ୪ଟା ୩୦।

## କେନ୍ଦୁଝର

- ମା' ମଙ୍ଗଳା ମନ୍ଦିରରେ ବାର୍ଷିକ ଉତ୍ସବ, ଯଜ୍ଞ, ନାମ ସଂକୀର୍ତ୍ତନ ସ୍ଥାନ: ଇଂଚୋଳ, ହାଟଡ଼ିହୀ, ସମୟ: ପ୍ରାତଃ ୫ଟା।
- ହନୁମାନ ମନ୍ଦିରରେ ରାମ ଚରିତ ଏବଂ ହନୁମାନ ଚାଳିଶା ପାଠ, ପୂଜାର୍ଚ୍ଚନା, ସ୍ଥାନ: ହାବଳେଶ୍ୱର, ହାଟଡ଼ିହୀ, ସମୟ: ପ୍ରାତଃ ୫ଟା।
- ମା' ମଙ୍ଗଳାଙ୍କ ମନ୍ଦିରରେ ମଙ୍ଗଳା ଓଷା ଏବଂ ପୂଜାର୍ଚ୍ଚନା, ସ୍ଥାନ: ଶାଳକଣିଆଁ, ମଙ୍ଗରାଜପୁର, ଭୂଇଁପୁର, ହାଟଡିହୀ, ସମୟ: ସକାଳ ୭ ଟା।
- କେନ୍ଦୁଝର ଓ ତେଲକୋଇ ବିଧାନସଭା ନିର୍ବାଚନମଣ୍ଡଳୀର ଭୋଟ ଗଣନା, ସ୍ଥାନ: କେନ୍ଦୁଝର ଓଡ଼ିଶା ଖଣି ଓ ଯାନ୍ତ୍ରିକ ବିଦ୍ୟାଳୟ , ସମୟ: ସକାଳ ୮ ଟା।
- ପାଟଣା ଓ ଚମ୍ପୁଆ ବିଧାନସଭା ନିର୍ବାଚନମଣ୍ଡଳୀର ଭୋଟ ଗଣନା, ସ୍ଥାନ: ଚନ୍ଦ୍ର ଶେଖର ମହାବିଦ୍ୟାଳୟ, ଚମ୍ପୁଆ, ସମୟ: ସକାଳ ୮ ଟା।
- ଆନନ୍ଦପୁର ଓ ଘସିପୁରା ବିଧାନସଭା ନିର୍ବାଚନମଣ୍ଡଳୀର ଭୋଟ ଗଣନା, ସ୍ଥାନ: କନକ ମଞ୍ଜରୀ ମହିଳା ମହାବିଦ୍ୟାଳୟ, ଶାଳପଡ଼ା , ସମୟ: ସକାଳ ୮ ଟା।
- ଅଷ୍ଟମ ପ୍ରହର ନାମ ସଂକୀର୍ତ୍ତନ ଏବଂ ନଗର ପରିକ୍ରମା, ସ୍ଥାନ: ଇଂଚୋଳ, ହାଟଡ଼ିହୀ, ସମୟ: ଅପରାହ୍ନ ୪ ଟା।

## ବ୍ରହ୍ମପୁର

- ଚିକିଟି ବିଧାନସଭା କ୍ଷେତ୍ରର ଭୋଟ ଗଣତି , ସ୍ଥାନ: ଉମାଚରଣ ପଟ୍ଟନାୟକ ଇଞ୍ଜିନିୟରିଂ କଲେଜ, ବ୍ରହ୍ମପୁର, ସମୟ: ସକାଳ ୮ଟା
- ଗୋପାଳପୁର, ବ୍ରହ୍ମପୁର, ଦିଗପହଣ୍ଡି, ସାନଖେମୁଣ୍ଡି ବିଧାନସଭା କ୍ଷେତ୍ରର ଭୋଟ ଗଣତି, ସ୍ଥାନ: ସରକାରୀ ପଲିଟେକ୍ନିକ, ବ୍ରହ୍ମପୁର, ସମୟ: ସକାଳ ୮ଟା।

## ଗଞ୍ଜାମ

- ଆସିକା, ସୋରଡ଼ା ଓ ଭଞ୍ଜନଗର ବିଧାନସଭା କ୍ଷେତ୍ରର ଭୋଟ ଗଣତି, ସ୍ଥାନ: ଭଞ୍ଜନଗର କେଏସ୍‌ୟୁବି କଲେଜ, ସମୟ: ସକାଳ ୮ଟା
- ଛତ୍ରପୁର, କବିସୂର୍ଯ୍ୟନଗର, ଖଲ୍ଲିକୋଟ, ପୋଲସରା, ହିଞ୍ଜିଳି ବିଧାନସଭା ନିର୍ବାଚନମଣ୍ଡଳୀର ଭୋଟ ଗଣତି, ସ୍ଥାନ: ଅନସ୍ଲୋ ସକରାରୀ ହାଇସ୍କୁଲ, ଛତ୍ରପୁର, ସମୟ: ସକାଳ ୮ଟା।

## କନ୍ଧମାଳ

- ଲକ୍ଷ୍ମୀ ନୃସିଂହନାଥ ଯାତ୍ରା ଉପଲକ୍ଷେ ଡ୍ରାମା ପରିବେଷଣ, ସ୍ଥାନ:ଲକ୍ଷ୍ମୀ ନୃସିଂହନାଥ ଯାତ୍ରା ପଡିଆ,ସମୟ:ରାତି ୧୦ଟା।

## ରାୟଗଡ଼ା

- ରାୟଗଡା ଓ ବିଷମକଟକ ବିଧାନସଭା କ୍ଷେତ୍ର ପାଇଁ ଭୋଟ ଗଣତି, ସ୍ଥାନ: ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ଏବଂ ଜିସିଡି ହାଇସ୍କୁଲ, ରାୟଗଡ଼ା, ସମୟ: ସକାଳ ୮ଟା।
- ଗୁଣପୁର ବିଧାନସଭା ନିର୍ବାଚନମଣ୍ଡଳୀର ଭୋଟ ଗଣତି, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ, ଗୁଣପୁର, ସମୟ: ସକାଳ ୮ଟା।

## ନବରଙ୍ଗପୁର

- ନବରଙ୍ଗପୁର ଲୋକ ସଭା ଓ ବିଧାନସଭା ଲାଗି ଭୋଟ ଗଣତି, ସ୍ଥାନ: ନବରଙ୍ଗପୁର ଜିଲା ସାଧନ କେନ୍ଦ୍ର ସମ୍ମୁଖ, ସମୟ: ସକାଳ ୮ଟା।

## କୋରାପୁଟ

- କୋରାପୁଟ ଲୋକ ସଭା ଏବଂ କୋରାପୁଟ,ଲକ୍ଷ୍ମୀପୁର ଓ ପଟ୍ଟାଙ୍ଗି ବିଧାନସଭା ଆସନର ଭୋଟ ଗଣତି, ସ୍ଥାନ: ସରକାରୀ ମହାବିଦ୍ୟାଳୟ କୋରାପୁଟ, ସମୟ: ସକାଳ ୮ଟା।
- ଜୟପୁର ଓ କୋଟପାଡ଼ ବିଧାନସଭା ଆସନର ଭୋଟ ଗଣତି, ସ୍ଥାନ: ବିକ୍ରମଦେବ ବିଶ୍ୱବିଦ୍ୟାଳୟ, ଜୟପୁର, ସମୟ: ସକାଳ ୮ଟା।

## ମାଲକାନଗିରି

- ମାଲକାନଗିରି, ଚିତ୍ରକୋଣ୍ଡା ବିଧାନସଭା ନିର୍ବାଚନମଣ୍ଡଳୀ ଭୋଟ ଗଣତି, ସ୍ଥାନ: ମାଲକାନଗିରି ପଲିଟେକ୍ନିକ ମହାବିଦ୍ୟାଳୟ, ସମୟ: ସକାଳ ୮ଟା।

## ସମ୍ବଲପୁର

- ସାଓଲିନ କୁଙ୍ଗ୍ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ: ସକାଳ ୭ଟା।
- ଜିଲା କ୍ରୀଡା ସଂଘ ଆୟୋଜିତ ଜିଲାସ୍ତରୀୟ ନକ୍‌ଆଉଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡ଼ିୟମ, ସମୟ: ସକାଳ ୭ଟା।
- ଓୟୁଏଟି ପ୍ରବେଶିକା ପରୀକ୍ଷା, ସ୍ଥାନ: ଦେବେଇପାଲି ସ୍ଥିତ ବଦ୍ରିପ୍ରସାଦ ଇନଷ୍ଟିଚ୍ୟୁଟ, ସମୟ: ସକାଳ ୭ଟା।
- ରେଙ୍ଗାଲି ବିଧାନସଭା ଓ ସମ୍ବଲପୁର ଲୋକସଭା ଆସନର ଭୋଟ ଗଣତି, ସ୍ଥାନ ନେତାଜୀ ସୁଭାଷ ଚନ୍ଦ୍ର ମହାବିଦ୍ୟାଳୟ, ସମୟ : ସକାଳ ୮ଟା।
- ସମ୍ବଲପୁର ବିଧାନସଭା ଓ ଲୋକ ସଭାର ଭୋଟ ଗଣତି, ସ୍ଥାନ ସରକାରୀ ମହିଳା ମହାବିଦ୍ୟାଳୟ, ସମୟ : ସକାଳ ୮ଟା।

## ବଲାଙ୍ଗୀର

- ଗ୍ରୀଷ୍ମକାଳୀନ ହକି ପ୍ରଶିକ୍ଷଣ ଶିବିର, ସ୍ଥାନ: ଟାଉନ ବାଳକ ହାଇସ୍କୁଲ ଖେଳପଡ଼ିଆ, ବଲାଙ୍ଗୀର, ସମୟ: ସକାଳ ୬ଟା।
- ସାଧାରଣ ନିର୍ବାଚନର ଭୋଟ ଗଣତି, ସ୍ଥାନ: ସରକାରୀ ଆଇଟିଆଇ କେନ୍ଦ୍ର, ବଲାଙ୍ଗୀର, ସମୟ: ସକାଳ ୮ଟା।

## ସୁବର୍ଣ୍ଣପୁର

- କେପିଏଲ ଧମାକାର ନବମ ଦିବସ, ସ୍ଥାନ: କୋଟସମଲାଇ, ଉଲୁଣ୍ଡା ସମୟ:ସକାଳ ୭ଟା।
- ବିଧାନସଭା ଓ ଲୋକ ସଭାର ଭୋଟ ଗଣନା, ସ୍ଥାନ: ବୀରମହାରାଜପୁର କଲେଜ ପରିସର, ସମୟ: ସକାଳ ୮ଟା।

## ରାଉରକେଲା

- ଜିଏସ୍‌ଏ ପକ୍ଷରୁ ଗ୍ରୀଷ୍ମକାଳୀନ କ୍ରୀଡା ଶିବିର ଉଦ୍‌ଯାପନ,ସ୍ଥାନ: ଡିଏଭି ପଡ଼ିଆ, ସମୟ: ସକାଳ ୭ଟା ୩୦।
- ରାଉରକେଲା ବିଧାନସଭା ଲାଗି ଭୋଟ ଗଣତି, ସ୍ଥାନ: ଉଦିତ୍‌ନଗର ହାଇସ୍କୁଲ ସମୟ: ସକାଳ ୮ଟା।
- ଗୋପବନ୍ଧୁ ପାଠାଗାରରେ ସାହିତ୍ୟ ସଭା, ସ୍ଥାନ: ପାଠାଗାର ପରିସର, ଛେଣ୍ଡ, ସମୟ: ସନ୍ଧ୍ୟା ୬ଟା ୩୦।

## ବରଗଡ଼

- ବରଗଡ଼ ଲୋକ ସଭା ଏବଂ ବରଗଡ଼, ଭଟ୍‌ଲି ଓ ଅତାବିରା ବିଧାନସଭା ଲାଗି ଭୋଟ ଗଣତି, ସ୍ଥାନ: ବରଗଡ଼ ପଞ୍ଚାୟତ କଲେଜ, ସମୟ: ସକାଳ ୮ଟା।
- ପଦ୍ମପୁର ଓ ବିଜେପୁର ବିଧାନସଭା ଲାଗି ଭୋଟ ଗଣତି, ସ୍ଥାନ: ପଦ୍ମପୁର ମାର୍କେଟ୍ ୟାର୍ଡ଼, ସମୟ: ସକାଳ ୮ଟା।

## କଳାହାଣ୍ଡି

- କୋକସରା ବ୍ଲକ ଫୁପଗାଁ ପାହାଡ଼ ଉପରେ ଥିବା ବାବା ପାହାଡେଶ୍ୱର ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ଫୁପଗାଁ ପାହାଡେଶ୍ୱର ଶିବ ମନ୍ଦିର ନିକଟ, ସମୟ: ସକାଳ ୬ଟା।
- କଳାହାଣ୍ଡି ଲୋକ ସଭା ଏବଂ ଭବାନୀପାଟଣା, ନର୍ଲା ଓ ଲାଞ୍ଜିଗଡ଼ ବିଧାନସଭା ଆସନ ଲାଗି ଭୋଟ ଗଣତି, ସ୍ଥାନ: ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ଭବାନୀପାଟଣା ସମୟ: ସକାଳ ୮ଟା।
- ଧର୍ମଗଡ ଓ ଜୁନାଗଡ଼ ବିଧାନସଭା ଆସନ ଲାଗି ଭୋଟ ଗଣତି,ସ୍ଥାନ: ପଞ୍ଚାୟତ କଲେଜ, ଧର୍ମଗଡ ସମୟ: ସକାଳ ୮ଟା।

## ଦେବଗଡ଼

- ଦେବଗଡ ନିର୍ବାଚନମଣ୍ଡଳୀର ଭୋଟ ଗଣତି, ସ୍ଥାନ: ପଲିଟେକ୍ନିକ କଲେଜ ପରିସର, ସମୟ: ସକାଳ ୮ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର ଓ ହନୁମାନ ବାଟିକା, ଦେବଗଡ ସହର, ସମୟ: ସନ୍ଧ୍ୟା ୭ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆରତୀ, ସ୍ଥାନ: ମଠ ସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ଷୋହଳ ପ୍ରହର ନାମଯଜ୍ଞ ଆଳତି ଓ ଭୋଗ ଅର୍ପଣ, ସ୍ଥାନ: କୋମନା ବ୍ଲକ ବୃଦ୍ଧିକୋମନା ପଞ୍ଚାୟତ ଧୂମାଭଟା ଗାଁ, ସମୟ: ପ୍ରାତଃ ୪ଟା ୩୦।
- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।

## ବୌଦ୍ଧ

- ଇନ୍ଦ୍ରପୁର ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଇନ୍ଦ୍ରପୁର ଗ୍ରାମ୍ୟ ମଣ୍ଡପ, ହରଭଙ୍ଗା ବ୍ଲକ, ସମୟ: ସକାଳ ୬ଟା।

## ଢେଙ୍କାନାଳ

- ଢେଙ୍କାନାଳ ଲୋକ ସଭା ଓ ବିଧାନସଭା ଭୋଟ ଗଣତି, ସ୍ଥାନ: ଇଭିଏମ୍ ଓ୍ୱାରହାଉସ, ମହିଷାପାଟ, ଢେଙ୍କାନାଳ, ସମୟ: ସକାଳ ୮ଟା।
- ବାଲାଜୀ ସ୍ମାର୍ଟ ୱାସ୍ କେନ୍ଦ୍ରର ଉଦ୍‌ଘାଟନ, ସ୍ଥାନ: ଢେଙ୍କାନାଳ କୁଞ୍ଜକାନ୍ତ ଆର୍‌ଟିଓ ଅଫିସ ପାଖ, ସମୟ: ପୂର୍ବାହ୍ନ ୧୧ଟା।

## ଅନୁଗୋଳ

- ଅନୁଗୋଳ ଓ ଛେଣ୍ଡିପଦା ବିଧାନସଭା ଆସନର ଭୋଟ ଗଣତି, ସ୍ଥାନ: ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ସମୟ: ସକାଳ ୮ଟା।
- ତାଳଚେର ବିଧାନସଭା ଆସନର ଭୋଟ ଗଣତି, ସ୍ଥାନ: ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟ, ସମୟ: ସକାଳ ୮ଟା।
- ପାଲଲହଡ଼ା ବିଧାନସଭା ଆସନ ଲାଗି ଭୋଟ ଗଣତି, ସ୍ଥାନ: ମାଲ୍ୟଗିରୀ ମହାବିଦ୍ୟାଳୟ ପାଲଲହଡ଼ା, ସମୟ: ସକାଳ ୮ଟା।
- ଆଠମଲ୍ଲିକ ବିଧାନସଭା ଆସନ ଲାଗି ଭୋଟ ଗଣତି, ସ୍ଥାନ: ଆଠମଲ୍ଲିକ ମହାବିଦ୍ୟାଳୟ, ସମୟ: ସକାଳ ୮ଟା।

## ଜଗତ୍‌ସିଂହପୁର

- ଆହ୍ୱାନ ଫାଉଣ୍ଡେଶନ ପକ୍ଷରୁ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ବେଳାଭୂମି ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ବତୀଘର ପାଖ ବେଳାଭୂମି, ନୂଆବଜାର, ପାରାଦୀପ, ସମୟ: ସକାଳ ୭ଟା।

## ନୟାଗଡ଼

- ନୟାଗଡ଼ ବିଧାନସଭା ଆସନ ଲାଗି ଭୋଟ ଗଣତି, ସ୍ଥାନ: ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ, ସମୟ: ସକାଳ ୮ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ଲୋକ ସଭା ଓ ବିଧାନସଭା ଆସନ ଲାଗି ଭୋଟ ଗଣତି, ସ୍ଥାନ: କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ସମୟ: ସକାଳ ୮ଟା।
- ଶ୍ରୀରଙ୍ଗବଲ୍ଲଭଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ପାଖଡ, ଗରଦପୁର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ଯାଜପୁର ସଂସଦୀୟ କ୍ଷେତ୍ରର ଭୋଟ ଗଣତି, ସ୍ଥାନ: ଯାଜପୁର ଏନ୍.ସି. କଲେଜ ପରିସର, ସମୟ: ସକାଳ ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଅଶ୍ୱିନୀ ନକ୍ଷତ୍ର ସମସ୍ୟା ବିଜଡ଼ିତ ରହିଲେ ମଧ୍ୟ କାମ ହାସଲରୁ ଓହରିବେ ନାହିଁ। ପୁରାତନ ରୋଗ, ବାକି ଟଙ୍କା ଓ ପୂର୍ବ ଶତ୍ରୁତାକୁ ନେଇ ମନ ବିଚଳିତ ରହିବ। ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଅଧିକାଂଶ ସମୟ ବନ୍ଧୁମାନଙ୍କ ମେଳରେ ସମୟ ଅତିବାହିତ ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**ବୃଷ** କୃତ୍ତିକା ନକ୍ଷତ୍ର ପରିସ୍ଥିତିର ତାଡ଼ନାରେ କଠୋର ସତ୍ୟ ପ୍ରକାଶ କରିବାକୁ ବାଧ୍ୟହେବେ। ପ୍ରତିବନ୍ଧକ ଓ ପ୍ରତିରୋଧ କାରଣରୁ ଚେଷ୍ଟାକରୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହେବ। ଅଫିସରେ ଥିବା ସମୟରେ ଅସମର୍ଥିତ ସୂତ୍ରରୁ କୌଣସି ଶୁଭ ଖବର ଶୁଣି ଖୁସି ହେବେ। ଆଳସ୍ୟ ଓ ଅବହେଳା ଯୋଗୁ ସୁଯୋଗ ହାତଛଡ଼ା ହୋଇପାରେ।

**ମିଥୁନ** କର୍ମକ୍ଷେତ୍ର ସମସ୍ୟାମୁକ୍ତ ରହିବା କାରଣରୁ ମାନସିକ ସ୍ଥିତି ଭଲ ରହିବ। ଲୁଚିରହିଥିବା ପାରିବାରିକ ସମସ୍ୟାର ଆଜି ହିଁ ସରଳ ସମାଧାନ ହୋଇଯିବ। ବ୍ୟବସାୟ, ବାଣିଜ୍ୟ, ପ୍ରଶାସନ, ରାଜନୀତି ଯାତ୍ରା ଓ କଚେରି ମାମଲା କ୍ଷେତ୍ରରେ ସୁଫଳ ପାଇବେ। ଆରଦ୍ରା ନକ୍ଷତ୍ରର ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ପରିବାରରେ ଝଗଡ଼ା ଲାଗିପାରେ।

**କର୍କଟ** ଆଜି ଯାହା କରିବାକୁ ମନସ୍ଥ କରିଛନ୍ତି ତାହା ନିର୍ବିଘ୍ନରେ ସମ୍ପାଦିତ ହେବ। ପୁଷ୍ୟା ନକ୍ଷତ୍ର ଅଫିସ୍‌ରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଆପଣ ଅନ୍ୟମାନଙ୍କ ସାହାଯ୍ୟ ନେଇ ଶତ୍ରୁତା ଓ ସମସ୍ୟାର ଅବସାନ ଘଟାଇବାରେ ସମର୍ଥ ହେବେ। ବନ୍ଧୁମାନଙ୍କ ସହ ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ମନ ପ୍ରଫୁଲ୍ଲ ରହିବ।

**ସିଂହ** ମଘା ନକ୍ଷତ୍ର ସକାଶେ ପରିବାରର ଆର୍ଥିକ ପରିସ୍ଥିତି ପୂର୍ବଭଳି ଜଟିଳ ରୂପ ଧାରଣ କରିପାରେ। ପ୍ରକାଶନ, ପ୍ରଶାସନ ତଥା ଆନୁଷ୍ଠାନିକ କ୍ଷେତ୍ରର ମତଭେଦ ବେଶି ସମୟ ରହିବ ନାହିଁ। କୌଣସି ଏକ ପରିସ୍ଥିତିରେ ସମ୍ପର୍କୀୟଙ୍କ ପରୋକ୍ଷ ଶତ୍ରୁତାକୁ ଅନୁଭବ କରିବେ। ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇପାରନ୍ତି।

**କନ୍ୟା** ହସ୍ତା ନକ୍ଷତ୍ର ସକାଶେ ନିକଟ ସମ୍ପର୍କୀୟମାନଙ୍କ ଆନୁଗତ୍ୟ ତଥା ସାହାଯ୍ୟରୁ କାମ ଅଟକିବ ନାହିଁ। ମାତ୍ର କର୍ମକ୍ଷେତ୍ରରେ କୌଣସି ଅଜଣା ବ୍ୟକ୍ତିଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିପାରେ। ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂରହେବା ସମ୍ଭାବନା ରହିଛି। ବିବାଦୀୟ ଘଟଣାରେ ମଧ୍ୟସ୍ଥତାକରି ଅପମାନିତ ହୋଇପାରନ୍ତି।

**ତୁଳା** ମନ ଯାହା ଚାହୁଁଥିବ ତାହା କରିବାରେ ଅନ୍ତରାୟ ସୃଷ୍ଟି ଆଶଙ୍କା ରହିଛି। ଚିତ୍ରା ନକ୍ଷତ୍ରର ବିବାଦୀୟ ଘଟଣା, ମାଲିମକଦ୍ଦମା, ଆଇନ ଅଦାଲତ କ୍ଷେତ୍ରରେ ସୁଫଳ ମିଳିବ। ମାତ୍ର ସବୁବେଳେ ହାତ ଖାଲି ରହିବ ଓ ଚାହୁଁଥିବା ଜିନିଷ ପାଇବାରେ ବାଧା ଉପୁଜିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ବିଦେଶଯାତ୍ରା, ଗବେଷଣାର ସୁଯୋଗ ପାଇବେ।

**ବିଛା** ଆଜି ଅନୁରାଧା ନକ୍ଷତ୍ର ଅତ୍ୟଧିକ ଭ୍ରମଣ ଓ କାର୍ଯ୍ୟବ୍ୟସ୍ତତା କାରଣରୁ ଦେହ ସାମାନ୍ୟ ଭଲ ଲାଗି ନ ପାରେ। ପରିସ୍ଥିତି ଦୃଷ୍ଟିରୁ ପ୍ରତ୍ୟେକ କ୍ଷେତ୍ରରେ ମାପିଚୁପି କଥାବାର୍ତ୍ତା କରିବା ଭଲ। ବାକ୍ ଅସଂଯମ ଯୋଗୁ ସୁସମ୍ପର୍କ ବ୍ୟାହତ ହେବ। ପାରିବାରିକ କ୍ଷେତ୍ରରେ ସମସ୍ୟା ରହିଥିଲେ ମଧ୍ୟ କାମରେ ତାହା ବାଧକ ହେବ ନାହିଁ।

**ଧନୁ** ଆଜି ପୂର୍ବାଷାଢ଼ା ନକ୍ଷତ୍ର ସକାଶେ ସମସ୍ୟା ସୁବିଧାରେ, ଶତ୍ରୁତା ମିତ୍ରତାରେ, ପ୍ରତିବନ୍ଧକରେ ବିପଦ ମୁକ୍ତ କରିବାରେ ସାହାଯ୍ୟ କରିବ। କର୍ମକ୍ଷେତ୍ରରେ, ଆନୁଷ୍ଠାନିକ କାମରେ, ନିର୍ମାଣ କ୍ଷେତ୍ରରେ ଅଗ୍ରଗତି ଦ୍ରୁତ ହେବ। ରାଜନୀତିରେ ଚେଷ୍ଟା ସଫଳ ହେବ ଓ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**ମକର** ଶ୍ରବଣା ନକ୍ଷତ୍ର ନିଜ ଲୋକଙ୍କୁ ମନେଇ କାମ ହାସଲ କରିବାର ସୁଯୋଗ ଜୁଟିବ। ଆଇନ ଅଦାଲତ, ପ୍ରତିଯୋଗିତା, ଶିଳ୍ପ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ। ବନ୍ଧୁଙ୍କ ନିକଟରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ପାରିବାରିକ ଶୃଙ୍ଖଳା ରକ୍ଷା କରିବାରେ ପାଖପଡ଼ୋଶୀ ସହାୟତା କରିବେ।

**କୁମ୍ଭ** ଯେତେ ଭଲ କଥା କହିଲେ ମଧ୍ୟ ବନ୍ଧୁ ଭୁଲ୍ ଦୃଷ୍ଟିକୋଣରୁ ବିଚାରକରିବେ। ଉପରିସ୍ଥଙ୍କ ଆଦେଶରେ ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବା ପାଇଁ ବାଧ୍ୟ ହେବେ। ଭ୍ରାତୃ ସମ୍ପର୍କରେ ଉନ୍ନତି ଘଟିବା ହେତୁ ପାରିବାରିକ ସମସ୍ୟା କେତେକାଂଶରେ କମି କମି ଯିବ। ସାଙ୍ଗସାଥୀଙ୍କ ଅନୁରୋଧକ୍ରମେ ଭ୍ରମଣ ସୁଯୋଗ ଲାଭ କରିବେ।

**ମୀନ** ଆଜିର ଗ୍ରହ ସ୍ଥିତି କାମକୁ ସହଜରେ ହାସଲ କରିବା ଦିଗରେ ସହାୟକ ହେବେ। ବନ୍ଧୁମାନେ ଈର୍ଷାପରାୟଣ ହୋଇ ଭାବପ୍ରବଣବଶତଃ ଓଲଟା କଥା କହିବା କାରଣରୁ ଅପଦସ୍ଥ ହୋଇପାରନ୍ତି। କର୍ମକ୍ଷେତ୍ର ପ୍ରତି ଉଦାସୀନ ହେବା କାରଣରୁ କେତେକ କାମ ଅଟକି ରହିଯିବ। କଳା, ସାହିତ୍ୟରେ ଉନ୍ନତି କରିବେ। ସମସ୍ୟା ସମାଧାନରେ ସଫଳତା ମିଳିବ।

ଆଜି ଜୁନ୍ ୪ ତାରିଖ, ଜ୍ୟେଷ୍ଠ କୃଷ୍ଣ ତ୍ରୟୋଦଶୀ ମଙ୍ଗଳବାର। ରାଶି ନକ୍ଷତ୍ର- ଦ୍ୱିଜା/ମେଷ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ଶ୍ରାଦ୍ଧ। ଦିବା ଘ.୦୫।୧୦ ଗତେ, ଘ.୦୬।୪୯ ମଧ୍ୟେ, ଘ. ୦୯। ୩୩ ଗତେ, ଘ.୧୨।୧୧ ମଧ୍ୟେ ଶୁଦ୍ଧ ଶୁଭବେଳା ।ଅପରାହ୍ନ ଘ.୦୩।୦୨ ଗତେ, ଘ. ୦୪।୪୦ ମଧ୍ୟେ ରାହୁକାଳ ।

ପ୍ରଥମ ପୃଷ୍ଠାରୁ...

## ଆଜି ଫିଟିବ ଭାଗ୍ୟ...

ସେଠାରେ ୬୦ କମ୍ପାନୀ ଓ ୧ ପ୍ଲାଟୁନ କେନ୍ଦ୍ରୀୟ ସୁରକ୍ଷା ବଳ (ସିଏପିଏଫ୍) ଏବଂ ରାଜ୍ୟ ପୋଲିସ ମୁତୟନ ଅଛନ୍ତି। ଭୋଟ ଗଣନା ଓ ଏହା ପରବର୍ତ୍ତୀ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ୮୯ କମ୍ପାନୀ ସିଏପିଏଫ୍ ମୁତୟନ କରାଯାଇଛି। ସିଏପିଏଫ୍, ଆଇଆରବି କିମ୍ବା ଅନ୍ୟ ରାଜ୍ୟରୁ ଆସିଥିବା ସୁରକ୍ଷା କର୍ମୀ ସାଧାରଣତଃ ନିର୍ବାଚନ ଶେଷ ହେବା ପରେ ଫେରି ଯାଇଥାଆନ୍ତି। ମାତ୍ର ଗୃହ ବିଭାଗ ଅନୁରୋଧକ୍ରମେ ସେହି ସୁରକ୍ଷା କର୍ମୀମାନେ ଆସନ୍ତା ୬ ତାରିଖଯାଏ ରାଜ୍ୟରେ ରହିବେ। ଭୋଟ ଗଣନା କେନ୍ଦ୍ରର ସୁରକ୍ଷା ପାଇଁ ଡବଲ ବ୍ୟାରିକେଟିଂ କରାଯାଇଛି। ଏଥିସହିତ ସିସିଟିଭି ମନିଟରିଂ ପାଇଁ ବ୍ୟବସ୍ଥା ହୋଇଛି। ଗାର୍ଡ ଡାଇରି ଜରିଆରେ ତଥ୍ୟ ରଖାଯିବ। ଭୋଟଗଣନା କେନ୍ଦ୍ର ଭିତରକୁ ମୋବାଇଲ ନେବା ଉପରେ କଟକଣା ଜାରି କରାଯାଇଛି। ନିର୍ବାଚନ କମିଶନଙ୍କ ଗାଇଡ୍‌ଲାଇନକୁ ଭିତ୍ତିକରି ପଦକ୍ଷେପ ନିଆଯିବ।

ରାଜ୍ୟରେ ଚଳିତଥର ମତଦାନ ହାର ବୃଦ୍ଧି ପାଇଛି। ୨୦୧୯ରେ ମତଦାନ ହାର ୭୩.୦୯% ଥିବାବେଳେ ୨୦୨୪ରେ ୭୪.୪୪%କୁ ବୃଦ୍ଧି ପାଇଛି। ୨୦୨୪ ନିର୍ବାଚନରେ ପୁରୁଷଙ୍କ ମତଦାନ ହାର ୭୩.୩୭% ଓ ମହିଳାଙ୍କ ମତଦାନ ହାର ୭୫.୫୫% ରହିଛି। ପୁରୁଷ ଭୋଟରଙ୍କ ତୁଳନାରେ ପ୍ରାୟ ୨% ଅଧିକ ମହିଳା ଭୋଟର ମତଦାନ କରିଛନ୍ତି। ଚଳିତଥର ରାଜ୍ୟର ୧୬ଟି ସଂସଦୀୟ କ୍ଷେତ୍ରରେ ମତଦାନ ହାର ବୃଦ୍ଧି ପାଇଛି। ଅନ୍ୟ ୫ଟି ସଂସଦୀୟ କ୍ଷେତ୍ରରେ ମତଦାନ ହାର ହ୍ରାସ ପାଇଛି। ସର୍ବାଧିକ ଆସିକା ସଂସଦୀୟ କ୍ଷେତ୍ରରେ ପ୍ରାୟ ୩% ମତଦାନ ହାର ହ୍ରାସ ପାଇଛି। ୨୦୧୯ରେ ଏହି ସଂସଦୀୟ କ୍ଷେତ୍ରରେ ୬୫.୭୦% ମତଦାନ ଥିବାବେଳେ ଚଳିତଥର ୬୨.୬୭% ରହିଛି। ସେହିପରି କେନ୍ଦ୍ରାପଡ଼ାରେ ୧% ଓ ମୟୂରଭଞ୍ଜ ସଂସଦୀୟ କ୍ଷେତ୍ରରେ ୧%ରୁ ଅଧିକ ମତଦାନ ହାର ହ୍ରାସ ପାଇଛି। ତେବେ ଭଦ୍ରକ ଓ ବ୍ରହ୍ମପୁରରେ ମତଦାନ ହାର ହ୍ରାସ ସ୍ୱଳ୍ପ ରହିଛି। ଅଢ଼େଇ କୋଟିରୁ ଅଧିକ ଲୋକଙ୍କ ଭୋଟ ଗଣନା ହେବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି।

## ଗଣତି ପାଇଁ ତ୍ରିସ୍ତରୀୟ...

(ଅର୍ଦ୍ଧସାମରିକ ବାହିନୀ) ଓ ବାହ୍ୟ ସୁରକ୍ଷା ପାଇଁ ରାଜ୍ୟ ପୋଲିସର ୭୮ ପ୍ଲାଟୁନ ଏସ୍‌ଏପି (ସଶସ୍ତ୍ର ବାହିନୀ) ପୂର୍ବରୁ ସୁରକ୍ଷା ବ୍ୟବସ୍ଥାରେ ରହିଛନ୍ତି। ବ୍ୟାରିକେଡ୍ ବାହାରେ ଜିଲା ପୋଲିସ ମୁତୟନ ହୋଇଛନ୍ତି। ଏଥିସହ ଭୋଟ ଗଣତି କେନ୍ଦ୍ରଗୁଡିକ ପାଇଁ ଅଧିକ ୧୧୫ ସିଏପିଏଫ୍ କମ୍ପାନୀ ଫୋର୍ସ ମୁତୟନ କରାଯାଇଛି। ସେହିଭଳି ୩୪ ପୋଲିସ ଜିଲା ପାଇଁ ଆଇନ ଶୃଙ୍ଖଳା ପରିସ୍ଥିତି ପରିଚାଳନା ଲାଗି ୨୧୮ ପ୍ଲାଟୁନ ଫୋର୍ସକୁ ଦାୟିତ୍ୱ ଦିଆଯାଇଛି। ଭୋଟ ଗଣତି ପରେ ଯଦି କୌଣସି ସ୍ଥାନରେ ଅପ୍ରୀତିକର ପରିସ୍ଥିତି ଘଟେ, ସେଭଳି ସ୍ଥିତିରେ ସିଏପିଏଫ୍ ଯବାନ ସେଠାରେ ମୁତୟନ ହେବେ ବୋଲି ନିର୍ଦ୍ଦେଶ ଦିଆଯାଇଛି। ପ୍ରତି ଷ୍ଟ୍ରଙ୍ଗରୁମ୍ ଓ କାଉଣ୍ଟିଂ ସେଣ୍ଟରରେ ୨୪ ଘଣ୍ଟିଆ ସିସିଟିଭି ବ୍ୟବସ୍ଥା କରାଯାଇଛି। ସ୍ୱୀକୃତିପ୍ରାପ୍ତ ବରିଷ୍ଠ ପୋଲିସ ଅଧିକାରୀ କିମ୍ବା ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିନା ଅନ୍ୟ କେହି ଭୋଟ ଗଣତି କେନ୍ଦ୍ରକୁ ପ୍ରବେଶ କରିପାରିବେ ନାହିଁ। ପ୍ରତ୍ୟେକ ଗଣତି କେନ୍ଦ୍ରକୁ ଦୁଇ ସ୍ତରୀୟ ବ୍ୟାରିକେଡ୍ କରାଯାଇଛି। ପ୍ରବେଶ ପାଇଁ ପ୍ରଥମେ ସ୍ଥାନୀୟ ପୋଲିସ ଯାଞ୍ଚ କରିବେ ଓ ପରେ ସିଏପିଏଫ୍ ଯବାନ ଯାଞ୍ଚ କରିବାକୁ ଦାୟିତ୍ୱ ଦିଆଯାଇଛି। ବରିଷ୍ଠ ପୋଲିସ ଅଧିକାରୀମାନେ ୩ଟି ସିଫ୍ଟରେ ସିସିଟିଭି ପରିଚାଳନା ଦାୟିତ୍ୱରେ ରହିଛନ୍ତି। ଗଣତି କେନ୍ଦ୍ର ନିକଟରେ କଣ୍ଟ୍ରୋଲ ରୁମ୍ କରାଯାଇଥିବାବେଳେ ଇନ୍ସପେକ୍ଟର କିମ୍ବା ଏହାଠାରୁ ଉର୍ଦ୍ଧ୍ୱ ର୍ୟାଙ୍କ୍‌ର ଅଫିସର ଏହା ଦାୟିତ୍ୱରେ ଅଛନ୍ତି। ବିଜୁଳି ସମସ୍ୟା ପାଇଁ ପାୱାର ବ୍ୟାକପ୍ ରହିଛି। ଭୋଟ ଗଣତି ପାଇଁ ପ୍ରସ୍ତୁତି ଠିକ୍ ରହିଥିବା ବେଳେ ପୋଲିସର ମନୋବଳ ଦୃଢ଼ ରହିଛି ବୋଲି ଏଡିଜି କହିଛନ୍ତି। ଅନ୍ୟପକ୍ଷରେ କୌଣସି ପ୍ରାର୍ଥୀଙ୍କୁ ସେମାନଙ୍କ ବିଜୟ ଶୋଭାଯାତ୍ରା ପାଇଁ ଜିଲା ମାଜିଷ୍ଟ୍ରେଟ୍‌ଙ୍କଠାରୁ ଅନୁମତି ଆଣିବାକୁ ହେବ। ଶୋଭାଯାତ୍ରା ପାଇଁ ଟ୍ରାଫିକ୍ ବ୍ୟବସ୍ଥା ମଧ୍ୟ ଜିଲା ପୋଲିସ ପକ୍ଷରୁ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ଶେୟାର ମାର୍କେଟରେ...



ଫଳରେ ଏହି ରେକର୍ଡସ୍ତରରେ ନିଫ୍ଟି ବ୍ୟାଙ୍କ ପହଞ୍ଚିଛି। ନିଫ୍ଟି ମିଡ୍‌କ୍ୟାପ ଏବଂ ସ୍ମଲ୍‌କ୍ୟାପ୍‌ରେ ଶକ୍ତିଶାଳୀ କ୍ରୟ ହେତୁ ଏହି ଦୁଇ ଇଣ୍ଡେକ୍ସ ମଧ୍ୟ ରେକର୍ଡସ୍ତରରେ ବନ୍ଦ ହୋଇଛି। ୩.୧୯ ପ୍ରତିଶତ ଅର୍ଥାତ୍ ୧୬୪୭.୬୫ ପଏଣ୍ଟ ବୃଦ୍ଧି ସହିତ ନିଫ୍ଟି ମିଡ୍‌କ୍ୟାପ୍ ୫୩୩୫୩.୩୫ ପଏଣ୍ଟରେ ପହଞ୍ଚିଛି। ସେହିପରି ନିଫ୍ଟି ସ୍ମଲ୍‌କ୍ୟାପ୍‌ରେ ୨.୦୭ ପ୍ରତିଶତ ଅର୍ଥାତ୍ ୧୫୯.୦୦ ପଏଣ୍ଟ ବୃଦ୍ଧି ହୋଇ ୭୮୮୬.୩୫ ପଏଣ୍ଟରେ ବନ୍ଦ ହୋଇଛି। ସବୁ ସେକ୍ଟରର ଶେୟାର ରେକର୍ଡସ୍ତରରେ ବନ୍ଦ ହୋଇଥିବାବେଳେ ଇଣ୍ଡିଆ ଭିକ୍ସ ୧୪.୯୨ ପ୍ରତିଶତ ହ୍ରାସ ସହିତ ବନ୍ଦ ହୋଇଛି।

ଭାରତୀୟ ଷ୍ଟକ ମାର୍କେଟରେ ଉଲ୍ଲେଖନୀୟ ଅଭିବୃଦ୍ଧି ଯୋଗୁ ଷ୍ଟକ୍ ମାର୍କେଟର ମାର୍କେଟ କ୍ୟାପ ଏକ ରେକର୍ଡ ସ୍ତରରେ ପହଞ୍ଚିଛି। ବିଏସ୍‌ଇରେ ତାଲିକାଭୁକ୍ତ ଷ୍ଟକଗୁଡିକର ବଜାର କ୍ୟାପ୍ ୪୨୬.୨୪ ଲକ୍ଷ କୋଟି ଟଙ୍କାରେ ବନ୍ଦ ହୋଇଛି। ମେ ୩୧ରେ ଏହି କାରବାର ୪୧୨.୧୨ ଲକ୍ଷ କୋଟି ଟଙ୍କାରେ ବନ୍ଦ ରହିଥିଲା। ଅର୍ଥାତ୍ ସୋମବାର ନିବେଶକଙ୍କ ସମ୍ପତ୍ତିରେ ୧୪.୧୨ ଲକ୍ଷ କୋଟି ଟଙ୍କା ବୃଦ୍ଧି ଘଟିଛି। ଏନ୍‌ଟିପିସି ଶେୟାର କାରବାରରେ ୯.୨୧ ପ୍ରତିଶତ, ଏସ୍‌ବିଆଇ ୯.୧୨ ପ୍ରତିଶତ, ପାୱାର ଗ୍ରୀଡ୍ ୮.୯୭ ପ୍ରତିଶତ, ଏଲ୍ ଆଣ୍ଡ ଟି ୬.୨୭ ପ୍ରତିଶତ, ଆକ୍ସିସ ବ୍ୟାଙ୍କ ୫.୬୮ ପ୍ରତିଶତ, ରିଲାଏନ୍ସ ୫.୬୫ ପ୍ରତିଶତ, ଅଲଟ୍ରା ଟେକ୍ ସିମେଣ୍ଟ ୫.୫୯ ପ୍ରତିଶତ, ଟାଟା ଷ୍ଟିଲ୍ ୪.୨୫ ପ୍ରତିଶତ ବୃଦ୍ଧି ସହିତ ବନ୍ଦ ହୋଇଛି। ଅନ୍ୟପଟେ ଏଚ୍‌ସିଏଲ୍ ଟେକ୍ ୦.୬୨ ପ୍ରତିଶତ, ସନ୍ ଫାର୍ମା ୦.୪୭ ପ୍ରତିଶତ, ଏସିଆନ ପେଣ୍ଟସ ୦.୪୧ ପ୍ରତିଶତ, ନେଶ୍‌ଲେ ୦.୦୪ ପ୍ରତିଶତ ହ୍ରାସ ସହିତ ବନ୍ଦ ହୋଇଛି।

## ମତଦାନରେ ବିଶ୍ୱ...

ଟ୍ରେନ୍ ନିୟୋଜିତ ହୋଇଥିବାବେଳେ ୧,୬୯୨ ଥର ବିମାନ ଓ ହେଲିକପ୍ଟରକୁ ବ୍ୟବହାର କରାଯାଇଥିଲା। ବିଭିନ୍ନ ସ୍ଥାନରେ ଗଣ୍ଡଗୋଳ ଏବଂ ଇଭିଏମ୍ ତ୍ରୁଟିକୁ ନେଇ ମାତ୍ର ୩୯ଟି ବୁଥ୍‌ରେ ପୁନଃ ମତଦାନ କରିବାକୁ ପଡ଼ିଥିଲା, ଯାହାକି ୨୦୧୯ରେ ୫୪୦ ଥିଲା। ନିର୍ବାଚନ ସମୟରେ ୧୦,୦୦୦ କୋଟି ଟଙ୍କା ମୂଲ୍ୟର ନଗଦ ରାଶି, ମାଗଣା ଉପହାର, ଡ୍ରଗ୍ସ ଓ ମଦ ଜବତ ହୋଇଥିଲା। ୨୦୧୯ ନିର୍ବାଚନ ବେଳେ ଜବତ ସାମଗ୍ରୀ ଓ ଅର୍ଥରାଶିର ପରିମାଣ ୩,୫୦୦ କୋଟି ଟଙ୍କା ଥିଲା ବୋଲି ସିଇସି ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଜମ୍ମୁ-କଶ୍ମୀରରେ ୪ ଦଶନ୍ଧି ମଧ୍ୟରେ ସର୍ବାଧିକ ୫୮.୫୮ ପ୍ରତିଶତ ମତଦାନ ହୋଇଥିବାବେଳେ ଉପତ୍ୟକାରେ ୫୧.୦୫ ପ୍ରତିଶତ ଭୋଟିଂ ହୋଇଥିଲା। କଶ୍ମୀରୀ ଭୋଟରଙ୍କ ମଧ୍ୟରେ ମତଦାନ ପାଇଁ ଉତ୍ସାହ ବଢ଼ିଥିବାରୁ ସେଠାରେ ଖୁବ୍‌ଶୀଘ୍ର ବିଧାନସଭା ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବ ବୋଲି ସିଇସି କହିଛନ୍ତି।

'ଲାପତା ଜେଣ୍ଟଲମେନ୍' ନାମରେ ସୋସିଆଲ ମିଡିଆରେ ନିର୍ବାଚନ କମିଶନରଙ୍କ ନାଁରେ ଘୂରିବୁଲୁଥିବା ମିମ୍ସ ଉପରେ ପ୍ରତିକ୍ରିୟା ପ୍ରକାଶ କରି ସିଇସି କହିଛନ୍ତି, ଆମେ ସବୁବେଳେ ଏଇଠି ଅଛୁ। ସେ ଓ ଦୁଇ ନିର୍ବାଚନ କମିଶନର ଗ୍ୟାନେଶ କୁମାର ଏବଂ ସୁଖବୀର ସିଂ ସାନ୍ଧୁ କଦାପି ବାହାରକୁ ଯାଇନାହୁଁ। ନିର୍ବାଚନ ପ୍ରଚାର ବେଳେ ଶୀର୍ଷ ନେତାମାନେ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରୁଥିବାବେଳେ କମିଶନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ସିଇସି ଏବଂ ଇସି ନିଖୋଜ ହୋଇଥିବା ନେଇ ସୋସିଆଲ ମିଡିଆ ୟୁଜରମାନେ ଟାର୍ଗେଟ କରିଥିଲେ। ଏହା ଉପରେ ସିଇସି ଗଣମାଧ୍ୟମକୁ ଜବାବ ରଖିଛନ୍ତି।

## ତାଜ୍ ଏକ୍ସପ୍ରେସ୍‌ର...


ଯାତ୍ରୀମାନେ ତତ୍‌କ୍ଷଣାତ ଅନ୍ୟ ବଗିକୁ ଚାଲିଯାଇଥିବାରୁ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଥିବା ପୋଲିସ କହିଛି। ସୂଚନା ଅନୁଯାୟୀ, ତାଜ୍ ଏକ୍ସପ୍ରେସ୍ ସୋମବାର ଅପରାହ୍ନ ୩ଟାରେ ନୂଆଦିଲ୍ଲୀ ରେଳ ଷ୍ଟେଶନ୍‌ରୁ ବାହାରିଥିଲା। ଓଖ୍‌ଲା ଏବଂ ତୁଗ୍‌ଲକାବାଦ୍ ରେଳ ଷ୍ଟେଶନ ମଧ୍ୟରେ ଟ୍ରେନ୍‌ରେ ନିଆଁ ଲାଗି ଯାଇଥିଲା। ନିଆଁ ଲାଗିବା ପରେ ଟ୍ରେନ୍‌କୁ ଅଟକାଯାଇ ନିଆଁକୁ ଆୟତ୍ତ କରାଯାଇଥିବା ଡିଏଫ୍‌ଏସ୍‌ର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ବଗି ନମ୍ବର ଡି୨, ଡି୩ ଏବଂ ଡି୪ରେ ନିଆଁ ଲାଗିଥିବାରୁ ସେଗୁଡ଼ିକ ବିଶେଷ କ୍ଷତିଗ୍ରସ୍ତ ହୋଇଥିବା ସେ କହିଛନ୍ତି। ତେବେ ନିଆଁ ଲାଗିବାର କାରଣ ବର୍ତ୍ତମାନ ସୁଦ୍ଧା ଜଣାପଡ଼ି ନ ଥିବା ବେଳେ ଏହାର ତଦନ୍ତ କରାଯାଉଥିବା ପୋଲିସ ସୂଚନା ଦେଇଛି।

## ଓଜେଇଇ ରେଜଲ୍ଟ...

ସମସ୍ତ ପାଠ୍ୟକ୍ରମ ପାଇଁ କମ୍ପ୍ୟୁଟର ଆଧାରିତ ପ୍ରବେଶିକା ପରୀକ୍ଷା କରାଯାଇଥିଲା। ଚଳିତବର୍ଷ ରାଜ୍ୟର ସମସ୍ତ ୩୦ଟି ଜିଲାର ୫୭ଟି କେନ୍ଦ୍ର ସହିତ ରାଜ୍ୟ ବାହାରେ ୩ଟି ସହର ଯଥା କୋଲକାତା, ପାଟଣା ଏବଂ ରାଞ୍ଚିରେ ପରୀକ୍ଷା କେନ୍ଦ୍ର ହୋଇଥିଲା। ଏବର୍ଷ ମୋଟ ୬୫,୭୪୨ ପରୀକ୍ଷାର୍ଥୀ ପଞ୍ଜୀକୃତ ହୋଇଥିବା ବେଳେ ୫୬,୦୪୭ଜଣ ପରୀକ୍ଷା ଦେଇଥିଲେ। ର୍ୟାଙ୍କ୍ ପାଇଥିବା ୫୬ହଜାର ପରୀକ୍ଷାର୍ଥୀ ରାଜ୍ୟର ବିଭିନ୍ନ ସରକାରୀ ଯାନ୍ତ୍ରିକ ତଥା ବେସରକାରୀ ବିଶ୍ୱବିଦ୍ୟାଳୟ ଓ ବୈଷୟିକ ଏବଂ ବୃତ୍ତିଗତ ଶିକ୍ଷାନୁଷ୍ଠାନଗୁଡ଼ିକରେ ନାମ ଲେଖାଇବା ପାଇଁ ଓଜେଇଇ କାଉନ୍‌ସେଲିଂରେ ଅଂଶଗ୍ରହଣ କରିପାରିବେ ବୋଲି ଓଜେଇଇ ପକ୍ଷରୁ ସୂଚନା ଦିଆଯାଇଛି।

## ଅଂଶୁଘାତ ମୃତ୍ୟୁ...

ଏଥିରେ ରାଉରକେଲାର ଅଧିକ ଲୋକ ରହିଛନ୍ତି। ସେମାନଙ୍କ ମଧ୍ୟରୁ ହସ୍ପିଟାଲ ଆସିବା ପୂର୍ବରୁ କେତେଜଣ ରୋଗୀଙ୍କ ମୃତ୍ୟୁ ହୋଇଛି। ସୁନ୍ଦରଗଡ଼ ଓ ଝାରସୁଗୁଡ଼ାରୁ ଅଧିକ ହିଟ୍‌ୱେଭ ମାମଲା ଆସୁଛି। ବର୍ଷା ପାଇଁ ହିଟୱେଭ୍ ସାମାନ୍ୟ କମିଛି। ଏବେ କିଛି ଅଂଶୁଘାତ ରୋଗୀ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଭବିଷ୍ୟତରେ ହିଟ୍‌ୱେଭ ସମ୍ଭାବନା ଥିବାରୁ ଜିଲାପାଳ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ସତର୍କ ରହିବାକୁ କୁହାଯାଇଛି। ଖଣି ଅଞ୍ଚଳରୁ ହିଟ୍‌ୱେଭ ମାମଲା ଅଧିକ ରହୁଥିବାରୁ ସତର୍କ ରହିବା ସହ ସ୍ଥିତି ମୁକାବିଲା ପାଇଁ ସ୍ଥାନୀୟ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି।




NIIS Group Celebrating Silver Jubilee Year 2024
ADMISSION GUIDANCE
NIIS HIGHER SECONDARY SCHOOL
(Permanently Recognised by Govt. of Odisha & Affiliated to CHSE Odisha)
+2 Science Including Engineering & Medical Coaching & +2 Commerce Including CA / CS / CMA / MGMT
(Residential, Teaching & Coaching)
NIIS INSTITUTE OF ENGINEERING & TECHNOLOGY
(Approved by AICTE, Affiliated to BPUT & SCTE&VT, Govt. of Odisha)
B.Tech (Civil, Mech., EE, EEE, ECE, CSE)
Diploma Engg. (Civil, Mechanical, Electrical)
Campus-I: Sarada Vihar, Madanpur, Bhubaneswar - 752054
Campus-II: Chhatabar, Bhubaneswar - 752054
Contact: 9778899991, 9778899990

# ୪୮ ଘଣ୍ଟା ପରେ ବି ମିଳୁନି ପତ୍ତା

**ଡାକ୍ତର ଅମ୍ଳାନ ନିଖୋଜ ଘଟଣା**

- କାଲିମେଳାରେ ଏସ୍‌ପି, ଦକ୍ଷିଣାଞ୍ଚଳ ଡିଆଇଜିଙ୍କ ତଦନ୍ତ
- ଭୟରେ ପରିବାର ଲୋକେ



କାଲିମେଳା/ମାଲକାନଗିରି, ୩।୬ (ଜୀବନ କୃଷ୍ଣ ଦାସ/ ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଅମ୍ଳାନ କୁମାର ଭୋଇ ନିଜ ସରକାରୀ ବାସଭବନରୁ କୁଆଡ଼େ ନିଖୋଜ ହେବା ଘଟଣାକୁ ୪୮ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ବିତିଥିଲେ ସୁଦ୍ଧା ତାଙ୍କର କୌଣସି ସନ୍ଧାନ ମିଳିପାରି ନାହିଁ। ଡାକ୍ତରଙ୍କୁ କିଏ କେଉଁଠି ଅପହରଣ କରି ନେଇ ରଖିଛନ୍ତି କିମ୍ବା ନିଖୋଜ ହେବାର ଅନ୍ୟ କିଛି କାରଣ ଅଛି, ତାହା ବର୍ତ୍ତମାନ ପର୍ଯ୍ୟନ୍ତ ଅସ୍ପଷ୍ଟ ରହିଛି। ଡାକ୍ତରଙ୍କୁ ମାଓବାଦୀ ଅପହରଣ କରିଛନ୍ତି ନା କୌଣସି ଦୁର୍ବୃତ୍ତ କେଉଁଆଡ଼େ ନେଇ ରଖିଛନ୍ତି ତାହା ସନ୍ଦେହ ଘେରରେ ରହିଛି। ଡାକ୍ତର ନିଖୋଜ ଘଟଣା ପରେ କାଲିମେଳା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ମାଲକାନଗିରି ଏସ୍‌ପିଙ୍କ ନେତୃତ୍ୱରେ ଏସ୍‌ଡିପିଓ ସଚିନ ପଟେଲ ଏବଂ କାଲିମେଳା ଥାନା ଅଧିକାରୀ ଚନ୍ଦ୍ରକାନ୍ତ ତାଣ୍ଡି ଘଟଣାର ତଦନ୍ତ ଚଳାଇଛନ୍ତି। ପୋଲିସ ଏ ନେଇ କୌଣସି ସୂଚନା ଦେଉନାହିଁ। ସୋମବାର ଦକ୍ଷିଣାଞ୍ଚଳ ଡିଆଇଜି ଚରଣ ସିଂ ମୀନା ଓ ମାଲକାନଗିରି ଏସ୍‌ପି ନିତେଶ ୱାଧୱାନୀ କାଲିମେଳା ସ୍ୱାସ୍ଥ୍ୟକେନ୍ଦ୍ରରେ ତଦନ୍ତ କରିବା ସହ ଥାନାରେ ରୁଦ୍ଧଦ୍ୱାର ବୈଠକ କରିଛନ୍ତି। ଡିଆଇଜିଙ୍କ ଗସ୍ତ ଏବଂ ରୁଦ୍ଧଦ୍ୱାର ବୈଠକ ସମୟରେ ଭିତରକୁ କାହାକୁ ଛଡ଼ା ନ ଯିବା ସହ ଡାକ୍ତରଙ୍କ ବିଷୟରେ କୌଣସି ସୂଚନା ଦିଆଯାଇନାହିଁ।

ଅନ୍ୟପକ୍ଷରେ ୨ ଦିନ ଧରି ପୁଅ ଅପହରଣ ହେବା ପରେ ଡାକ୍ତରଙ୍କ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡିଛନ୍ତି। ତାଙ୍କ ସାଙ୍ଗରେ କାମ କରୁଥିବା ଅନ୍ୟ ଡାକ୍ତର ଏବଂ କର୍ମଚାରୀମାନେ ମଧ୍ୟ ଚିନ୍ତାରେ ରହିଛନ୍ତି। ସୋମବାର ଫୁଲବାଣୀରେ ରହୁଥିବା ତାଙ୍କ ମା’ ଭଉଣୀ, ବାପା ଏବଂ ଅନ୍ୟ ଜଣେ ସମ୍ପର୍କୀୟ ମାଲକାନଗିରିରେ ପହଞ୍ଚି ଜିଲାପାଳ ଏବଂ ଏସ୍‌ପିଙ୍କୁ ସାକ୍ଷାତ୍‌କରି ପୁଅଙ୍କୁ ଉଦ୍ଧାର କରିବା ପାଇଁ ନିବେଦନ କରିଛନ୍ତି। ପୁଅକୁ ସୁରକ୍ଷିତ ଫେରାଇ ଆଣିବାକୁ ରାଜ୍ୟ ସରକାର ଏବଂ ମାଲକାନଗିରି ଜିଲା ପ୍ରଶାସନ ସହ ଡାକ୍ତର ସଂଘକୁ ସେମାନେ ଅନୁରୋଧ କରିଛନ୍ତି।

ସୂଚନାଯୋଗ୍ୟ, ଡା. ଭୋଇ ଗତ ୫ ମାସ ତଳେ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତି ପାଇଥିଲେ। ଶନିବାର ବିଳମ୍ବିତ ରାତିରୁ ନିଜ ବାସଭବନରୁ କେଉଁଆଡ଼େ ନିଖୋଜ ହୋଇ ଯାଇଥିବା ଜଣାପଡିଥିଲା। ଡାକ୍ତର ରହୁଥିବା ଘରେ ଏକ ସାଦା କାଗଜରେ ଲେଖା ଚିଠି ମିଳିଥିଲା, ଯେଉଁଥିରେ ସିପିଆଇ ମାଓବାଦୀ ସଂଗଠନ ନାମ ଲେଖା ରହିଥିଲା। ତେଣୁ ଡାକ୍ତରଙ୍କ ନିଖୋଜ ଘଟଣାରେ ମାଓବାଦୀଙ୍କ ସମ୍ପୃକ୍ତି ଥିବା ଅନୁମାନ କରାଯାଉଥିବା ବେଳେ ପୋଲିସ ଏ ନେଇ କିଛି ସୂଚନା ଦେବାକୁ ଚାହୁଁନାହିଁ।

# ମରଣ ମୁହଁରୁ ବଞ୍ଚିଗଲେ ଝିଅ

**ବାପାଙ୍କ ଚିତ୍କାର ଶୁଣି ଫେରିଗଲା ହାତୀ**

ନୀଳଗିରି, ୩।୬(ପ୍ରଶାନ୍ତ ବିଶ୍ୱାଳ)



ଚିକିତ୍ସାଧୀନ ଆହତ ନାବାଳିକା।

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ କୁଲଡ଼ିହା ଅଭୟାରଣ୍ୟ ପାଦଦେଶ କେସିପୁର ପଞ୍ଚାୟତ ଅଧୀନ ଟୁଲୁଙ୍କଡ଼ାବ ଗାଁର ଏକ ନାବାଳିକା ମରଣମୁହଁରୁ ରକ୍ଷା ପାଇଯାଇଛନ୍ତି। ଖାଦ୍ୟ ଅନ୍ୱେଷଣରେ ଗାଁ ଭିତରକୁ ପଶିଆସିଥିବା ଏକ ହାତୀ ଝିଅଟିକୁ ଦଳି ଦେବାକୁ ଉଦ୍ୟମ କରୁଥିବା ବେଳେ ସେହି ସମୟରେ ତାଙ୍କ ବାପା ପହଞ୍ଚି ଜୋର୍‌ରେ ଚିତ୍କାର କରିଥିଲେ। ହାତୀଟି ଭୟରେ ଜଙ୍ଗଲ ଆଡକୁ ଦୌଡି ପଳାଇଥିଲା। ଆକ୍ରମଣରେ ନାବାଳିକାଙ୍କର ମୁଣ୍ଡ, ମୁହଁ, ପିଠି, ଗୋଡ଼ ଓ ଦେହର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ତୁରନ୍ତ ଝିଅକୁ ସେଠାରୁ ଉଦ୍ଧାର କରି ତାଙ୍କ ବାପା ନୀଳଗିରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

ସୋମବାର ସକାଳେ ସତ୍ୟ ପଲେଇଙ୍କ ଦଶମ ଶ୍ରେଣୀରେ ପଢୁଥିବା ଝିଅ ଅନୁସୟା ବାଡ଼ି ପଛପଟକୁ ଶୌଚ ପାଇଁ ଯାଇଥିଲେ। ସେହି ସମୟରେ କୁଲଡ଼ିହା ଅଭୟାରଣ୍ୟରୁ ପଶି ଆସିଥିବା ଗୋଟିଏ ହାତୀ ପଛପଟୁ ଆସି ଆକ୍ରମଣ କରିବାକୁ ପାଇଁ ଗୋଡ଼ାଇଥିଲା। ସେ ପ୍ରାଣ ବିକଳରେ ଦୌଡୁଥିବା ବେଳେ ଏକ ଖାଲୁଆ ସ୍ଥାନରେ ପଡ଼ିଯିବା ପରେ ହାତୀଟି ତା ଉପରେ ଗୋଡ଼ ପକାଇଦେଇଥିଲା। ଝିଅର ଚିତ୍କାର ଶୁଣି ତାଙ୍କ ବାପା ସେଠାରେ ପହଞ୍ଚି ଜୋର୍‌ରେ ପାଟି କରିବାରୁ ହାତୀଟି ଜଙ୍ଗଲ ଆଡ଼କୁ ଦୌଡ଼ି ପଳାଇଯାଇଥିଲା। ଫଳରେ ଝିଅଟି ମରଣ ମୁହଁରୁ ବଞ୍ଚିଯାଇଛି। କୁଲଡ଼ିହା ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ।

# ବନ୍ଦେଭାରତ ଏକ୍ସପ୍ରେସ୍‌କୁ ଢେଲାମାଡ଼

**ଅଭିଯୁକ୍ତ କୋର୍ଟ ଚାଲାଣ**

କଟକ,୩।୬(କାର୍ତ୍ତିକ ସାହୁ)

ବନ୍ଦେ ଭାରତ ଏକ୍ସପ୍ରେସ୍‌କୁ ଢେଲା ଫିଙ୍ଗିବା ଅଭିଯୋଗରେ ଆର୍‌ପିଏଫ୍ ଦ୍ୱାରା ଜଣେ ବ୍ୟକ୍ତି ଗିରଫ ହୋଇଛନ୍ତି। ଅଭିଯୁକ୍ତ ଜଣକ ହେଲେ ନୟାଗଡ଼ ଜିଲା ରଣପୁର ଥାନା ଅନ୍ତର୍ଗତ ଗୌରଚନ୍ଦ୍ରପୁରର ପ୍ରବୀଣ କୁମାର ସାହୁ(୪୮)।

ସୂଚନା ଅନୁଯାୟୀ, ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ୨ ତାରିଖ ରବିବାର ଅପରାହ୍ଣ ପ୍ରାୟ ୩ଟା ୨୦ରେ କଟକ ରେଳଷ୍ଟେଶନରୁ ମହାନଦୀ ପୋଲ ଆଡ଼କୁ ଅତିକ୍ରମ କରୁଥିଲା। ଶିଖରପୁର ନିକଟରେ ଟ୍ରେନ୍‌ଟି ଯାଉଥିବାବେଳେ କେହି ବ୍ୟକ୍ତି ବନ୍ଦେ ଭାରତ ଉପରକୁ ପଥର ଫିଙ୍ଗିଥିଲେ। ଏହାଦ୍ୱାରା ଟ୍ରେନ୍‌ର ଶୀତତାପ ନିୟନ୍ତ୍ରିତ କୋଚ୍ ସି-୧ର କାଚ ଝରକା ଭାଙ୍ଗିଯାଇଥିଲା। ଏନେଇ ସୂଚନା ପାଇବା ପରେ କଟକ ଆର୍‌ପିଏଫ୍‌ର ଅଧିକାରୀ ଓ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଭିଯୁକ୍ତ ଜଣକ ଖସିଯିବାକୁ ଚେଷ୍ଟା କରୁଥିବାବେଳେ ଆର୍‌ପିଏଫ୍ କର୍ମଚାରୀମାନେ ତାଙ୍କୁ ଗିରଫ କରିଥିଲେ। ଅଭିଯୁକ୍ତ ଜଣକ ଜଗତପୁର ଗୋଲେଇ ଛକ ଅଞ୍ଚଳରେ ରହୁଥିବାବେଳେ ପେସାରେ ଜଣେ ଟ୍ରକ ଡ୍ରାଇଭର। ତେବେ ସେ ନିଶାଗ୍ରସ୍ତ ଥିଲେ ଓ ଗଞ୍ଜେଇ ସେବନ କରିଥିବା ଆର୍‌ପିଏଫ୍ କର୍ମଚାରୀମାନେ ଜାଣିବାକୁ ପାଇଥିଲେ। ଏନେଇ ଆର୍‌ପିଏଫ୍ ଥାନାରେ ଏକ କେସ୍ (ନଂ ୧୬୩୭/ ୨୦୨୪) ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ଗିରଫ ପରେ ସୋମବାର କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତଙ୍କ ସହଯୋଗୀମାନଙ୍କ ସଂକ୍ରାନ୍ତରେ ଆର୍‌ପିଏଫ୍ ତଦନ୍ତ କରୁଛି। ଭବିଷ୍ୟତରେ ଏଭଳି ଘଟଣାର ପୁନରାବୃତ୍ତି ନ ହେବା ପାଇଁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆର୍‌ପିଏଫ୍ ସୂଚନା ଦେଇଛି।

# ଶ୍ରୀମନ୍ଦିର ଭିତରବେଢ଼ା ଫଟୋ ଭାଇରାଲ

ପୁରୀ,୩।୬(ଅଜିତ୍ କୁମାର ମହାନ୍ତି)

- ସୁରକ୍ଷା ବ୍ୟବସ୍ଥା ନେଇ ପୁଣି ଉଠିଲା ପ୍ରଶ୍ନ
- ଘଟଣାର ତଦନ୍ତ କରିବ ସାଇବର ସେଲ୍



ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ନେଇ ପୁଣି ପ୍ରଶ୍ନ ଉଠିଛି। ଶ୍ରୀମନ୍ଦିର ଭିତରବେଢ଼ାର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଶ୍ରୀମନ୍ଦିର ଭିତରବେଢ଼ାରେ ଦୁଇଜଣ ଭକ୍ତ ଠିଆହୋଇ ସେଲ୍ଫି ଉଠାଇଥିବା ଭାଇରାଲ ଫଟୋରେ ଦେଖିବାକୁ ମିଳିଛି। କଡ଼ା ସୁରକ୍ଷା ବ୍ୟବସ୍ଥା ସତ୍ତ୍ୱେ ମୋବାଇଲ ଫୋନ୍ ଶ୍ରୀମନ୍ଦିର ଭିତରକୁ କିପରି ଗଲା ଓ ଭକ୍ତଙ୍କ ଫଟୋ ଉଠାଇବା ନେଇ କେହି କିପରି ଜାଣିପାରିଲେ ନାହିଁ ତାହା ଏବେ ପ୍ରଶ୍ନ ପାଲଟିଛି। ଏ ନେଇ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି।

ଭାଇରାଲ ହୋଇଥିବା ଫଟୋ କେବେ ଉଠାଯାଇଛି ଓ ଫଟୋ ଉଠାଇଥିବା ଦୁଇଜଣ କିଏ ସେ ସମ୍ପର୍କରେ କିଛି ସୂଚନା ମିଳିନାହିଁ। ସୋସିଆଲ ମିଡିଆରେ ଅନିଲ କୁମାର ସ୍ୱାଇଁ ନାମକ ବ୍ୟକ୍ତି ତାଙ୍କ ଫେସବୁକ୍‌ରେ ଏକ ଫଟୋ ଅପ୍‌ଲୋଡ୍ କରିଛନ୍ତି, ଯେଉଁଥିରେ ଦେଖିବାକୁ ମିଳୁଛି ଦୁଇଜଣ ବ୍ୟକ୍ତି ଶ୍ରୀମନ୍ଦିର ଭିତରବେଢ଼ାରେ ଠିଆ ହୋଇ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ଫଟୋ ଉଠାଇଛନ୍ତି। ସୂଚନାଯୋଗ୍ୟ, ଶ୍ରୀମନ୍ଦିର ପ୍ରତି ଆତଙ୍କବାଦୀଙ୍କ ଆକ୍ରମଣ ଆଶଙ୍କା ଥିବାରୁ ଶ୍ରୀମନ୍ଦିର ବାହାରେ ଓ ଭିତରେ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଉଛି। ଏପରିକି ଶ୍ରୀମନ୍ଦିରକୁ ଯାଉଥିବା ଭକ୍ତଙ୍କ ତଲାସି ନିଆଯାଉଛି। ମାତ୍ର ଅନେକ ସମୟରେ ଦେଖିବାକୁ ମିଳୁଛି ଯେ, ଶ୍ରୀମନ୍ଦିର ଭିତରକୁ ଭକ୍ତ ମୋବାଇଲ ନେଇ ଫଟୋ ଉଠାଇ ଭାଇରାଲ କରୁଛନ୍ତି। କିଛିବର୍ଷ ତଳେ ଏପରି ଘଟଣା ବାରମ୍ବାର ଘଟିବାରୁ ଶ୍ରୀମନ୍ଦିର ପରିସରରେ ନିୟୋଜିତ ହେଉଥିବା ପୋଲିସ କର୍ମଚାରୀଙ୍କୁ ମୋବାଇଲ ଫୋନ୍ ନେବା ଉପରେ କଟକଣା ଲାଗୁ କରାଯାଇଥିଲା। ପରବର୍ତ୍ତୀ ସମୟରେ ଶ୍ରୀମନ୍ଦିର କାର୍ଯ୍ୟାଳୟ କର୍ମଚାରୀ ଏବଂ ସେବାୟତଙ୍କୁ କ୍ୟାମେରାଯୁକ୍ତ ମୋବାଇଲ ଫୋନ୍ ନେବା ଉପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କଟକଣା ଜାରି ହୋଇଥିଲା। ତେବେ ପରବର୍ତ୍ତୀ ସମୟରେ ପୋଲିସ ଓ ପ୍ରଶାସନର କୋହଳ ମନୋଭାବ ଯୋଗୁ କଟକଣାକୁ କେହି ମାନୁନାହାନ୍ତି। ଅନ୍ୟପକ୍ଷରେ ଏସ୍‌ପି ପିନାକ ମିଶ୍ର କହିଛନ୍ତି, ଫଟୋ ଭାଇରାଲ ଘଟଣା ସମ୍ପର୍କରେ ସାଇବର ସେଲ୍‌କୁ ସୂଚନା ଦିଆଯାଇଛି। ସେ ଫଟୋ କେବେ ଓ କିଏ ଉଠାଇଛନ୍ତି, ଫଟୋର ସୋର୍ସ ଆଦି ସମସ୍ତ ଦିଗ ସମ୍ପର୍କରେ ତଦନ୍ତ କରିବାକୁ ସାଇବର ସେଲ୍‌କୁ କୁହାଯାଇଛି। ଶ୍ରୀମନ୍ଦିର ପରିସରରେ ମୋବାଇଲ ଫୋନ୍‌ରେ ଫଟୋ ଉଠାଇବା ଉପରେ କଟକଣା ରହିଛି। ଯଦି ଘଟଣା ସତ୍ୟ ହୋଇଥାଏ, ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି କହିଛନ୍ତି।

# ବଜ୍ରପାତରେ ସ୍ତ୍ରୀ ମୃତ, ସ୍ୱାମୀ ଆହତ

**ଜମିରେ କାମ କରୁଥିବାବେଳେ ମାରିଲା ଘଡ଼ଘଡ଼ି**

କୋଷାଗୁମୁଡ଼ା, ୩।୬ (ପ୍ରସାଦ ବିଷୋୟୀ)

ବଜ୍ରପାତରେ ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ଅଧୀନ ବରଗାଁ ଗ୍ରାମର ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗାଁର ସେମେଲ ଭତ୍ରାଙ୍କ ସ୍ତ୍ରୀ ଚନ୍ଦ୍ରକଳା (୩୫)। ସୂଚନାନୁଯାୟୀ ସୋମବାର ଚନ୍ଦ୍ରକଳା ସ୍ୱାମୀଙ୍କ ସହ ଜମିରେ କାମ କରୁଥିଲେ। ଏହି ସମୟରେ ଘଡ଼ଘଡ଼ି ମାରିଥିଲା। ଘଟଣାସ୍ଥଳରେ ହିଁ ଚନ୍ଦ୍ରକଳାଙ୍କ ମୃତ୍ୟୁ ହୋଇଯାଇଥିଲା। ଏଥିରେ ସେମେଲେ ଆହତ ହୋଇଛନ୍ତି। ଉଭୟଙ୍କୁ କୋଷାଗୁମୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେମେଲଙ୍କ ଚିକିତ୍ସା କରାଯାଉଥିବା ବେଳେ ଚନ୍ଦ୍ରକଳାଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଏ ନେଇ କୋଷାଗୁମୁଡ଼ା ଥାନାରେ କେସ୍ ନଂ ୭/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ତଦନ୍ତକାରୀ ଅଧିକାରୀ ଏଲ୍.କେ. ପଣ୍ଡା ସୂଚନା ଦେଇଛନ୍ତି।

# ମାଲବାହୀ ଟ୍ରେନ୍‌ରେ ନିଆଁ




ଦମକଳବାହିନୀ ନିଆଁ ଲିଭାଉଛନ୍ତି।

ରୂପସା, ୩।୬(ବାଞ୍ଛାନିଧି ଦେ)

ଦକ୍ଷିଣ ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ ଅନ୍ତର୍ଗତ ବାଲେଶ୍ୱର ଜିଲା ବସ୍ତା ରେଳଷ୍ଟେଶନ ନିକଟରେ ସୋମବାର ଏକ ମାଲବାହୀ ଟ୍ରେନର କୋଇଲା ବୋଝେଇ ବଗିରେ ହଠାତ୍ ନିଆଁ ଲାଗିଯାଇଥିଲା। ଫଳରେ ସେହି ବଗିରେ ଆଂଶିକ କ୍ଷୟକ୍ଷତି ଘଟିଛି।

ସୂଚନା ଅନୁଯାୟୀ ସକାଳ ସମୟରେ ପଶ୍ଚିମବଙ୍ଗରୁ ବାଲେଶ୍ୱର ଅଭିମୁଖେ ଏକ କୋଇଲା ବୋଝେଇ ମାଲବାହୀ ଟ୍ରେନ୍ ଆସୁଥିଲା। ହଠାତ୍ ଷ୍ଟେଶନ ନିକଟରେ ଏକ ବଗିରେ ନିଆଁ ଲାଗିଯାଇଥିଲା। ପଛରେ ଥିବା ଗାର୍ଡ଼ ସାହେବ ତାହା ଜାଣିପାରି ପରବର୍ତ୍ତୀ ବସ୍ତା ଷ୍ଟେଶନ ମାଷ୍ଟରଙ୍କୁ ଜଣାଇବା ସହ ପାଇଲଟଙ୍କୁ ବସ୍ତା ରେଳଷ୍ଟେଶନରେ ଅଟକିବାକୁ କହିଥିଲେ। ଷ୍ଟେଶନ ମାଷ୍ଟର ତୁରନ୍ତ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ କେନ୍ଦ୍ରାଧିକାରୀ ପ୍ରତାପ ପାଳ ସଦଳବଳେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ନିଆଁ ଲାଗିବାର କାରଣ ଜଣାପଡିନାହିଁ।

# ବୁଲାକୁକୁରଙ୍କୁ ଡରି ପଳାଇଲା ଦନ୍ତା



କୁଲଡ଼ିହା ଦନ୍ତା ହାତୀକୁ ଗୋଡ଼ାଉଛି ବୁଲା କୁକୁର।

ନୀଳଗିରି, ୩।୬(ପ୍ରଶାନ୍ତ ବିଶ୍ୱାଳ)

ଅନେକ ସମୟରେ ହାତୀ ଘଉଡାଇବାକୁ ବନବିଭାଗ ସହ ଲୋକେ ନୟାନ୍ତ ହେଉଥିବା ବେଳେ ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ କୁଲଡ଼ିହା ଅଭୟାରଣ୍ୟ ପାଦଦେଶରେ ଥିବା ଢୋଲପୁର ଗାଁରେ ଏକ ରୋଚକ ଦୃଶ୍ୟ ଦେଖିବାକୁ ମିଳିଛି। ଯାହାର ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି।

ରବିବାର ରାତିରେ ଏକ ଦନ୍ତା ହାତୀ ଖାଦ୍ୟ ଅନ୍ୱେଷଣରେ ଢୋଲପୁର ଗାଁକୁ ପଶି ଆସିଥିଲା। ସକାଳେ ବାଟବଣା ହୋଇଯିବାର ହାତୀଟି ଜଙ୍ଗଲକୁ ଯାଇ ପାରି ନ ଥିଲା। ହାତୀକୁ ଦେଖି ଗାଁର ବୁଲା କୁକୁରମାନେ ଜୋର୍‌ରେ ଭୁକିବାକୁ ଲାଗିଥିଲେ। ଏକ ଖେଳ ପଡ଼ିଆରେ ଦୀର୍ଘ ସମୟ ପର୍ଯ୍ୟନ୍ତ ବୁଲା କୁକୁର ଓ ହାତୀ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା। ଦୀର୍ଘ ସମୟ ପର୍ଯ୍ୟନ୍ତ କୁକୁରମାନଙ୍କୁ ଗୋଡ଼ାଇ ଗୋଡ଼ାଇ ଦନ୍ତା ହାଲିଆ ହୋଇଯିବା ପରେ ନିକଟସ୍ଥ କୁଲଡ଼ିହା ଅଭୟାରଣ୍ୟକୁ ପଳାଇଥିଲା। ଏହି ସମୟରେ ଗାଁର ଜଣେ ବ୍ୟକ୍ତି ଘର ଛାତ ଉପରୁ ଭିଡ଼ିଓ ଉତ୍ତୋଳନ କରିଥିଲେ।



ରବିବାର ରାତିରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହୋଇଥିବାରୁ ଅମଳ ହୋଇଥିବା ରବିଧାନ ଓଦା ହୋଇଯାଇଛି। ସୋମବାର ସମ୍ବଲପୁର ସହର ଉପକଣ୍ଠ ଚାଉଁରପୁର ରାସ୍ତାରେ ଚାଷୀମାନେ ଧାନ ଶୁଖାଉଛନ୍ତି। (ଫଟୋ: ବି.ଶଙ୍କର)

ଈଶ୍ୱର ମଣିଷକୁ ବାଟ ଦେଖାନ୍ତି । କିନ୍ତୁ ମଣିଷ ଚାଲେ ଅବାଟରେ । ନିମ୍ନସ୍ତରର ମରଣଶୀଳ ତ୍ରୁଟି ଓ ସ୍ଖଳନ ଉପରେ ପରାପ୍ରକୃତି ବା ଦିବ୍ୟପ୍ରକୃତି ସଜାଗ ଦୃଷ୍ଟି ରଖିଥାଏ । ଏହା ହିଁ ଆମ ଲାଗି ପ୍ରତିବନ୍ଧକ ଓ ପରର ବିରୋଧୀତା । ଆମକୁ ଏକ ଉଜ୍ଜ୍ୱଳଜ୍ଞାନ ଭିତରକୁ ଯିବା ଲାଗି– ଏହି ଦ୍ୱନ୍ଦ୍ୱ ଭିତରୁ ବାହାରିଯିବାକୁ ହେବ ନିଶ୍ଚୟ । **–ଶ୍ରୀଅରବିନ୍ଦ**



# ପକ୍ଷୀ ରକ୍ଷା

ବିଦେଶରୁ ପକ୍ଷୀମାନଙ୍କୁ ଆକର୍ଷିତ କରୁଥିବା ଭାରତର ହ୍ରଦ ତଥା ଆର୍ଦ୍ରଭୂମିଗୁଡ଼ିକ ମଧ୍ୟରେ ଚିଲିକା ଅନ୍ୟତମ । ଏହା ବିଶ୍ୱର ପକ୍ଷୀତୀର୍ଥ ଭାବେ ପରିଚିତ । ଦକ୍ଷିଣ ଆଫ୍ରିକାର ଭିକ୍ଟୋରିଆ ହ୍ରଦ ପରେ ଚିଲିକାର ନଳବଣ ବିଶ୍ୱର ଦ୍ୱିତୀୟ ପକ୍ଷୀ ଅଭୟାରଣ୍ୟ । ଶୀତଋତୁ ପ୍ରାରମ୍ଭରେ ଚିଲିକାକୁ ରୁଷିଆ, ଆମେରିକା, ଇସ୍ରାଏଲ, ଜାପାନ, ଅଷ୍ଟ୍ରେଲିଆ, ଲିବିୟା, ସାଇବେରିଆ, ଚାଇନା, ମ୍ୟାନ୍‌ମାର ଆଦି ଦେଶ ତଥା କାସ୍ପିଆନ ସାଗରରୁ ପାଖାପାଖି ୧୭୦ ପ୍ରଜାତିର ପକ୍ଷୀ ଆସିଥାନ୍ତି ଓ ଗ୍ରୀଷ୍ମ ଆରମ୍ଭରେ ସେମାନଙ୍କ ନିଜ ବାସସ୍ଥାନକୁ ଫେରିଯାଆନ୍ତି । ଗତ ସିଜନରେ ଚିଲିକାରେ ମାଇଗ୍ରେଟୋରି ବା ବହିରାଗତ ପକ୍ଷୀଙ୍କ ସଂଖ୍ୟା ୧୧ ଲକ୍ଷରୁ ଊର୍ଦ୍ଧ୍ୱ ଥିଲା ବୋଲି ସରକାରୀ ତଥ୍ୟରୁ ଜଣାପଡ଼େ । ଏହି ପକ୍ଷୀଙ୍କ ମଧ୍ୟରୁ କେତୋଟି ପ୍ରଜାତି ନିଜ ବାସସ୍ଥାନକୁ ନ ଫେରି ଚିଲିକା ଉପକୂଳବର୍ତ୍ତୀ କଣାସ, ଟାଙ୍ଗି ଓ ଚିଲିକା ବ୍ଲକର ବିଭିନ୍ନ ଗାଁରେ ରହିଯାଉଛନ୍ତି । ପକ୍ଷୀ ବିଶେଷଜ୍ଞଙ୍କ ଅନୁଯାୟୀ,ପକ୍ଷୀମାନେ ଆସୁଥିବା ଦେଶଗୁଡ଼ିକର ବିଭିନ୍ନ ଅଞ୍ଚଳରେ ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ଖାଦ୍ୟ ଓ ବାସସ୍ଥାନ ଅଭାବ ଯୋଗୁ ଅନେକ ପକ୍ଷୀ ଚିଲିକା ଉପକୂଳବର୍ତ୍ତୀ ଅଞ୍ଚଳରେ ରହିବାକୁ ପସନ୍ଦ କରୁଛନ୍ତି । ବିଶେଷକରି ଏମାନେ ଏଠାରେ ବଂଶ ବୃଦ୍ଧି କରୁଥିବା ଦେଖିବାକୁ ମିଳେ । ତେବେ ଏହିସବୁ ପକ୍ଷୀ କେତେ ସଂଖ୍ୟାରେ ରହୁଛନ୍ତି ତାହାର ହିସାବ କେବେ ଜାଣିବାକୁ ମିଳେନାହିଁ କିମ୍ବା ସେମାନେ କେଉଁ ଦେଶର ଓ ବିଲୁପ୍ତ ଅବସ୍ଥାରେ ଅଛନ୍ତି କି ନାହିଁ ତାହା ମଧ୍ୟ ଜାଣିବା କଷ୍ଟକର । ଅପରପକ୍ଷରେ ଚିଲିକା ଉପକୂଳବର୍ତ୍ତୀ ଗାଁଗୁଡ଼ିକରେ ରହିଯାଉଥିବା ପକ୍ଷୀଙ୍କୁ ଶିକାର କରାଯାଉଥିବା ପ୍ରକାଶିତ ଖବର ନିଶ୍ଚିତ ଭାବେ ଚିନ୍ତାର ବିଷୟ । ଖବର ଅନୁଯାୟୀ, କଣାସ ବ୍ଲକର ଶେଷସୀମା ଦୟାନଦୀ ମୁହାଣଠାରୁ ମକରାନଦୀ ମୁହାଣ ଦେଇ ଭୁଷଣ୍ଡପୁର ପର୍ଯ୍ୟନ୍ତ ଚିଲିକା ଉପକୂଳ ଅଞ୍ଚଳର ଗାଁ ଯଥା ପାଇକମରା, ସାନଓରା, ବଡ଼ଓରା, ଓଗାଳପୁର, ଆଳିପଡ଼ା, ନୂଆଗାଁ ଆଦିରେ ଶିକାରୀମାନେ ଫାଶ ବସାଇ, କଇଁଫୁଲ କେସରରେ ନିଶା ଔଷଧ ଦେଇ କିମ୍ବା ମାଛମରା ବିଷ ପ୍ରୟୋଗ କରି ପକ୍ଷୀ ଶିକାର କରୁଛନ୍ତି । ଶିକାରୀଙ୍କ ଏଭଳି କାର୍ଯ୍ୟ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଓ ବନାଞ୍ଚଳ ଅଧିକାରୀଙ୍କ ଦ୍ୱାରା ପକ୍ଷୀ ସୁରକ୍ଷାକୁ ନେଇ ଗ୍ରହଣ କରାଯାଉଥିବା ପଦକ୍ଷେପ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଶୀତଦିନରେ ଚିଲିକାର ବିଭିନ୍ନ ଅଞ୍ଚଳରେ ପକ୍ଷୀଭିଡ଼ ଲାଗୁଥିବାବେଳେ ବନବିଭାଗ ଦ୍ୱାରା ସୁରକ୍ଷା ଟିମ୍ ଗଠନ କରାଯାଇ ତତ୍ପରତା ପ୍ରକାଶ କରାଯାଏ । ଚିଲିକା ଉପକୂଳବର୍ତ୍ତୀ ପୁରୀ, ଖୋର୍ଦ୍ଧା ଓ ଗଞ୍ଜାମ ଜିଲାର ବିଭିନ୍ନ ଗାଁରେ ସୁରକ୍ଷା ଦଳ ଗଠନ କରାଯାଇ ଲୋକଙ୍କୁ ସଚେତନ କରାଯିବା ଦେଖିବାକୁ ମିଳେ । କିନ୍ତୁ ପକ୍ଷୀମାନେ ସ୍ୱବାସସ୍ଥାନକୁ ଫେରିଯିବା ପରେ ଆଉ ଯେଉଁମାନେ ଚିଲିକା ଉପକୂଳବର୍ତ୍ତୀ ଅଞ୍ଚଳରେ ରହିଯାଉଛନ୍ତି ସେମାନଙ୍କ ପାଇଁ ସୁରକ୍ଷା ପ୍ରତି ବନ ବିଭାଗର ନିଘା ରହୁ ନ ଥିବା ସ୍ପଷ୍ଟ ହେଉଛି । ଅନେକ ସମୟରେ ପକ୍ଷୀମାଂସ ଜବତ ହେବା ପକ୍ଷୀ ସୁରକ୍ଷାର ଦୁର୍ବଳ ଦିଗକୁ ସୂଚିତ କରେ ।

ଗାଁରେ ପକ୍ଷୀ ସୁରକ୍ଷା କିମିଟି ଗଠନ କରି ଏଥିରେ କେତେଜଣ ମୁଷ୍ଟିମେୟ ସ୍ଥାନୀୟ ଲୋକଙ୍କୁ ସାମିଲ କଲେ ମଧ୍ୟ ଶିକାରୀଙ୍କୁ ଆୟତ୍ତ କରିବା କଷ୍ଟକର । ସେଠାରେ ସ୍ଥାନୀୟ ଯୁବଗୋଷ୍ଠୀ ଓ ମହିଳାମାନଙ୍କୁ ଏହି ପକ୍ଷୀ ସୁରକ୍ଷା ଅଭିଯାନରେ ସାମିଲ କରି ଯଦି ନିୟମିତ ଆର୍ଥିକ ପ୍ରୋତ୍ସାହନ ଦିଆଯାଇପାରିବ, ତେବେ ଏହି ସମସ୍ୟାର ଦୀର୍ଘମିଆଦୀ ସମାଧାନ ଘଟିବାର ସମ୍ଭାବନା ଉପୁଜିପାରେ ।

ଏହା ସ୍ୱୀକାରଯୋଗ୍ୟ ଯେ, ଶିକାରୀମାନେ ଜୈବବିବିଧତା ପ୍ରତି ବିପଦ ସୃଷ୍ଟି କରୁଛନ୍ତି । ଯେକୌଣସି ବାଟରେ ବନ ବିଭାଗ ଓ ସ୍ଥାନୀୟ ବାସିନ୍ଦାଙ୍କ ଆଖିରେ ଧୂଳିଦେଇ ଏହିଭଳି ପକ୍ଷୀ ଶିକାର ଚାଲିଛି । କେବଳ ଚିଲିକାରେ ନୁହେଁ, ଭିତରକନିକା, ଅଂଶୁପା କିମ୍ବା ଶିମିଳିପାଳ ଅଞ୍ଚଳରେ ଏଭଳି ଅନୁରୂପ ପରିସ୍ଥିତି ସୃଷ୍ଟି ହେଉଥିବା ଦେଖାଯାଉଛି । ଗାଁରେ ପକ୍ଷୀ ସୁରକ୍ଷା କିମିଟି ଗଠନ କରି ଏଥିରେ କେତେଜଣ ମୁଷ୍ଟିମେୟ ସ୍ଥାନୀୟ ଲୋକଙ୍କୁ ସାମିଲ କଲେ ମଧ୍ୟ ଶିକାରୀଙ୍କୁ ଆୟତ୍ତ କରିବା କଷ୍ଟକର । ସେଠାରେ ସ୍ଥାନୀୟ ଯୁବଗୋଷ୍ଠୀ ଓ ମହିଳାମାନଙ୍କୁ ଏହି ପକ୍ଷୀ ସୁରକ୍ଷା ଅଭିଯାନରେ ସାମିଲ କରି ଯଦି ନିୟମିତ ଆର୍ଥିକ ପ୍ରୋତ୍ସାହନ ଦିଆଯାଇପାରିବ, ତେବେ ଏହି ସମସ୍ୟାର ଦୀର୍ଘମିଆଦୀ ସମାଧାନ ଘଟିବାର ସମ୍ଭାବନା ଉପୁଜିପାରେ ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | | | | | | | | |
| | | | 1 | | | | | 9 |
| 4 | | | | 6 | 7 | | 2 | |
| | 2 | | 9 | | | | 1 | |
| | 6 | | 2 | | | | 3 | 7 |
| | | 8 | | | 5 | | | |
| 9 | | | | 1 | | | 7 | |
| | | 7 | 5 | | | 2 | | 3 |
| | | | | | 6 | | 9 | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 9 | 8 | 4 | 6 | 7 | 3 | 1 | 5 | 2 |
| 2 | 6 | 3 | 9 | 5 | 1 | 7 | 8 | 4 |
| 7 | 5 | 1 | 8 | 4 | 2 | 9 | 3 | 6 |
| 8 | 7 | 6 | 2 | 1 | 4 | 3 | 9 | 5 |
| 1 | 9 | 2 | 3 | 6 | 5 | 8 | 4 | 7 |
| 3 | 4 | 5 | 7 | 9 | 8 | 6 | 2 | 1 |
| 6 | 2 | 7 | 4 | 8 | 9 | 5 | 1 | 3 |
| 5 | 3 | 8 | 1 | 2 | 6 | 4 | 7 | 9 |
| 4 | 1 | 9 | 5 | 3 | 7 | 2 | 6 | 8 |

ଗତକାଲିର ଉତ୍ତର



# ଜନ୍ମଦିନ ପାଳନ: ସେଦିନ ଓ ଆଜି

ଡ.ଛାୟାକାନ୍ତ ଷଡ଼ଙ୍ଗୀ

ଏହି ଲେଖକ ଭଳି ଅଧିକାଂଶ ବରିଷ୍ଠ ନାଗରିକ ସେମାନଙ୍କ ଜନ୍ମଦିବସ ପାଳନ କରୁ ନ ଥିବେ ବୋଲି ବିଶ୍ୱାସ । ଆମ ମା'ବାପାମାନେ ଏ ବିଷୟରେ ବିଶେଷ ସଚେତନ ନ ଥିଲେ । କେହି କେହି ସଚେତନ ପିତାମାତା ପୁଅ ଝିଅର ଜନ୍ମ ଦିନରେ ନିଜେ ବିଶ୍ୱାସ କରୁଥିବା ଦେବଦେବୀଙ୍କ ନିକଟରେ ଦୀପଟିଏ ଜାଳି ପ୍ରାର୍ଥନା କରି ସେମାନଙ୍କ ପାଇଁ ଆଶୀର୍ବାଦ ଭିକ୍ଷା କରୁଥିଲେ । ଦେଶୀୟ ପିଠାପଣା କରି ଠାକୁରଙ୍କ ପାଖରେ ଭୋଗ ଲଗାଉଥିଲେ ଓ ପ୍ରସାଦ ବଣ୍ଟନ କରୁଥିଲେ । ଏହା ସବୁ ପରିବାରରେ ପାଳିତ ହେଉ ନ ଥିଲା । ମାତ୍ର ଆଜି ସହରରୁ ଗାଁ ପର୍ଯ୍ୟନ୍ତ ସର୍ବତ୍ର ସମସ୍ତେ ବ୍ୟୟବହୁଳ ଜନ୍ମଦିବସ ପାଳନ କରି ଏହାକୁ ଏକ ଉତ୍ସବରେ ପରିଣତ କରିଦେଇଛନ୍ତି । ଠାକୁରଙ୍କ ପାଖରେ ଏବେ ଆଉ ଦୀପ ଜଳା ହେଉନାହିଁ । ତା' ବଦଳରେ ଜଳୁଥିବା ମହମବତିକୁ ଫୁଙ୍କି ଦେଇ ଲିଭାଇ ଦିଆଯାଉଛି ଓ କେକ୍‌ଟିଏ କାଟି ବନ୍ଧୁମାନଙ୍କ ମଧ୍ୟରେ ବାଣ୍ଟି ଦିଆଯାଉଛି । ଆଲୋକ ହେଉଛି ଜ୍ଞାନର ପ୍ରତୀକ ଓ ଅନ୍ଧକାର ହେଉଛି ଅଜ୍ଞାନର ପ୍ରତୀକ । ବୈଦିକ ଋଷିମାନେ ଅଜ୍ଞାନରୁ ମୁକ୍ତ ହୋଇ ଜ୍ଞାନପ୍ରାପ୍ତ ହେବାପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରୁଥିଲେ ''ତମସୋ ମା ଜ୍ୟୋତିର୍ଗମୟ ।'' ମାତ୍ର ଆଜି ବାପାମାଆମାନେ ଜଳୁଥିବା ମହମବତିକୁ ଲିଭାଇ ଦେଇ ସତେ ଯେପରି କହୁଛନ୍ତି ''ଆମର ଆଲୋକ ଦରକାର ନାହିଁ, ଆମେ ଚାହୁଁ ଅନ୍ଧକାର ।'' ଏହିସବୁ ଘଟୁଛି ପାଶ୍ଚାତ୍ୟ ପ୍ରଭାବରୁ । ପୁରାତନ ଯୁଗରେ ଗ୍ରୀକ୍‌ମାନେ ଆର୍ଟିମିସ୍ (ଚନ୍ଦ୍ର) ଦେବତାଙ୍କୁ ସମ୍ମାନ ଜଣାଇବା ପାଇଁ ଗୋଲାକାର କେକ୍ (ଗୋଲ ଚନ୍ଦ୍ରର ପ୍ରତୀକ) ଉପରେ ମହମବତି ଜାଳୁଥିଲେ । ଜନ୍ମ ଦିବସରେ ସେମାନେ ଜଳୁଥିବା ମହମବତିକୁ ଲିଭାଉଥିଲେ । କାରଣ ସେମାନଙ୍କ ବିଶ୍ୱାସ ଥିଲା ମହମବତି ଲିଭିଗଲା ପରେ ଯେଉଁ ଧୂଆଁ ନିର୍ଗତ ହେଉଥିଲା ତାହା ଦୁଷ୍ଟଶକ୍ତିଗୁଡ଼ିକୁ ଘଉଡ଼ାଇ ଦେଉଥିଲା । ପୁନଶ୍ଚ ରୋମବାସୀ ବିଶ୍ୱାସ କରୁଥିଲେ ସେହି ଧୂଆଁ ପିଲାର କାମନା ବା ଇଚ୍ଛାକୁ ଦେବଦେବୀଙ୍କ ପାଖରେ ପହଞ୍ଚାଇଦିଏ । ଗୋଟିଏ ନିଃଶ୍ୱାସରେ ମହମବତି ଲିଭିଲେ ତା'ର ଇଚ୍ଛା ପୂର୍ଣ୍ଣ ହେଲାବୋଲି ଗ୍ରହଣ କରିନିଆଯାଏ । କେତେକ ପାଶ୍ଚାତ୍ୟ ଦେଶରେ ପିଲାଟି ଯେତିକି ବର୍ଷ ଅତିକ୍ରମ କରିଥାଏ, ସେତିକି ସଂଖ୍ୟକ ଜଳୁଥିବା ମହମବତିକୁ ଲିଭାଇ ଦିଆଯାଏ । ଆମ ଦେଶରେ ଯେଉଁମାନେ କେକ୍ କାଟିବା ସହ ମହମବତି ଲିଭାଇ ଜନ୍ମଦିବସ ପାଳନ କରନ୍ତି ତା' ପଛରେ ଥିବା ଏହି ବିଶ୍ୱାସ ସମ୍ପର୍କରେ କିଛି ଜାଣି ନ ଥାନ୍ତି । କେବଳ ଅନ୍ଧଭାବରେ ପାଶ୍ଚାତ୍ୟ ପ୍ରଥାକୁ ଅନୁସରଣ କରନ୍ତି ।

ପାଶ୍ଚାତ୍ୟ ପ୍ରଥାକୁ ନିକୃଷ୍ଟ କହିବା ଏହି ଲେଖକର ଉଦ୍ଦେଶ୍ୟ ନୁହେଁ । ସମଗ୍ର ପୃଥିବୀରେ ଗୋଟିଏ ପ୍ରଥା ଆଶା କରିବା ଅସମ୍ଭବ । ଦେଶକୁ ଦେଶ ପ୍ରଥା ଓ ପରମ୍ପରାରେ ଭିନ୍ନତା ରହିବା ସ୍ୱାଭାବିକ । ମାତ୍ର ଆମ



ଦେଶରେ ଦୀପ ଜାଳି 'ତମସୋ ମା ଜ୍ୟୋତିର୍ଗମୟ' ପ୍ରାର୍ଥନା କରିବା କାହିଁକି ବର୍ଜନୀୟ ତା ପଛରେ ଯଦି କୌଣସି ଗ୍ରହଣୀୟ ଯୁକ୍ତି ଅଛି ତା'ହେଲେ ପାଶ୍ଚାତ୍ୟ ପରମ୍ପରାକୁ ଗ୍ରହଣ କରିବାରେ କୌଣସି ଆପତ୍ତି ରହିବ ନାହିଁ । ଯଦି ଆମ ପ୍ରଥା ଭୁଲ ନୁହେଁ, ଆମେ କାହିଁକି ଆମ ପ୍ରଥାକୁ ଅନୁସରଣ ନ କରି ପାଶ୍ଚାତ୍ୟ ପ୍ରଥାକୁ ଅନୁସରଣ କରିବା ତାହା ବିଚାରର ବିଷୟ । ଆଜିକାଲି ମାତାପିତା କହୁଛନ୍ତି ପିଲାମାନଙ୍କ ଖୁସି ପାଇଁ ସେମାନେ ଜନ୍ମଦିନ ପାଳନ କରୁଛନ୍ତି । ପ୍ରଶ୍ନ ହେଉଛି ଆମ ପରମ୍ପରାରେ କ'ଣ ସେହି ଖୁସି ଦେଇ ହେବ ନାହିଁ କି ? ପୁନଶ୍ଚ ଏବେ ସାଙ୍ଗସାଥୀ ଓ ବନ୍ଧୁବର୍ଗ ମୂଲ୍ୟବାନ ଉପହାର ଧରି ଅଭିନନ୍ଦନ ଜଣାଇବାକୁ ପହଞ୍ଚନ୍ତି । ଏହି ଉପହାର ଦେବା ଓ ଗ୍ରହଣ କରିବା ପ୍ରଥାକୁ ଅଭିଭାବକମାନେ ପ୍ରଚଳନ କରିଛନ୍ତି । ଫଳରେ ଜଣେ ଆର୍ଥିକ ଅସ୍ୱଚ୍ଛଳ ମାତାପିତାଙ୍କ ସନ୍ତାନ ପାଇଁ ଏକ ଉପହାର କିଣି ଜନ୍ମଦିନରେ ଯୋଗଦେବା ଏକ କଷ୍ଟକର ବ୍ୟାପାର ହେଉଛି । ଜଣେ ଗରିବ ଘରର ସନ୍ତାନ ଧନୀଘରର ସନ୍ତାନର ବ୍ୟୟବହୁଳ ଜନ୍ମଦିନ ପାଳନ ଦେଖି ନିଜ ଜନ୍ମଦିନକୁ ସେଭଳି ପାଳନ କରି ନ ପାରି ବିଷାଦଗ୍ରସ୍ତ ହେଉଛି । ଜନ୍ମଦିନ ପାଳନ ଆଜି ଆଭିଜାତ୍ୟ ଓ ଆଡ଼ମ୍ବର ପ୍ରଦର୍ଶନ କରିବାର ଏକ ଅବସର ହୋଇଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଜନ୍ମଦିନ ପାଳନର ଉଦ୍ଦେଶ୍ୟ ହେଉଛି ଅତୀତକୁ ସ୍ମରଣ କରି ଏକ ଉଜ୍ଜ୍ୱଳ ଭବିଷ୍ୟତର ପରିକଳ୍ପନା କରିବା ଏବଂ ବିଭୁଙ୍କ ଆଶିଷ ଲୋଡ଼ି ତା'ର ସଫଳ କ୍ରିୟାନ୍ୱୟନ ପାଇଁ ସଂକଳ୍ପ କରିବା । ଏହି ଦିନଟି ମଜାମଜଲିସ୍ କରିବା ପାଇଁ ଉଦ୍ଦିଷ୍ଟ ନୁହେଁ । ଜନ୍ମଦିନ ପାଳନ ମଣିଷର ବ୍ୟକ୍ତିତ୍ୱର ବିକାଶକୁ ସୂଚାଇବା ସଙ୍ଗେ ସଙ୍ଗେ ଜୀବନର ସୀମିତ ଅବଧି ସମ୍ପର୍କରେ ମଧ୍ୟ ସଚେତନ କରାଏ । ପ୍ରତ୍ୟେକ ମୁହୂର୍ତ୍ତରେ ଆମର ବିକାଶ ପ୍ରକ୍ରିୟା ଚାଲିଥାଏ । ଏହା ନିଶ୍ଚୟ ଆନନ୍ଦର ବିଷୟ । ମାତ୍ର ସମୟ ଏକଥା ମଧ୍ୟ ଆମକୁ ସୂଚାଇଦିଏ ଯେ ଆମେ ପ୍ରତ୍ୟେକ ମୁହୂର୍ତ୍ତରେ ଆମର ଆୟୁଷ ହରାଇଥାଉ । ଅର୍ଥାତ୍ ଆଜି ପର୍ଯ୍ୟନ୍ତ ଆମେ ଯେତେ ସମୟ ଅତିବାହିତ କରିସାରିଛୁ ସେହି ସମୟ ଆମର ସମ୍ପୂର୍ଣ୍ଣ ଆୟୁଷରୁ କଟିଗଲା । ଏଣୁ 'ଶିବାପରାଧକ୍ଷମାପନସ୍ତୋତ୍ରମ୍'ରେ କୁହାଯାଇଛି ''ଆୟୁର୍ନଶ୍ୟତି ପଶ୍ୟତାଂ ପ୍ରତିଦିନଂ ଯାତି କ୍ଷୟଂ ଯୌବନଂ/ପ୍ରତ୍ୟାୟାନ୍ତି ଗତାଃ ପୁନର୍ନଦିବସାଃ କାଳୋ ଜଗତ୍‌ଭକ୍ଷକଃ ।'' ଅର୍ଥାତ୍ ପ୍ରତ୍ୟେକଦିନ ଆୟୁ ନଷ୍ଟ ହେଉଛି । ଯୌବନ କ୍ଷୟ ହେଉଛି । ଯେଉଁ ଦିବସଗୁଡ଼ିକ ଚାଲିଯାଏ, ତାହା ଆଉ ଫେରେ ନାହିଁ । କାଳ ହେଉଛି ସର୍ବଗ୍ରାସୀ । ସମୟ ଯେତିକି ଅଗ୍ରସର ହେଉଛି ଆମ ଜୀବନର ଅବଧି ସେତିକି କମି କମି ଆସୁଛି । ମହାକାଳ ଆମକୁ ଚେତାବନୀ ଦେଉଛି ଯେ ''ଜୀବନ ଅବଧି ସରି ଆସୁଛି । ଏଣୁ ଏହି ସୀମିତ ଅବଧିର ସଦୁପଯୋଗ କରିବା ପାଇଁ ସଂକଳ୍ପ କର ।'' ଜନ୍ମଦିନ ପାଳନ ଆମକୁ ଏହି ବାସ୍ତବତା ସମ୍ପର୍କରେ ସଚେତନ କରାଏ । ମାତ୍ର ବିଡ଼ମ୍ବନାର ବିଷୟ ଯେ ଜନ୍ମଦିନ ପାଳନ କରୁଥିବା କୌଣସି ବ୍ୟକ୍ତି ଏ ସମ୍ପର୍କରେ ସଚେତନ ନ ଥାନ୍ତି ଓ ବ୍ୟୟବହୁଳ ଭୋଜିର ଆୟୋଜନ କରି ମଉଜମଜଲିସ୍‌ରେ ଦିନଟି କାଟନ୍ତି ।

ଭାରତୀୟ ବିଶ୍ୱାସ ଅନୁସାରେ ଜଣେ ମଣିଷର ହାରାହାରି ଆୟୁଷ ଶହେ ବର୍ଷ । ଏଣୁ ସମସ୍ତେ ଚାହାନ୍ତି ଅନ୍ତତଃ ଏକଶତ ବର୍ଷ ବଞ୍ଚିବେ । ଏଣୁ ମହାମୃତ୍ୟୁଞ୍ଜୟ ମନ୍ତ୍ରରେ ପ୍ରାର୍ଥନା କରାଯାଇଛି ''ହେ ତ୍ରିକାଳର ଚକ୍ଷୁସ୍ୱରୂପ ପରମାତ୍ମା ! ଫୁଟି କାକୁଡ଼ି ଯେପରି ପରିପକ୍ୱ ହୋଇ ସୁଗନ୍ଧ ବିତରଣ କରିବା ପରେ ସ୍ୱତଃ ବୃନ୍ତର ବନ୍ଧନରୁ ମୁକ୍ତ ହୁଏ ଆମକୁ ଆପଣ ଅକାଳ ମୃତ୍ୟୁରୁ ମୁକ୍ତ କରନ୍ତୁ ।'' ଏହି ମନ୍ତ୍ରରେ ସୁକର୍ମ କରି ବାର୍ଦ୍ଧକ୍ୟ ପର୍ଯ୍ୟନ୍ତ ପରିପୂର୍ଣ୍ଣ ଜୀବନ ଅତିବାହିତ କରିବା ପାଇଁ ପ୍ରାର୍ଥନା କରାଯାଇଛି । ଏଣୁ ଜନ୍ମ ଦିବସରେ ବୈଦିକ ଋଷିମାନେ ଯେଉଁ ମନ୍ତ୍ରୋଚ୍ଚାରଣ କରୁଥିଲେ ତାହା ହେଲା 'ଜୀବେମ ଶରଦଃ ଶତମ୍' ଅର୍ଥାତ୍ ତୁମେ ଶହେଟି ଶରତ ଋତୁ ପର୍ଯ୍ୟନ୍ତ ବଞ୍ଚ । ଏହା ହେଉଛି ଭାରତୀୟ ପରମ୍ପରାରେ ଜନ୍ମଦିନର କାମନା । ପାଶ୍ଚାତ୍ୟ ପରମ୍ପରାରେ ବନ୍ଧୁମାନଙ୍କ ପାଖରୁ ଶୁଭେଚ୍ଛା କାମନା (ହାପି ବାର୍ଥଡେ ଟୁ ୟୁ) କରାଯାଉଥିବା ବେଳେ ଭାରତୀୟ ପରମ୍ପରାରେ ଈଶ୍ୱରଙ୍କଠାରୁ ଆଶିଷ ଲୋଡ଼ାଯାଏ । ଏହି ପରିପ୍ରେକ୍ଷୀରେ ଆମେ କେଉଁ ଦୃଷ୍ଟିରୁ ନିଜର ଏହି ମହତ୍ ପରମ୍ପରାକୁ ତ୍ୟାଗ କରି ଏକ ପାଶ୍ଚାତ୍ୟ ପରମ୍ପରାକୁ ଅନୁସରଣ କରିବା ତାହା ବିଚାର୍ଯ୍ୟ । ଏବେ କିଛି ସଂସ୍କୃତିପ୍ରେମୀ ବ୍ୟକ୍ତି ଅନାଥାଶ୍ରମ ବା ବୃଦ୍ଧାଶ୍ରମକୁ ଯାଇ ସେମାନଙ୍କୁ କିଛି ସାହାଯ୍ୟ କରି ସେମାନଙ୍କ ସଙ୍ଗେ କିଛି ସମୟ ଅତିବାହିତ କରି ଓ ଆଉ କେହିକେହି ଗଛ ଲଗାଇବା, ଅନାଥମାନଙ୍କୁ ସାହାଯ୍ୟ କରିବା ଭଳି କିଛି ଜନହିତକର କାର୍ଯ୍ୟକରି ନିଜର ଜନ୍ମଦିନ ପାଳନ କରୁଥିବା ସ୍ୱାଗତଯୋଗ୍ୟ । ଯେଉଁମାନେ ବିନା କାରଣରେ ନିଜର ମହତ୍ ପରମ୍ପରାକୁ ତ୍ୟାଗ କରି ଏକ ପାଶ୍ଚାତ୍ୟ ପରମ୍ପରାକୁ ଅନ୍ଧଭାବରେ ଅନୁସରଣ କରୁଛନ୍ତି ସେମାନଙ୍କୁ ଭଗବଦ୍ ଗୀତାର ବାଣୀ ମନେପକାଇ ଦିଆଯାଇପାରେ– 'ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହଃ ।'

**ମୋ: ୯୪୩୭୩୨୯୨୬୩**



# ବଣମଲ୍ଲୀର ମହକ

ବିପିନ ବିହାରୀ ରାଉତ

ବାପା ହେଉଛନ୍ତି ଫଳଦୋକାନୀ, ହେଲେ ବାପାଙ୍କ ସହ ଫଳବିକାରେ ସାହାଯ୍ୟ କରୁଥିବା ହାତଟି ଆଜି ନିଜ ପ୍ରତିଭାରେ ରୂପାୟିତହୋଇ ଚଳିତ ମାଟ୍ରିକ୍ ପରୀକ୍ଷାରେ ବାଜିମାତ୍ କରିଛି ସେ ହେଉଛନ୍ତି ରୂପା ସା, ଘର ଝାରସୁଗୁଡ଼ା ବେଲପାହାଡ଼ ଅଞ୍ଚଳ । ସ୍ଥାନୀୟ ଗିରିଧାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ରୂପା ଏ-୧ ଗ୍ରେଡ୍ ପାଇଛନ୍ତି । ସେହିପରି କାକଟପୁର ଓଥକା ଗ୍ରାମର ଶୁଭ୍ରାଙ୍କ ବାପା ଜୟରାମ ଦାସ ଜଣେ ନାମମାତ୍ର ଚାଷୀ, ଅଭାବୀ ୬ ପ୍ରାଣୀ କୁଟୁମ୍ବ ପୋଷିବାକୁ ପରିସ୍ଥିତି କାଠିକର ପାଠ ହୋଇଯାଏ । ହେଲେ ଚଳିତ ମାଟ୍ରିକରେ ଶୁଭ୍ରା ଏ-୧ ଗ୍ରେଡ୍ ହାସଲକରି ଅଭାବୀ ପରିବାରରେ ବି ପ୍ରାପ୍ତି ଓ ଆନନ୍ଦର ଭାବ ସୃଷ୍ଟି କରିହୁଏ, ଏହା ପ୍ରମାଣ କରିଦେଇଛନ୍ତି । ବ୍ରହ୍ମପୁରର ଚନ୍ଦ୍ରଶେଖରଙ୍କ ବାପା ମହେଶ୍ୱର ଜଣେ ଦିନ ମଜୁରିଆ । ପୁଅ ୬୦୦ ମାର୍କରୁ ୫୪୭ ପାଇ ସଫଳତାର ଚରଣ ସ୍ପର୍ଶ କରିଛି । ଭୁବନେଶ୍ୱର ବୁଦ୍ଧନଗର ବସ୍ତିର ହୋଟେଲର ଅଇଁଠା ବାସନ ଆଉ ଓଲ୍‌ଡ଼ିଂ ଶ୍ରମିକ ଭାବେ କାମ କରୁଥିବା ୩ଜଣ ଆନନ୍ଦ ରେଡ୍ଡି, ସନ୍ତୋଷ ରେଡ୍ଡି ଓ ଶ୍ୟାମ ସୁନ୍ଦର ବେହେରା ଆଶାୟେଁ ଅନୁଷ୍ଠାନର ସହଯୋଗରେ ଚଳିତ ଥର ମାଟ୍ରିକ୍ ପରୀକ୍ଷାରେ କୃତବିଦ୍ୟ ହୋଇ ଶିକ୍ଷାର ନୂଆ ବାସ୍ନା ପାଇଛନ୍ତି । କଟକର ଜଣେ ଟ୍ୟାକ୍ସି ଡ୍ରାଇଭରଙ୍କ ପୁଅ ରେଭେନ୍‌ଶା କଲିଜିଏଟ୍ ସ୍କୁଲର ଛାତ୍ର ଆଶୁତୋଷ ୯୨ ପ୍ରତିଶତ ମାର୍କ ରଖି କୃତିତ୍ୱ ପାଇପାରିଛନ୍ତି । କଟକ ସଦର ମା'ତାରିଣୀ ବିଦ୍ୟାପୀଠର ଦୀପକ ଶା ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ବାପା ଶ୍ୟାମ ବାବୁଙ୍କ ଛୋଟିଆ ନୁଆଣିଆ ଦରଜି ଦୋକାନ ଭିତରୁ ଶିକ୍ଷା ଦରଜାର ମୁକ୍ତ ଆନନ୍ଦ ପାଇଥିବା ପିଲାଟିର ଆନନ୍ଦ ପରିବାରକୁ ଖୁସିର ଆକାଶ ଛୁଆଁ ଆନନ୍ଦ ଦେଇଛି । ଗୋଟିଏ ଦିନରେ ମାଟ୍ରିକ୍ ଓ ଯୁକ୍ତ୨ ପରୀକ୍ଷାଫଳରେ ସଫଳତାର ବିଜୟ ପାଇଥିବା ଅନେକ ବଣମଲ୍ଲୀ ସେମାନଙ୍କ ବାସ ଆମ ପାଖରେ ପହଞ୍ଚାଇବାରେ ସଫଳ ହୋଇଛନ୍ତି । ସ୍ୱାଭାବିକ ଆଉ ଗତାନୁଗତିକ ଅନୁକୂଳ ପ୍ରସ୍ତୁତି ପରିବେଶରେ ବଢ଼ିଥିବା ପିଲାମାନେ ତ ସଫଳତା ପାଇବା ଏକ ସାଧାରଣ କଥା, କିନ୍ତୁ ଆମେ ଯେଉଁ ସଫଳ ବିଜୟୀ ନାୟକ ମାନଙ୍କ ଜୀବନ ସଂଘର୍ଷର କଥା ଉଲ୍ଲେଖ କରୁଛୁ ସେମାନେ ବାସ୍ତବରେ ହେଉଛନ୍ତି ଅନନ୍ୟ, ଶ୍ରେଷ୍ଠ ଓ ଅନୁପମ । ପରିବାରର ଆର୍ଥିକ ଚାପ, ନାନା ଅଭାବ ଅନଟନ, ଗୃହର ମୁଖ୍ୟ ଆୟକାରୀଙ୍କ ଦୁରାରୋଗ୍ୟ ବ୍ୟାଧି , ଅଭିଭାବକଙ୍କ ଅନୁପସ୍ଥିତି, ଅନ୍ୟ ପାରିବାରିକ ଝଡ଼ ତମାମ ନାନା ପ୍ରତିବନ୍ଧକ ସେମାନଙ୍କ ସ୍ୱପ୍ନକୁ ପୂରଣ କରିବାରେ ପ୍ରତିବନ୍ଧକ ହୋଇପାରିନାହିଁ । କଠିନ ପରିଶ୍ରମ, ଅଧ୍ୟବସାୟ, ଦୃଢ଼ନିଷ୍ଠା, ପାଠପଢ଼ା ପ୍ରତି ଅମାପ ଭଲପାଇବା ଆଉ ଗୁରୁଜନଙ୍କ କଲ୍ୟାଣ ସେମାନଙ୍କ ଲକ୍ଷ୍ୟ ପୂରଣ ନିମିତ୍ତ ପ୍ରେରଣାର ପୁଷ୍ପ



ପାଲଟିଛି । ରାସ୍ତାକଡ଼ରେ ନିତିଦିନ ଖୋଲା ଆକାଶ ତଳେ ପେଟ ଚାଖଣ୍ଡଙ୍କ ପାଇଁ ଘୂରି ବୁଲୁଥିବା କିଶୋରୀକିଶୋର ଆଜି ରାସ୍ତାକଡ଼ ଜୀବନକୁ ଛାଡ଼ି ଶିକ୍ଷାର ଯେଉଁ ଆନନ୍ଦର ଗୌରବ ପାଇଛନ୍ତି ଏହା ଆଜିର ବ୍ୟସ୍ତବହୁଳ ସମାଜ ଓ ଶିକ୍ଷା ପାଇଁ ଅନାଗ୍ରହୀଙ୍କ ପାଇଁ କମ୍ ପ୍ରେରଣାର କାହାଣୀ ନୁହେଁ ।

ଗତାନୁଗତିକ ଭାବେ ପ୍ରତିବର୍ଷ ମାଟ୍ରିକ ପରୀକ୍ଷା, ଯୁକ୍ତ୨ ଓ ଯୁକ୍ତ୩ର ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ଅନେକ ସଂଘର୍ଷ ଭିତରେ ଶ୍ରେଷ୍ଠତା ପାଇଥିବା ସଫଳ ବିଦ୍ୟାର୍ଥୀଙ୍କ କଥା ଗଣମାଧ୍ୟମରେ ପ୍ରକାଶ ପାଏ । ପାଠପଢ଼ା ପାଇଁ ଉଚ୍ଚ ବଂଶ ପରମ୍ପରା, ନାମୀଦାମୀ ସ୍କୁଲର ପରିଚୟ, କୋଚିଂ ବା ଆନୁଷଙ୍ଗିକ ଶିକ୍ଷା ସହାୟତା ବିନା ଯେ ଜୀବନରେ ସଫଳତାର ଶିଡ଼ି ଛୁଇଁହୁଏ ଏହାର ଅନେକ ଉଦାହରଣ ଆମେ ଦେଖିବାକୁ ପାଇଥାଉ । ଆମ ସମୟରେ ଅନେକ ପ୍ରତିଭାବାନ ବଣମଲ୍ଲୀ ପରି ଶିକ୍ଷା ଆଗ୍ରହୀ ଛାତ୍ରୀଛାତ୍ରଙ୍କୁ ବେସରକାରୀ ବିଦ୍ୟାଳୟରେ ବିନା ମୂଲ୍ୟରେ ପାଠପଢ଼ାର ସୁଯୋଗ ରହୁଛି ଏବଂ ଅନେକ ଦାତବ୍ୟ, ଶିକ୍ଷା ପାଇଁ ସମାଜ ସେବା ଅନୁଷ୍ଠାନ ଓ ବଦାନ୍ୟ ବ୍ୟକ୍ତିତ୍ୱମାନେ ସହଯୋଗର ହାତ ବଢ଼ାଉଛନ୍ତି । ସରକାର ବ୍ୟାପକ ଭାବେ ଶିକ୍ଷାର ପ୍ରଚାରପ୍ରସାର ଓ ଶିକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଅନେକ ଯୋଜନା ମଧ୍ୟ ହାତକୁ ନେଉଛନ୍ତି । ତେବେ ଶିକ୍ଷାକ୍ଷେତ୍ରରେ ବିଶେଷକରି ସଫଳତା ପାଇବା ପାଇଁ ଅନେକ ଘାତପ୍ରତିଘାତକୁ ସାମ୍ନା କରିବାକୁ ପଡ଼ିଥାଏ । ଜୀବନରେ ଏକ ନିଶ୍ଚିନ୍ତ ବିଜୟ ପାଇବା ପାଇଁ ପ୍ରତିକୂଳତା ହିଁ ଏପରି ମୂଲ୍ୟବାନ୍ ଶିକ୍ଷା ଦେଇଥାଏ ଯାହାକି ଜୀବନ ତିଆରି କରିବା ପାଇଁ ଏକ ବିଦ୍ୟାର୍ଥୀ ପାଇଁ ବରଦାନ ସଦୃଶ କାର୍ଯ୍ୟ କରିଥାଏ । ଆମ ସମୟରେ ଏବେ ବି ଅନେକ ବଣମଲ୍ଲୀ ପରି ପ୍ରତିଭାବାନ୍ ଛାତ୍ରୀଛାତ୍ର ରହିଛନ୍ତି ଯେଉଁମାନେ କଠିନ ଅଧ୍ୟବସାୟ, ମେଧାଶକ୍ତି ଓ ସଫଳତା ପାଇବାର ଯେଉଁ ଅଦମ୍ୟ ଆଗ୍ରହ ଏହାକୁ ହିଁ ପୁଞ୍ଜିକରି ଜୀବନକୁ ଆଗେଇ ନେଇଥାନ୍ତି । ତଥାପି ବଣମଲ୍ଲୀ ପରି ଅନେକ ପ୍ରତିଭାବାନ୍ ଏ ଯାବତ୍ ଶିକ୍ଷାର ସୂର୍ଯ୍ୟୋଦୟ ଦେଖିବାକୁ ସମର୍ଥ ହୋଇନାହାନ୍ତି । ଏବେ ବି ଅନେକ କ୍ଷେତ୍ରରେ ଶିକ୍ଷା ସମସ୍ତଙ୍କ ପାଇଁ, ସବୁ ବର୍ଗଙ୍କ ପାଇଁ ଆଉ ସବୁ କ୍ଷେତ୍ର ପାଇଁ ଅତ୍ୟନ୍ତ ସୁଲଭ ହୋଇପାରିନାହିଁ । ଚଳିତ ପରୀକ୍ଷାଫଳର ଆମେ ଆଲୋଚନା ରଖିଥିବା ଜଣେ ଜଣେ କୃତବିଦ୍ୟ ବିଦ୍ୟାର୍ଥୀଙ୍କ ସଫଳ ଜୀବନ ପଛର ଅନେକ ଅକୁହା କୋହ ଓ ଆବେଗ ଅନ୍ୟ ବିଦ୍ୟାର୍ଥୀଙ୍କ ପ୍ରେରଣାର ଉତ୍ସ । ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ସର୍ବୋପରି ଏକ ଉନ୍ନତ ଓ ଶିକ୍ଷା ଅଭିବୃଦ୍ଧିସମ୍ପନ୍ନ ସମାଜ ଗଠନରେ ଆମ ସମସ୍ତଙ୍କର ଗୁରୁଦାୟିତ୍ୱ ରହିଛି । ଆମ ଆଖପାଖରେ ପ୍ରୋତ୍ସାହନ, ସହଯୋଗ ଓ ପୃଷ୍ଠପୋଷକତା ଅଭାବରୁ ବସ୍ତାନିରେ ଡୋରି ବାନ୍ଧିଥିବା, ଅଧ୍ୟବସାୟ ପାଇଁ ପଛେଇଯାଉଥିବା ପିଲାମାନଙ୍କୁ ଭଲ ପାଇବାର, ସହାୟତାର ହାତ ବଢ଼ାଇଲେ ଏହା ଆମ ମାନଙ୍କର ସର୍ବନିମ୍ନ ମାନବିକତାର ପ୍ରମାଣ ହୋଇପାରିବ । ଶିକ୍ଷା ସମାଜର ଏପରି ଜଣେ ଜଣେ ଅଜଣା ଅଶୁଣା ଉଜ୍ଜ୍ୱଳ ଶିକ୍ଷା ପ୍ରତିଭାଧରମାନେ ଆମ ଆଗାମୀ ଭବିଷ୍ୟତର ଯଥାର୍ଥ ଓ ଯୋଗ୍ୟ ଦାୟାଦ ହୋଇପାରିବେ । ଏହାକୁ ସଫଳ କରିବାର ଦାୟିତ୍ୱ ଆମ ସମସ୍ତଙ୍କର ।

**ତୁଳସୀପୁର, କଟକ**
**ମୋ: ୯୪୩୭୬୬୬୪୫୩**

## ଏଇ ଭାରତରେ

ଅଙ୍ଗଦାନ ମହାପୁଣ୍ୟ କୁହାଯାଉଥିଲେ ମଧ୍ୟ ଭାରତରେ ଏହାର ପ୍ରତିଶତ ଅନ୍ୟ ଦେଶ ତୁଳନାରେ କମ୍ । ଏହାକୁ କିଭଳି ବୃଦ୍ଧି କରାଯାଇପାରିବ ଓ ଅଧିକ ସଂଖ୍ୟକ ଲୋକ ତାହାର ସୁବିଧା ନେଇପାରିବେ, ତାହା ସୁନିଶ୍ଚିତ କରିବା ଲାଗି ଡା. ସୁନିଲ ଶ୍ରୋଫଙ୍କ ପ୍ରଚେଷ୍ଟା ପ୍ରଶଂସନୀୟ । ସୁନିଲଙ୍କ ଜନ୍ମ ବିହାରର ସାହିବଗଞ୍ଜରେ । ସେ ଏମ୍‌ବିବିଏସ୍ ଡିଗ୍ରୀ ହାସଲ କରିବା ପରେ ଇଂଲଣ୍ଡରେ ଟ୍ରାନ୍ସପ୍ଲାଣ୍ଟ ସର୍ଜନ ଭାବେ ୧୨ ବର୍ଷ କାର୍ଯ୍ୟ କରିଥିଲେ । ଭାରତରେ ଅଙ୍ଗଦାନ ଓ ପ୍ରତିରୋପଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସକାଶେ ସେ ଇଂଲଣ୍ଡରୁ ଚାକିରି ଛାଡ଼ି ଭାରତ ଚାଲି ଆସିଥିଲେ । ୧୯୯୭ରେ ମୋହନ ଫାଉଣ୍ଡେଶନ ଗଠନ କରି ତା' ମାଧ୍ୟମରେ ଅଙ୍ଗଦାନ ଓ ପ୍ରତିରୋପଣ ତ୍ୱରାନ୍ୱିତ କରୁଛନ୍ତି । ଶ୍ରୋଫ ଏବେ ମାଡ୍ରାସ ମେଡିକାଲ କଲେଜରେ ୟୁରୋଲୋଜି ଆଣ୍ଡ୍ ଟ୍ରାନ୍ସପ୍ଲାଣ୍ଟର ବରିଷ୍ଠ ଭାବେ କାର୍ଯ୍ୟ କରିବା ସହ ମୋହନ ଫାଉଣ୍ଡେଶନକୁ ପରିଚାଳନା କରୁଛନ୍ତି ଏବଂ ଏହା ମାଧ୍ୟମରେ ଏଯାବତ୍ ବାର୍ଷିକ ୧୬,୦୪୧ ଲୋକ ଅଙ୍ଗ ଗ୍ରହଣ କରୁଛନ୍ତି । ଏବେ ସୁଦ୍ଧା ଡା. ସୁନିଲ ଭବିଷ୍ୟତ ପାଇଁ ୨.୫ ମିଲିୟନ ଲୋକଙ୍କୁ ଅଙ୍ଗଦାନ ଲାଗି ପ୍ରେରିତ କରିସାରିଲେଣି । ଏହି ଅଭିଯାନରେ ସେ ୪,୦୦୦ କାଉନ୍‌ସିଲର ଏବଂ ୬୧,୦୦୦ରୁ ଅଧିକ ମେଡିକାଲ ପ୍ରଫେସନାଲଙ୍କୁ ଅଙ୍ଗଦାନ ସମ୍ପର୍କରେ ପ୍ରଶିକ୍ଷଣ ଦେଇସାରିଛନ୍ତି ।

## ୫୦ ବର୍ଷ ତଳର ଧରିତ୍ରୀ

**୪ ଜୁନ୍ ୧୯୭୫**

- ଡାକାଗାମୀ ଏକ ଯାତ୍ରୀବାହୀ ବସ୍ ବାଘବାରୀ ଘାଟ ନିକଟରେ ଯମୁନା ନଦୀ ମଧ୍ୟକୁ ଗଳିପଡ଼ିବା ଫଳରେ ୧୬ ଶିଶୁ ଓ ୩ ମହିଳାଙ୍କ ସମେତ ୩୨ ଯାତ୍ରୀଙ୍କ ମୃତ୍ୟୁ ।
- ବାଂଲାଦେଶକୁ ୧୦ ନିୟୁତ ଡଲାର ଋଣ ଦେବା ସଂକ୍ରାନ୍ତରେ ବାଂଲାଦେଶ ଓ ହଙ୍ଗେରୀ ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ ।

## ଚିରନ୍ତନୀ

ପଉଷ ଉଷା ଜିଣି ଶୀତ ତା'ର ପରଶଟି
କୁହେଳି ସମ ଛାୟା
ରଚି ମାୟା ଆସେ ଘୋଟି ।
ବହୁତ ସାଧନାର ଅଧରର ହାସ ଟିକ
ନିଭାଇ ଦେବା ପାଇଁ
ଆସେ ଧାଇଁ ସଜନି ଗୋ !

–(ମରଣ ପାଳି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ମାଗଣା ବିଜୁଳି ପ୍ରହସନ ନୁହେଁ ତ

ମହାଶୟ,

ଜୁଲାଇରୁ ସମସ୍ତଙ୍କୁ ମାଗଣା ବିଜୁଳି ଦିଆଯିବା ଲାଗି ବିଜୁ ଜନତା ଦଳ ଘୋଷଣା କରିଛି । ତେବେ ଏହି ସୁବିଧାରେ କିଛି ଲୋକ ମାଗଣା ବିଜୁଳି ପାଇବେ ଓ ବାକି ଲୋକ ପାଇବେ ନାହିଁ । ତେବେ କେଉଁମାନେ ପାଇବେ ଓ ଏହା କେଉଁ ଆଧାରରେ ସ୍ଥିର ହେବ । ଯେଉଁମାନଙ୍କର ଗୋଟିଏ କି ଦୁଇଟି ଏସି ଅଛି ସେମାନଙ୍କର ହଜାର ହଜାର ଟଙ୍କାର ବିଲ୍ କିଏ ଦେବ ? ଯେଉଁଠି ଆଗରୁ ୧୦୦ ୟୁନିଟ ପ୍ରତି ଦେୟକୁ ୫୦ ୟୁନିଟକୁ ଖସାଇ ପିଠିରେ ବିଧାମାରି ନେଉଥିଲେ ହଠାତ ମାଗଣା କିପରି ? ଯାହାହେଉ, ଏ ଯେଉଁ କ୍ଷତି ହେବ ତା'ର ଭରଣା କେମିତି ହେବ ? ଏହା ବ୍ୟତୀତ ମାଗଣା ଜିନିଷର ମହତ୍ତ୍ୱ ରହେନି, ତାହା ଯେତେ ମୂଲ୍ୟବାନ ହୋଇଥାଉ ନା କାହିଁକି ଓ ଏଠାରେ ବି ତା'ର ଯେ ଅପବ୍ୟବହାର ନ ହେବ କିଏ କହିବ । ଆଗରୁ ବିଜୁଳି ଦେୟ ଦେଇ ଉଚିତ ଗୁଣର ବିଜୁଳି ଲୋକେ ପାଉନଥିବା ବେଳେ ମାଗଣା ହେଲେ ବିଜୁଳି ଦେଖିବାକୁ ମିଳିବ ତ । ଅବଶ୍ୟ ବିଜୁଳି ନ ମିଳିଲେ ଏମିତି ବି ବିଲ୍ ଶୂନ୍ୟ ହିଁ ହେବ ।

**–ମାନସ କୁମାର ମଲ୍ଲ, ଚନ୍ଦ୍ରାଦେଇପୁର, ସାଲେପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମଣ୍ଡି ଅବ୍ୟବସ୍ଥା, ଜାତୀୟ ରାଜପଥ ଅବରୋଧ

- କଟ୍‌ନିକୁ ବିରୋଧ, ୨୪ ଘଣ୍ଟାରେ ଧାନ ଉଠାଇବାକୁ ଚାଷୀଙ୍କ ଦାବି
- ଏଫ୍‌ଏକ୍ୟୁ ମାନର ଧାନ ଆଣିବା ପାଇଁ ପ୍ରଶାସନର ପରାମର୍ଶ



ଡୁଙ୍ଗୁରିପାଲି ବ୍ଲକ ସହଲା ଛକରେ ଚାଷୀମାନେ ଧାନବସ୍ତା ରଖି ରାସ୍ତାରୋକୋ କରିଛନ୍ତି।

ସୋନପୁର/ଡୁଙ୍ଗୁରିପାଲି, ୩।୬(ମୃତ୍ୟୁଞ୍ଜୟ ଶତପଥୀ/ ଦୀନବନ୍ଧୁ ସୁନା)

ମଣ୍ଡି ଅବ୍ୟବସ୍ଥାକୁ ନେଇ ସୁବର୍ଣ୍ଣପୁର ଜିଲାର ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରତିବାଦରେ ଚାଷୀ ସଙ୍ଗଠନଗୁଡ଼ିକ ପକ୍ଷରୁ ସୋମବାର ଡୁଙ୍ଗୁରିପାଲି ବ୍ଲକ ସହଲା ଛକରେ ୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ନବନିର୍ମାଣ କୃଷକ ସଙ୍ଗଠନର ନେତ୍ରୀ ସୋନାଲି ବିଶିଙ୍କ ନେତୃତ୍ୱରେ ଜିଲା ଓ ଜିଲା ବାହାରୁ ବିଭିନ୍ନ କୃଷକ ସଙ୍ଗଠନ ଓ ଚାଷୀମାନେ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ଶତାଧିକ ଚାଷୀ ଧାନ ବସ୍ତା ରଖି ରାସ୍ତାରୋକୋ କରିଥିଲେ। ସକାଳ ସାଢେ ୯ଟାରୁ ରାସ୍ତାରୋକୋ ଆରମ୍ଭ ହୋଇଥିଲା। ଏଥିଯୋଗୁ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଥିଲା।

ମଣ୍ଡିରେ କଟ୍‌ନିକୁ ଚାଷୀମାନେ ବିରୋଧ କରିଥିଲେ। ଚାଷୀଙ୍କ ଧାନ ମଣ୍ଡିରେ ପଡିରହୁଛି। କ୍ରୟକେନ୍ଦ୍ରଗୁଡ଼ିକରେ ଗୋଦାମ ଘର ନାହିଁ। ଆଗକୁ ମୌସୁମୀ ଆସୁଥିବାରୁ ଧାନ ଓଦା ହେବାର ଭୟ ରହିଛି। ତେଣୁ ମଣ୍ଡିକୁ ଧାନ ଆଣିବାର ୨୪ ଘଣ୍ଟା ମଧ୍ୟରେ ଉଠାଇବା ପାଇଁ ଚାଷୀମାନେ ଦାବି କରିଥିଲେ। ଏହି ଆନ୍ଦୋଳନକୁ ଡୁଙ୍ଗୁରିପାଲି ଓ ସମଲେଇଚୁଆ ଅଞ୍ଚଳର ଚାଷୀଙ୍କ ସମର୍ଥନ ମିଳିଥିଲା। ଦୀର୍ଘ ଅଢେଇ ଘଣ୍ଟା ଧରି ରାଜପଥକୁ ଚାଷୀମାନେ ଅବରୋଧ କରି ରଖିଥିଲେ। କେତେଜଣ ଲୋକ ଏହି ଆନ୍ଦୋଳନକୁ ଭଣ୍ଡୁର କରିବାକୁ ଉଦ୍ୟମ କରିଥିଲେ। ତେବେ ଚାଷୀଙ୍କ ସଂଘବଦ୍ଧ ପ୍ରତିବାଦ ଫଳରେ ସେମାନେ ପଛଘୁଞ୍ଚା ଦେଇଥିଲେ। ସୁବର୍ଣ୍ଣପୁର ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ସୁରେଶ କୁମାର ପାଣିଗ୍ରାହୀ, ସୋନପୁର ଏସ୍‌ଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ, ରାମପୁର ଅତିରିକ୍ତ ତହସିଲଦାର ଆନନ୍ଦ ଚନ୍ଦ୍ର ଦାସ ଓ ଡୁଙ୍ଗୁରିପାଲି ଆଇଆଇସି ସତ୍ୟନାରାୟଣ ପ୍ରଧାନ ଆନ୍ଦୋଳନରତ ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ଚାଷୀମାନେ ଧାନକୁ ଶୁଖାଇ ମଣ୍ଡିକୁ ଆଣିବା ପାଇଁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ଆର୍‌ଏମ୍‌ସି ପକ୍ଷରୁ ଧାନର ମାନ ପରୀକ୍ଷା କରାଯିବ। ଏଫ୍‌ଏକ୍ୟୁ ମାନର ଧାନ ଥିଲେ କଟ୍‌ନି ହେବ ନାହିଁ ବୋଲି ଜିଲା ଯୋଗାଣ ଅଧିକାରୀ ପାଣିଗ୍ରାହୀ ଲିଖିତ ପ୍ରତିଶ୍ରୁତି ଦେବା ପରେ ମଧ୍ୟାହ୍ନ ୧୨ଟାରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏହି ଆନ୍ଦୋଳନରେ ସୁବର୍ଣ୍ଣପୁର ଜିଲା କୃଷକ ସଙ୍ଗଠନର ସଭାପତି ବୈକୁଣ୍ଠ ନାଥ ଶତପଥୀ, ଧରଣୀଧର ପାଢୀ, ପ୍ରଦୀପ ପୁରୋହିତ, ନବ ନିର୍ମାଣ କୃଷକ ସଙ୍ଗଠନ ଉପଦେଷ୍ଟା ରାଜେନ୍ଦ୍ର ମିଶ୍ର, ବରଗଡ ଜିଲାର ଉତ୍ପନ୍ନ କୁମାର ଭୋଇ, ରମେଶ ମହାପାତ୍ର, ବୀରେନ୍ଦ୍ର କର, ସୁଦାମ ପାତ୍ର, ନରେନ୍ଦ୍ର ଭୋଇ, ପ୍ରଶାନ୍ତ ସାହୁ,ସୁଧୀର ବଘାର, ରାମନାରାୟଣ ବ୍ରହ୍ମା, ପ୍ରମୋଦ ଖମାରୀ, ଅନିଲ ଗଡତିଆ, ଘାସିରାମ ବଢେଇ, ବାସୁଦେବ ଖମାରୀ ପ୍ରମୁଖ ସାମିଲ ହୋଇଥିଲେ। ଏପ୍ରିଲ ୨୨ଠାରୁ ଜିଲାରେ ରବି ଋତୁ ଧାନ ସଂଗ୍ରହ ଆରମ୍ଭ ହୋଇଛି। ତେବେ ମଣ୍ଡିଗୁଡିକରେ ସମସ୍ୟା ଲାଗିରହିଛି। ଚାଷୀମାନେ କଟ୍‌ନିକୁ ବିରୋଧ କରୁଛନ୍ତି। ଏଥିପାଇଁ ଡୁଙ୍ଗୁରିପାଲି ବ୍ଲକର ସମଲେଇଚୁଆ ଓ ଡୁଙ୍ଗୁରିପାଲି ଆର୍‌ଏମ୍‌ସି ମଣ୍ଡିରେ ଚାଷୀମାନେ କିଛି ଦିନ ପୂର୍ବରୁ ହୋହଲ୍ଲା କରିଥିଲେ।

### ୧୦ ଚାଷୀ ନେତାଙ୍କ ନାମରେ ମାମଲା

ସୋନପୁର,୩।୬ (ମୃତ୍ୟୁଞ୍ଜୟ ଶତପଥୀ)

ଡୁଙ୍ଗୁରିପାଲି ବ୍ଲକର ସହଲା ଛକରେ ଚାଷୀମାନେ ଦୀର୍ଘ ସମୟ ଧରି ସୋମବାର ଜାତୀୟ ରାଜପଥ ଅବରୋଧ କରିଥିଲେ। ଏହି ଘଟଣାରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଆନ୍ଦୋଳନରେ ଶତାଧିକ ଚାଷୀ ସାମିଲ ହୋଇଥିଲା ବେଳେ ଡୁଙ୍ଗୁରିପାଲି ପୋଲିସ ପ୍ରମୁଖ ୧୦ ଚାଷୀନେତାଙ୍କ ନାମରେ ମାମଲା ରୁଜୁ କରିଛି। ଏ ସମ୍ପର୍କରେ ଡୁଙ୍ଗୁରିପାଲି ଥାନାରେ ଏକ ମାମଲା (୧୪୫/୨୪)ରୁଜୁ ହୋଇଥିବା ଆଇଆଇସି ସତ୍ୟନାରାୟଣ ପ୍ରଧାନ ସୂଚନା ଦେଇଛନ୍ତି।

# ଶପିଂ ମଲ୍‌ରେ ନିଆଁ

## ଜଳିଗଲା ୫ କୋଟିର ଡ୍ରେସ୍ ସାମଗ୍ରୀ

ପାରଳାଖେମୁଣ୍ଡି, ୩।୬ (ଗିରିଧାରୀ ପରିଛା)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ବଡ଼ଦାଣ୍ଡରେ ଥିବା 'ବାରାଟମ ଶପିଂ ମଲ୍'ରେ ରବିବାର ବିଳମ୍ବିତ ରାତିରେ ଶର୍ଟସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟିଛି। ମଲ୍‌ରେ ଥିବା ପ୍ରାୟ ୫ କୋଟି ଟଙ୍କାର ଡ୍ରେସ୍ ମେଟେରିଆଲସ୍ ଓ କପଡ଼ା ସାମଗ୍ରୀ ସବୁ ଜଳିପୋଡ଼ି ପାଉଁଶ ହୋଇଯାଇଛି। ମଲ୍‌ର ମାଲିକ ବାରାଟାମ ଶ୍ରୀକାନ୍ତ ପ୍ରତିଦିନ ଭଳି ରବିବାର ରାତିରେ ମଲ୍ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ରାତି ପ୍ରାୟ ୧୨ଟା ସମୟରେ ଦୋକାନ ଭିତରୁ ଧୂଆଁ ବାହାରୁଥିବା ଦେଖି ସ୍ଥାନୀୟ ଲୋକେ ମାଲିକ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଘଟଣା ସ୍ଥଳରେ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଦୋକାନ ଶଟର କାଟି ଭିତରକୁ ପ୍ରବେଶ କରିଥିଲେ। ସେତେବେଳକୁ ଦୋକାନ ଭିତରେ ଥିବା ସବୁ ଲୁଗାପଟା ପୋଡ଼ି ନଷ୍ଟ ହୋଇଯାଇଥିଲା। ତିନି ମହଲା ବିଶିଷ୍ଟ ଏହି ଶପିଂ ମଲ୍‌ର ଉପର ମହଲାରେ ପ୍ରଥମେ ନିଆଁ ଲାଗିଥିଲା। ଚାହୁଁ ଚାହୁଁ ତଳ ଦୁଇଟି ମହଲାକୁ ନିଆଁ ବ୍ୟାପି ଯାଇଥିଲା।



ଅଗ୍ନିକାଣ୍ଡରେ ଜଳିଯାଇଥିବା ବିଭିନ୍ନ ସାମଗ୍ରୀ।

ମାଲିକ ଶ୍ରୀକାନ୍ତ କହିଛନ୍ତି, ଶପିଂ ମଲରେ ପ୍ରାୟ ୪ରୁ ୫ କୋଟି ଟଙ୍କାର କପଡ଼ା ଥିଲା, ଯାହା ଜଳି ପୋଡି ନଷ୍ଟ ହୋଇଯାଇଛି। ଏଥିସହ ଦୋକାନ ଭିତରେ ଥିବା ୧୦ ଲକ୍ଷ ନଗଦ ଟଙ୍କା ବି ପୋଡ଼ି ପାଉଁଶ ହୋଇଯାଇଥିବା କହିଛନ୍ତି।

# ଏମ୍‌କେସିଜିର ଡିଏମ୍‌ଏଲ୍‌ଟି ଛାତ୍ରୀଛାତ୍ରଙ୍କୁ ର୍‍ୟାଗିଂ ଅଭିଯୋଗ

## ୩ ସିନିୟର ଛାତ୍ରଙ୍କୁ କର୍ତ୍ତୃପକ୍ଷଙ୍କ ତାଗିଦ

ବ୍ରହ୍ମପୁର,୩।୬ (ସୁବାସ ଚନ୍ଦ୍ର ପାଢ଼ୀ)

ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲ କଲେଜ ଓ ହସ୍‌ପିଟାଲରେ ଡିଏମ୍‌ଏଲ୍‌ଟି (ଡିପ୍ଲୋମା ଇନ୍ ମେଡିକାଲ ଲାବୋରେଟୋରି) ପାଠ୍ୟକ୍ରମ ପଢୁଥିବା ଛାତ୍ରୀଛାତ୍ରଙ୍କୁ ର୍‍ୟାଗିଂ କରାଯାଉଥିବା ନେଇ ଏକ ସଙ୍ଗିନ ଅଭିଯୋଗ ସାମନାକୁ ଆସିଛି। ଉକ୍ତ ହସ୍ପିଟାଲର ୩ ଜଣ ସିନିୟର ଛାତ୍ର ର୍‍ୟାଗିଂ କରିବା ସହ ଦାଦାଗିରି କରୁଥିବା ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ସୋମବାର ଏମ୍‌କେସିଜିର ଆଣ୍ଟି ର୍‍ୟାଗିଂ ସେଲ୍‌ର ଏକ ବୈଠକ ମଧ୍ୟ ବସିଛି। ଏମ୍‌କେସିଜି କର୍ତ୍ତୃପକ୍ଷ ର୍‍ୟାଗିଂ କରୁଥିବା ୩ ସିନିୟର ଛାତ୍ରଙ୍କୁ ଡାକି ତାଗିଦ କରିବା ସହ ସେମାନଙ୍କୁ କଡ଼ା ଚେତାବନୀ ଦେଇଛନ୍ତି। ସୂଚନା ପ୍ରକାରେ, ଡିଏମ୍‌ଏଲ୍‌ଟିରେ ୩ୟ ବର୍ଷ ପଢୁଥିବା ୩ ଜଣ ସିନିୟର ଛାତ୍ର ଅନେକ ସମୟରେ ଜୁନିୟର ଛାତ୍ରୀଛାତ୍ରଙ୍କୁ ଗାଳିଗୁଲଜ କରିବା ସହ ନାନାପ୍ରକାର ଧମକଚମକ ଦେଇ ଆସୁଛନ୍ତି। ଅନେକ ସମୟରେ ର୍‍ୟାଗିଂ ମଧ୍ୟ କରୁଛନ୍ତି। ଏପରିକି ନିଜ ସହପାଠୀଙ୍କୁ ମଧ୍ୟ ସେମାନେ ଧମକ ଦେଉଛନ୍ତି। ପୂର୍ବରୁ ଏପରି ଅନେକ ଥର ହୋଇଥିଲେ ମଧ୍ୟ ଛାତ୍ରୀଛାତ୍ରମାନେ ନିଜ ଭିତରେ ସମାଧାନ କରୁଥିଲେ। ହେଲେ ସେହି ୩ ଛାତ୍ରଙ୍କ ଉତ୍ପାତ ଅଧିକ ହେବାରୁ ର୍‍ୟାଗିଂର ଶିକାର ହୋଇଥିବା କିଛି ଛାତ୍ରୀଛାତ୍ର ଏମ୍‌କେସିଜି ମେଡିକାଲ କଲେଜ ଡିନ ତଥା ଅଧ୍ୟକ୍ଷାଙ୍କ ନିକଟରେ ଅଭିଯୋଗ କରିଥିଲେ। ଛାତ୍ରୀଛାତ୍ରଙ୍କ ଅଭିଯୋଗକୁ ଡିନ ଗୁରୁତର ସହ ଗ୍ରହଣ କରି ତୁରନ୍ତ ଆଣ୍ଟି ର୍‍ୟାଗିଂ କମିଟି ବୈଠକ ଡାକିଥିଲେ। ସେହିପରି ର୍‍ୟାଗିଂ ଅଭିଯୋଗ ଆସିଥିବା ୩ ଛାତ୍ରଙ୍କୁ କମିଟି ନିକଟରେ ଉପସ୍ଥିତ ରହିବାକୁ ଚିଠି କରିଥିଲେ। ସେହିକ୍ରମରେ ୩ ଛାତ୍ର କମିଟି ନିକଟରେ ଉପସ୍ଥିତ ରହି ନିଜ ନିଜର ପକ୍ଷ ରଖିଥିଲେ। ତେବେ ସେହି ୩ ଛାତ୍ରଙ୍କୁ ଏମ୍‌କେସିଜି କର୍ତ୍ତୃପକ୍ଷ ତାଗିଦ କରିବା ସହ ଭବିଷ୍ୟତରେ ଏପରି ଭୁଲ୍ ନ କରିବାକୁ ପରାମର୍ଶ ଦେଇଥିବା ସୂଚନା ମିଳିଛି। ଯଦି ସେମାନଙ୍କ ବିରୋଧରେ ଏଭଳି ଅଭିଯୋଗ ଆସେ ତେବେ ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କର୍ତ୍ତୃପକ୍ଷ ତାଙ୍କୁ ଚେତାବନୀ ଦେଇଛନ୍ତି।

# ଅର୍ଦ୍ଧନିର୍ମିତ ଫ୍ଲାଏଓଭରରୁ ଖସିଲା ବୋଲେରୋ, ୨ ମୃତ

- ମୃତକଙ୍କ ମଧ୍ୟରେ ଡ୍ରାଇଭର, ଜଣେ ଶିଶୁ
- ଛତିଶଗଡ଼ରୁ ଜଗନ୍ନାଥ ଦର୍ଶନ ପାଇଁ ପୁରୀ ଆସୁଥିଲେ
- ସତର୍କତା ସୂଚନା ନ ଥିବାରୁ ଦୁର୍ଘଟଣା ଅଭିଯୋଗ



ଫ୍ଲାଏଓଭରରୁ ଖସି ଚୂରମାର ହୋଇଯାଇଥିବା ବୋଲେରୋ।

ସମ୍ବଲପୁର,୩।୬ (ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଝୁଜୁମୁରା ନିକଟରେ ଜାତୀୟ ରାଜପଥ(୫୫)ରେ ନିର୍ମାଣାଧୀନ ଏକ ଫ୍ଲାଏଓଭର ବ୍ରିଜ୍‌ରୁ ଏକ ବୋଲେରୋ ଖସି ପଡ଼ି ଦୁର୍ଘଟଣାଗ୍ରସ୍ତ ହେବାରେ ଯାଇଛି ୨ଜଣଙ୍କ ଜୀବନ। ମୃତକ ହେଲେ ଗାଡ଼ି ଚାଳକ ଛତିଶଗଡ଼ ସାରଙ୍ଗଡ଼ ଜିଲା ସଲର ଗ୍ରାମର ସୁରଦାସ ମାଣିକପୁରୀ(୪୫) ଓ ରେଙ୍ଗାଲମୁଣ୍ଡା ଗ୍ରାମର ଶ୍ୟାମଲାଲ ବରିହାଙ୍କ ଝିଅ କୁସୁମ ବରିହା(୫)। ଛତିଶଗଡ଼ରୁ ଏକ ୧୪ ଜଣିଆ ତୀର୍ଥଯାତ୍ରୀ ଦଳଙ୍କୁ ନେଇ ବୋଲେରୋ(ସିଜି–୦୭–ଏକ୍ୟୁ–୨୩୯୦) ରବିବାର ପୁରୀ ଅଭିମୁଖେ ବାହାରିଥିଲା। ମାତ୍ର ବିଳମ୍ବିତ ରାତିରେ ଗାଡିଟି ଜାତୀୟ ରାଜପଥ(୫୫)ର ସମ୍ବଲପୁରଠାରୁ ପ୍ରାୟ ୧୫ କିଲୋମିଟର ଦୂର ଝୁଜୁମୁରା ଥାନା ଅନ୍ତର୍ଗତ ଝାକରପାଲି ଖଇରପଡ଼ା ନିକଟରେ ଅର୍ଦ୍ଧନିର୍ମିତ ଫ୍ଲାଏଓଭର ଉପରକୁ ଭୁଲ୍‌ରେ ଚାଲି ଯାଇ ୩୦ଫୁଟ ତଳକୁ ଖସି ଚୂରମାର ହୋଇଯାଇଥିଲା। ଗାଡିରେ ଥିବା ଅନ୍ୟ ୧୨ଜଣ ଗୁରୁତର ହୋଇଥିଲେ। ଖବର ପାଇ ଝୁଜୁମୁରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ଯାତ୍ରୀମାନଙ୍କୁ ଉଦ୍ଧାର କରି ନିକଟସ୍ଥ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ଭିମ୍‌ସାର ସ୍ଥାନାନ୍ତର କରିଥିଲା। ତେବେ ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ ଛାଡ଼ି ଦିଆଯାଇଥିବା ପୋଲିସ କହିଛି।

ସୂଚନାଯୋଗ୍ୟ ଯେ, ଦୁର୍ଘଟଣା ଘଟିଥିବା ସ୍ଥାନଟି ହାତୀ ଚଲାପଥ ଭାବେ ଚିହ୍ନଟ ହୋଇଛି। ଏଥିଯୋଗୁ ଜାତୀୟ ରାଜପଥରେ ଯାତାୟାତ କରୁଥିବା ପଥଚାରୀ ଓ ଯାନବାହନର ସୁରକ୍ଷା ଦୃଷ୍ଟିରୁ ଏଠାରେ ଏକ ଫ୍ଲାଏଓଭର ନିର୍ମାଣ କରାଯାଉଛି। ରବିବାର ରାତିରେ ପ୍ରବଳ ବର୍ଷା ଯୋଗୁ ଗାଡ଼ି ଚାଳକ ଡାଇଭର୍ସନ ରାସ୍ତାରେ ନ ଯାଇ ସିଧାସଳଖ ନିର୍ମାଣାଧୀନ ଫ୍ଲାଏଓଭରକୁ ଚାଲି ଯାଇଥିବା ଅନୁମାନ କରାଯାଉଛି। ଅପରପକ୍ଷରେ ନିର୍ମାଣ ସମ୍ପର୍କିତ କୌଣସି ସତର୍କତା ସୂଚନା ନ ଥିବାରୁ ଏହି ଦୁର୍ଘଟଣା ଘଟିଲା ଓ ୨ଜଣଙ୍କ ଅମୂଲ୍ୟ ଜୀବନ ଗଲା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଅତୀତରେ ମଧ୍ୟ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଲୋକେ ପଥଭ୍ରଷ୍ଟ ହୋଇ ଏଭଳି ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ନଜିର ରହିଛି। ଏନେଇ ସ୍ଥାନୀୟ ଲୋକେ ରାସ୍ତା ନିର୍ମାଣ କାମ ତୁରନ୍ତ ସମ୍ପନ୍ନ କରିବା ତଥା ବିଭିନ୍ନ ସ୍ଥାନରେ ସତର୍କତାମୂଳକ ସୂଚନା ଫଳକ ଲଗାଇବା ପାଇଁ ନିର୍ମାଣକାରୀ ଠିକା ସଂସ୍ଥା ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଦୃଷ୍ଟିଆକର୍ଷଣ କରିଥିଲେ ସୁଦ୍ଧା ଏହାକୁ କେହି ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହୋଇଛି। ତେଣୁ ଏହି ଦୁର୍ଘଟଣା ପରେ ସୋମବାର ସ୍ଥାନୀୟ ଲୋକେ ନିଜର ଅସନ୍ତୋଷ ପ୍ରକାଶ କରି କିଛି ସମୟ ପାଇଁ ରାସ୍ତା ଅବରୋଧ କରିଥିଲେ। ଘଟଣାସ୍ଥଳରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ପହଞ୍ଚି ଏଠାରେ ସୂଚନା ଫଳକ ସହିତ ଅନ୍ୟାନ୍ୟ ସୁରକ୍ଷା ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରଶମିତ ହୋଇଥିଲା।

# ବିନା ପରୀକ୍ଷାରେ ଏସିଏଫ୍‌କୁ ପଦୋନ୍ନତି

## ନିୟମ ମାନିଲାନି ବନ ବିଭାଗ

ଭୁବନେଶ୍ୱର, ୩।୬(ଅସମାପିକା ସାହୁ)

ରାଜ୍ୟରେ ବନ ବିଭାଗର ରେଞ୍ଜର ପଦବୀରୁ ଏସିଏଫ୍ ପଦବୀକୁ ପଦୋନ୍ନତି ପାଇବା ପାଇଁ ନିର୍ଦ୍ଦିଷ୍ଟ ନିୟମ ରହିଛି। କିନ୍ତୁ ବନ ବିଭାଗ ଏହି ନିୟମକୁ ଉଲ୍ଲଂଘନ କରିଥିବା ଜଣାପଡ଼ିଛି। ୨୦୧୪ ଜାନୁୟାରୀ ୩୧ର ରାଜ୍ୟ ସରକାରଙ୍କ ପ୍ରକାଶିତ ଗେଜେଟ ନଂ.୨୪୮ରେ ରେଞ୍ଜର ପଦବୀରୁ ଏସିଏଫ୍ ପଦବୀକୁ ପଦୋନ୍ନତି ପାଇଁ ନିୟମ କରାଯାଇଛି। ରେଞ୍ଜରଙ୍କ ପଦୋନ୍ନତି ନେଇ ୩ଟି ସର୍ତ୍ତ ରଖାଯାଇଛି। ସର୍ତ୍ତାନୁସାରେ, ଜଣେ ରେଞ୍ଜର ପ୍ରୋବେଶନ ପିରିୟଡ୍ ସମ୍ପୂର୍ଣ୍ଣ କରିବା ସହିତ ବିଭାଗରେ ୫ବର୍ଷ କାମ କରିଥିବେ ଏବଂ ବିଭାଗୀୟ ପରୀକ୍ଷା ପାସ୍ କରିଥିବା ଆବଶ୍ୟକ। ଏହି ବିଭାଗୀୟ ପରୀକ୍ଷା ବୋର୍ଡ ଅଫ୍ ରେଭିନ୍ୟୁ ବା ରାଜସ୍ୱ ପର୍ଷଦ ଦ୍ୱାରା ପରିଚାଳିତ ହୋଇଥାଏ। ଉକ୍ତ ପରୀକ୍ଷା ପାସ୍ କରି ନ ଥିଲେ ରେଞ୍ଜରରୁ ଏସିଏଫ୍ ପଦବୀକୁ ପଦୋନ୍ନତି ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ। କିନ୍ତୁ ବନ ବିଭାଗରେ କାର୍ଯ୍ୟରତ ବହୁ ରେଞ୍ଜର ବିଭାଗୀୟ ପରୀକ୍ଷା ପାସ୍ କରି ନ ଥିଲେ ମଧ୍ୟ ବେଆଇନ ଭାବେ ସେମାନଙ୍କୁ ଏସିଏଫ୍ ପଦବୀକୁ ପଦୋନ୍ନତି ଦିଆଯାଇଛି। ରାଜସ୍ୱ ପର୍ଷଦର ଏଥି ସମ୍ବନ୍ଧୀୟ ଚିଠିରୁ ବନ ବିଭାଗର ଏଭଳି ଦୁର୍ନୀତି ସାମ୍ନାକୁ ଆସିଛି।

ସୂଚନାନୁସାରେ, ଗତ ମେ' ୩୧ରେ ରାଜସ୍ୱ ପର୍ଷଦ ପକ୍ଷରୁ ବିଭାଗୀୟ ପରୀକ୍ଷାର ଲିଖିତ ଏବଂ ମୌଖିକ ପରୀକ୍ଷା ତାରିଖ ପ୍ରକାଶ ପାଇଛି। ଲିଖିତ ପରୀକ୍ଷା ୧୦ରୁ ୧୩ ତାରିଖ ପର୍ଯ୍ୟନ୍ତ ଓ ମୌଖିକ ପରୀକ୍ଷା ୧୯ ରୁ ଜୁଲାଇ ୯ ପର୍ଯ୍ୟନ୍ତ ରହିଛି। ଏଥିସହିତ ଯେଉଁ ଅଧିକାରୀମାନେ ଏହି ପରୀକ୍ଷା ଦେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ସେମାନଙ୍କର ରୋଲ ନମ୍ବର, ନାମ ଇତ୍ୟାଦିର ତାଲିକା ମଧ୍ୟ ପ୍ରକାଶ ପାଇଛି। ସେହି ତାଲିକାରେ ୭୧୧ ରୁ ୮୧୯ରେ ଜଙ୍ଗଲ ବିଭାଗର ଅଧିକାରୀଙ୍କ ନାମ ଓ ରୋଲ ନମ୍ବର ସ୍ଥାନ ପାଇଛି। ଅର୍ଥାତ୍ ତାଲିକାରେ ସ୍ଥାନ ପାଇଥିବା ରେଞ୍ଜରମାନେ ବୋର୍ଡ ଅଫ୍ ରେଭିନ୍ୟୁ ଦ୍ୱାରା ପରିଚାଳିତ ବିଭାଗୀୟ ପରୀକ୍ଷା ଦେବେ। ସେହି ପରୀକ୍ଷାରେ ପାସ୍ କଲା ପରେ ଏସିଏଫ ପଦବୀକୁ ପଦୋନ୍ନତି ପାଇଁ ଯୋଗ୍ୟ ବିବେଚିତ ହେବେ। କିନ୍ତୁ ଆଶ୍ଚର୍ଯ୍ୟର କଥା ଏହି ପରୀକ୍ଷା ପାଇଁ ତାଲିକାରେ ସ୍ଥାନ ପାଇଥିବା ରେଞ୍ଜରମାନେ ଅନେକ ଦିନ ତଳୁ ଏସିଏଫ୍ ପଦବୀକୁ ପଦୋନ୍ନତି ପାଇସାରିଛନ୍ତି। ଅର୍ଥାତ୍ ବିଭାଗୀୟ ପରୀକ୍ଷା ପାସ୍ ନ କରି ପଦୋନ୍ନତି ପାଇସାରିଛନ୍ତି। ପ୍ରାୟ ୧୨ଜଣ ରେଞ୍ଜରଙ୍କୁ ବନ ବିଭାଗ ଭିନ୍ନ ଭିନ୍ନ ସମୟରେ ପଦୋନ୍ନତି ଦେଇଥିବା ନେଇ ବିଭାଗ ପକ୍ଷରୁ ପୂର୍ବରୁ ପ୍ରକାଶିତ ବିଜ୍ଞପ୍ତିରୁ ଜଣାପଡିଛି।

ସବୁଠାରୁ ବଡ଼ କଥା ହେଲା, ବେଆଇନ ପଦୋନ୍ନତି ପାଇଥିବା ବହୁ ଏସିଏଫ୍ ଜଙ୍ଗଲ ବିଭାଗଠାରୁ ଅଭୂତପୂର୍ବ ଅନୁକମ୍ପା ପାଇଚାଲିଛନ୍ତି। ୨୦୧୯ରେ ସେମାନେ ଚାକିରି ଆରମ୍ଭ କଲାବେଳେ ବାଧ୍ୟତାମୂଳକ ଥିବା ଦୁଇବର୍ଷର ପ୍ରୋବେଶନକୁ କୋହଳ କରାଯାଇଥିଲା। ସେହିପରି ୨୦୨୨ରେ ବାଧ୍ୟତାମୂଳକ ୫ବର୍ଷର ଚାକିରି ନିୟମକୁ କୋହଳ କରାଯାଇ ମାତ୍ର ଅଢ଼େଇ ବର୍ଷରେ କେତେଜଣ ରେଞ୍ଜରଙ୍କୁ ଏସିଏଫ ପଦବୀକୁ ପଦୋନ୍ନତି ଦିଆଗଲା। ଅବଶ୍ୟ ସେମାନଙ୍କ ମଧ୍ୟରୁ କେତେଜଣ ରେଞ୍ଜର ନିୟମ ପାଳନ କରି ବିଭାଗୀୟ ପରୀକ୍ଷା ଦେଇ ପାସ ମଧ୍ୟ କରିଛନ୍ତି। କିନ୍ତୁ ଏବେ ବୋର୍ଡ ଅଫ୍ ରେଭିନ୍ୟୁ ଦ୍ୱାରା ପରିଚାଳିତ ବିଭାଗୀୟ ପରୀକ୍ଷା ପାସ୍ କରି ନ ଥିବା ଆଉକେତେଜଣ ରେଞ୍ଜରଙ୍କ ପାଇଁ ଜଙ୍ଗଲ ବିଭାଗ ଦୟା ଦେଖାଇ ବିଭାଗୀୟ ପରୀକ୍ଷାକୁ ମଧ୍ୟ ଜଳାଞ୍ଜଳି ଦେଇଛି। ଯଦିଓ ୫ ବର୍ଷ ଚାକିରି କୋହଳରେ ଜଙ୍ଗଲ ବିଭାଗ ସରକାରଙ୍କଠାରୁ ସ୍ୱତନ୍ତ୍ର ଅନୁମତି ଆଣିଥିଲା, ହେଲେ ବିଭାଗୀୟ ପରୀକ୍ଷା ପାସ କରି ନ ଥିବା କେତେଜଣ ରେଞ୍ଜରଙ୍କ ପାଇଁ ସେଭଳି କିଛି ବ୍ୟବସ୍ଥା କରାଯାଇ ନାହିଁ। ତେଣୁ ଜଙ୍ଗଲ ବିଭାଗରେ ଏହି କାର୍ଯ୍ୟକଳାପ ଉପରେ ଏବେ ବଡ଼ ସନ୍ଦେହ ସୃଷ୍ଟି ହୋଇଛି।

WHY WE CHOOSE ARYABHATTA ?
Since 2006 Aryabhatta Brahmapur Maintained
Highest Success rate in IIT, NIT, NEET & ISI entrance
Affordably minimum fees
Secured top ranks of south odisha in JEE-Advance & NEET
Provided free coaching to under previleged students
ADMISSION OPEN
COURSES OFFERED
JUNIOR 2024-26 (2 Year Integrated Coaching of IIT-JEE/MED) 1st Batch - 7th June 2024
EXTENSIVE 2025 One Year Entrance Coaching for (MED/IIT-JEE) 2nd Batch - 7th June 2024
ARYABHATTA LEARNING FORUM PVT.LTD.
Courtpeta square, opp GST & Central Excise Office, Berhampur
Contact : 0680-2290099, 2282288, 9937356309, 9434594222
Website: www.aryabhatta.co.in
Email: aryabhatta.brahmpur@gmail.com

# ପୀଡ଼ିତାଙ୍କ ବାପାଙ୍କ ସାଙ୍ଗଙ୍କୁ ୨୦ ବର୍ଷ ଜେଲଦଣ୍ଡ

## ନାବାଳିକା ବଳାତ୍କାର ମାମଲା

ଭୁବନେଶ୍ୱର,୩।୬ (ସତ୍ୟଜିତ୍ ରାଉତ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ସୋମବାର ଭୁବନେଶ୍ୱର ଏଡିଜେ–୪ ତଥା ସ୍ୱତନ୍ତ୍ର (ପୋକ୍ସୋ) କୋର୍ଟରେ ପ୍ରକାଶ ପାଇଛି। ମାମଲାରେ ଅଭିଯୁକ୍ତ ଥିବା ପୀଡ଼ିତାଙ୍କ ବାପାଙ୍କ ସାଙ୍ଗ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ସେ ହେଲେ ଟାଙ୍ଗି ଥାନା ଅନ୍ତର୍ଗତ ମଙ୍ଗଳାଯୋଡି ଗ୍ରାମର ବିରଞ୍ଚି ବେହେରା (୪୦)। ଦୋଷୀ ବିରଞ୍ଚିଙ୍କୁ ୨୦ ବର୍ଷ ଜେଲଦଣ୍ଡ ହୋଇଛି। ଏଥିସହ ୧୦ ହଜାର ଜରିମାନା ଦେବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଏହି ଜରିମାନା ଅନାଦେୟ ତାଙ୍କୁ ଅଧିକ ୧ ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ବିଚାରପତି ପ୍ରଦୀପ କୁମାର ବେହେରା ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୧୭ ବର୍ଷୀୟା ପୀଡିତା ନାବାଳିକାଙ୍କ ଘରକୁ ଅଭିଯୁକ୍ତ ବିରଞ୍ଚି ଅଧିକାଂଶ ସମୟରେ ଆସୁଥିଲେ। ଏହି ସମୟରେ ସେ ବିବାହର ପ୍ରତିଶ୍ରୁତି ଦେଇ ନାବାଳିକାଙ୍କୁ ଫସାଇଥିଲେ। ୨୦୨୧ ଜୁନ ୨ରେ ବିରଞ୍ଚି ନାବାଳିକାଙ୍କୁ ଫସାଇ ଅପହରଣ କରି କେନ୍ଦୁଝର ନେଇଯାଇଥିଲେ। ଏନେଇ ପୀଡିତାଙ୍କ ବାପାଙ୍କ ଅଭିଯୋଗକ୍ରମେ ଜୁନ ୮ରେ ଟାଙ୍ଗୀ ଥାନା ପୋଲିସ ଆଇପିସି ଦଫା ୩୬୩, ୩୬୬, ୩୭୬ (୨)(ଏନ୍)(୩) ଓ ପୋକ୍ସୋ ଆକ୍ଟର ଦଫା ୬ରେ ଏକ ମାମଲା (ନଂ.୩୦୯/୨୦୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଜୁନ ୧୦ରେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିଲା। ବିଚାରପତି ମୋଟ ୯ ଜଣଙ୍କ ସାକ୍ଷ୍ୟ ଓ ୫୭ ଦସ୍ତାବିଜକୁ ଆଧାର କରି ଏହି ମାମଲାର ରାୟ ଶୁଣାଇଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ବରିଷ୍ଠ ପବ୍ଲିକ୍ ପ୍ରସିକ୍ୟୁଟର ସୁବ୍ରତ ପ୍ରିୟଦର୍ଶୀ ମାମଲା ପରିଚାଳନା କରୁଥିଲେ।

TPWODL
TP WESTERN ODISHA DISTRIBUTION LIMITED
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**Notice Inviting Tender**

TP Western Odisha Distribution Limited, invites tender quotations (in 2part bidding) from eligible vendors/suppliers for the following package :

1. **TPWODL/HS/O/SU/011 : RC for Supply of Electrical Insulated Hand Gloves up to 33 KV at TPWODL, Odisha.**
2. **TPWODL/SD/O/SER/012 : AMC for Civil Works.**

Interested bidders to submit Tender Participation Fee and Authorization Letter through email on or before **10th June 2024, 17:00Hrs** (for Srl No.-1) & **13th June 2024, 15:00Hrs,** (for Srl No.-2) respectively, after which link from e-Tender system shall be shared.

For detailed tender documents of the above-mentioned tender, please visit Tender section on website **www.tpwesternodisha.com.** Further details for participating in tender is given in the tender document.

All future correspondence regarding the tender, bid submission, date extension etc. will happen with participating bidders only through E-Tender system.

Sd /- **Chief Contracts and Stores**

### ପଞ୍ଚାୟତ ସମିତି କାର୍ଯ୍ୟାଳୟ, ପଡ଼ିଆ

ସାମାଜିକ ସମୀକ୍ଷା

ବିଜ୍ଞପ୍ତି ସଂଖ୍ୟା : ୧୫୫୯ ତାରିଖ : 03-06-2024

No.i-01 : ଏତଦ୍ୱାରା ପଡ଼ିଆ ପଞ୍ଚାୟତ ସମିତି ଅନ୍ତର୍ଗତ ୮ ଗୋଟି ଗ୍ରାମପଞ୍ଚାୟତର ସମସ୍ତ ଜନ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, 2024-25 ଆର୍ଥିକ ବର୍ଷରେ (ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା MGNREGA) ର କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପଗୁଡ଼ିକର ଶତ ପ୍ରତିଶତ ବ୍ୟବହୃତ ହୋଇଥିବା ମଷ୍ଟର ରୋଲ ଯାଞ୍ଚ ତଥା ସାମାଜିକ ସମୀକ୍ଷା କରିବା ନିମନ୍ତେ ନିମ୍ନ କାର୍ଯ୍ୟସୂଚୀ ମତେ ସଂପୃକ୍ତ ଗ୍ରାମପଞ୍ଚାୟତଠାରେ ଗ୍ରାମସଭା ଅନୁଷ୍ଠିତ ହେବ। ଉକ୍ତ ସଭାରେ ଜନସାଧାରଣ, ନିର୍ବାଚନ ପ୍ରତିନିଧି, ସ୍ୱୟଂସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ / ସଦସ୍ୟା, ଗ୍ରାମପଞ୍ଚାୟତର ସମସ୍ତ ଜବକାର୍ଡ ଧାରୀ ଶ୍ରମିକମାନେ ଏବଂ ସମସ୍ତ ଗ୍ରାମବାସୀମାନେ ନିଜ ନିଜର ଜବକାର୍ଡ ଧରି ନିର୍ଦ୍ଧାରିତ ତାରିଖ, ସମୟ ଓ ସ୍ଥାନରେ ଉପସ୍ଥିତ ରହି ମଷ୍ଟର ରୋଲ୍‌ର ସଠିକତା ଯାଞ୍ଚ କରିବେ। ସମ୍ପୃକ୍ତ ଗ୍ରାମପଞ୍ଚାୟତର ସରପଞ୍ଚ, କନିଷ୍ଠଯନ୍ତ୍ରୀ, ଜି.ଆର.ଏସ୍, ଏଡିଇଓ ଏବଂ ପିଇଓ ଉପସ୍ଥିତ ରହିବେ। ସରପଞ୍ଚମାନେ ଗ୍ରାମ ସଭାର କାର୍ଯ୍ୟସୂଚୀ ସାଧାରଣ ନୋଟିସ୍, ଡେଙ୍ଗୁରା, ଡାକବାଜି ଜନ୍ତ୍ର ମାଧ୍ୟମରେ ଉପଯୁକ୍ତ ବିଷୟରେ ବହୁଳ ଭାବରେ ପ୍ରଚାର ନିମନ୍ତେ ଅନୁରୋଧ କରାଗଲା।

| କ୍ର. ନଂ | ଗ୍ରାମପଞ୍ଚାୟତର ନାମ | ସାମାଜିକ ସମୀକ୍ଷା ତାରିଖ | | ପଞ୍ଚାୟତ ସ୍ତରୀୟ ଗ୍ରାମସଭା ତାରିଖ | ବ୍ଲକ ସ୍ତରୀୟ ଜନ ଶୁଣାଣି ତାରିଖ | ଉପସ୍ଥିତ ଅଧିକାରୀ |
|---|---|---|---|---|---|---|
| ୦୧ | ଉଣ୍ଡରୁକୋଣ୍ଡା | 18.06.2024 | 22.08.2024 | 22.08.2024 | 04.09.2024 | AEE |
| ୦୨ | ପଡ଼ିଆ | 25.06.2024 | 01.07.2024 | 01.07.2024 | | GPDO |
| ୦୩ | ଗିରକାନପଲ୍ଲୀ | 27.06.2024 | 03.07.2024 | 03.07.2024 | | AEE |
| ୦୪ | ବାପାନପଲ୍ଲୀ | 09.07.2024 | 15.07.2024 | 15.07.2024 | | APO |
| ୦୫ | ମାଟେରୁ | 18.07.2024 | 24.07.2024 | 24.07.2024 | | WEO |
| ୦୬ | ନିଲିଗୁଡ଼ା | 30.07.2024 | 05.08.2024 | 05.08.2024 | | GPDO |
| ୦୭ | ଶିମିଳିବାନ୍ଧା | 03.08.2024 | 09.08.2024 | 09.08.2024 | | APO |
| ୦୮ | କାନଦାପଲ୍ଲୀ | 14.08.2024 | 20.08.2024 | 20.08.2024 | | APO |

ଯାଞ୍ଚ ହେବାକୁ ଥିବା :-

(୧) ବ୍ୟବହୃତ ମଷ୍ଟର ରୋଲର କ୍ରମିକ ସଂଖ୍ୟା ଓ କାର୍ଯ୍ୟକ୍ରମ ଅଧିକାରୀଙ୍କ ଦ୍ୱାରା ପ୍ରଦତ୍ତ କ୍ରମିକ ସଂଖ୍ୟା ସମାନ କି ନାହିଁ ?
(୨) ମଷ୍ଟର ରୋଲରେ ଶ୍ରମିକମାନଙ୍କ କାର୍ଯ୍ୟ ପତ୍ର ସଂଖ୍ୟା ଉଲ୍ଲେଖ ହୋଇଛି କି ନାହିଁ ?
(୩) ମଷ୍ଟର ରୋଲରେ ସମ୍ପାଦିତ କାର୍ଯ୍ୟର ପରିମାଣ ଓ ଦିଆଯାଇଥିବା ମଜୁରି ପରିମାଣ ସମାନ ହୋଇଛି କି ନାହିଁ ?
(୪) ମଷ୍ଟର ରୋଲରେ ଉଲ୍ଲେଖିତ ବିବରଣୀ କାର୍ଯ୍ୟପତ୍ର ବିବରଣୀ ସହ ସମାନ ଅଛି କି ନାହିଁ ?
(୫) ମଷ୍ଟର ରୋଲରେ ଉଲ୍ଲେଖିତ ବିବରଣୀ ସହ ମାପ ବହିର ଦର୍ଶିତ ମାପ ମେଳଖାଉଛି କି ନାହିଁ ?
(୬) ମଷ୍ଟର ରୋଲରେ ଉଲ୍ଲେଖିତ ଶ୍ରମିକ ଓ ସମ୍ପାଦିତ କାର୍ଯ୍ୟପରିମାଣ ଠିକ ଅଛି କି ନାହିଁ ?

OIPR-19388/11/0001/2425 ସ୍ୱା./– ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟକ୍ରମ ଅଧିକାରୀ, ପଡ଼ିଆ

# ଆଜି ଖୋଲିବ ଇଭିଏମ୍, ଚିନ୍ତାରେ ନେତା

ନବରଙ୍ଗପୁର, ୩।୬(ସଦାଶିବ ପ୍ରହରାଜ)

ଆଜି ହେବ ଭୋଟ ଗଣତି । ନବରଙ୍ଗପୁର ଲୋକ ସଭା ଓ ଜିଲାର ୪ ବିଧାନସଭା ନିର୍ବାଚନମଣ୍ଡଳୀର ୧୭ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଣ୍ଣୟ ହେବ। ପ୍ରାର୍ଥୀଙ୍କ ପ୍ରତି ଭୋଟର କରିଥିବା ମତଦାନର ଆଶୀର୍ବାଦ ଇଭିଏମ ଭିତରେ ମେ ୧୩ରୁ ବନ୍ଦ ହୋଇ ରହିଥିଲା। ଭୋଟ ଗଣତି କେନ୍ଦ୍ରରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ମଙ୍ଗଳବାର ସକାଳ ୬ଟାରେ ଗଣତି କେନ୍ଦ୍ର ଖୋଲାଯିବ। ସମସ୍ତ ବ୍ୟବସ୍ଥା ପରେ ସକାଳ ୮ଟାରୁ ଭୋଟ ଗଣତି ଆରମ୍ଭ ହେବ ବୋଲି ସୂଚନା ମିଳିଛି।

ପ୍ରକାଶ ଯେ, ନବରଙ୍ଗପୁର ଲୋକ ସଭା ନିର୍ବାଚନମଣ୍ଡଳୀର ୮୦.୨୨ ପ୍ରତିଶତ ମତଦାନ ହୋଇଥିଲା। ନବରଙ୍ଗପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ରାଜ୍ୟର ସର୍ବାଧିକ (୮୫.୬୧ ପ୍ରତିଶତ) ମତଦାନ ହୋଇଥିଲା। ଝରିଗାଁ ୮୪.୨୨%, ଉମରକୋଟ ୮୩.୦୫%, ଡାବୁଗାଁ ୮୫.୨%, କୋଟପାଡ଼ ୮୩.୯୨%, ମାଲକାନଗିରି ୬୬.୬ % ଓ ଚିତ୍ରକୋଣ୍ଡା ୭୪.୮ % ମତଦାନ ହୋଇଥିଲା। ମତଦାନର ୨୭ ଦିନ ବ୍ୟବଧାନ ପରେ ଭୋଟ ଗଣତି ହେଉଥିବାରୁ ଲୋକ ସଭା କ୍ଷେତ୍ରବାସୀ ଓ ପ୍ରାର୍ଥୀ ଫଳାଫଳକୁ ଉତ୍ସୁକତାର ସହ ଅପେକ୍ଷା କରି ବସିଛନ୍ତି। କେଉଁ ଦଳର ପ୍ରାର୍ଥୀ ହେବ ବିଜୟୀ ଓ କିଏ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତାହା ଜାଣିବା ନେଇ ଜିଲାବାସୀଙ୍କ ଉତ୍କଣ୍ଠା ବଢ଼ିବାଲେ ଲାଗିଛି। ଗାଁ ଗହଳି, ସହର, ଛକ ଦାଣ୍ଡ ଓ ଚାହା ଖଟି ସବୁଠି ଏହି ଚର୍ଚ୍ଚା। ପ୍ରାର୍ଥୀମାନଙ୍କ ପାଇଁ କାମ କରିଥିବା କର୍ମୀ ଓ ସମର୍ଥକ ନିର୍ବାଚନ ପରେ ଯେଉଁ ଅଙ୍କ କଷି ବସିଥିଲେ ତାହା କେତେଦୂର ଠିକ୍ ତାହାକୁ ଅପେକ୍ଷା କରି ରହିଛନ୍ତି। କେଉଁ ଦଳ ଓ ପ୍ରାର୍ଥୀ କେତେ ପ୍ରତିଶତ ଭୋଟ ପାଇଁ ବିଜୟୀ ହେବ, କାହାର ଆକଳନ କ'ଣ ରହିଥିଲା ତାହା ଭୋଟ ଗଣତି ପରେ ଠିକ ରିପୋର୍ଟ ପାଇଯିବେ। ବିଶେଷ ଭାବେ ଭାଜପା, ବିଜେଡି, କଂଗ୍ରେସ ମଧ୍ୟରେ ଜୋରଦାର ଲଢ଼େଇ ହୋଇଥିଲା। ଗଣତି ପରେ ଦଳ, ପ୍ରାର୍ଥୀ, ସମର୍ଥକ ଓ ଭୋଟରଙ୍କ ଆଶା ଆଶଙ୍କା ମଧ୍ୟ ଦୂର ହୋଇଯିବ। ତେବେ କାହା ଭାଗ୍ୟ କିଭଳି ରହିଛି, ଭୋଟରଙ୍କ ଆଶୀର୍ବାଦ କାହା ପ୍ରତି ଅଧିକ ଥିଲା ଭୋଟ ଗଣତି ହିଁ କହିବ।




## ଭୋଟ ଗଣତି ପାଇଁ ନବରଙ୍ଗପୁରରେ ୧୪୪

ନବରଙ୍ଗପୁର,(ସଦାଶିବ ପ୍ରହରାଜ)

ଭୋଟ ଗଣତି ପାଇଁ ନବରଙ୍ଗପୁର ଜିଲାରେ ୩୦ ଘଣ୍ଟା ପାଇଁ ଜିଲାପାଳ ୧୪୪ ଧାରା ଜାରି କରିଛନ୍ତି। ମଙ୍ଗଳବାର ୪ ତାରିଖ ସକାଳ ୬ଟାରୁ ୫ ତାରିଖ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ। ଏନେଇ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ କମଳ ଲୋଚନ ମିଶ୍ରଙ୍କ କାର୍ଯ୍ୟାଳୟ ପକ୍ଷରୁ ୨୦୬୮/୨୦୨୪ ରେ ନିର୍ଦ୍ଦେଶନାମା ଜାରି କରାଯାଇଛି। ଭୋଟ ଗଣତି ସମୟରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ନିର୍ଦ୍ଦେଶନାମା ଜାରି କରାଯାଇଥିବା ସୂଚନା ମିଳିଛି। ବେଆଇନ ଭାବେ ଗୋଟିଏ ସ୍ଥାନରେ ଜନସମାଗମ, ସାଧାରଣ ସଭା ଉପରେ କଟକଣା ଲଗାଯାଇଛି। ଏନେଇ ନବରଙ୍ଗପୁର ଏସ୍‌ପି, ଜିଲାର ସମସ୍ତ ନିର୍ବାଚନମଣ୍ଡଳୀ ରିଟର୍ଣ୍ଣିଂ ଅଫିସର, ସହକାରୀ ରିଟର୍ଣ୍ଣିଂ ଅଧିକାରୀଙ୍କୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

## ସଂକ୍ଷେପରେ

### ଆଦର୍ଶ ଶିକ୍ଷକଙ୍କ ପରଲୋକ



ଫୁଲବାଣୀ,୩।୫(ରାକେଶ କୁମାର ରାଉତ)

ଫିରିଙ୍ଗିଆ ବ୍ଲକ ନେଡ଼ିପଦରଠାରେ ଆଦିବାସୀ ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ କଳା ଶିକ୍ଷକ ଶସିତ ମଲ୍ଲିକଙ୍କ ପରଲୋକ ହୋଇଯାଇଛି । ସେ ୨୦୦୮ରୁ ଏହି ବାଳିକା ଉଚ୍ଚବିଦ୍ୟାଳୟରେ ଶିକ୍ଷକତା କରିଆସୁଥିବା ବେଳେ ଫିରିଙ୍ଗିଆ ଅଂଚଳରେ ଜଣେ ଆଦର୍ଶ ଶିକ୍ଷକ ଭାବରେ ବେସ ପରିଚିତ ଥିଲେ। ଶସିତ ଫିରିଙ୍ଗିଆ ସହରରେ ଥିବା ସରକାରୀ ଉଚ୍ଚବିଦ୍ୟାଳୟର ଛାତ୍ର ମଧ୍ୟ ଥିଲେ। ମୃତ ଶିକ୍ଷକଙ୍କ ଘର ଚକାପାଦ ବ୍ଲକ ଆରାବାକା ପଞ୍ଚାୟତ ର କାଣୀକୁପା ଗାଁରେ. ତାଙ୍କ ସ୍ତ୍ରୀ ଆରାବାକା ପଞ୍ଚାୟତର ସମିତି ସଭ୍ୟ ଥିବା ଜଣାପଡିଛି । ଗତ ୧୪ ତାରିଖରେ ଶିକ୍ଷକ ଜଣକ ନିଜ ବାଡ଼ିରେ ଥିବା ଗଛରୁ ଆମ୍ବ ତୋଳୁଥିବା ସମୟରେ ଅସାବଧାନତା ଯୋଗୁ ଗଛରୁ ଖସି ପଡି ଗୁରୁତର ହୋଇଥିଲେ। ପରିବାର ଲୋକେ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ ଅବସ୍ଥା ସଙ୍ଗୀନ ହେବାରୁ ତାଙ୍କୁ ଭୁବନେଶର ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସିତ ଅବସ୍ଥାରେ ରବିବାର ବିଳମ୍ବିତ ରାତିରେ ତାଙ୍କର ପରଲୋକ ହୋଇଯାଇଛି। ସୋମବାର ତାଙ୍କର ମୃତଦେହ ଗାଁରେ ପହଞ୍ଚିବା ପରେ ଅନ୍ତିମ ସଂସ୍କାର କରାଯାଇଥିଲା । ଅନ୍ୟପଟେ ତାଙ୍କର ପରଲୋକରେ ବାଳିକା ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତାଙ୍କର ସହକର୍ମୀ ଓ ଛାତ୍ରୀଛାତ୍ରମାନେ ଶୋକବ୍ୟକ୍ତ କରିଛନ୍ତି।

### ବନ୍ଧରେ ବୁଡ଼ି ନାବାଳକ ମୃତ, ଜଣେ ଗୁରୁତର

କୋରାପୁଟ, ୩।୬(ଅମିତାଭ ବେହେରା)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତସ୍ଥିତ ଚଣ୍ଡିଜାନିଗୁଡା ଗ୍ରାମର ଜଣେ ନାବାଳକ ବନ୍ଧରେ ବୁଡି ମୃତ୍ୟୁବରଣ କରିଛନ୍ତି। ଅନ୍ୟ ଜଣେ ନାବାଳକ ଗୁରୁତର ହୋଇଛନ୍ତି। ମୃତକ ହେଲେ ସୁବ୍ରି ମିଣିଆକାଙ୍କ ପୁଅ ହିରୋଜ (୭)। ନିଜ ଗ୍ରାମଠାରୁ ଅଧ କି.ମି. ଦୂରରେ ଥିବା ମୁଦାର ଗ୍ରାମ ନିକଟସ୍ଥ ଧାନ ଖଳାରେ ହିରୋଜ ଓ ସେବ ଜାନିଙ୍କ ପୁଅ ଲିପୁନ (୮) ସୁବ୍ରିଙ୍କ ସହ ଧାନବିଡା ବାନ୍ଧୁଥିଲେ। ଲିପୁନ ହିରୋଜଙ୍କ ଦାଦାପୁଅ ଭାଇ ଥିଲେ। ସୁବ୍ରି ଧାନ ବିଡା ବନ୍ଧୁଥିବା ବେଳେ ହିରୋଜ ଓ ଲିପୁନ ନିକଟରେ ଥିବା ବନ୍ଧକୁ ଗାଧୋଇବାକୁ ଯାଇଥିଲେ। ଉଭୟେ ଗାଧୋଉଥିବା ବେଳେ ପାଣିରେ ବୁଡି ଯାଇଥିଲେ। ପିଲାଙ୍କ ଚିତ୍କାର ଶୁଣି ସୁବ୍ରି ବନ୍ଧରୁ ଦୁହିଁଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରି ଲିପୁନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ପରେ ବନ୍ଧରୁ ନିଜ ପୁଅ ହିରୋଜଙ୍କ ମୃତଦେହ ଉଦ୍ଧାର କରିଥିଲେ। ଉଭୟଙ୍କୁ ସୁବ୍ରି ଦଶମନ୍ତପୁର ଡାକ୍ତରଖାନା ଆଣିଥିଲେ। ସେଠାରେ ହିରୋଜଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଲିପୁନଙ୍କ ଅବସ୍ଥା ଗୁରୁତର ରହିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ସହାୟତା ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ କ୍ଷତିଗ୍ରସ୍ତ



ଫିରିଙ୍ଗିଆ,୩।୬(ବିକ୍ରମ ଦିଗାଲ):

**■ଶୁଣିଲାନି ପ୍ରଶାସନ: କାଳବୈଶାଖୀରେ ଭାଙ୍ଗିଗଲା ଘର**

କାଳବୈଶାଖୀ ପ୍ରଭାବରେ ଘର ଉପରେ ପଡିଗଲା ଗଛ। ଘରଟି ସମ୍ପୂର୍ଣ୍ଣ ଚୂରମାର ହୋଇଗଲା। ଦୁଇଦିନ ହେଲା ବେସାହାରା ହୋଇ ପଡ଼ିରହିଛନ୍ତି ଗୋଟିଏ ପରିବାରର ୬ ଜଣ ସଦସ୍ୟ। କେବଳ ତହସିଲ କାର୍ଯ୍ୟାଳୟ ତରଫରୁ ଖଣ୍ଡିଏ ପଲିଥିନ ଦେଇ ଚୁପ୍ ବସିଛି ପ୍ରଶାସନ। ଘର ସହ ଗଚ୍ଛିତ ଥିବା ସମସ୍ତ ଖାଦ୍ୟପଦାର୍ଥ ମଧ୍ୟ ମାଟିରେ ମିଶିଯିବାରୁ ଏବେ ପରଘରେ ଆଶ୍ରୟ ନେଇଛନ୍ତି ଅସହାୟ ପରିବାର। ହେଲେ ପ୍ରଶାସନ ଗୁହାରି ନ ଶୁଣିବାରୁ ସୋମବାର କ୍ଷତିଗ୍ରସ୍ତ ନିରଞ୍ଜନ ବେହେରା ସହାୟତା ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହା ଦେଖିବାକୁ ମିଳିଛି କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ଶଶିପଦର ଗାଁରେ । ସୂଚନା ଅନୁସାରେ, ଗତ ଶନିବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ଶଶିପଦରଠାରେ ଥିବା ପୂର୍ତ୍ତ ବିଭାଗ ଡାକବଙ୍ଗଳା ସମ୍ମୁଖରେ ଏକ ବିରାଟ ଗଛ ଉପୁଡି ଯାଇ ସେହି ଗାଁର ନିରଞ୍ଜନଙ୍କ ଘର ଉପରେ ପଡ଼ିଯାଇଥିଲା। ଫଳରେ ଘରଟି ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଥିବା ବେଳେ ଗଛପଡିବା ପରେ ଫିରିଙ୍ଗିଆ ଅଗ୍ନିଶମ ବାହିନୀ ପହଞ୍ଚି ଗଛ ଉପରେ ପଡ଼ିଥିବା ଗଛକୁ କାଟି ସଫା କରିଥିଲେ। ଏଥିସହ ଫିରିଙ୍ଗିଆ ରାଜସ୍ୱ ନିରୀକ୍ଷକ ପହଞ୍ଚି କେବଳ ଗୋଟିଏ ପଲିଥିନ ପ୍ରଦାନ କରିଥିଲେ। ତେବେ ଘଟଣା ପରେ ସ୍ଥାନୀୟ ବିଡିଓଙ୍କୁ ଏହି ଗରିବ ପରିବାରଙ୍କୁ ସହାୟତା ଯୋଗାଇବା ପାଇଁ ଯୋଗାଯୋଗ କରାଯାଇଥିଲା। କିନ୍ତୁ ବିଡିଓ ଅନୁପ ଅଭିଷେକ ବେହେରା କ୍ଷତିଗ୍ରସ୍ତ ପରିବାରକୁ ଟଙ୍କାଟିଏ ମଧ୍ୟ ସାହାଯ୍ୟ କଲେ ନାହିଁ । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରବଳ ଅସନ୍ତୋଷ ପ୍ରକାଶ ପାଇବା ସହ ଶୀଘ୍ର ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

# କୋରାପୁଟ ଜିଲାର ୨ କେନ୍ଦ୍ରରେ ଭୋଟ ଗଣତି ଆଜି

କୋରାପୁଟ,୩।୬ (ଅମିତାଭ ବେହେରା)

ଭୋଟ ଗଣତି ନେଇ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି ବୋଲି ଜିଲାପାଳ ଭି.କିର୍ତ୍ତୀଭାସନ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ୪ ତାରିଖ ସକାଳ ୮ଟାରୁ କୋରାପୁଟ ଜିଲାର ଉଭୟ କୋରାପୁଟ ଓ ଜୟପୁରଠାରେ ହୋଇଥିବା ଦୁଇଟି କେନ୍ଦ୍ରରେ ଭୋଟ ଗଣତି ଆରମ୍ଭ ହେବ। ପ୍ରଥମେ ପୋଷ୍ଟାଲ ଭୋଟ ପରେ ଇଭିଏମର ଭୋଟ ଗଣତି କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। କୋରାପୁଟ ଲାଣ୍ଡିଗୁଡାସ୍ଥିତ ସରକାରୀ ମହାବିଦ୍ୟାଳୟରେ ହୋଇଥିବା ଭୋଟ ଗଣତି କେନ୍ଦ୍ରରେ କୋରାପୁଟ, ଲକ୍ଷ୍ମୀପୁର ଓ ପଟ୍ଟାଙ୍ଗୀ ନିର୍ବାଚନ ମଣ୍ଡଳୀର ଭୋଟ ଗଣତି ହେବାକୁ ଥିବା ବେଳେ ଜୟପୁର ବିକ୍ରମଦେବ ବିଶ୍ୱ ବିଦ୍ୟାଳୟରେ ଜୟପୁର ଓ କୋଟପାଡ଼ ନିର୍ବାଚନ ମଣ୍ଡଳୀର ଭୋଟ ଗଣତି କରାଯିବ। ଏଥିସହ ଲୋକସଭା ଆସନର ଭୋଟ ମଧ୍ୟ ଗଣତି ହେବ। ଏଥିପାଇଁ ଆବଶ୍ୟକ ସମସ୍ତ ପ୍ରସ୍ତୁତି କାର୍ଯ୍ୟ ଶେଷ ହୋଇଛି। ତ୍ରିସ୍ତରୀୟ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ପାସ୍ ନ ଥିଲେ କେହି ଭୋଟ ଗଣତି କେନ୍ଦ୍ର ଭିତରକୁ ପଶିପାରିବେ ନାହିଁ ବୋଲି ଜିଲାପାଳ କହିଛନ୍ତି।

# ନବରଙ୍ଗପୁରର ଏଲ୍. ସ୍ନିଗ୍ଧାଙ୍କୁ ସ୍ୱର୍ଣ୍ଣ ପଦକ

ତେନ୍ତୁଳିଖୁଣ୍ଟି,୩।୬(ଚିଦାନନ୍ଦ ସାହୁ)

**ରାଜ୍ୟସ୍ତରୀୟ ୭୦ତମ ଓଡ଼ିଶା ଜୁନିଅର ଆଥଲେଟିକ ଚାମ୍ପିୟନଶିପ୍**

ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଜୁନ୍ ୧ରୁ ୩ ପର୍ଯ୍ୟନ୍ତ ଚାଲିଥିବା ରାଜ୍ୟସ୍ତରୀୟ ୭୦ତମ ଓଡ଼ିଶା ଜୁନିଅର ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ନବରଙ୍ଗପୁର ଝିଅ ଏଲ୍. ସ୍ନିଗ୍ଧା ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସ୍ନିଗ୍ଧାଙ୍କ ଏହି ସଫଳତା ପରେ ତାଙ୍କୁ ଜିଲାର ମାନଗଣ୍ୟ ବ୍ୟକ୍ତି ଶୁଭେଚ୍ଛା ଜଣାଇଛନ୍ତି। ଆଗକୁ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେଇ ଦେଶ, ରାଜ୍ୟ ଏବଂ ନବରଙ୍ଗପୁରକୁ ଗୌରବାନ୍ୱିତ କରିବାକୁ ଲକ୍ଷ୍ୟ ରଖିଥିବା ସ୍ନିଗ୍ଧା କହିଛନ୍ତି।

ସୂଚନାନୁଯାୟୀ ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଅଧୀନ ଚରାମୂଳା ଗ୍ରାମର ଏଲ୍. ସନ୍ତୋଷ ରାଓଙ୍କ ଝିଅ ଏଲ୍. ସ୍ନିଗ୍ଧାଙ୍କର ପିଲାଦିନରୁ ଖେଳ ପ୍ରତି ଆଗ୍ରହ ଥିଲା। ସେ ଖାତିଗୁଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୫ମ ଶ୍ରେଣୀ ପର୍ଯ୍ୟନ୍ତ ଓ ପରେ ତେନ୍ତୁଳିଖୁଣ୍ଟିସ୍ଥିତ ଆଦର୍ଶ ବିଦ୍ୟାଳୟରେ ପଢୁଥିଲେ। ଏବେ ସେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ ଅନ୍ତର୍ଗତ ବାଳିକା ହଷ୍ଟେଲରେ ତାଲିମ ନେଉଛନ୍ତି। ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଦୌଡ଼, ଲମ୍ଫ ଡିଆଁ ଓ ସର୍ଟପୁଟ୍ ଇଭେଣ୍ଟରେ ଭାଗ ନେଇ ସମସ୍ତ ପ୍ରତିଯୋଗୀଙ୍କୁ ପଛରେ ପକାଇ ପ୍ରଥମ ସ୍ଥାନ ଅଧିକାର କରି ଚାମ୍ପିୟନ ହୋଇଥିବା ଉମରକୋଟ କ୍ରୀଡ଼ା ଶିକ୍ଷକ ସପନ ବୈରାଗୀ ଓ ଖେଳ ପ୍ରେମୀ ଦୁର୍ଯ୍ୟୋ ହରିଜନ ଜଣାଇଛନ୍ତି।

# ନୂଆ ତରିକାରେ ଠକେଇ

ସୁନାବେଡା/ସେମିଳିଗୁଡା, ୩।୬ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ)

ଲୋକଙ୍କୁ ଠକିବାକୁ ନୂଆ ତରିକା ଆପଣାଉଛନ୍ତି ଠକ। ନିଜକୁ ଜଣେ ଦୋକାନ ମାଲିକ ବୋଲି ପରିଚୟ ଦେଇ ୧୫ ହଜାର ଟଙ୍କାରେ ଏସି ଯୋଗାଇ ଦେବାକୁ କହି ଠକିବାକୁ ବସିଥିବା ଜଣେ ବ୍ୟକ୍ତିଙ୍କ ଠକାମି ଧରାପଡିଯାଇଛି। ଠକାମିର ଶିକାର ହେବା ପୂର୍ବରୁ ସେମିଳିଗୁଡା ଗୋପବନ୍ଧୁ ନଗରର ଯୁବକ ରାହୁଲ ଏଥିରୁ ବର୍ତ୍ତି ଯାଇଛନ୍ତି। ଖବରରୁ ଜଣାପଡିଛି, ଜଣେ ବ୍ୟକ୍ତି ନିଜର ହ୍ୱାଟ୍ସ ଆପ୍ ନଂ. ୮୯୧୭୨୦୦୮୯୯ର ପ୍ରୋଫାଇଲରେ ଗୋପବନ୍ଧୁ ନଗର ତଥା ଆଖପାଖ ଅଞ୍ଚଳର ପ୍ରତିଷ୍ଠିତ ଗ୍ଲୋବାଲ କମ୍ପ୍ୟୁଟର ଟେକ୍ନୋଲୋଜିର ଫଟୋ ରଖି ଅନ୍ୟ ଏକ ନଂ. ୯୧୧୪୧୧୩୯୯୫ରୁ ଫୋନ କରି ବିଭିନ୍ନ ଲୋକଙ୍କୁ ବିଭିନ୍ନ ମିଛ ଅଫର୍ ସମ୍ପର୍କରେ କହୁଥିଲେ। ସମ୍ପୃକ୍ତ ବ୍ୟକ୍ତି ଜଣକ ରବିବାର ନିଜ ଅଜାଣତରେ ରାହୁଲଙ୍କୁ ଯୋଗାଯୋଗ କରି ନିଜକୁ ଗ୍ଲୋବାଲ କମ୍ପ୍ୟୁଟର ଦୋକାନ ମାଲିକର ପରିଚୟ ଦେଇ ୧୫ ହଜାର ଟଙ୍କାରେ ନୂଆ ପ୍ରତିଷ୍ଠିତ କମ୍ପାନୀର ଏସି ଦେବାକୁ କହିଥିଲେ। ଏଥିସହ ରାହୁଲଙ୍କ ହ୍ୱାଟ୍ସ ଆପ୍‌କୁ ଏସିର ଫଟୋ ପଠାଇ ଅଗ୍ରିମ ବୁକିଙ୍ଗ ପାଇଁ ଟଙ୍କା ପଠାଇବାକୁ କହିଥିଲେ। ରାହୁଲ ସମ୍ପୃକ୍ତ ବ୍ୟକ୍ତି ପଠାଇଥିବା କମ୍ପ୍ୟୁଟର ଦୋକାନୀ ଗ୍ଲୋବାଲ କମ୍ପ୍ୟୁଟର ଟେକ୍ନୋଲୋଜିର ମାଲିକ ନାଗ ଭୂଷଣ ସାହୁ ଏବଂ ତାଙ୍କ କର୍ମଚାରୀଙ୍କୁ ଜାଣିଥିବାରୁ ସେହି ବ୍ୟକ୍ତିଙ୍କ ସହ ଯୁକ୍ତିତର୍କ କରିଥିଲେ। ପରେ ତାଙ୍କର ସନ୍ଦେହ ହେବାରୁ ନିଜେ ନାଗଭୂଷଣଙ୍କୁ ପଚାରି ସବୁକଥା କହିଥିଲେ। ନାଗଭୂଷଣ ଏହା ଜାଣିବା ପରେ ସମ୍ପୃକ୍ତ ନମ୍ବରକୁ ଫୋନ କରିବାରୁ ସେହି ବ୍ୟକ୍ତି ଏପଟସେପଟ କଥା କହି ଫୋନ କାଟି ଦେଇଥିଲେ। ପରେ ପୁଣି ଫୋନ କରିବାରୁ ନମ୍ବରକୁ ବ୍ଲକ କରିଦେଇଥିଲେ। ଏନେଇ ନାଗଭୂଷଣ ସୁନାବେଡା ଥାନାରେ ଅଭିଯୋଗ କରିଛନ୍ତି ।

# ଦୁର୍ବୃତ୍ତ ନିଆଁ ଲଗାଇ ଥିବା ଗ୍ରାମବାସୀଙ୍କ ସନ୍ଦେହ

ବିଷମକଟକ,୩।୬ (ପ୍ରସନ୍ନ କୁମାର ପଣ୍ଡା)

**୪ ବସ୍‌ରେ ନିଆଁ ଲାଗିବା ଘଟଣା**

ରାୟଗଡା ଜିଲା ବିଷମକଟକର ବିଜୁ ପଟ୍ଟନାୟକ ବସଷ୍ଟାଣ୍ଡରେ ଗତ ଶନିବାର ଛିଡା ହୋଇଥିବା ୪ଟି ବସ୍‌ରେ ହଠାତ କୌଣସି କରଣରୁ ନିଆଁ ଲାଗିଯାଇଥିଲା। ବିଷମକଟକ ପୋଲିସ ଏହି ଘଟଣାର ତଦନ୍ତ କରୁଥିବାବେଳେ କେହି ଦୁର୍ବୃତ୍ତ ବସ୍‌ରେ ନିଆଁ ଲଗାଇଥିବା ନେଇ ଗ୍ରାମବାସୀ ସନ୍ଦେହ କରିଛନ୍ତି। ଅନ୍ୟପଟେ ଘଟଣା ଦିନ ବସ୍‌ରେ ନିଆଁ ଲାଗିବା ନେଇ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲେ ମଧ୍ୟ ଘଟଣାସ୍ଥଳକୁ ଦମକଳ ଗାଡ଼ି ବିଳମ୍ବରେ ଆସିବାରୁ ନିଆଁ ୪ଟି ଯାକ ବସ୍‌କୁ ବ୍ୟାପି ଯାଇଥିଲା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେବେ ଅଗ୍ନିଶମ ବିଭାଗ ଅଧା ପାଣି ଭର୍ତ୍ତିଥିବା ଟାଙ୍କି ଆଣିଥିବାରୁ ଜଳନ୍ତା ବସ୍‌ରେ ପାଣି ପକାଇବା ବେଳକୁ ଟାଙ୍କରୁ ପାଣି ସରିଯିବାରୁ ୪ଟି ଯାକ ବସ୍‌କୁ ନିଆଁ ବ୍ୟାପି ଯାଇଥିବା ନେଇ ବସ୍ ମାଲିକ କିରଣ ସାହୁ ଅଭିଯୋଗ କରିଛନ୍ତି। ପରେ ମୁନିଗୁଡା ଦମକଳ ବାହିନୀ ଗାଡ଼ି ପହଞ୍ଚି ନିଆଁକୁ ଆୟତ୍ତ କରିବାବେଳକୁ ୪ଟି ଯାକ ବସ୍ ସମ୍ପୂର୍ଣ୍ଣ ପୋଡ଼ି ଯାଇଥିବା ସେ ଅଭିଯୋଗ କରିଛନ୍ତି। ଦମକଳ ବାହିନୀର ଅବହେଳା ଯୋଗୁଁ ଏପରି ପରିସ୍ଥିତି ସୃଷ୍ଟି ହୋଇଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

# ଟ୍ୟାଙ୍କରରୁ ୨ ଟନ୍ ଗଞ୍ଜେଇ ଜବତ ,୩ ଗିରଫ

ବୈପାରିଗୁଡା,୩।୬(କଳ୍ପତରୁ ମହାନ୍ତି)

**ଜବତ ଗଞ୍ଜେଇର ମୂଲ୍ୟ ହେବ ୨ କୋଟି**

କୋରାପୁଟ ଜିଲା ବୈପାରିଗୁଡା ପୋଲିସ ଏକ ଟ୍ୟାଙ୍କରରୁ ୨ଟନ୍‌ରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ସୟିଦ୍ ହୁସେନ୍, ସାୟିଦ୍ ସ୍ଲାଉଦିନ୍, ଏବଂ ରାମକୁମାର ସିଂ। ଟ୍ୟାଙ୍କର ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ସୂଚନା ପାଇ ସୋମବାର ପୋଲିସ କୋଟା-ଲମତାପୁଟ ରାସ୍ତାରେ ଗାଡିମୋଟର ଯାଞ୍ଚ କରିଥିଲା। ଏହି ସମୟରେ ଟ୍ୟାଙ୍କର (ଓଡି୦୨ଏନ୍-୪୮୦୬) ଆସିବାରୁ ଏହାକୁ ଯାଞ୍ଚ କରାଯାଇଥିଲା। ଟ୍ୟାଙ୍କରରୁ ୧ ହଜାର ୯୭୫ କିଲୋ ଗଞ୍ଜେଇ ମିଳିଥିଲା। ଗଞ୍ଜେଇ ଚୋରାଚାଲାଣରେ ସମ୍ପୃକ୍ତ ଥିବା ଉପରୋକ୍ତ ୩ ଆନ୍ତଃରାଜ୍ୟ ଗଞ୍ଜେଇ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସମସ୍ତଙ୍କ ଘର ଝାଡଖଣ୍ଡ ରାଜ୍ୟରେ। ଏହି ଗଞ୍ଜେଇ ମାଛକୁଣ୍ଡରୁ ରାଜ୍ୟ ବାହାରକୁ ଯାଉଥିଲା। ଏହାର ବଜାର ମୂଲ୍ୟ ୨ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଥାନା ଅଧିକାରୀ ଦୀପାଞ୍ଜଳି ପ୍ରଧାନ କହିଛନ୍ତି। କେସ୍ ନଂ. ୧୪୪/୨୪।



ଜବତ ଗଞ୍ଜେଇ ଓ ଗିରଫ ୩ ଅଭିଯୁକ୍ତ।

# ଗ୍ରାମୀଣ ମହିଳାଙ୍କ ସଶକ୍ତୀକରଣ ଉପରେ ଗୁରୁତ୍ୱ

**କୋରାପୁଟରେ ଜିଲାସ୍ତରୀୟ ମହିଳା ଉଦ୍ୟୋଗୀ ବୈଠକ**

କୋରାପୁଟ,୩।୬(ଅମିତାଭ ବେହେରା)

କୋରାପୁଟସ୍ଥିତ ଆଦିବାସୀ ସଂଗ୍ରହାଳୟ ପରିସରରେ ସୋମବାର ଜିଲାସ୍ତରୀୟ ମହିଳା ଉଦ୍ୟୋଗୀଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରାମୀଣ ମହିଳାଙ୍କ ସଶକ୍ତୀକରଣ ଓ ସେମାନଙ୍କ ଆର୍ଥିକ ଅଭିବୃଦ୍ଧି ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପ୍ରଗତି ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ପ୍ରଭାକର ଅଧିକାରୀ ଅଧ୍ୟକ୍ଷତା କରିଥିଲେ। ସେ ଗ୍ରାମୀଣ ମହିଳାଙ୍କ ଆର୍ଥିକ ଅଭିବୃଦ୍ଧି ଓ ସେମାନଙ୍କ ଭବିଷ୍ୟତ କାର୍ଯ୍ୟ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ । ପ୍ରଗତିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଡ. ଲୁନା ପଣ୍ଡା, କୋରାପୁଟ ବନ ସୁରକ୍ଷା ସମିତି ସମ୍ପାଦକ ସୁରେନ୍ଦ୍ର ମନ୍ତ୍ରିଙ୍କ ସହିତ ଜିଲାର କୋରାପୁଟ, ନନ୍ଦପୁର, ଲମତାପୁଟ, ସେମଳିଗୁଡା, ବୋରିଗୁମ୍ମା, କୁନ୍ଦୁରା କୋଟପାଡ, ଜୟପୁର ଆଦି ୮ଟି ବ୍ଲକରୁ ୫୦ରୁ ଉର୍ଦ୍ଧ୍ୱ ମହିଳା ଉଦ୍ୟୋଗୀ ସାମିଲ ହୋଇଥିଲେ। ଏହି ଅବସରରେ ଏକ ଜିଲାସ୍ତରୀୟ ମହିଳା ମହାସଂଘ ଗଠନ ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଗଠିତ ମହାସଂଘ ନାମ ପ୍ରଗତି ମହିଳା ଉଦ୍ୟୋଗୀ ମହାସଂଘ ରଖାଯାଇଥିଲା। ମହାସଂଘର ପରିଚାଳନା ନିମନ୍ତେ ସଭାପତି ଭାବେ ଲିପି ଗୋଲରି, ଉପସଭାପତି ଟିକିନା ନାୟକ, ସମ୍ପାଦିକା ପଦ୍ମିନୀ ଗୋଲରି, ସହ ସମ୍ପାଦିକା ସଇତା ଖରା ଓ କାର୍ଯ୍ୟକାରୀ କମିଟି ସଦସ୍ୟା ଭାବେ ୬ ଜଣଙ୍କୁ ମନୋନୀତ କରାଯାଇଥିଲା । ମନୋନୀତ ପରେ ମହାସଂଘ ନୂତନ କର୍ମକର୍ତ୍ତାଙ୍କୁ ସମ୍ପାଦକ ଅଧିକାରୀ ଶପଥପାଠ କରାଇଥିଲେ। ସୂଚନାଯୋଗ୍ୟ, ପ୍ରଗତି ପକ୍ଷରୁ ଗ୍ରାମୀଣ ମହିଳାମାନଙ୍କ ସଶକ୍ତୀକରଣ ଓ ସେମାନଙ୍କୁ ଆତ୍ମନିର୍ଭରଶୀଳ କରାଇବା ଲାଗି କୋରାପୁଟ ଜିଲାର ୮ଟି ବ୍ଲକରେ ଥିବା ମହିଳା ଉଦ୍ୟୋଗୀକରଣ ପ୍ରକଳ୍ପ ଦ୍ୱାରା ମହିଳାମାନଙ୍କୁ ବିଭିନ୍ନ ଲଘୁ ଏବଂ ଆନୁସଙ୍ଗିକ ଉଦ୍ୟୋଗ ପାଇଁ ସହାୟତା କରି ଆସୁଛି।




ବୈଠକରେ ଉପସ୍ଥିତ ମହିଳା।

# ଭୋଟ ଗଣତି ଲାଗି ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା

**ଛତ୍ରପୁର, ୩।୬(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):** ଗଞ୍ଜାମ ଜିଲାରେ ମଙ୍ଗଳବାର ଭୋଟ ଗଣତି ହେବ। ଏଥିଲାଗି ଗଞ୍ଜାମ ପୋଲିସ ଜିଲା ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଓ ବ୍ୟବସ୍ଥା କରାଯାଇଥିବା ସୋମବାର ଏକ ଖବରଦାତା ସମ୍ମିଳନୀରେ ଏସପି ଜଗମୋହନ ମୀନା ସୂଚନା ଦେଇଛନ୍ତି। ଭୋଟ ଗଣତି କେନ୍ଦ୍ରରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ପ୍ରଥମସ୍ତରରେ ଗଞ୍ଜାମ ଜିଲା ପୋଲିସ, ଦ୍ୱିତୀୟସ୍ତରରେ ରାଜ୍ୟ ଆର୍ମଡ ପୋଲିସ ଏବଂ ତୃତୀୟ ସ୍ତରରେ କେନ୍ଦ୍ରୀୟ ପୋଲିସ ଫୋର୍ସ ବ୍ୟବସ୍ଥା କରାଯାଇଥିବା ଏସପି କହିଛନ୍ତି । ଭୋଟ ଗଣତି କେନ୍ଦ୍ର ବାହାରେ ଟ୍ରାଫିକ୍ ଓ ପାର୍କିଂ ବ୍ୟବସ୍ଥା ମଧ୍ୟ କରାଯାଇଛି। ଭୋଟ ଗଣତି ବେଳେ ଶାନ୍ତିଶୃଙ୍ଖଳା ପାଇଁ ସିଏପିଏଫ୍‌ର ତିନି କମ୍ପାନୀ ଓ ଦୁଇ ପ୍ଲାଟୁନ୍ ଫୋର୍ସ ନିୟୋଜିତ ଅଛନ୍ତି। ଏଥିସହ ଗଞ୍ଜାମ ପୋଲିସ ଜିଲାର ତିନି ଜଣ ଅତିରିକ୍ତ ଏସପି, ୫ ଡିଏସପି, ୫ ଜଣ ଇନ୍ସପେକ୍ଟର, ୫୯ ସବ ଇନ୍ସପେକ୍ଟର ଓ



ଏଏସଆଇ, ୪୦୦ ଜଣ କନେଷ୍ଟବଳ, ୭୫ ହୋମଗାର୍ଡ ଏବଂ ୯ ପ୍ଲାଟୁନ୍ ଆର୍ମଡ ପୋଲିସ ଫୋର୍ସ ମୁତୟନ ରହିବେ। ଭୋଟ ଗଣତି କେନ୍ଦ୍ରକୁ କେବଳ ପରିଚୟପତ୍ର ଥିବା ବ୍ୟକ୍ତିଙ୍କୁ ପ୍ରବେଶ ଅନୁମତି ରହିଛି। ରିଟର୍ଣ୍ଣିଂ ଅଫିସରଙ୍କ ପକ୍ଷରୁ ପରିଚୟପତ୍ର ଦିଆଯାଇଛି । ଗଞ୍ଜାମରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ପୋଲିସ ପ୍ରତିଶୃତିବଦ୍ଧ ଅଛି ବୋଲି ଏସପି କହିଛନ୍ତି। ଗଞ୍ଜାମ ପୋଲିସ ଜିଲାରେ ଅପରାଧ

## ୧୨ ମଦ ଦୋକାନ ମ୍ୟାନେଜର ଗିରଫ

ରୋକିବା ଏବଂ ଅସାମାଜିକ ବ୍ୟକ୍ତିଙ୍କୁ ଗିରଫ ପାଇଁ ସ୍ପେଶାଲ ଡ୍ରାଇଭ ଚାଲିଛି । ଗତ ୧୨ ଦିନ ମଧ୍ୟରେ ଏହି ପୋଲିସ ଜିଲା ଅଧୀନ ବିଭିନ୍ନ ଥାନା ପୋଲିସ ପକ୍ଷରୁ ୧୨୮ ଜଣ ଅସାମାଜିକ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ସମସ୍ତ ଥାନା ଅଞ୍ଚଳରେ ସିଏପିଏଫ୍ ଓ ପୋଲିସ ପକ୍ଷରୁ ଫ୍ଲାଗ ମାର୍ଚ୍ଚ କରାଯାଉଛି । ଏସ୍‌ଡିପିଓମାନେ ଏହାର ନେତୃତ୍ୱ ନେଉଛନ୍ତି। ଗତ ୫ ଦିନ ମଧ୍ୟରେ ଆଇନ ଉଲ୍ଲଂଘନ କରିଥିବାରୁ ଜଣେ ମଦ ସପ୍ଲାୟାର ଓ ୧୨ ମଦ ଦୋକାନର ମ୍ୟାନେଜରଙ୍କୁ ମଧ୍ୟ ଗିରଫ କରାଯାଇଥିବା ଏସପି ସୂଚନା ଦେଇଛନ୍ତି। ଏଥିସହ ଭୋଟ ଗଣତି ପରିପ୍ରେକ୍ଷୀରେ ୩ ରୁ ୫ ତାରିଖ ପର୍ଯ୍ୟନ୍ତ ଜିଲାରେ ସମସ୍ତ ମଦ ଦୋକାନ ବନ୍ଦ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

## ସଂକ୍ଷେପରେ

### ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

**ଆସିକା, ୩।୬ (ସୁରେନ୍ଦ୍ର ନାଥ ସାହୁ):** କୋଟିନଡ଼ା ଥାନାର କଲେଜ ଛକ ମାଗୁରା ରାସ୍ତାରେ ରବିବାର ରାତିରେ ଏକ ବାଇକ୍ ଦୁର୍ଘଟଣାରେ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମାଗୁରା ଗ୍ରାମର ବାଦଲ ନାୟକ(୨୦)। ବାଦଲ ବାଇକରେ ଗାଁକୁ ଫେରୁଥିଲା ବେଳେ ଭାରସାମ୍ୟ ହରାଇ ରାସ୍ତାରେ ପଡିଯାଇଥିଲେ। ଲାଗି ତାଙ୍କୁ ଆସିକା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି। କୋଟିନଡା ଥାନାରେ ୧୫୬/୨୪ରେ ଏକ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ କୃଷ୍ଣଚନ୍ଦ୍ର ସାହା ସୂଚନା ଦେଇଛନ୍ତି।

### ବିଦ୍ୟୁତ୍ ତାର ଲାଗି ହରିଣ, କୁକୁରା ମୃତ

**ଗଞ୍ଜାମ,୩।୫(ବିଦ୍ୟାଧର ସାହୁ)** ଗଞ୍ଜାମ ବ୍ଲକ ରମ୍ଭା ଫରେଷ୍ଟ ଅନ୍ତର୍ଗତ ଲାଉପୁଟ ଗ୍ରାମସ୍ଥିତ ଏକ ନିର୍ଜନ ସ୍ଥାନରେ ରବିବାର ରାତିରେ ବିଦ୍ୟୁତ୍ ତାର ଲାଗି ହରିଣ, କୁକୁରାର ମୃତ୍ୟୁ ଘଟିଛି। ଲାଉପୁଟ ଗ୍ରାମସ୍ଥିତ ଏକ ନିର୍ଜନ ସ୍ଥାନରେ ଦୁର୍ବୃତ୍ତମାନେ ବିଦ୍ୟୁତ୍ ତାର ବିଛେଇ ଥିଲେ। ଉକ୍ତ ବିଦ୍ୟୁତ୍ ତାର ଲାଗି ବିଳମ୍ବିତ ରାତିରେ ଗୋଟିଏ ଅଣ୍ଡିରା ହରିଣ ଓ ଗୋଟିଏ କୁକୁରାର ମୃତ୍ୟୁ ଘଟିଥିଲା। ବନ ବିଭାଗ ତନାଘନା ଆରମ୍ଭ କରିବା ସହ ଉଭୟ ପଶୁଙ୍କ ମୃତଦେହ ଜବତ କରିଛି। ସେମାନଙ୍କ ବ୍ୟବଚ୍ଛେଦ କରାଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି । ପ୍ରକାଶଯୋଗ୍ୟ, ଅତ୍ୟଧିକ ଗରମ ଓ ଗୁଳୁଗୁଳି ଯୋଗୁ ସାଧାରଣତଃ ବିଭିନ୍ନ ପଶୁ ପକ୍ଷୀ ଜଙ୍ଗଲରୁ ଜନବସତି ଆଡ଼କୁ ଚାଲି ଆସୁଛନ୍ତି। ଫଳରେ ସେମାନଙ୍କର କେତେବେଳେ ଗାଡ଼ି ମୋଟର ଧକ୍କାରେ ପ୍ରାଣହାନି ଘଟୁଥିବା ବେଳେ ଶିକାରୀ ଜାଲରେ ଶିକାର ହେଉଛନ୍ତି।

### ୨୩ ଲିଟର ବିଦେଶୀ ମଦ ଜବତ, ୨ ଗିରଫ

**ଖଲ୍ଲିକୋଟ,୩।୬(ପ୍ରଶାନ୍ତ କୁମାର ମିଶ୍ର)–** ଖଲ୍ଲିକୋଟ ଥାନା ଅନ୍ତର୍ଗତ ବିକ୍ରମପୁର ରାସ୍ତାରେ ପୋଲିସ ଚଢ଼ାଉ କରି ୨୩ ଲିଟର ବିଦେଶୀ ମଦ ଜବତ କରିବା ସହ ୨ ଜଣଙ୍କୁ ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବିକ୍ରମପୁର କରଣ ସାହିର ଚନ୍ଦନ ବରାଡ଼ (୨୨) ଏବଂ କୋଇଲି ବୈକୁଣ୍ଠ ସାହିର ପ୍ରଭାକର ଜେନା (୫୪)। ବିକ୍ରମପୁର ରାସ୍ତାରେ ବିଦେଶୀ ମଦ ବିକ୍ରି ହେଉଥିବା ଖବର ପାଇ ଖଲ୍ଲିକୋଟ ଥାନାଧିକାରୀ ନରେଶ କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ ଥାନା ଏସଆଇ ପି. ପଟ୍ଟନାୟକ, ଏଏସଆଇ ହରେକୃଷ୍ଣ ସାମଲ, ପ୍ରଭାକର ଗନ୍ତା, ହାବିଲଦାର ଆର. କେ. ସାହୁ ବିକ୍ରମପୁର ରାସ୍ତାରେ ଚଢାଉ କରି ବିଦେଶୀ ମଦ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଥିଲେ। ଚନ୍ଦନ ନିକଟରୁ ୧୧.୧୬୦ ଏମଏଲ ବିଦେଶୀ ମଦ ଜବତ ହୋଇଥିବା ବେଳେ ତାଙ୍କ ବିରୋଧରେ ଖଲ୍ଲିକୋଟ ଥାନାରେ ନଂ. ୪୭୦/୨୪ ଅନୁଯାୟୀ ମାମଲା ରୁଜୁ ହୋଇଛି। ପ୍ରଭାକର ନିକଟରୁ ୧୨.୧୫୦ ଏମଏଲ ବିଦେଶୀ ମଦ ଜବତ ହୋଇଥିବା ବେଳେ ତାଙ୍କ ବିରୋଧରେ ନଂ. ୪୭୧/୨୪ ଅନୁଯାୟୀ ମାମଲା ରୁଜୁ ହୋଇଛି।

### ବାଲିଗୁଡ଼ା, ଜି.ଉଦୟଗିରିରେ ସକାଳ ୮ଟାରୁ ହେବ ଭୋଟ୍‌ଗଣନା

**ବାଲିଗୁଡା,୩।୬(ସଞ୍ଜୟ କୁମାର ପାଣିଗ୍ରାହୀ):** କନ୍ଧମାଳ ଲୋକସଭା କ୍ଷେତ୍ରର ବାଲିଗୁଡା ବିଧାନସଭା ନିର୍ବାଚନ ମଣ୍ଡଳୀର ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଏବଂ ଜି.ଉଦୟଗିରି ବିଧାନସଭା ନିର୍ବାଚନ ମଣ୍ଡଳୀର ସ୍ଥାନୀୟ ଆଦିବାସୀ ମହାବିଦ୍ୟାଳୟ ପରିସରରେ ୪ ତାରିଖ ସକାଳ ୮ ଟାରୁ ଭୋଟ ଗଣତି ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି। ଭୋଟ ଗଣତି ସମୟରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ଯବସ୍ଥା ଗ୍ରହଣ କରାଯାଇଛି। ତେବେ ଭୋଟ ଗଣତିର ସମ୍ପୂର୍ଣ୍ଣ ସୂଚନା ଓ ଫଳାଫଳ ଇଏସଆଇ ୱେବସାଇଟ ତଥା ଭୋଟର ହେଲ୍ପଲାଇନ ଆପରେ ଉପଲବ୍ଧ ହେବ। ଗୁଗୁଲ ପ୍ଲେ ଷ୍ଟୋର କିମ୍ବା ଆପଲର ପ୍ଲେ ଷ୍ଟୋରରୁ ଭୋଟର ହେଲ୍ପଲାଇନ ଆପ ଡାଉନଲୋଡ କରି ନିର୍ବାଚନ ସମ୍ପର୍କିତ ସମସ୍ତ ତଥ୍ୟ ଦେଖିପାରିବେ।

# ମାଟ୍ରିକ ଫଳାଫଳ ନେଇ ୨୨ ସ୍ମାର୍ଟ ସ୍କୁଲକୁ କାରଣଦର୍ଶାଅ ନୋଟିସ

**ଫୁଲବାଣୀ, ୩।୬(ରାକେଶ କୁମାର ରାଉତ)** ରାଜ୍ୟ ସରକାର ସରକାରୀ ବିଦ୍ୟାଳୟରେ ଶିକ୍ଷାର ମାନ ବୃଦ୍ଧି ପାଇଁ ସମସ୍ତ ଉଦ୍ୟମ ଜାରି ରଖିଛନ୍ତି। ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ବିଦ୍ୟାଳୟଗୁଡ଼ିକୁ ସ୍ମାର୍ଟ ସ୍କୁଲରେ ରୂପାନ୍ତରଣ କରାଯାଇଛି। ହେଲେ ଶିକ୍ଷାଦାନରେ ଗୁଣାତ୍ମକ ମାନ ବୃଦ୍ଧି ହୋଇ ପାରୁନାହିଁ। ଶିକ୍ଷକମାନେ ପ୍ରକୃତରେ ପିଲାମାନଙ୍କୁ ପାଠ ପଢ଼ାଇବା ପାଇଁ ଆନ୍ତରିକତା ଦେଖାଉନାହାନ୍ତି। ଏପରିକି ପୂର୍ବରୁ ସୁନାମ ଥିବା ବହୁ ବିଦ୍ୟାଳୟରେ ଚଳିତବର୍ଷ ମାଟ୍ରିକ ଫଳାଫଳ ଭଲ ହୋଇନାହିଁ । ଏଥିରେ ଅତିଷ୍ଠ ହୋଇ ଜିଲାପାଳ ଅସନ୍ତୋଷ ପ୍ରକାଶ କରିବା ସହ ୨୨ଟି ଉଚ୍ଚ ବିଦ୍ୟାଳୟକୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି । ଚଳିତ ମାଟ୍ରିକ୍ ପରୀକ୍ଷାରେ କନ୍ଧମାଳ ଜିଲାରେ ପାସ୍ ହାର ୯୬.୬% ରହିଛି। ଏ-୧ ଗ୍ରେଡ ହାସଲରେ ଜିଲାର ସ୍ଥିତି ଅତି ନଗଣ୍ୟ ରହିଛି। ଜିଲାରେ ପ୍ରାୟ ୧୦ ହଜାର ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ମାତ୍ର ୧୫ ଜଣ ଏ-୧ ଗ୍ରେଡ ପାଇଛନ୍ତି। ସେମାନଙ୍କ ମଧ୍ୟରୁ ୯ ଜଣ ବେସରକାରୀ ବିଦ୍ୟାଳୟର ଥିବା ବେଳେ ୬ ଜଣ ସରକାରୀ ବିଦ୍ୟାଳୟର, ଯାହା ଶିକ୍ଷକମାନଙ୍କ ଶିକ୍ଷାଦାନକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି ଅନେକ ବିଦ୍ୟାଳୟରେ ଏ-୨ ଗ୍ରେଡ ମଧ୍ୟ ନାହାନ୍ତି। ଜିଲାର ପ୍ରମୁଖ ଶିକ୍ଷାନୁଷ୍ଠାନ ଏଜେଓ ଉଚ୍ଚ ବିଦ୍ୟାଳୟ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ରାଇକିଆ ବିଜୟ ହାଇସ୍କୁଲ, ବାଲିଗୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ, ଜି. ଉଦୟଗିରି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଟିକାବାଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ମଧ୍ୟ ପରୀକ୍ଷାରେ ଭଲ ଫଳାଫଳ ନ କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏସବୁ ବିଦ୍ୟାଳୟର ସୁନାମ ଦୀର୍ଘବର୍ଷ ହେବ ରହି ଆସିଛି। ଏସବୁ ବିଦ୍ୟାଳୟରେ ପରୀକ୍ଷାଫଳ ଖରାପକୁ ନେଇ କନ୍ଧମାଳ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଅସନ୍ତୋଷ ପ୍ରକାଶ କରିଛନ୍ତି। ଜିଲାର ୨୨ଟି ଉଚ୍ଚ ବିଦ୍ୟାଳୟକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଏଥିମଧ୍ୟରେ ୧୯ଟି ସରକାରୀ ବିଦ୍ୟାଳୟ ସହିତ ଫୁଲବାଣୀ ପୋଲିସ ହାଇସ୍କୁଲ, ଶ୍ରୀ ସତ୍ୟସାଇ ହାଇସ୍କୁଲ, ରାଇକିଆ ସେଣ୍ଟ କ୍ୟାଥେରିନ ହାଇସ୍କୁଲ ରହିଛି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ ବିଦ୍ୟାଳୟଗୁଡ଼ିକୁ ନୋଟିସ ଜାରି କରିଛନ୍ତି। ସରକାରଙ୍କ ସମସ୍ତ ସହାୟତା ସତ୍ତ୍ୱେ ବିଦ୍ୟାଳୟର ଗୁଣାତ୍ମକ ଶିକ୍ଷାଦାନରେ କୌଣସି ଉନ୍ନତି ହେଉଥିବା ପରିଲକ୍ଷିତ ହେଉନାହିଁ। ଛାତ୍ରୀଛାତ୍ରମାନେ ଏ-୧ କିମ୍ବା ଏ-୨ ଗ୍ରେଡରେ ମଧ୍ୟ ରହିବାକୁ ସକ୍ଷମ ହୋଇ ନାହାନ୍ତି। ତେଣୁ ଏ ସମ୍ପର୍କରେ ୭ ଦିନ ମଧ୍ୟରେ କାରଣ ଦର୍ଶାଇବାକୁ ଚିଠିରେ ଉଲ୍ଲେଖ ରହିଛି।

# ପାନୀୟ ଜଳ ସମସ୍ୟା ନେଇ ପଳାସପୁରବାସୀଙ୍କ ଆନ୍ଦୋଳନ



ରାସ୍ତା ଅବରୋଧ କରିଛନ୍ତି ଗ୍ରାମବାସୀ।

**ପାଟପୁର,୩।୬(ସିମାଞ୍ଚଳ ସାହୁ)** ସାନଖେମୁଣ୍ଡି ବ୍ଲକ ଅନ୍ତର୍ଗତ ବୁଡ଼ଙ୍ଗପୁର ପଞ୍ଚାୟତର ପଳାସପୁର ଗ୍ରାମରେ ପାନୀୟ ଜଳର ଘୋର ଅଭାବ ଯୋଗୁ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପଳାସପୁର ଗ୍ରାମରେ ମା' ବୁଢ଼ୀ ଠାକୁରାଣୀଙ୍କ ଯାତ୍ରା ଚାଲୁଛି। ଆଗକୁ ମା'ଙ୍କ ପଟୁଆର, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୌରାଣିକ ନାଟକ ପରିବେଷଣ ବେଳେ ପାନୀୟ ଜଳର ଅଭାବ ଆଶଙ୍କା କରି ଗ୍ରାମବାସୀ ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ। ହେଲେ ସମସ୍ୟାର କୌଣସି ସମାଧାନ ନ ହେବାରୁ ଗ୍ରାମବାସୀ ମାଠିଆ ଧରି ପଳାସପୁର ଛକଠାରେ ରାସ୍ତା ଅବରୋଧ କରିଥିଲେ। ପୋଲିସ ପ୍ରଶାସନ ଏବଂ ବ୍ଲକ ପ୍ରଶାସନ ପହଞ୍ଚି ନଳକୂପ ଖନନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀଙ୍କ ରାସ୍ତା ଅବରୋଧ ହଟିଥିଲା।

## ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୨ ଶିଶୁ ଗୁରୁତର

**ଟିକିରି,୩।୬ (ପ୍ରଫୁଲ୍ଲ କୁମାର ବେହେରା)** ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ଥାନା ଅନ୍ତର୍ଗତ ବଡ଼ ମାଟିକୋଣ ଗ୍ରାମର ଡଙ୍ଗାମୁଣ୍ଡିରେ ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ୨ ଶିଶୁ ଗୁରୁତର ହୋଇଛନ୍ତି। ସେମାନଙ୍କୁ ପ୍ରଥମେ ଉଷାପଡା ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ପରବର୍ତ୍ତୀ ସମୟରେ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଆହତ ୨ ଶିଶୁ ହେଲେ ଡଙ୍ଗାମୁଣ୍ଡି ଗ୍ରାମର ବୃନ୍ଦାବନ ମାଝିଙ୍କ ୫ ବର୍ଷର ପୁଅ ମହେନ୍ଦ୍ର ମାଝି ଏବଂ ନରେନ୍ଦ୍ର ମାଝିଙ୍କ ୬ ବର୍ଷର ପୁଅ ପୁରନ୍ଦର ମାଝି । ମିଳିଥିବା ସୂଚନା ଅନୁଯାୟୀ, ଗାଁର ଅଙ୍ଗନୱାଡି କେନ୍ଦ୍ର ନିକଟରେ ସୋମବାର ସକାଳ ପ୍ରାୟ ୮ଟାରେ ମହେନ୍ଦ୍ର ଓ ପୁରନ୍ଦର ଅନ୍ୟ ପିଲାଙ୍କ ସହ ଖେଳୁଥିଲେ। ସେଠାରେ ଥିବା ଏକ ତେନ୍ତୁଳିଗଛ ନିକଟରେ ୧୧ କେଭି ବିଦ୍ୟୁତ ତାର ଛିଣ୍ଡି ତଳେ ପଡିଯାଇଥିଲା । ବିଦ୍ୟୁତ୍ ସଂଯୋଗ ତାରକୁ ମହେନ୍ଦ୍ର ଓ ପୁରନ୍ଦର ଦଉଡି ବା ରଶି ଭାବି ଧରି ପକାଇଥିଲେ। ୧୧ କେଭି ବିଦ୍ୟୁତ୍ ଝଟକା ମାରିବାରୁ ଉଭୟ କିଛି ଦୂରରେ ଛିଟିକି ପଡ଼ିଥିଲେ। ୨ ଶିଶୁଙ୍କ ଚିତ୍କାର ଶୁଣି ଗ୍ରାମର କାନ୍ତି ମାଝି ସେମାନଙ୍କୁ ପ୍ରଥମେ ଉଦ୍ଧାର କରି ଗାଁ ଲୋକଙ୍କୁ ଖବର ଦେଇଥିଲେ। ଗ୍ରାମବାସୀ ସେମାନଙ୍କୁ ଅଟୋ ଯୋଗେ ଉଷାପଡ଼ା ଉତ୍କଳ ମେଡ଼ିକାଲକୁ ଆଣିଥିଲେ। ଉଭୟଙ୍କ ସ୍ଥିତି ସଙ୍କଟାପନ୍ନ ହେବାରୁ ତାଙ୍କୁ ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି।

## ଦିଲୀପ ପାହାନ ହତ୍ୟା ମାମଲାରେ ଆଉ ୩ ଗିରଫ

# ଗିରଫ ସଂଖ୍ୟା ୧୭କୁ ବୃଦ୍ଧି

**ଛତ୍ରପୁର,୩।୬(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):** ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ଶ୍ରୀକୃଷ୍ଣଶରଣପୁର ଗ୍ରାମରେ ଦିଲ୍ଲୀପ ପାହାନ ହତ୍ୟାକାଣ୍ଡରେ ଜଡ଼ିତ ଆଉ ୩ ଜଣକୁ ଖଲ୍ଲିକୋଟ ପୋଲିସ ଗିରଫ କରିଛି। ଫଳରେ ଗିରଫ ସଂଖ୍ୟା ୧୭କୁ ବୃଦ୍ଧି ପାଇଛି। ଗିରଫ ବ୍ୟକ୍ତିହେଲେ ଶିବରାମ ତରେଇ ଓରଫ ରାଜା, କୋକନ ନାହାକ ଓ ବିନୟ ତରେଇ। ଗିରଫ ବ୍ୟକ୍ତିମାନଙ୍କୁ ବେଙ୍ଗାଲୁରୁ ଠାରୁ ଗିରଫ କରାଯାଇଥିବା ଗଞ୍ଜାମ ଏସ୍‌ପି ଜଗମୋହନ ମୀନା ସୂଚନା ଦେଇଛନ୍ତି। ସମସ୍ତ ଗିରଫ ବ୍ୟକ୍ତି ଖଲ୍ଲିକୋଟ ଥାନା ଅଞ୍ଚଳର ରାମଚନ୍ଦ୍ରପୁର ଓ ଲୋଙ୍ଘର ଗ୍ରାମର ବୋଲି ଜଣାପଡିଛି। ହତ୍ୟା ଘଟଣାରେ ବ୍ୟବହାର ହୋଇଥିବା ଏକ ଖଣ୍ଡା ସେମାନଙ୍କ ଠାରୁ ଜବତ କରାଯାଇଛି। ବର୍ତ୍ତମାନ ସୁଦ୍ଧା ଗିରଫ ହୋଇଥିବା ବ୍ୟକ୍ତିମାନଙ୍କଠାରୁ ତିନୋଟି ବାଇକ ଓ ତିନୋଟି କାର ଜବତ କରାଯାଇଛି। ଏହି ମାମଲାରେ କେହି ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜଡିତ ଥିବେ ସେମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ଏସପି ସୂଚନା ଦେଇଛନ୍ତି।

## ପୁଣି ସାମ୍ନାକୁ ଆସିଲା ଜନନୀ ଯନ୍ତ୍ରଣାର ଚିତ୍ର

# ଭାରରେ ବୁହା ହେଲେ ଗର୍ଭବତୀ



**ମୋହନା, ୩।୬ (ମନ୍ମଥ ମିଶ୍ର):** ପୁଣି ସାମ୍ନାକୁ ଆସିଲା ଜନନୀ ଯନ୍ତ୍ରଣାର ଚିତ୍ର। ଗାଁକୁ ରାସ୍ତା ନ ଥିବାରୁ ୨ କିମି ଭାରରେ ବୁହା ହେଲେ ଗର୍ଭବତୀ ମହିଳା । ଖାଲି ସେତିକି ନୁହେଁ, ଅତି ଶୋଚନୀୟ ଅବସ୍ଥାରେ ନଦୀ ପାର କରିବାକୁ ପଡ଼ିଲା। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଗଜପତି ଜିଲା ମୋହନା ବ୍ଲକ ବେତଗଣ୍ଡା ଗାଁରେ। ଗାଁର ଆମୋଷ ମାଝୀଙ୍କ ସ୍ତ୍ରୀ ସୁନିତାଙ୍କ ପ୍ରସବ ଯନ୍ତ୍ରଣା ହେବାରୁ ଆଶାକର୍ମୀ ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ହେଲେ ଗାଁକୁ ଆମ୍ବୁଲାନ୍ସ ଯାଇ ପାରି ନ ଥିଲା। ଶ୍ରୀରାମପୁର ଗାଁ ନିକଟରେ ଆମ୍ବୁଲାନ୍ସ ଅଟକି ଯାଇଥିଲା। ବାଧହୋଇ ୧୦୮ ଆମ୍ବୁଲାନ୍ସ ଫାର୍ମାସିଷ୍ଟ ବିଦ୍ୟାଧର ସାହୁ, ଆଶାକର୍ମୀ ଗ୍ରାମବାସୀଙ୍କ ସହାୟତାରେ ମହିଳାଙ୍କୁ ଗାଁଠାରୁ ଭାରରେ ବୋହି ଘାଟି ରାସ୍ତା ଓ ନଦୀ ପାର କରି ଆଣି ଆମ୍ବୁଲାନ୍ସ ନିକଟରେ ପହଞ୍ଚିଥିଲେ। ସେଠାରୁ ଅଡ଼ବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଭର୍ତ୍ତି କରିଥିଲେ। ଡାକ୍ତରଖାନାରେ ମହିଳା ଜଣଙ୍କ ସନ୍ତାନ ପ୍ରସବ କରିଥିଲେ। ତେବେ ମା' ଓ ଶିଶୁ ସୁସ୍ଥଥିବା ଡାକ୍ତର କହିଛନ୍ତି।

# ଶିକାର ଅଭିଯୋଗରେ ୨ ଗିରଫ, ବନ୍ଧୁକ ଜବତ



ଗିରଫ ଅଭିଯୁକ୍ତଙ୍କ ସହ ଜବତ ବନ୍ଧୁକ ଓ ଅନ୍ୟାନ୍ୟ ସାମଗ୍ରୀ।

**ବାଲିଗୁଡା,୩।୬(ସଞ୍ଜୟ କୁମାର ପାଣିଗ୍ରାହୀ)** ବାଲିଗୁଡ଼ା ବ୍ଲକ ବାଟଗୁଡ଼ା ପଞ୍ଚାୟତର ପୁଷାଙ୍ଗିଆଠାରେ ରବିବାର ରାତିରେ ଶିକାର କରିବା ସମୟରେ ବନ ବିଭାଗ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବଳରାମ ପୂଜାରୀ (୨୭) ଓ ସୁଦାମ ମଲିକ (୪୦)। ଗତ ରାତିରେ ଦୁର୍ବୃତ୍ତ ବାଲିଗୁଡ଼ା ବ୍ଲକ ପୁସାଙ୍ଗିଆର ଏକ ଜଙ୍ଗଲ ମଧ୍ୟରେ ଶିକାର କରିବା ସମୟରେ ବାଲିଗୁଡ଼ା ବନାଞ୍ଚଳ ବନପାଳ ପ୍ରଭାତ ଦୋରା ସ୍ୱତନ୍ତ୍ର ଟିମ୍ ସହାୟତାରେ ଚଢ଼ାଉ କରିଥିଲେ। ଘଟଣାସ୍ଥଳରୁ ୨ ଜଣଙ୍କୁ ଗିରଫ କରାଯିବା ସହ ଗୋଟିଏ ବନ୍ଧୁକ, ୧୦ ଅଫୁଟା ଗୁଳି, ୧୨୦ ଗ୍ରାମ ବାରୁଦ, ୨ଟି ଦିଆସିଲି, ୨ ଟର୍ଚ୍ଚ ଲାଇଟ ଓ ୨ଟି ମୋବାଇଲ ଜବତ କରିଥିଲେ। ଏ ନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବାଲିଗୁଡା ବନାଞ୍ଚଳ ବନପାଳ ପ୍ରଭାତ କୁମାର ଦୋରା ସୂଚନା ଦେଇଛନ୍ତି।

# ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ପ୍ରତିବାଦରେ ବିକ୍ଷୋଭ

**ଆସିକା ୩।୬ (ସୁରେନ୍ଦ୍ର ନାଥ ସାହୁ):** ଆସିକା ବ୍ଲକ ଜୟପୁର ପଞ୍ଚାୟତ ଅନ୍ତର୍ଗତ ପଢାଳ ଗ୍ରାମର ଦଳିତ ସାହିର ଦାରିଦ୍ର୍ୟ ସୀମାରେଖା ତଳେ ଥିବା ୨୦ରୁ ଊର୍ଦ୍ଧ୍ୱ ପରିବାରଙ୍କ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ପ୍ରତିବାଦରେ ସୋମବାର ସଂପୃକ୍ତ ଉପଭୋକ୍ତାଙ୍କ ପକ୍ଷରୁ ନୂଆଗାଁସ୍ଥିତ ବିଦ୍ୟୁତ ବିଭାଗୀୟ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇ ତୁରନ୍ତ ସମସ୍ୟାର ସମାଧାନ ଲାଗି ଦାବି କରାଯାଇଥିଲା। ସିପିଆଇ(ଏମଏଲ) ରେଡଷ୍ଟାରର ଆସିକା ବ୍ଲକ ସଂପାଦକ ରାମଚନ୍ଦ୍ର ବାଡତ୍ୟାଙ୍କ ନେତୃତ୍ୱରେ ଏହି ପ୍ରତିବାଦ ବିକ୍ଷୋଭ ହୋଇଥିଲା । ବାରମ୍ବାର ଏହି ଉପଭୋକ୍ତାମାନଙ୍କ ବିଲ ଠିକ ଆସୁନଥିବା, ବିଦ୍ୟୁତ ସଂଯୋଗ ନଥାଇ ମଧ୍ୟ ବିଲ ଆସୁଥିବା ଆଦି ଅଭିଯୋଗ କରାଯାଇଛି । ଏ ସମ୍ପର୍କରେ ନୂଆଗାଁ ସବଡିଭିଜନର ଏସଡିଓ ଜିତେନ୍ଦ୍ର ସିଂଙ୍କୁ ପଚାରିବାରେ ସେ ଅଭିଯୋଗକୁ ତାଙ୍କର ଦୃଷ୍ଟିକୁ ଆଣିବା ଲାଗି କନିଷ୍ଠ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଓ ଅଭିଯୋଗ ଦେଖିବା ପରେ ବିଧିବଦ୍ଧ ପଦକ୍ଷେପ ନେବେ ବୋଲି ସୂଚନା ଦେଇଛନ୍ତି।

## ଗାଁ ନାମ ସଂଶୋଧନ ପାଇଁ ଦାବି

**ଖଜୁରିପଡ଼ା,୩।୬(ବିଦୁର ବେହେରା):** କନ୍ଧମାଳ ଜିଲାର ଏକ ପ୍ରସିଦ୍ଧ ଗାଁ ହେଉଛି ବଲସକୁମ୍ପା। ଏଠାରେ ଅଧିଷ୍ଠାତ୍ରୀ ଦେବୀ ମା' ବରାଳ ଦେବୀ କେଉଁ ଅନାଦି କାଳରୁ ରହି ପୂଜା ପାଇଆସୁଛନ୍ତି। କିନ୍ତୁ ଫୁଲବାଣୀରୁ ଭୁବନେଶ୍ୱରକୁ ସଂଯୋଗ କରୁଥିବା ରାଜପଥର ବାରପୁଲିଆ ଛକଠାରେ ଏକ ବୋର୍ଡ ଲଗାଯାଇଛି, ଯାହା ବଲସକୁମ୍ପା ମା'ବରାଳ ଦେବୀ ପୀଠକୁ ଯିବା ପାଇଁ ରାସ୍ତା ବୋଲି ଦର୍ଶାଉଛି। ସେହି ବୋର୍ଡରେ 'ବଲସକୁମ୍ପା' ଲେଖିବା ବଦଳରେ ତାକୁ ପୂର୍ତ୍ତ ବିଭାଗ 'ବୋଲସକୁମ୍ପା' ଲେଖିଛି, ଯାହା ଗାଁର ନାମ ଲେଖାରେ ତ୍ରୁଟି ରହିଛି। ତେଣୁ ତାକୁ ସଂଶୋଧନ କରି ଠିକ୍‌ରେ ଲେଖିବା ପାଇଁ ମା' ଇଷ୍ଟଦେବୀ ଯୁବ କଳା ପରିଷଦ ଦାବି କରିଛି।

# ଗୋଟିଏ ରାଉଣ୍ଡରେ ୧୪ଟି ବୁଥ୍‌ର ଫଳାଫଳ

## କେଏସ୍‌ୟୁବି କଲେଜରେ ଭୋଟ ଗଣତି




**ଭଞ୍ଜନଗର,୩।୬(ବାବୁଲା ପ୍ରଧାନ):** ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ମଙ୍ଗଳବାର କଡ଼ା ସୁରକ୍ଷା ମଧ୍ୟରେ ଭୋଟ ଗଣତି ହେବ। ଏଥିପାଇଁ ପ୍ରସ୍ତୁତି ସରିଛି। ଭଞ୍ଜନଗର କଲେଜରେ ଆସିକା, ସୋରଡ଼ା ଏବଂ ଭଞ୍ଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଭୋଟ ଗଣତି ହେବ । ଏଥିସହ ଉକ୍ତ ୩ଟି ବିଧାନସଭା ନିର୍ବାଚନମଣ୍ଡଳୀ ଆସୁଥିବା କନ୍ଧମାଳ ଏବଂ ଆସିକା ଲୋକସଭା ପ୍ରାର୍ଥୀଙ୍କ ମଧ୍ୟ ଭୋଟ ଗଣତି ଏଠାରେ ହେବ। ସକାଳ ୮ଟାରୁ ଭୋଟ ଗଣତି ଆରମ୍ଭ ହେବ। ଏହାପୂର୍ବରୁ ଭୋଟ ଗଣତି ଦାୟିତ୍ୱରେ ଥିବା କର୍ମଚାରୀ, ଏଜେଣ୍ଟ, ଗଣମାଧ୍ୟମ ପ୍ରତିନିଧିମାନେ କଲେଜ ଭିତରକୁ ପ୍ରବେଶ କରିବେ। ଭୋଟ ଗଣତି କେନ୍ଦ୍ର ଭିତରକୁ ମୋବାଇଲ ଫୋନ ଏବଂ କ୍ୟାମେରା ସମ୍ପୂର୍ଣ୍ଣ ବାରଣ କରାଯାଇଛି। କଲେଜରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। କଲେଜ ଭିତରକୁ ଯିବାକୁ ଅନୁମତି ମିଳିଥିବା ସମସ୍ତ ବ୍ୟକ୍ତିଙ୍କୁ ଟିକିନିଖି ଭାବେ ଯାଞ୍ଚ କରାଯିବ। ଅପରପକ୍ଷେ ନିର୍ବାଚନ ପୂର୍ବରୁ ଭଞ୍ଜନଗର ନିର୍ବାଚନମଣ୍ଡଳୀର କେତେକ ସ୍ଥାନରେ କାଁଭାଁ ଗଣ୍ଡଗୋଳ ହୋଇଥିଲା। ଏନେଇ ପୋଲିସ ଏକାଧିକ ମାମଲା ରୁଜୁକରି ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଗିରଫ କରିଥିଲା। ଫଳାଫଳ ଘୋଷଣା ପରେ ପୁଣି ଗଣ୍ଡଗୋଳ ହେବାର ଆଶଙ୍କା ରହିଛି। ତେଣୁ ବରିଷ୍ଠ ପୋଲିସ ଅଧିକାରୀ ଭଞ୍ଜନଗରରେ ପହଞ୍ଚି ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଛନ୍ତି। ଭଞ୍ଜନଗର ଉପଜିଲାପାଳ ଅନିଲ କୁମାର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ପ୍ରସ୍ତୁତି କାର୍ଯ୍ୟ ଚାଲିଛି । ଗୋଟିଏ ରାଉଣ୍ଡରେ ୧୪ଟି ବୁଥ୍‌ର ଫଳାଫଳ ଆସିବ। ବିଧାନସଭା ଏବଂ ଲୋକସଭା ଅଲଗା ଅଲଗା ଗଣତି ହେବ। ଏଥିସହ ପୋଷ୍ଟାଲ ବାଲାଟ୍ ମଧ୍ୟ ଅଲଗା ଗଣତି ହେବ । ଏଥିପାଇଁ ସ୍ୱତନ୍ତ୍ର ରୁମ୍ ବ୍ୟବସ୍ଥା ହୋଇଛି । ପ୍ରଥମେ ପୋଷ୍ଟାଲ ବାଲାଟ ଭୋଟ ଗଣତି ହେବ। ଭଞ୍ଜନଗର ଏବଂ ସୋରଡ଼ା ନିର୍ବାଚନମଣ୍ଡଳୀ ପାଇଁ ୧୯ ରାଉଣ୍ଡ ଭୋଟ ଗଣତି ହେବାକୁ ଥିବାବେଳେ ଆସିକା ନିର୍ବାଚନମଣ୍ଡଳୀ ପାଇଁ ୧୫ ରାଉଣ୍ଡ ଭୋଟ ଗଣତି ହେବ।

## ସଂକ୍ଷେପରେ

### ନିର୍ଯାତନା ମାମଲାରେ ସ୍ୱାମୀ ନିର୍ଦ୍ଦୋଷ

ବ୍ରହ୍ମପୁର, ୩।୬(ସୁବାସ ଚନ୍ଦ୍ର ପାଢ଼ୀ): ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଗୀତାଞ୍ଜଳି ନାଇଡୁ ସୋମବାର ଏକ ନିର୍ଯାତନା ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ସେ ଉକ୍ତ ମାମଲାର ଅଭିଯୋଗକାରୀଙ୍କ ସ୍ୱାମୀଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେ ହେଲେ ଗୋଳନ୍ଥରା ଥାନା କନିଷିହାଟର ଉପେନ୍ଦ୍ର ନାୟକ। ଉପେନ୍ଦ୍ର ନାୟକ ୨୦୦୯ରେ ମାମିନି ନାୟକଙ୍କୁ ବିବାହ କରିଥିଲେ। କିଛିମାସ ପରେ ଉଭୟଙ୍କ ମଧ୍ୟରେ ମନମାଳିନ ହୋଇଥିଲା। ସେ ତାଙ୍କ ସ୍ତ୍ରୀଙ୍କୁ ବିଭିନ୍ନ କାରଣକୁ କେନ୍ଦ୍ରକରି ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ନିର୍ଯାତନା ଅସହ୍ୟ ହେବାରୁ ୨୦୨୩ ନଭେମ୍ବର ୨୪ ତାରିଖରେ ମାମିନି ଏନେଇ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ସଂକ୍ରାନ୍ତରେ ନଂ.୬୦୬/୨୩ ରେ ଏକ ମାମଲା ରୁଜୁ କରିଥିଲା। ଅଭିଯୁକ୍ତ ଉପେନ୍ଦ୍ରଙ୍କୁ ଧାରା ୪୧ ସିଆରପିସିରେ ଥାନରୁ ଜାମିନ ପ୍ରଦାନ କରିଥିଲା। ମାମଲାର ବିଚାରଣା ବେଳେ ୩ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ରାୟ ପ୍ରକାଶ ବେଳେ ଉପେନ୍ଦ୍ର କୋର୍ଟରେ ହାଜର ହୋଇଥିଲେ। ସାକ୍ଷୀମାନଙ୍କ ବୟାନକୁ ଭିତ୍ତି କରି ଉପଯୁକ୍ତ ପ୍ରମାଣ ମିଳିନଥିବାରୁ ମାଜିଷ୍ଟ୍ରେଟ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ମୁଦୁଲାଙ୍କ ପକ୍ଷରୁ ଆଇନଜୀବୀ ପ୍ରଦୀପ କୁମାର ଶତପଥୀ ମୋକଦ୍ଦମା ପରିଚାଳନା କରିଥିଲେ।

### ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ଗୋପାଳପୁର, ୩।୬(ନବୀନ ରାଜ ଆଚାରୀ): ଗୋଳନ୍ଥରା ଥାନା ଅଞ୍ଚଳରେ ରବିବାର ରାତିରେ ୨ଟି ଘରୁ ଦୁର୍ବୃତ୍ତମାନେ କଳା କନା ବୁଲାଇଛନ୍ତି। ଏନେଇ ଥାନାରେ ଦୁଇଟି ଅଭିଯୋଗ ହୋଇଛି। ଛେଳିଆ ଗ୍ରାମର ମନୋଜ କୁମାର ବେହେରା ସବୁଦିନ ଭଳି ରବିବାର ପରିବାର ସହିତ ଖାଇବା ପରେ ଶୋଇପଡିଥିଲେ। ଏହା ସୁଯୋଗ ନେଇ ରାତିରେ ଦୁର୍ବୃତ୍ତମାନେ ଘରେ ପଛପଟର କବାଟ ତାଡି ପଶିଥିଲେ। ଆଲମିରା ଭାଙ୍ଗି ୬ଭରିରୁ ଅଧିକ ସୁନା ଅଳଙ୍କାର,୧୦ ଭରି ରୁପା ଅଳଙ୍କାର,୩୦ହାଜର ଟଙ୍କା ଓ ଅନ୍ୟ ସାମଗ୍ରୀ ଚୋରି କରି ଚମ୍ପଟ ମାରିଥିଲେ। ପରିବାର ଲୋକ ସକାଳ ଉଠିଲା ବେଳେ ଚୋରି ହୋଇଥିବା ନେଇ ଜାଣିବାକୁ ପାଇଥିଲେ। ସେହିପରି ଉକ୍ତ ଗ୍ରାମର ଦୀପକ କୁମାର ବେହେରାଙ୍କ ଘରୁ ସୋମବାର ଭୋର ସମୟରେ ଘର ବାରି ପଟୁ ଦୁର୍ବୃତ୍ତମାନେ କବାଟ ତାଡ଼ି ଘର ଭିତରେ ପଶି ଆଲମିରା ଭାଙ୍ଗି ସୁନା ଅଳଙ୍କାର ୩ ଭରି, ରୁପା ଅଳଙ୍କାର ୧୦ ଭରିରୁ ଅଧିକ, ୨୫ ହଜାର ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଛି। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମନୋଜଙ୍କ ଅଭିଯୋଗ ଅନୁସାରେ ନଂ.୨୪୫/୨୪ ଓ ଦୀପକଙ୍କ ଅଭିଯୋଗ ଅନୁସାରେ ନଂ. ୨୪୬/୨୪ରେ ଦୁଇଟି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଥାନାଧିକାରୀ ବିବେକାନନ୍ଦ ସ୍ୱାଇଁ କହିଛନ୍ତି।

# ଉତ୍କଣ୍ଠାରେ ଜନତା, ଚିନ୍ତାରେ ନେତା

ବ୍ରହ୍ମପୁର, ୩।୬(ଅଶୋକ କୁମାର ସାହୁ): ସାରା ରାଜ୍ୟରେ ୪ଟି ପର୍ଯ୍ୟାୟରେ ସାଧାରଣ ନିର୍ବାଚନ ସରିଛି। ସେଥିରୁ ଦୁଇଟି ପର୍ଯ୍ୟାୟରେ ଗଞ୍ଜାମ ଜିଲ୍ଲାକୁ ସାମିଲ କରାଯାଇଥିଲା। ଜିଲାର ବ୍ରହ୍ମପୁର ଲୋକସଭା କ୍ଷେତ୍ରରେ ଗତ ମାସ ୧୩ ତାରିଖରେ ନିର୍ବାଚନ ହୋଇଥିବା ବେଳେ ୨୦ ତାରିଖରେ ଆସିକା ଲୋକସଭା ନିର୍ବାଚନ ମଣ୍ଡଳୀରେ ମତଦାନ ହୋଇଥିଲା। ଗଞ୍ଜାମ ଜିଲାର ୧୩ ନିର୍ବାଚନ ମଣ୍ଡଳୀ ମଧ୍ୟରୁ ଭଞ୍ଜନଗର କନ୍ଧମାଳ ଲୋକସଭା କ୍ଷେତ୍ରରେ ଅନ୍ତର୍ଭୁକ୍ତ ଥିବାବେଳେ ଆଉ ୧୨ ନିର୍ବାଚନ ମଣ୍ଡଳୀ ଏବଂ ଗଜପତିର ୨ ନିର୍ବାଚନ ମଣ୍ଡଳୀ ବ୍ରହ୍ମପୁର ଓ ଆସିକା ଲୋକସଭାରେ ଅନ୍ତର୍ଭୁକ୍ତ। ନିର୍ବାଚନ ପୂର୍ବରୁ ଓ ପରେ ଉକ୍ତ ଦୁଇ ଲୋକସଭା କ୍ଷେତ୍ରରେ ଅନେକ ନିର୍ବାଚନୀ ହିଂସା ଦେଖାଦେଇଥିଲା। ତଥାପି ପ୍ରଶାସନ ଓ ପୋଲିସର

**ଆଜି ଭୋଟ ଗଣତି**

ସହଯୋଗରେ ନିର୍ବାଚନ ଶୃଙ୍ଖଳାର ସହ ସରିଥିଲା। ପ୍ରଚାରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପରିବର୍ତ୍ତନର ସ୍ୱର ଏବଂ ବୁଥ ବାହୁଡା ମତକୁ ନେଇ ନେତାଙ୍କ ହୃଦକମ୍ପନ ବଢ଼ିଯାଇଛି। ରାତି ପାହିଲେ ଭୋଟ ଗଣତି ଥିବାରୁ ଜନତା ବେଶ ଉତ୍କଣ୍ଠାରେ ଚାହିଁ ରହିଥିବା ବେଳେ ନେତା କିନ୍ତୁ ବେଶ ଚିନ୍ତାରେ ରହିଛନ୍ତି।

ବ୍ରହ୍ମପୁର, ଆସିକା ଲୋକସଭା ଓ ଏହା ଅଧୀନ ୧୪ ନିର୍ବାଚନ ମଣ୍ଡଳୀରେ ମୋଟ ୧୪୨ ପ୍ରାର୍ଥୀଙ୍କ ଭାଗ୍ୟ ଖୋଲିବ। ବ୍ରହ୍ମପୁର ଲୋକସଭା କ୍ଷେତ୍ରରେ ୧୧ ପ୍ରାର୍ଥୀ ଓ ତତସଂଲଗ୍ନ ୭ ବିଧାନସଭା ଆସନରେ ୭୫ ପ୍ରାର୍ଥୀ ଏବଂ ଆସିକା ଲୋକସଭା କ୍ଷେତ୍ରର ୭ ପ୍ରାର୍ଥୀ ଏବଂ ତତସଂଲଗ୍ନ ୭ ବିଧାନସଭା ଅଧୀନରେ ୪୯ ଜଣ ପ୍ରାର୍ଥୀଙ୍କ ଭୋଟ ଗଣନା କରାଯିବ। ଏଥି ସହିତ ଗଞ୍ଜାମ ଜିଲାର ଭଞ୍ଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀର ୮ ବିଧାୟକ ପ୍ରାର୍ଥୀଙ୍କ ଭୋଟଗଣନା କରାଯିବ। ତେବେ ଜିଲାର ୪ଟି ସ୍ଥାନରେ ଭୋଟ ଗଣତି ହେବ। ଭଞ୍ଜନଗରସ୍ଥିତ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ହୋଇଥିବା ଭୋଟ ଗଣତି କେନ୍ଦ୍ରରେ ଆସିକା, ଭଞ୍ଜନଗର, ସୋରଡା ବିଧାନସଭା ନିର୍ବାଚନ ମଣ୍ଡଳୀର ଭୋଟ ଗଣନା କରାଯିବ। ସେହିପରି ବ୍ରହ୍ମପୁରର ଉମାଚରଣ ପଟ୍ଟନାୟକ ଇଞ୍ଜିନିୟରିଂ ସ୍କୁଲରେ ହୋଇଥିବା ଭୋଟ ଗଣତି କେନ୍ଦ୍ରରେ କେବଳ ଚିକିଟି ନିର୍ବାଚନ ମଣ୍ଡଳୀର ଭୋଟ ଗଣନା କରାଯିବ। ସେହିପରି ସରକାରୀ ପଲିଟେକ୍ନିକରେ ଗୋପାଳପୁର, ବ୍ରହ୍ମପୁର, ଦିଗପହଣ୍ଡି, ସାନଖେମୁଣ୍ଡି ବିଧାନସଭା କ୍ଷେତ୍ରର ଭୋଟ ଗଣନା କରାଯିବ। ସେହିପରି ଛତ୍ରପୁର ଅନସ୍ଲୋ ସରକାରୀ ଉଚ୍ଚ ବିଦ୍ୟାଳୟରେ ହୋଇଥିବା ଭୋଟ ଗଣତି କେନ୍ଦ୍ରରେ ୫ ନିର୍ବାଚନ ମଣ୍ଡଳୀ ଯଥା କବିସୂର୍ଯ୍ୟନଗର, ଖଲ୍ଲିକୋଟ, ପୋଲସରା, ହିଞ୍ଜିଳି ଓ ଛତ୍ରପୁର ବିଧାନସଭା କ୍ଷେତ୍ରର ଭୋଟ ଗଣତିକରାଯିବ। ତେବେ ଲୋକସଭା ଓ ବିଧାନସଭା ପ୍ରାର୍ଥୀ ସମକାଳୀନ ଭୋଟ ଗଣନା କରାଯିବ ବୋଲି ଜଣାପଡିଛି। ଏଥିପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। ସକାଳ ୮ଟାରୁ ଭୋଟ ଗଣନା ଆରମ୍ଭ ହେବ। ଲୋକେ ସେମାନଙ୍କ ନେତାଙ୍କ ହାରଜିତ ଜାଣିବାକୁ ଉତ୍କଣ୍ଠିତ ହୋଇପଡିଥିବାବେଳେ ନେତାମାନେ ସେମାନଙ୍କ ଭାଗ୍ୟ ଜନତା କିଭଳି ନିର୍ଦ୍ଧାରଣ କରିଛନ୍ତି ତାକୁ ନେଇ ଅଙ୍କ କଷୁଛନ୍ତି। କାଲି ସନ୍ଧ୍ୟା ସୁଦ୍ଧା କିଏ ସରକାର ଗଢ଼ିବ ତାହା ପର୍ଦ୍ଦାଫାସ ହେବ। ସେ ଯାହା ହେଉନା କାହିଁକି ବିଭିନ୍ନ ଦଳ ପକ୍ଷରୁ ଭୋଟ ଗଣତି କେନ୍ଦ୍ରରେ ଗହଳି ଲାଗିବା ସ୍ୱାଭାବିକ। ତେଣୁ ଭୋଟଗଣତି କେନ୍ଦ୍ର ନିକଟରେ କୌଣସି ବିଶୃଙ୍ଖଳା ସୃଷ୍ଟି ନହେବା ପାଇଁ ପୋଲିସ ପକ୍ଷରୁ ବିହିତ ପଦକ୍ଷେପ ଗ୍ରହଣ କରାଯାଇଛି।

## ସାଇକେଲରେ ପରିବେଶ ବଞ୍ଚାଅର ବାର୍ତ୍ତା ଦେଲା ଆର୍ଯ୍ୟଭଟ ଫାଉଣ୍ଡେଶନ



ଫାଉଣ୍ଡେଶନ ପକ୍ଷରୁ ସାଇକଲ ଶୋଭାଯାତ୍ରା।

ବ୍ରହ୍ମପୁର, ୩।୬(ଅଶୋକ କୁମାର ସାହୁ): ସହରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଆର୍ଯ୍ୟଭଟ ଫାଉଣ୍ଡେଶନ ପକ୍ଷରୁ ସୋମବାର ବିଶ୍ୱ ସାଇକେଲ ଦିବସ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଏକ ସାଇକେଲ ଶୋଭାଯାତ୍ରା ଆୟୋଜନ କରାଯାଇ ସହର ପରିକ୍ରମା କରାଯାଇଥିଲା। ଏହି ଶୋଭାଯାତ୍ରାରେ ସହରର ବିଭିନ୍ନ ସ୍କୁଲ କଲେଜର ବହୁ ଛାତ୍ରୀଛାତ୍ର ପ୍ଲା'କାର୍ଡ ଧରି ଯୋଗଦେଇଥିଲେ। ପିଲାମାନେ 'ସାଇକେଲ ଚଲାଓ ପୃଥିବୀ ବଞ୍ଚାଅ, ସାଇକେଲ ଚଲାଓ ପରିବେଶ ବଞ୍ଚାଅ' ଆଦି ସ୍ଲୋଗାନ ଦେଇଥିଲେ। ସାଇକେଲ ଚଲାଇବା ଉପକାରିତା ଉପରେ ପଥପ୍ରାନ୍ତ ସଭା କରାଯାଇଥିଲା। ପରେ ସମସ୍ତେ ସାଇକେଲ ସବୁବେଳେ ଚଲାଇବା ସହ ପରିବେଶ ସୁରକ୍ଷା ପାଇଁ ଶପଥ କରିଥିଲେ। ବର୍ଷସାରା ସାଇକେଲ ଚଲାଉଥିବା ୩୫ ଛାତ୍ରଛାତ୍ରୀଙ୍କୁ ଶେଷରେ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଫାଉଣ୍ଡେଶନର ସ୍ୱେଚ୍ଛାସେବୀ ସୁଧୀର ରାଉତ, ସୁଶାନ୍ତ ମହାନ୍ତି, ଭୀମରାଜୁ ପାତ୍ର, ମାଧବ ନାୟକ, ଶ୍ୟାମ ସୁନ୍ଦର ଖାଡଙ୍ଗା,ଜଗନ୍ନାଥ ରାଓ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମାଟ୍ରିକ ପରୀକ୍ଷାରେ ଏସ୍‌ଏଭି ପବ୍ଲିକ ସ୍କୁଲର ସଫଳତା

## ଜେଇଇ, ନିଟ୍ ଶିକ୍ଷା ପ୍ରଦାନ ପାଇଁ ସୁବିଧା ମିଳିବ

ବ୍ରହ୍ମପୁର, ୩।୬(ଅଶୋକ କୁମାର ସାହୁ): ସ୍ଥାନୀୟ ପ୍ରେମନଗର ଦ୍ୱିତୀୟ ଗଳିରେ ଥିବା ଏସ୍‌ଏଭି ପବ୍ଲିକ ସ୍କୁଲ ଚଳିତ ମାଟ୍ରିକ ପରୀକ୍ଷାରେ ସଫଳତା ପାଇଛି ବୋଲି ସୋମବାର ସ୍କୁଲ ପରିସରରେ ଏକ ଖବରଦାତା ସମ୍ମିଳନୀରେ ସ୍କୁଲର ପରିଚାଳକ ପ୍ରଶାନ୍ତ କୁମାର ଦାସ କହିଛନ୍ତି। ସ୍କୁଲ ସଭାପତି ଦେବୀ ପ୍ରସାଦ ସାହୁ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଜଣେ ଛାତ୍ର ୯୭ ପ୍ରତିଶତ ମାର୍କ ରଖିଥିବା ବେଳେ ୯୦ ପ୍ରତିଶତରୁ ଅଧିକ ୧୦ ଛାତ୍ରୀଛାତ୍ର ରଖି ସ୍କୁଲ ପାଇଁ ଗୌରବ ଆଣିଛନ୍ତି। ଉକ୍ତ ବିଦ୍ୟାଳୟ ରାଜ୍ୟସ୍ତରରେ ପୁରସ୍କାର ପାଉଥିବାବେଳେ ଜାତୀୟସ୍ତରରେ ଦୁଇଟି ପୁରସ୍କାର ପାଇଛି। ରାଷ୍ଟ୍ରୀୟ ପ୍ରତିଭା ସମ୍ମାନ କୋଲକାତାଠାରେ ମିଳିଥିବାବେଳେ ଦ୍ୱିତୀୟଟି ଚଳିତବର୍ଷ ଶ୍ରେଷ୍ଠ ପରିଚାଳନା ନିର୍ଦ୍ଦେଶକ ଭାବେ ନୂଆଦିଲ୍ଲୀଠାରେ ଉକ୍ତ ସଂସ୍ଥାକୁ ପ୍ରଦାନ କରାଯାଇଛି। ଆସନ୍ତା ୧୯ ତାରିଖରେ ମିନାକ୍ଷୀ ନଗରସ୍ଥିତ ଏକ ବଡ କୋଠାକୁ ଉକ୍ତ ସ୍କୁଲ ସ୍ଥାନାନ୍ତର କରାଯିବ ବୋଲି କୁହାଯାଇଛି। ସେଠାରେ ଜେଇଇ ଓ ନିଟ୍ ପାଇଁ କୋଚିଂ ଦିଆଯିବ। ଉକ୍ତ କାର୍ଯ୍ୟକ୍ରମରେ ସଭାପତି ଦେବୀ ପ୍ରସାଦ ସାହୁ, ସହ ଅଧ୍ୟକ୍ଷା ସୁମିତ୍ରା ନାୟକ, ଶ୍ରୀକୃଷ୍ଣ ମୂର୍ତ୍ତି, ଗୌରାଙ୍ଗ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।



ସମ୍ମିଳନୀରେ ଉପସ୍ଥିତ ପରିଚାଳନା ନିର୍ଦ୍ଦେଶକ ଓ ସଭାପତି ନିଜ ପୁରସ୍କାର ଦେଖାଉଛନ୍ତି।

## ଓଡ଼ିଆ ବାଡ଼ର ପୂର୍ବତନ ଅଧିକାରୀଙ୍କ ବିୟୋଗ

ରମ୍ଭା, ୩।୬(ବନବାସୀ ସେଠୀ): ରମ୍ଭା ଚନ୍ଦନ ଯାତ୍ରାର ଓଡ଼ିଆ ବାଡ଼ର ପୂର୍ବତନ ଅଧିକାରୀ ବିପ୍ର ଚରଣ ଦାଶଙ୍କ ଶନିବାର ଦିନ ପ୍ରାୟ ୧୨ଟା ସମୟରେ ବିୟୋଗ ଘଟିଛି। ମୃତ୍ୟୁ ବେଳକୁ ତାଙ୍କ ପାଖରେ ପୁତ୍ର ନାରାୟଣ ଦାଶ, ଜହଲାଲ ଦାଶ, ସଲିଳ ଦାଶ, ସନ୍ତୋଷ ଦାଶ ଓ ଝିଅ ଇନ୍ଦିରା ଦାଶ ଏବଂ ବୋହୂ, ନାତି ନାତୁଣୀ, ସମ୍ପର୍କୀୟ ମାନେ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମର ଶରୀର ଶୋଭାଯାତ୍ରରେ କରଣ ବାଡ଼ ଅଧିକାରୀ ପଣ୍ଡିତ ଜଗନ୍ନାଥ ଦାଶ, ଲକ୍ଷ୍ମୀ ନାରାୟଣ ସେନାପତି, ବିଜୟ ଚନ୍ଦ୍ର ବିଶ୍ୱାଳ, ବନବାସୀ ନାହାକ ପ୍ରମୁଖଙ୍କ ସମେତ ଗ୍ରାମର ଅନେକ ଲୋକ ଯୋଗଦାନ କରିଥିଲେ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଗୋପାଳପୁର, ୩।୬(ନବୀନ ରାଜ ଆଚାରୀ): ଗୋପାଳପୁର ଥାନା ଗୋଲାବନ୍ଧ ସ୍ଥିତ ଗୋପାଳପୁର ମିଲିଟାରୀ ଷ୍ଟେସନ ପରିସରରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ସୋମବାର ଜବତ କରିଛି। ମୃତକ ଉତ୍ତରପ୍ରଦେଶ ଆଗ୍ରା ଜିଲାର ଏଇଡ଼ଗା ଗ୍ରାମର ରାହୁଲ ଅଗ୍ରୱାଲ (୩୭) ବୋଲି ସୂଚନା ମିଳିଛି। ରାହୁଲ ୨ ବର୍ଷ ହେଲା ଗୋପାଳପୁର ମିଲିଟାରୀ ଷ୍ଟେସନ ପରିସରରେ ଏକ କ୍ୟାଣ୍ଟିନ କରି ବେପାର କରୁଥିଲେ। କିଛି ଦିନ ହେଲା ବେପାର ନ ହେବାରୁ ସେ ମାନସିକ ଚାପରେ ଥିଲେ। ରବିବାର ଦୋକାନ ବନ୍ଦ କରି ଘରକୁ ଯାଇନଥିଲେ। ପରିବାର ଲୋକ ଖୋଜାଖୋଜି କରିଥିଲେ ବି ପାଇନଥିଲେ। ସୋମବାର ସକାଳେ ଦୋକାନ ଭିତର ପଟୁ ବନ୍ଦ ଥିଲା। ଡାକିବାରୁ ଶୁଣିନଥିଲେ। କବାଟ ଭାଙ୍ଗି ଦେଖିବାବେଳକୁ ରାହୁଲ ବେକରେ ରଶି ଲଗାଇ ଝୁଲି ପଡିଛନ୍ତି। ଏ ନେଇ ତାଙ୍କ ସ୍ତ୍ରୀ ଗୋପାଳପୁର ଥାନାରେ ଖବର ଦେଇଥିଲେ। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ନଂ. ୭/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମଙ୍ଗଳବାର ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି।

## ଶିକ୍ଷକ ସମାଜ ପ୍ରତି ଅବନୀଙ୍କ ଅବଦାନ ଥିଲା

ବ୍ରହ୍ମପୁର, ୩।୬(ଅଶୋକ କୁମାର ସାହୁ): ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ପ୍ରତିଷ୍ଠାତା ସ୍ୱର୍ଗତ ଅବନୀ କୁମାର ବରାଳଙ୍କ ୯୦ତମ ଜୟନ୍ତୀ ଗଞ୍ଜାମ ଜିଲା ଶାଖା ତରଫରୁ ସ୍ଥାନୀୟ ଓଷ୍ଟା କାର୍ଯାଳୟ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ମହାସଂଘର ଜିଲା ଉପ ସଭାପତି ଯୋଗିତାବାଳି ପାଣିଗ୍ରାହୀ ଏଥିରେ ସଭାପତିତ୍ୱ କରିଥିଲେ। ସମାଜସେବୀ ବିମ୍ବେଶର ସାହୁ, ଓଷ୍ଟାର ଗଞ୍ଜାମର ପ୍ରାକ୍ତନ ସଂପାଦକ ତଥା ରାଜ୍ୟ ଓଷ୍ଟାର ପ୍ରାକ୍ତନ କୋଷାଧ୍ୟକ୍ଷ କାମରାଜୁ ମହାରଣା, ଓଷ୍ଟା ଗଞ୍ଜାମର ସଂପାଦକ ବିଜୟ କୁମାର ବେହେରା ଅତିଥି ଥିଲେ। ସ୍ୱର୍ଗତ ବରାଳଙ୍କର ଶିକ୍ଷକ ସମାଜ ପ୍ରତି ଅବଦାନ ଥିଲା ବୋଲି ଆଲୋଚନା କରିଥିଲେ। ବିମ୍ବେଶର ସାହୁ ସ୍ୱର୍ଗତ ବରାଳଙ୍କ ବହୁମୁଖୀ ପ୍ରତିଭାର ଅବତାରଣା କରିଥିଲେ। ୪୮୮ ମହାବିଦ୍ୟାଳୟ ଶିକ୍ଷକ ସଂଘର ଦକ୍ଷିଣାଞ୍ଚଳ ସଭାପତି ପ୍ରଶାନ୍ତ କୁମାର ପାତ୍ର, ଶ୍ୟାମ ସୁନ୍ଦର ଖାଡଙ୍ଗା, ରାମଚନ୍ଦ୍ର ପୋଲାଇ, କୋରେଶ ଚନ୍ଦ୍ର ଶତପଥୀ, ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ରାଜେନ୍ଦ୍ର କୁମାର ପଣ୍ଡା, ସେବା ନିବୃତ୍ତ ବିକାଶ ମଞ୍ଚର ସଂପାଦକ ପ୍ରଦୀପ କୁମାର ସାହୁ, ରାଜ୍ୟ ମହାସଂଘର ଯୁଗ୍ମ ସାଧାରଣ ସମ୍ପାଦକ ଦେବହରି ମହାନ୍ତି ପ୍ରମୁଖ ଓଡିଶାରେ ଶିକ୍ଷା ବଞ୍ଚାଅ ଆନ୍ଦୋଳନ ଉପରେ ଆଲୋକପାତ କରିଥିଲେ। ମହାସଂଘର ସମ୍ପାଦକ ଅଶୋକ କୁମାର ଦଳାଇ ଅତିଥି ପରିଚୟ ଦେଇଥିଲେ। ମହାସଂଘର ପ୍ରାକ୍ତନ ନେତୃବୃନ୍ଦ ସୀମାଞ୍ଚଳ ଶାସମଲ, ଶ୍ୟାମ ସୁନ୍ଦର ଖାଡଙ୍ଗା, ମୃତ୍ୟୁଞ୍ଜୟ ତ୍ରିପାଠୀ, ରାଜେନ୍ଦ୍ର କୁମାର ପଣ୍ଡା, କୂର୍ମନାଥ ସାବତ, ଦେବହରି ମହାନ୍ତିଙ୍କୁ ମହାସଂଘର ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସହ ସଂପାଦକ କୈଳାସ ଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ମହାସଂଘର ସଦସ୍ୟମାନେ।

## ଭାଷା, ସାହିତ୍ୟ, କଳା ଓ ସଂସ୍କୃତି ବିକାଶ ପରିଷଦ ପକ୍ଷରୁ ସାରସ୍ୱତ ଉତ୍ସବ

ବ୍ରହ୍ମପୁର, ୩।୬(ସ୍ମୃତି ରଞ୍ଜନ ମହାଲିକ): ଜିଲା ଭାଷା, ସାହିତ୍ୟ, କଳା ଓ ସଂସ୍କୃତି ବିକାଶ ପରିଷଦ ଆନୁକୂଲ୍ୟରେ ସୋମବାର କ୍ଷୁଦ୍ର ଜଳସେଚନ ବିଭାଗ ସମ୍ମିଳନୀ କକ୍ଷରେ ଏକ ସାରସ୍ୱତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଡ. ହରିକୃଷ୍ଣ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଇଂରାଜୀ ବିଭାଗର ପୂର୍ବତନ ପ୍ରଫେସର ଇ. ରାଜା ରାଓ ଉଦ୍‌ଘାଟକ ଥିଲେ। ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ମନ୍ମଥ ପାଢୀ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ରୂପେ ଡ. ଲମ୍ବୋଦର ପାଣିଗ୍ରାହୀ ଓ ଇଂ. ଯାମିନୀକାନ୍ତ ଦାଶ ଯୋଗ ଦେଇଥିଲେ। ପରିଷଦର ସଂପାଦକ ଡ. ବନମାଳୀ ପାଣିଗ୍ରାହୀ ସଂଯୋଜନା କରିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ତ୍ରିନାଥ ନାୟକ ଜୀବନୀ ଗ୍ରନ୍ଥ ବାୟୋଗ୍ରାଫି ଅଫ ଶ୍ରୀ ତ୍ରିନାଥ ନାୟକ ଲୋକାର୍ପିତ ହୋଇଥିଲା। ଉଦଘାଟକ ବିଶ୍ୱ ସାହିତ୍ୟରେ ବିଭିନ୍ନ ଧାରାର ଜୀବନୀ ଗ୍ରନ୍ଥ ରଚନା ସଂପର୍କରେ କହିଥିଲେ। ଏଥିସହ ତ୍ରିନାଥଙ୍କ ବୃତ୍ତିଗତ ଜୀବନ, ସାମାଜିକ ଜୀବନ ଓ ଲେଖକୀୟ ଉପଲବ୍ଧି ବିଷୟରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଡ. ହରିକୃଷ୍ଣ ନାୟକ ସଭାପତିତ୍ୱରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କବି ଓ ସମାଲୋଚକ ଡ. କୁଳମଣି ଓଝା ସମ୍ମାନିତ ଅତିଥି ରୂପେ କବିତାର ଭାବଧର୍ମ ଓ ଭାଷିକ ପ୍ରକରଣ ସମ୍ପର୍କରେ ଆଲୋକପାତ କରିଥିଲେ। ପରିଷଦର ସମ୍ପାଦକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କବୟିତ୍ରୀ ପଦ୍ମିନୀ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ପାଠୋତ୍ସବରେ ୪୦ରୁ ଊର୍ଦ୍ଧ୍ୱ କବି ଓ କବୟିତ୍ରୀ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଇଂ ସଞ୍ଜୟ କୁମାର ନାୟକ ଧନ୍ୟବାଦ ଦେଇଥିଲେ।



# ମାଛ ବଜାର ଗୃହରେ ତାଲା, ରାସ୍ତା କଡ଼ରେ ବ୍ୟବସାୟୀ

ବ୍ରହ୍ମପୁର, ୩।୬ (ସ୍ମୃତିରଞ୍ଜନ ମହାଲିକ): ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଉଠା ଦୋକାନୀମାନଙ୍କୁ ଭେଣ୍ଡିଂ ଜୋନ କରାଯାଇ ଥଇଥାନ କରାଯାଇଛି। ଭେଣ୍ଡିଂ ଜୋନଗୁଡିକରେ ବ୍ୟବସାୟୀଙ୍କୁ ଉପଯୁକ୍ତ ସୁବିଧା ସୁଯୋଗ ମଧ୍ୟ ପ୍ରଦାନ କରାଯାଇଛି। କିନ୍ତୁ ବିଏମସିର ଭେଣ୍ଡିଂ ଜୋନଗୁଡିକରେ ବିନା କାରଣରେ ତାଲା ପକାଯାଇ ବନ୍ଦ କରାଯାଉଥିବା ନେଇ ବ୍ୟବସାୟୀମାନେ ଅଭିଯୋଗ ହୋଇଛି, ଯାହାଦ୍ୱାରା ଲକ୍ଷାଧିକ ଟଙ୍କାର ଭେଣ୍ଡିଂ ଜୋନଗୁଡିକ ଖତ ଖାଉଛି। ଅନ୍ୟପଟେ ବ୍ୟବସାୟୀମାନେ ନିଜର ଗୁଜୁରାଣ ପାଇଁ ମୁଖ୍ୟ ରାସ୍ତା ପାର୍ଶ୍ୱରେ ବାଧ ହୋଇ ଆମିଷ ଦ୍ରବ୍ୟ ବିକ୍ରି କରୁଥିବା କହିଛନ୍ତି। ବିଏମ୍‌ସି ପକ୍ଷରୁ ମର୍ଦ୍ଦରାଜ ଭେଣ୍ଡିଂ ଜୋନ, ଗେଟ ବଜାର ଭେଣ୍ଡିଂଜୋନ, କର୍ପୋରେଶନ ରୋଡ ଭେଣ୍ଡିଂ ଜୋନ, ମୁକ୍ତେଶ୍ୱର ମନ୍ଦିର ପାର୍ଶ୍ୱରେ ଖୋଲା ଭେଣ୍ଡିଂଜୋନ ନିର୍ମାଣ କରାଯାଇଛି। ବିଶେଷକରି ଆମିଷ ବିକ୍ରି ନିମନ୍ତେ ମର୍ଦ୍ଦରାଜ ଭେଣ୍ଡିଂଜୋନ ପଛ ପାର୍ଶ୍ୱରେ ହାଇଜେନିକ ମାଛ ବଜାର ନିର୍ମାଣ କରାଯାଇଛି, ଯେଉଁଠାରେ ବ୍ୟବସାୟୀମାନେ ବର୍ତ୍ତମାନ ମାଛ ବ୍ୟବସାୟ କରୁଛନ୍ତି। କିନ୍ତୁ କର୍ପୋରେଶନ ରୋଡଠାରେ ନିର୍ମିତ ହୋଇଥିବା ଆମିଷ ଭେଣ୍ଡିଂ ଜୋନରେ କୌଣସି ବ୍ୟବସାୟ ହେଉ ନ ଥିବା ଦେଖିବାକୁ ମିଳିଛି। ସେହିଭଳି ଗେଟବଜାରଠାରେ ଜୟମଙ୍ଗଳ ନଗର ମାଛ ବଜାର ଗୃହ ନିର୍ମାଣ କରାଯାଇଛି। କିନ୍ତୁ କୋଭିଡ ପରଠାରୁ ଏହି ବଜାର ଗୃହରେ ତାଲା ଝୁଲି ରହିଛି। ଫଳରେ ସହରର ଆମିଷ ଦ୍ରବ୍ୟ ବିକ୍ରିର ପେଣ୍ଠସ୍ଥଳୀ କୁହାଯାଉଥିବା ଗେଟବଜାର ଅଞ୍ଚଳର ବହୁ ଆମିଷ ବ୍ୟବସାୟୀ ମୁଖ୍ୟ ରାସ୍ତା ଉପରେ ବ୍ୟବସାୟ କରୁଛନ୍ତି। ସୂଚନାଥାଉ କି, ୨୨ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ମାଛ ବଜାର ଗୃହଟି ୨୦୧୯ ସ୍ୱାୟତ୍ତ ଶାସନ ଦିବସ ଅବସରରେ ଅଗଷ୍ଟ ୩୧ ତାରିଖ ଦିନ ଉଦଘାଟିତ ହୋଇଥିଲା। ଏଠାରେ ଏକାଥରକେ ୧୦୦ ଜଣ ମାଛ ବ୍ୟବସାୟ କରିବା ସୁବିଧା ରହିଥିଲା। ବ୍ୟବସାୟ ପାଇଁ ପାଣି, ବିଦ୍ୟୁତ ଓ ଆଲୋକୀକରଣର ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ବଜାର ଗୃହର ଦୁଇ ପାର୍ଶ୍ୱରେ ପ୍ରବେଶ ଓ ପ୍ରସ୍ଥାନ ନିମନ୍ତେ ଫାଟକ ମଧ୍ୟ ରହିଛି। ଉଦଘାଟନର ୧ ମାସ ପର୍ଯ୍ୟନ୍ତ ବଜାର ଗୃହରେ ବ୍ୟବସାୟୀମାନେ ବ୍ୟବସାୟ କରୁଥିଲେ। ସହରବାସୀ ମଧ୍ୟ ଗୋଟିଏ ସ୍ଥାନରେ ସମସ୍ତ ପ୍ରକାର ଆମିଷ ଦ୍ରବ୍ୟ ପାଇପାରୁଥିଲେ। ବିଏମସି ପକ୍ଷରୁ ବଜାରରେ ପଲିଥିନକୁ ସଂପୂର୍ଣ୍ଣ ରୂପେ ବାରଣ କରାଯିବା ସହ ଜାଗା ପାଇଁ କୌଣସି ବ୍ୟବସାୟ ନିଜର ଅଧିକାର ସାବ୍ୟସ୍ତ କରିପାରିବେ ନାହିଁ ବୋଲି ସୂଚନା ଦିଆଯାଇଥିଲା। ବିଏମସିର ଏଭଳି ପଦକ୍ଷେପକୁ ବ୍ୟବସାୟୀଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଉଦଘାଟର ୧ ମାସ ଯାଏଁ ବଜାରରେ ବ୍ୟବସାୟ ସୁରୁଖୁରୁରେ ଚାଲିଥିଲା। କିନ୍ତୁ କୋଭିଡ କାରଣରୁ ବିଏମସି ପକ୍ଷରୁ ବଜାରକୁ ବନ୍ଦ କରାଯାଇଥିଲା। ବ୍ୟବସାୟୀଙ୍କୁ ରାସ୍ତା ପାର୍ଶ୍ୱରେ ବିକ୍ରି କରିବା ପାଇଁ ଅନୁମତି ମିଳିଥିଲା। କୋଭିଡ ପରେ ବଜାର ପୁଣି ଥରେ ଖୋଲିବା ପାଇଁ ନିଗମ ପକ୍ଷରୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ କୋଭିଡ ପରଠାରୁ ଆଜି ଯାଏଁ ବଜାର ଗୃହରେ ତାଲା ଝୁଲିରହିଛି।



ବନ୍ଦ ହୋଇ ପଡି ରହିଥିବା ବଜାର ଗୃହ।



ରାସ୍ତା ପାର୍ଶ୍ୱରେ ମାଛ ବିକ୍ରି କରୁଥିବା ବ୍ୟବସାୟୀ।

**ଟ୍ରାଫିକ ଜାମ କାରଣରୁ ଘଟୁଛି ଦୁର୍ଘଟଣା, ନିଗମ ନୀରବଦ୍ରଷ୍ଟା**

ଫଳରେ ମାଛ ବ୍ୟବସାୟୀମାନେ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଖୋଲା ଆକାଶ ତଳେ ବ୍ୟବସାୟ କରୁଛନ୍ତି। ଟାଣ ଖରାରେ ବ୍ୟବସାୟୀମାନେ ଆଉଟୁପାଉଟୁ ହେଉଛନ୍ତି। ଅନ୍ୟପଟେ ରାସ୍ତାଟି ସଂକୀର୍ଣ୍ଣ ଥିବା କାରଣରୁ ସ୍କୁଲ ଓ କଲେଜ ବସ୍ ଯାତାୟତ ସମୟରେ ରାସ୍ତାଟି ସଂପୂର୍ଣ୍ଣ ଟ୍ରାଫିକ ଜାମ ରହୁଛି। ଆମିଷ ବାରଗୁଡିକରେ ନାହିଁ ନ ଥିବା ଭିଡ଼ ଜମୁଛି। ଫଳରେ ଗ୍ରାହକମାନେ ନାନା ହଇରାଣ ହରକତ ହେଉଛନ୍ତି। ଏପରିକି ଉକ୍ତ ରାସ୍ତାରେ ଅନେକ ସମୟରେ ଦୁର୍ଘଟଣା ମଧ୍ୟ ଘଟୁଛି। କିନ୍ତୁ ନିଗମ ବଜାର ଖୋଲିବା ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ଅଭିଯୋଗ ହୋଇଛି। ଦୀର୍ଘ ଦିନ ଧରି ବନ୍ଦ ରହିବା କାରଣରୁ ବଜାର ଗୃହ ପରିସରରେ କାନ୍ଥ ଫାଟିବାକୁ ବସିଲାଣି। ଗୃହ ଭିତରେ ଭଙ୍ଗା ଦଦରା ଟାଇଲ ଖଣ୍ଡ ପଡି ରହିଥିବା ଦେଖିବାକୁ ମିଳିଛି। ଗୃହର ଉନ୍ନୟନ କାର୍ଯ୍ୟ ନେଇ କିଛି ଦିନ ଆରମ୍ଭ ପରେ ପୁଣି ବନ୍ଦ ହୋଇଥିବା ଅଭିଯୋଗ ହୋଇଛି। ଜୟମଙ୍ଗଳ ନଗର ବାସିନ୍ଦାଙ୍କ ପକ୍ଷରୁ ବଜାର ଗୃହ ଖୋଲିବା ପାଇଁ ନିଗମ କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଛନ୍ତି। କିନ୍ତୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ବାସିନ୍ଦାମାନେ ଅଭିଯୋଗ କରାଯାଇଛି। ବିନା କାରଣରେ ଗୃହଟିକୁ ବନ୍ଦ କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ବିଏମସି ନିର୍ବାହୀ ଯନ୍ତ୍ରୀ ଇଂ ଲଳିତ ମୋହନ ଦାଶଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ବଜାର ଗୃହ ସମ୍ମୁଖରେ ମୁଖ୍ୟ ଫାଟକ ନିର୍ମାଣ ନେଇ ଯୋଜନା ରହିଛି। ଏ ନେଇ ମରାମତି କାର୍ଯ୍ୟ ଖୁବ ଶୀଘ୍ର ଆରମ୍ଭ ହେବ। ଏହାପରେ ବ୍ୟବସାୟୀମାନେ ଏଠାରେ ବ୍ୟବସାୟ କରିବେ ବୋଲି ସେ କହିଛନ୍ତି।

# ଆଜି ଭୋଟ ଫଳାଫଳ

ନୂଆଦିଲ୍ଲୀ,୩।୬(ପି.ଟି.)

ଅଷ୍ଟାଦଶ ଲୋକ ସଭା ଲାଗି ୭ ପର୍ଯ୍ୟାୟରେ ଅନୁଷ୍ଠିତ ନିର୍ବାଚନ ଶନିବାର ଶେଷ ହୋଇଥିବାବେଳେ ମଙ୍ଗଳବାର ଭୋଟଗଣତି ହୋଇ ଫଳାଫଳ ପ୍ରକାଶ ପାଇବାକୁ ଯାଉଛି। ମଙ୍ଗଳବାର ସକାଳ ୮ଟାରୁ ସମସ୍ତ ରାଜ୍ୟର କାଉଣ୍ଟିଂ ସେଣ୍ଟରଗୁଡ଼ିକରେ କଡ଼ା ସୁରକ୍ଷା ମଧ୍ୟରେ ଭୋଟଗଣତି ଆରମ୍ଭ ହେବ। ଏଥିପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ନିର୍ବାଚନ କମିଶନ କହିଛନ୍ତି। ଲୋକ ସଭା ନିର୍ବାଚନ ସହ ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶ ବିଧାନସଭା ନିର୍ବାଚନ ଫଳାଫଳ ମଧ୍ୟ ମଙ୍ଗଳବାର ପ୍ରକାଶ ପାଇବ। ଏଥିସହ ଦୀର୍ଘ ୮୪ ଦିନ ଧରି ଚାଲିଥିବା ଏହି ମାରାଥନ ନିର୍ବାଚନୀ ପ୍ରକ୍ରିୟା ଶେଷ ହେବ। ରବିବାର ସିକିମ ଓ ଅରୁଣାଚଳପ୍ରଦେଶ ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ନ୍ୟାଶନାଲ ଡେମୋକ୍ରାଟିକ୍ ଆଲିଆନ୍ସ (ଏନ୍‌ଡିଏ) ୩୫୦ରୁ ଊର୍ଦ୍ଧ୍ୱ ଆସନରେ ଜିତି ତୃତୀୟ ଥର ସରକାର ଗଢ଼ିବ ବୋଲି ଏକ୍‌ଜିଟ୍ ପୋଲ୍‌ଗୁଡ଼ିକରେ ପୂର୍ବାନୁମାନ କରାଯାଇଥିବାବେଳେ ଏହା ୪୦୦ ପାର୍ କରିବ ବୋଲି କେତେକ ଗଣମାଧ୍ୟମ ଆକଳନ କରିଛନ୍ତି। ଅନ୍ୟପକ୍ଷରେ ବିରୋଧୀ ଦଳଗୁଡ଼ିକ ବୁଥ୍‌ବାହୁଡ଼ା ଜନମତ ସର୍ଭେକୁ ମନଗଢ଼ା କହି ଖଣ୍ଡନ କରିଛନ୍ତି। ବିରୋଧୀ ଇଣ୍ଡିଆନ୍ ନ୍ୟାଶନାଲ ଡେଭେଲପ୍‌ମେଣ୍ଟାଲ ଇନ୍‌କ୍ଲୁସିଭ୍ ଆଲିଆନ୍ସ (ଇଣ୍ଡିଆ) ସମସ୍ତଙ୍କୁ ବିସ୍ମିତ କରି ସଂଖ୍ୟାଗରିଷ୍ଠତା ହାସଲ କରିବ ବୋଲି ବିରୋଧୀ ନେତାମାନେ ପୂର୍ବାନୁମାନ କରିଥିବାରୁ ମଙ୍ଗଳବାରର ଫଳାଫଳ ଉପରେ ସମସ୍ତଙ୍କର ନଜର ରହିଛି।

ଏଥର ଲଢ଼େଇ ମୁଖ୍ୟତଃ ମୋଦିଙ୍କ ନେତୃତ୍ୱାଧୀନ ଭାଜପା ସହ କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ ବ୍ଲକ୍ ମଧ୍ୟରେ ହୋଇଥିଲା। ବିକଶିତ ଭାରତର ସ୍ଲୋଗାନ ଦେଇ ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଏନ୍‌ଡିଏ ତୃତୀୟ ଥର କ୍ଷମତାକୁ ଆସିବା ଲାଗି ଦୃଢ଼ୋକ୍ତି କରିଥିବାବେଳେ ୨୮ ବିରୋଧୀ ଦଳକୁ ନେଇ ଗଠିତ ଇଣ୍ଡିଆ ବ୍ଲକ୍ କ୍ଷମତାକୁ ଫେରିବା ନେଇ ଆଶା ରଖିଛି। ଏନ୍‌ଡିଏ ୪୦୦ ଆସନ ଅତିକ୍ରମ କରିବ ବୋଲି ପ୍ରଧାନମନ୍ତ୍ରୀ ମୋଦି ଟାର୍ଗେଟ ରଖିଥିଲେ। ଅନ୍ୟପକ୍ଷରେ ଦେଶକୁ ଏକଛତ୍ରବାଦ ଶାସନରୁ ମୁକ୍ତ କରି ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା ପାଇଁ ପରିବର୍ତ୍ତନ ଆଣିବା ନିମନ୍ତେ ଇଣ୍ଡିଆ ମେଣ୍ଟର ନେତାମାନେ ଭୋଟରଙ୍କୁ ନିବେଦନ କରିଥିଲେ। ଏହା ବ୍ୟତୀତ ଦରଦାମ୍ ବୃଦ୍ଧି, ବେରୋଜଗାରି, ଦୁର୍ନୀତି ଆଦିକୁ ନେଇ ସେମାନେ ମୋଦି ସରକାରଙ୍କୁ ଟାର୍ଗେଟ କରିଥିଲେ। ଏକ୍‌ଜିଟ୍ ପୋଲ୍‌ର ଆକଳନକୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ମୋଦି ମିଡିଆ ପୋଲ୍ କହି ଖଣ୍ଡନ କରିଥିବାବେଳେ ନିର୍ବାଚନର ଦୀର୍ଘଦିନ ପୂର୍ବରୁ ଏଭଳି ଏକ୍‌ଜିଟ୍ ପୋଲ୍ ଘରେ ପ୍ରସ୍ତୁତ ହୋଇଥିବା ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ଅଭିଯୋଗ କରିଥିଲେ।



## କେମିତି ହେବ ଭୋଟଗଣତି

ଲୋକ ସଭା ନିର୍ବାଚନର ଭୋଟଗଣତି ମଙ୍ଗଳବାର ଆରମ୍ଭ ହେଉଥିବାବେଳେ ଗଣନା ପ୍ରକ୍ରିୟା ସମ୍ପର୍କରେ ନିର୍ବାଚନ କମିଶନ ସଂକ୍ଷିପ୍ତ ସୂଚନା ଦେଇଛନ୍ତି। ନିର୍ବାଚନ ପରିଚାଳନା ନିୟମାବଳୀ, ୧୯୬୧ର ନିୟମ ୫୪ଏ ଅନୁଯାୟୀ ପ୍ରଥମେ ପୋଷ୍ଟାଲ ବାଲଟ୍ ପେପରଗୁଡ଼ିକର ଗଣନା ରିଟର୍ନିଂ ଅଫିସର(ଆର୍‌ଓ)ଙ୍କ ଟେବୁଲରେ ଆରମ୍ଭ ହେବ। ଭୋଟଗଣତି ଆରମ୍ଭ ପୂର୍ବରୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ଆର୍‌ଓ ଗ୍ରହଣ କରିଥିବା ବାଲଟ ପେପରଗୁଡ଼ିକୁ କେବଳ ଗଣନା ପାଇଁ ନିଆଯିବ। ପୋଷ୍ଟାଲ ବାଲଟ ଗଣନା ଆରମ୍ଭର ୩୦ ମିନିଟ ପରେ ଇଭିଏମ୍ ଭୋଟ ଗଣନା ଆରମ୍ଭ ହେବ। ଯେଉଁ ନିର୍ବାଚନମଣ୍ଡଳୀରେ ପୋଷ୍ଟାଲ ବାଲଟ ନ ଥିବ ସେଠାରେ ଧାର୍ଯ୍ୟ ସମୟ ଅନୁଯାୟୀ ଇଭିଏମ୍ ଭୋଟଗୁଡ଼ିକର ଗଣନା ଆରମ୍ଭ ହେବ। ଭୋଟ ଗଣନା ପାଇଁ ଫର୍ମ-୧୭ସି ସହ କେବଳ ଇଭିଏମ୍‌ର କଣ୍ଟ୍ରୋଲ ୟୁନିଟ୍(ସିୟୁ)ଗୁଡ଼ିକୁ ବ୍ୟବହାର କରାଯିବ। ଫଳାଫଳ ପୂର୍ବରୁ ଗଣନାକାରୀ ଅଧିକାରୀ ସିୟୁର ପେପର ସିଲ୍ ଅକ୍ଷୁଣ୍ଣ ଥିବା ଏବଂ ଫର୍ମ-୧୭ସିରେ ଥିବା ସଂଖ୍ୟା ସହ ମୋଟ ଭୋଟକୁ ମେଳ କରାଇ ନିଶ୍ଚିତ ହେବେ। କଣ୍ଟ୍ରୋଲ ୟୁନିଟ୍‌ର ଫଳାଫଳକୁ କାଉଣ୍ଟିଂ ସୁପରଭାଇଜର, ମାଇକ୍ରୋ ଅବ୍‌ଜରଭର ଏବଂ ପ୍ରାର୍ଥୀଙ୍କ କାଉଣ୍ଟିଂ ଏଜେଣ୍ଟମାନଙ୍କୁ ଦେଖାଇବା ପରେ ଫର୍ମ-୧୭ସି'ର ଦ୍ୱିତୀୟ ଭାଗରେ ଉଲ୍ଲେଖ କରାଯିବ। କୌଣସି ସିୟୁର ଡିସ୍‌ପ୍ଲେ ପ୍ୟାନେଲ୍‌ରେ ଫଳାଫଳ ଦେଖାଉ ନଥିଲେ ସମ୍ପୃକ୍ତ ଭିଭିପିଏଟିର ସ୍ଲିପ୍‌ଗୁଡ଼ିକୁ ଗଣନା କରାଯିବ।

କାଉଣ୍ଟିଂ ସୁପରଭାଇଜର ଏବଂ ଏଜେଣ୍ଟ ପ୍ରତି ସିୟୁର ପ୍ରାର୍ଥୀୱାରି ଫଳାଫଳ ଫର୍ମ-୧୭ସି'ର ଦ୍ୱିତୀୟ ଭାଗରେ ଉଲ୍ଲେଖ କରିବେ। ଗଣତି ଶେଷରେ ଭିଭିପିଏଟି ସ୍ଲିପ୍‌ଗୁଡ଼ିକର ବାଧ୍ୟତାମୂଳକ ଯାଞ୍ଚ ବ୍ୟବସ୍ଥା ଅନୁଯାୟୀ ପ୍ରତି ବିଧାନସଭା ନିର୍ବାଚନ ମଣ୍ଡଳୀର ୫ଟି ବୁଥ୍‌କୁ ଚୟନ କରାଯାଇ ଗଣନା କରାଯିବ। ଖାରଜ ପୋଷ୍ଟାଲ ବାଲଟ ସଂଖ୍ୟାଠାରୁ ବିଜୟ ବ୍ୟବଧାନ କମ୍ ହେଲେ ଫଳାଫଳ ଘୋଷଣା ପୂର୍ବରୁ ନାକଚ ବାଲଟଗୁଡ଼ିକର ପୁନଃ ଯାଞ୍ଚ କରାଯିବ। ଯଦି ୨ ଜଣ ପ୍ରାର୍ଥୀ ସମାନ ସଂଖ୍ୟକ ସର୍ବାଧିକ ଭୋଟ ପାଇଥିବେ, ତେବେ ଧର୍ମଗୁଳା ଜରିଆରେ ଫଳାଫଳ ଘୋଷଣା କରାଯିବ।

## ସଂକ୍ଷେପରେ

### ଆଇଏସ୍‌ଆଇ ପାଇଁ ଗୁପ୍ତଚରଗିରି

## ବ୍ରହ୍ମୋସ୍‌ର ପୂର୍ବତନ ଇଞ୍ଜିନିୟରଙ୍କୁ ଆଜୀବନ ଜେଲ

**ମୁମ୍ବାଇ,୩।୬:** ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ପାଇଁ ଗୁପ୍ତଚରଗିରି କରୁଥିବା ଅଭିଯୋଗରେ ବ୍ରହ୍ମୋସ୍ ଏରୋସ୍ପେସ୍ ପ୍ରା.ଲିଃର ପୂର୍ବତନ ଇଞ୍ଜିନିୟର ନିଶାନ୍ତ ପ୍ରଦୀପ କୁମାର ଅଗ୍ରୱାଲଙ୍କୁ ନାଗପୁରର ଏକ ଅଦାଲତ ସୋମବାର ଆଜୀବନ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଆଇଟି ଆଇନର ଧାରା ୬୬, ସରକାରୀ ଗୋପନୀୟତା ଆଇନର ବିଭିନ୍ନ ଧାରା ସମେତ ସିଆର୍‌ପିସିର ଧାରା ୨୩୫ରେ ଅତିରିକ୍ତ ଜିଲା ଓ ସେସନ୍ସ ଜଜ୍ ଏମ୍.ଭି. ଦେଶପାଣ୍ଡେ ଅଭିଯୁକ୍ତ ଅଗ୍ରୱାଲଙ୍କୁ ଦୋଷୀସାବ୍ୟସ୍ତ କରିଥିଲେ। ବ୍ରହ୍ମୋସ୍ ଏରୋସ୍ପେସ୍‌ର ବରିଷ୍ଠ ସିଷ୍ଟମ୍ସ ଇଞ୍ଜିନିୟର ଥିବା ଅଗ୍ରୱାଲଙ୍କୁ ଗୁପ୍ତଚର ବୃତ୍ତି ଅଭିଯୋଗରେ ୨୦୧୮ ଅକ୍ଟୋବର ୨୭ରେ ଗିରଫ କରାଯାଇଥିଲା। ସେ ତାଙ୍କ ପାକିସ୍ତାନୀ ପରିଚାଳକଙ୍କୁ ବ୍ରହ୍ମୋସ୍ ସଂକ୍ରାନ୍ତ ସମ୍ବେଦନଶୀଳ ତଥ୍ୟ ଦେଇଥିବା ନେଇ ଉତ୍ତରପ୍ରଦେଶର ଆତଙ୍କବାଦ ନିରୋଧୀ ଟିମ୍ (ଏଟିଏସ୍) ଏବଂ ସାମରିକ ଗୋଇନ୍ଦା ବିଭାଗ ତଦନ୍ତ ଚଳାଇଥିଲା।

## କବିତା ଆପ୍ ନେତାଙ୍କୁ ୧୦୦ କୋଟି ଲାଞ୍ଚ ଦେଇଥିଲେ: ଇଡି

### ହାଜତ ମିଆଦ ଜୁଲାଇ ୩ ଯାଏ ବୃଦ୍ଧି

ନୂଆଦିଲ୍ଲୀ, ୩।୬

ଦିଲ୍ଲୀ ଅବକାରୀ ଦୁର୍ନୀତିରେ ଅର୍ଥ ହେରଫେର ମାମଲାରେ ଦିଲ୍ଲୀର ରାଉଜ ଆଭେନ୍ୟୁ କୋର୍ଟ ସୋମବାର ଭାରତ ରାଷ୍ଟ୍ର ସମିତି(ବିଆର୍‌ଏସ୍) ନେତା କେ. କବିତାଙ୍କ ହାଜତ ମିଆଦକୁ ଜୁଲାଇ ୩ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏହି ମାମଲାରେ କବିତାଙ୍କ ବିରୋଧରେ ପୂର୍ବରୁ ଇଡି ଦାଖଲ କରିଥିବା ଚାର୍ଜଶିଟରେ ସେ ୨୯୨.୮ କୋଟି ଟଙ୍କାର ଠକେଇରେ ଜଡ଼ିତ ଥିବା ଉଲ୍ଲେଖ ଥିବା ରିପୋର୍ଟ ପ୍ରକାଶ ପାଇଛି। ସେଥିମଧ୍ୟରୁ ସେ କେତେଜଣ ଆପ୍ ନେତାଙ୍କୁ ୧୦୦ କୋଟିର ଲାଞ୍ଚ ଦେଇଥିବା ମଧ୍ୟ ଚାର୍ଜଶିଟରେ ଅଭିଯୋଗ ହୋଇଛି। ଏହି ମାମଲାରେ ନିଜର ସମ୍ପୃକ୍ତିକୁ ଲୁଚାଇବା ପାଇଁ କବିତା ବିଭିନ୍ନ ଡିଜିଟାଲ ପ୍ରମାଣ ନଷ୍ଟ କରିଥିବା ଇଡି କହିଛି।

## ପୁଲ୍‌ୱାମାରେ ଏନ୍‌କାଉଣ୍ଟର, ୨ ଆତଙ୍କବାଦୀ ନିହତ


ଶ୍ରୀନଗର,୩।୬(ପି.ଟି.)

ଜମ୍ମୁ କଶ୍ମୀରର ପୁଲ୍‌ୱାମା ଜିଲାର ତିହାମା ଅଞ୍ଚଳରେ ସୁରକ୍ଷା ବାହିନୀଙ୍କ ଏନ୍‌କାଉଣ୍ଟରରେ ସୋମବାର 'ଲଶ୍କର-ଇ-ତୋଇବା'ର ୨ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ଏଠାରେ ଆତଙ୍କବାଦୀ ଲୁଚି ରହିଥିବା ନେଇ ଗୋଇନ୍ଦା ସୂତ୍ରରୁ ସୁରକ୍ଷା ବାହିନୀକୁ ଖବର ମିଳିଥିଲା। ତେଣୁ ସମ୍ପୂର୍ଣ୍ଣ ଅଞ୍ଚଳରେ ସୁରକ୍ଷାବାହିନୀଙ୍କ ପକ୍ଷରୁ ସର୍ଚ୍ଚ ଅପରେଶନ କରାଯାଉଥିବା ବେଳେ ଲୁଚି ରହିଥିବା ୨ ଆତଙ୍କବାଦୀ ଗୁଳିବର୍ଷଣ କରିଥିଲେ। ଉଭୟ ପକ୍ଷଙ୍କ ସଂଘର୍ଷ ମଧ୍ୟରେ ପୋଲିସ ଗୁଳିରେ ଏହି ୨ ଆତଙ୍କବାଦୀଙ୍କ ମୃତ୍ୟୁ ଘଟିଛି। ୨ ମୃତକ ଆତଙ୍କବାଦୀଙ୍କ ପରିଚୟ ରିୟାଜ୍ ଶେତ୍ରୀ ଓ ରଇସ ଡାର୍ ହୋଇଥିବା ଜଣାପଡ଼ିଛି। ଉଭୟଙ୍କ ନିକଟରୁ ବହୁ ପରିମାଣର ଗୁଳିଗୋଳା ଜବତ କରାଯାଇଛି। ରିଆଜ ୨୦୧୫ରୁ ଟାର୍ଗେଟ କିଲିଂ, ଗ୍ରେନେଡ୍ ଆକ୍ରମଣ ଆଦି ୨୦ରୁ ଅଧିକ ଆତଙ୍କବାଦୀ କାର୍ଯ୍ୟକଳାପରେ ଲିପ୍ତ ଥିଲା। ତାଙ୍କୁ ଧରିବା ପାଇଁ ୧୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା।

## ତଥ୍ୟ ଦାଖଲ ପାଇଁ ଜୟରାମଙ୍କୁ ଅଧିକ ସମୟ ଦେଲେନି ଇସି

ନୂଆଦିଲ୍ଲୀ,୩।୬(ପି.ଟି.)

ଲୋକ ସଭା ନିର୍ବାଚନ ଭୋଟଗଣତି ପୂର୍ବରୁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ୧୫୦ ଜଣ ଜିଲାପାଳଙ୍କୁ ଫୋନ୍ ଯୋଗେ ପ୍ରଭାବିତ କରିଥିବା କଂଗ୍ରେସ ନେତା ଜୟରାମ ରମେଶ ଅଭିଯୋଗ ଆଣିଥିଲେ। ଏହା ଉପରେ ସବିଶେଷ ତଥ୍ୟ ରବିବାର ରାତି ୭ଟା ସୁଦ୍ଧା ଦାଖଲ କରିବା ପାଇଁ ନିର୍ବାଚନ କମିଶନ(ଇସି) ତାଙ୍କୁ କହିଥିବାବେଳେ ଧାର୍ଯ୍ୟ ସମୟସୀମା ମଧ୍ୟରେ ସେ ତାହା ଉପସ୍ଥାପନ କରିପାରି ନାହାନ୍ତି। ସମୟସୀମା ସପ୍ତାହେ ବଢ଼ାଇବା ପାଇଁ ଜୟରାମଙ୍କ ଆବେଦନକୁ ଇସି ଅଗ୍ରାହ୍ୟ କରିଦେଇ ସୋମବାର ରାତି ୭ଟା ସୁଦ୍ଧା ତଥ୍ୟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୟ ମଧ୍ୟରେ ତଥ୍ୟ ଦାଖଲ କରି ନ ପାରିଲେ ଆପଣଙ୍କ ଅଭିଯୋଗର କୌଣସି ଆଧାର ନାହିଁ ବୋଲି ବିବେଚନା କରାଯିବ ଏବଂ କମିଶନ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି।



ସିକିମ୍ କ୍ରାନ୍ତିକାରୀ ମୋର୍ଚ୍ଚା (ଏସ୍‌କେଏମ୍) ନେତା ପ୍ରେମ ସିଂ ତମାଙ୍ଗ ସୋମବାର ଗାଙ୍ଗଟକ୍‌ସ୍ଥିତ ରାଜଭବନରେ ରାଜ୍ୟପାଳ ଲକ୍ଷ୍ମଣ ପ୍ରସାଦ ଆଚାର୍ଯ୍ୟଙ୍କୁ ଭେଟି ସରକାର ଗଢ଼ିବା ପାଇଁ ଦାବି ଜଣାଉଛନ୍ତି।

## କ୍ଲାଉଡିଆ ମେକ୍ସିକୋର ପ୍ରଥମ ମହିଳା ରାଷ୍ଟ୍ରପତି ନିର୍ବାଚିତ

ମେକ୍ସିକୋ ସିଟି,୩।୬

ମେକ୍ସିକୋରେ ରବିବାର ଅନୁଷ୍ଠିତ ରାଷ୍ଟ୍ରପତି ନିର୍ବାଚନରେ ଶାସକ ବାମପନ୍ଥୀ ମୋରେନା ପାର୍ଟି ପ୍ରାର୍ଥୀ କ୍ଲାଉଡିଆ ଶେଇନ୍‌ବାଉମ୍ ବିଜୟୀ ହୋଇଛନ୍ତି। ସେ ବିରୋଧୀ ପ୍ରାର୍ଥୀ ଜୋଚିଲ ଗାଲଭେଜ୍‌ଙ୍କୁ ବିପୁଳ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି। ଏହି ରକ୍ଷଣଶୀଳ ରାଷ୍ଟ୍ର ଦୁଇ ଶତାବ୍ଦୀରୁ ଊର୍ଦ୍ଧ୍ୱ ପୁରୁଷଙ୍କ ଦ୍ୱାରା ଶାସିତ ହୋଇଆସିଥିବାବେଳେ ପ୍ରଥମ ଥର ପାଇଁ ଜଣେ ମହିଳା ରାଷ୍ଟ୍ରପତି ନିର୍ବାଚିତ ହୋଇଛନ୍ତି। ୧୯୫୩ରେ ମେକ୍ସିକୋ ମହିଳାମାନଙ୍କୁ ଭୋଟ ଅଧିକାର ମିଳିଥିଲା। ବିଦାୟୀ ରାଷ୍ଟ୍ରପତି ଆଣ୍ଡ୍ରେସ୍ ମାନୁଏଲ୍ ଲୋପେଜ୍ ଓବ୍ରାଡରଙ୍କ ସ୍ଥାନରେ କ୍ଲାଉଡିଆ ଏହି ପଦବୀ ଅଳଙ୍କୃତ କରିବାକୁ ଯାଉଛନ୍ତି। ପୂର୍ବରୁ ମେକ୍ସିକୋ ସିଟି ମେୟର ଥିବା ୬୧ ବର୍ଷୀୟା ବାମପନ୍ଥୀ ନେତ୍ରୀ କ୍ଲାଉଡିଆ ଜଣେ ବୈଜ୍ଞାନିକ। ଏନର୍ଜି ଇଞ୍ଜିନିୟରିଂରେ ସେ ପିଏଚ୍‌ଡି କରିଥିବାବେଳେ ତାଙ୍କ ଭାଇ ଜଣେ ପଦାର୍ଥ ବିଜ୍ଞାନୀ।



କ୍ଲାଉଡିଆ ଶେଇନ୍‌ବାଉମ୍

## ଏଲ୍ ନିନୋ ଶେଷ: ଜୁଲାଇରୁ ଲା ନିନା ସମ୍ଭାବନା ଡବ୍ଲ୍ୟୁଏମ୍‌ଓ ରିପୋର୍ଟ

ନୂଆଦିଲ୍ଲୀ,୩।୬(ପି.ଟି.)

ସାରା ବିଶ୍ୱରେ ରେକର୍ଡ ତାପମାତ୍ରା ଏବଂ ଭୀଷଣ ପାଗ ପାଇଁ ଦାୟୀ ୨୦୨୩-୨୪ର ଏଲ୍-ନିନୋ ସ୍ଥିତିର ଆପାତତଃ ଅନ୍ତ ଘଟିଛି। ଏହା ଜୁଲାଇରୁ ଲା-ନିନାରେ ପରିବର୍ତ୍ତନ ହେବାକୁ ଯାଉଥିବା ବିଶ୍ୱ ପାଣିପାଗ ସଂଗଠନ (ଡବ୍ଲ୍ୟୁଏମ୍‌ଓ) ଏହାର ସଂଶୋଧିତ ରିପୋର୍ଟରେ କହିଛି। କେନ୍ଦ୍ରୀୟ ଏବଂ ପୂର୍ବ ପ୍ରଶାନ୍ତ ମହାସାଗର ଜଳରାଶିର ଉତ୍ତାପ ବଢ଼ିବା କାରଣରୁ ଏଲ୍ ନିନୋ ସ୍ଥିତି ଦେଖାଦେଇଥାଏ। ଏହାର ପ୍ରଭାବରେ ଚଳିତ ବର୍ଷ ଏପ୍ରିଲ ବିଶ୍ୱରେ ସବୁଠୁ ଉତ୍ତପ୍ତ ସାବ୍ୟସ୍ତ ହୋଇଥିବାବେଳେ ବର୍ଷର କ୍ରମାଗତ ୧୧ ମାସ ତାପମାତ୍ରା ରେକର୍ଡ ସ୍ତରରେ ରହିଥିଲା। ଲା-ନିନା ସ୍ଥିତି ସମ୍ଭାବନା ଜୁଲାଇରୁ ସେପ୍ଟେମ୍ବର ମଧ୍ୟରେ ୬୦ ପ୍ରତିଶତ ରହିବାକୁ ଥିବାବେଳେ ଅଗଷ୍ଟରୁ ନଭେମ୍ବର ମଧ୍ୟରେ ୭୦ ପ୍ରତିଶତ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଏହା ଭାରତ ସମେତ ବିଭିନ୍ନ ଦେଶ ପାଇଁ ଆଶ୍ୱସ୍ତି ଆଣିଛି। ଏହାର ପ୍ରଭାବରେ ଭାରତରେ ଅଧିକ ମୌସୁମୀ ବର୍ଷା ହେବା ସହ ତାପମାତ୍ରା ହ୍ରାସ ପାଇବ। ଚଳିତ ବର୍ଷ ଭାରତରେ ସ୍ୱାଭାବିକ ବର୍ଷା ହେବ ଏବଂ ଅଗଷ୍ଟ-ସେପ୍ଟେମ୍ବରରେ ଲା-ନିନା ସ୍ଥିତ ଅନୁକୂଳ ରହିବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବରୁ ଅନୁମାନ କରିଥିଲା।

## ବେଙ୍ଗାଲୁରୁରେ ଦିନକର ବର୍ଷା ୧୩୩ ବର୍ଷର ରେକର୍ଡ ଭାଙ୍ଗିଲା

ବେଙ୍ଗାଲୁରୁ, ୩।୬

କର୍ଣ୍ଣାଟକରେ ଦକ୍ଷିଣ-ପଶ୍ଚିମ ମୌସୁମୀ ପହଞ୍ଚିବା ସହ ଗତ ୨ ଦିନ ଧରି ୪୦ରୁ ୫୦ କିଲୋମିଟର ପ୍ରତି ଘଣ୍ଟା ବେଗରେ ପବନ ସହ ପ୍ରବଳ ବର୍ଷା ଲାଗି ରହିଛି। ରବିବାର ରାଜଧାନୀ ବେଙ୍ଗାଲୁରୁରେ ୧୧୧.୧ ମିଲିମିଟର ବର୍ଷା ରେକର୍ଡ ହୋଇଛି, ଯାହା ୧୩୩ ବର୍ଷର ରେକର୍ଡ ଭଙ୍ଗ କରିଛି। ପୂର୍ବରୁ ସହରରେ ୧୮୯୧ ଜୁନ ୧୬ରେ ୧୦୧.୬ ମିମି ବର୍ଷା ରେକର୍ଡ ହୋଇଥିଲା। ଏହା ପରଠାରୁ ଜୁନ୍ ମାସର ଗୋଟିଏ ଦିନରେ ରବିବାର ସର୍ବାଧିକ ବର୍ଷା ରେକର୍ଡ ହୋଇଛି।



ସେହିପରି ବେଙ୍ଗାଲୁରୁ ସହରରେ ପ୍ରତିବର୍ଷ ଜୁନ୍ ମାସରେ ହାରାହାରି ୧୧୦.୩ ମିମି ବର୍ଷା ରେକର୍ଡ ହୋଇଥିବାବେଳେ ରବିବାର କେବଳ ଗୋଟିଏ ଦିନରେ ସହରରେ ଏହାଠାରୁ ବେଶି ପରିମାଣର ବର୍ଷା ରେକର୍ଡ ହୋଇଛି। ସେହିପରି ସହରରେ ଜୁନ୍ ୫ ପର୍ଯ୍ୟନ୍ତ ବିଜୁଳି, ଘଡ଼ଘଡ଼ି ସହ ଅତି ପ୍ରବଳ ବର୍ଷା ଲାଗି ରହିବ ବୋଲି କର୍ଣ୍ଣାଟକ ରାଜ୍ୟ ପାଣିପାଗ ବିଭାଗ ୟେଲୋ ଆଲର୍ଟ ଜାରି କରିଛି।

### ଫୁର୍‌ସତ୍

## ୯୩ ବର୍ଷୀୟ ରୁପର୍ଟ ମର୍ଡକଙ୍କ ୫ମ ବିବାହ



ୱାଶିଂଟନ

ଆମେରିକୀୟ ଗଣମାଧ୍ୟମ ବାଦଶାହ ଭାବେ ପରିଚିତ ରୁପର୍ଟ ମର୍ଡକ ୯୩ ବର୍ଷ ବୟସରେ ପଞ୍ଚମ ଥର ପାଇଁ ବିବାହ କରିଛନ୍ତି। ସେ ନିଜର ୬୭ ବର୍ଷୀୟ ମହିଳା ବନ୍ଧୁ ଏଲିନା ଜୁକୋଭାଙ୍କୁ ବିବାହ କରିଛନ୍ତି। ରୁଷୀୟ ଜନ୍ମିତ ଜୁକୋଭା ହେଉଛନ୍ତି ଜଣେ ଅବସରପ୍ରାପ୍ତ ମଲିକୁଲାର ଜୀବବିଜ୍ଞାନୀ। ଶନିବାର ଆମେରିକାର କାଲିଫର୍ନିଆ ପ୍ରଦେଶ ସ୍ଥିତ ବେଲ ଏୟାର ଅଞ୍ଚଳର ଏକ ଫାର୍ମ ହାଉସରେ ଉଭୟ ବିବାହ କରିଛନ୍ତି। ଉଭୟଙ୍କ ଅନେକ ବିବାହ ଫଟୋ ମଧ୍ୟ ସାମ୍‌ନାକୁ ଆସିଛି ଯାହା ସୋସିଆଲ ମିଡିଆରେ ଲୋକଙ୍କର ଦୃଷ୍ଟି ଆକର୍ଷଣ କରିଛି। ବିଭିନ୍ନ ଆମେରିକୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ରୁପର୍ଟ ଗତ କିଛି ବର୍ଷ ଧରି ଜୁକୋଭାଙ୍କୁ ଡେଟ୍ କରୁଥିଲେ। ଜୁକୋଭା ରୁଷିଆରୁ ଆମେରିକା ଯାଇ ଏବେ ସେଠାରେ ବସବାସ କରୁଛନ୍ତି।

ରୁପର୍ଟଙ୍କର ଏବେ ୬ ଜଣ ସନ୍ତାନ ରହିଛନ୍ତି। ସେ ପ୍ରଥମେ ଅଷ୍ଟ୍ରେଲୀୟ ବିମାନ କର୍ମଚାରୀ ପାଟ୍ରିସିଆ ବୁର୍କଙ୍କୁ ବିବାହ କରିଥିଲେ। ତେବେ ରୁପର୍ଟ ତାଙ୍କୁ ୭୦ ଦଶକର ଶେଷ ଭାଗରେ ଛାଡପତ୍ର ଦେଇଥିଲେ। ଏହା ପରେ ସେ ଆନ୍ନା ତୋରଭ ନାମ୍ନୀ ଜଣେ ନ୍ୟୁଜ୍ ରିପୋର୍ଟରଙ୍କୁ ବିବାହ କରିଥିଲେ। ଆନ୍ନାଙ୍କ ସହ ଦୀର୍ଘ ୩୦ ବର୍ଷରୁ ଅଧିକ ସମୟ ଧରି ଦାମ୍ପତ୍ୟ ଜୀବନ ବିତାଇବା ପରେ ୧୯୯୯ରେ ରୁପର୍ଟ ତାଙ୍କୁ ଛାଡ଼ପତ୍ର ଦେଇଥିଲେ। ୨୦୧୩ରେ ରୁପର୍ଟ ୱେଣ୍ଡି ଡେଙ୍ଗ୍‌ଙ୍କ ସହ ତୃତୀୟ ବିବାହ କରିଥିଲେ। ତାଙ୍କର ଚତୁର୍ଥ ବିବାହ ମଡେଲ୍ ତଥା ଅଭିନେତ୍ରୀ ଜେରୀ ହଲଙ୍କ ସହ ୨୦୧୬ରେ ହୋଇଥିଲା। ତେବେ ୨୦୨୨ରେ ଉଭୟ ରୁପର୍ଟ ଓ ଜେରୀ ପରସ୍ପରକୁ ଛାଡପତ୍ର ଦେଇଥିଲେ। ସେହିପରି ଏଲିନା ଜୁକୋଭା ପୂର୍ବରୁ ବିଲିୟନେୟାର ନିବେଶକ ତଥା ରୁଷୀୟ ରାଜନେତା ଆଲେକ୍‌ଜାଣ୍ଡର୍ ଜୁକୋଭାଙ୍କୁ ବିବାହ କରିଥିଲେ।

ଅଷ୍ଟ୍ରେଲିଆରେ ଜନ୍ମିତ ରୁପର୍ଟ ମର୍ଡକ ଜଣେ ଜଣାଶୁଣା ଆମେରିକୀୟ ବିଲିୟନେୟାର ବ୍ୟବସାୟୀ ଏବଂ ନିବେଶକ ମଧ୍ୟ। ସେ 'ଦି ନ୍ୟୁୟର୍କ ପୋଷ୍ଟ', 'ଟାଇମ୍ସ ଅଫ୍ ଲଣ୍ଡନ' ସମେତ ୧୭୫ଟି ଖବରକାଗଜ ପ୍ରକାଶିତ କରନ୍ତି। ଆମେରିକାରେ ସେ ଫକ୍ସ ଷ୍ଟୁଡିଓ, ଫକ୍ସ ନେଟୱର୍କ ଏବଂ ଏହିପରି ୩୫ଟି ଟିଭି ଷ୍ଟେଶନ୍‌ର ମଧ୍ୟ ମାଲିକ ଅଟନ୍ତି। ଗତବର୍ଷ ସେ 'ଫକ୍ସ ନ୍ୟୁଜ'ର ପ୍ୟାରେଣ୍ଟ କମ୍ପାନୀ 'ନ୍ୟୁଜ କର୍ପ'ର ଚେୟାରମ୍ୟାନ୍ ପଦରୁ ଇସ୍ତଫା ଦେଇଥିଲେ।

## ଚୋରି କରିବାକୁ ଆସି ଶୋଇପଡ଼ିଲେ



ଲକ୍ଷ୍ନୌ

ଉତ୍ତରପ୍ରଦେଶ ଲକ୍ଷ୍ନୌର ଦୀରାନଗର ଅଞ୍ଚଳର ଡକ୍ଟର ସୁନୀଲ ପାଣ୍ଡେଙ୍କ ଘରେ ରବିବାର ବିଳମ୍ବିତ ରାତ୍ରିରେ ଜଣେ ଚୋର ଚୋରି କରିବା ଉଦ୍ଦେଶ୍ୟରେ ପଶିଥିଲେ। ତେବେ ଚୋରି କରିବା ପୂର୍ବରୁ ଡ୍ରଇଂ ରୁମ୍‌ରେ ଥିବା ଏୟାର କଣ୍ଡିଶନରକୁ ଅନ୍ କରି ସୋଫା ଉପରେ ଶୋଇ ପଡ଼ିଥିଲେ। ଜଣେ ଅଜଣା ବ୍ୟକ୍ତି ଘରେ ଶୋଇଥିବା ପଡ଼ୋଶୀଙ୍କଠାରୁ ଜାଣି ସୁନୀଲ ପୋଲିସକୁ ସୂଚନା ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ସମ୍ପୃକ୍ତ ଚୋରଙ୍କୁ ଉଠାଇ ତାଙ୍କୁ ଗିରଫ କରିଥିଲା। ଅତ୍ୟଧିକ ମଦ ପିଇ ହାଲିଆ ଥିବାରୁ ସେ ନିଦରେ ଶୋଇପଡ଼ିଥିବା ପୋଲିସ କହିଛି।

## ଶାହରୁଖ୍‌ଙ୍କ ଦେଶୀ 'ଜନି ଡେପ୍' ଲୁକ୍

ମୁମ୍ବାଇ

ଦେଶର ବିଶିଷ୍ଟ ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ସାନପୁଅ ଅନନ୍ତ ଅମ୍ବାନୀଙ୍କ ଦ୍ୱିତୀୟ ପ୍ରି-ୱେଡିଂ ଉତ୍ସବ ଗତ ୧ରେ ଶେଷ ହୋଇଛି। ଏହି ବିଶେଷ ଉତ୍ସବରେ ବହୁ ବିଶିଷ୍ଟ ବ୍ୟକ୍ତି ଓ ଅନେକ ବଲିଉଡ୍ କଳାକାର ଯୋଗ ଦେଇଥିଲେ। ୪ ଦିନ ଧରି ଚାଲିଥିବା ଏହି ଉତ୍ସବର ବିଭିନ୍ନ ଫଟୋ ଏବେ ସାମ୍‌ନାକୁ ଆସିଛି। ଏହି ସମୟରେ ସୋସିଆଲ ମିଡିଆରେ ବଲିଉଡ୍ ସୁପରଷ୍ଟାର ଶାହରୁଖ୍ ଖାନ୍‌ଙ୍କ ଏକ ଫଟୋ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ କିଙ୍ଗ୍ ଖାନ୍‌ଙ୍କୁ ଏକ ନୂଆ ଲୁକ୍‌ରେ ଦେଖିବାକୁ ମିଳିଛି।

ଅନନ୍ତ ଅମ୍ବାନୀ ଏବଂ ରାଧିକା ମର୍ଚ୍ଚାଣ୍ଟଙ୍କ ଦ୍ୱିତୀୟ ପ୍ରି-ୱେଡିଂ ଉତ୍ସବରେ ଯୋଗଦେବା ସମୟରେ କିଙ୍ଗ୍ ଖାନ୍‌ଙ୍କ ଏକ ନୂଆ ଷ୍ଟାଇଲିସ୍ ଲୁକ୍‌କୁ ଦେଖିବାକୁ ମିଳିଛି। ଶାହାରୁଖଙ୍କର ଯେଉଁ ଫଟୋ ସାମ୍‌ନାକୁ ଆସିଛି, ସେଥିରେ ତାଙ୍କର ଲମ୍ବା କେଶ ଥିବା ଦେଖାଯାଇଥିଲା। ଏହି ଫଟୋରେ ସେ ଗାଢ଼ ନୀଳ ରଙ୍ଗର ପୋଷାକ ପିନ୍ଧିବା ସହ ରଣବୀର କପୁରଙ୍କ ସହ ନଜର ଆସିଛନ୍ତି। ଶାହରୁଖ୍‌ଙ୍କ ଏହି ପୋଷ୍ଟ ତାଙ୍କର ଏକ ଫ୍ୟାନ୍ ପେଜ୍‌ରୁ ଶେୟାର କରାଯାଇଛି, ଯେଉଁଥିରେ ଅନେକ ପ୍ରଶଂସକ ଶାହରୁଖ୍‌ଙ୍କ ଲୁକ୍‌କୁ ଆମେରିକୀୟ ଅଭିନେତା ତଥା ସଙ୍ଗୀତଜ୍ଞ ଜନି ଡେପ୍‌ଙ୍କ ସହ ତୁଳନା କରିଛନ୍ତି। ଏହା କିଙ୍ଗ୍ ଖାନ୍‌ଙ୍କ ଦେଶୀ 'ଜନି ଡେପ୍' ଲୁକ୍ ହୋଇଥିବା କହି ଅନେକ ପ୍ରଶଂସକ ଏହି ପୋଷ୍ଟରେ କମେଣ୍ଟ କରିଛନ୍ତି।



ସେହିପରି ଏହି ପ୍ରି-ୱେଡିଂ ଉତ୍ସବରେ ଶାହାରୁଖ୍‌ଙ୍କ ଆଉ ଏକ ଭିଡିଓ ମଧ୍ୟ ଭାଇରାଲ ହୋଇଛି, ଯେଉଁଥିରେ ସେ ତାଙ୍କ ପରିବାର ସହିତ ଏହି ପାର୍ଟିକୁ ଉପଭୋଗ କରୁଥିବା ଦେଖିବାକୁ ମିଳିଛି। ଏହି ଭିଡିଓରେ ଅନନ୍ତ ଅମ୍ବାନୀ ମଧ୍ୟ ନଜର ଆସିଛନ୍ତି। ସୂଚନାଯୋଗ୍ୟ, ଅନନ୍ତ ଅମ୍ବାନୀ ଏବଂ ରାଧିକା ମର୍ଚ୍ଚାଣ୍ଟ ଆସନ୍ତା ମାସ ୧୨ରେ ମୁମ୍ବାଇରେ ବିବାହ କରିବାକୁ ଯାଉଛନ୍ତି। ଏହି ବିବାହ ମୁମ୍ବାଇର ଜିଓ ୱାର୍ଲ୍ଡ ସେଣ୍ଟରରେ ସମ୍ପୂର୍ଣ୍ଣ ପାରମ୍ପରିକ ଏବଂ ହିନ୍ଦୁ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହେବ।



ଭାଜପା ଯୁବ ମୋର୍ଚ୍ଚା ରାଜ୍ୟ ସଭାପତି ଓ ଅନ୍ୟ ନେତୃବୃନ୍ଦଙ୍କୁ ଆକ୍ରୋଶମୂଳକ ଆକ୍ରମଣ ବିରୋଧରେ ଭାଜପା ଯୁବ ମୋର୍ଚ୍ଚା ଓଡ଼ିଶା ପକ୍ଷରୁ ସୋମବାର କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

# ପୋଲିସ ମୁଖ୍ୟାଳୟ ଘେରିଲା ଭାଜପା ଯୁବମୋର୍ଚ୍ଚା

କଟକ,୩।୬(ଶିଳ୍ପା ପ୍ରିୟଦର୍ଶିନୀ)

- ରାଜ୍ୟ ଉପସଭାପତିଙ୍କୁ ଆକ୍ରମଣ ଘଟଣାର ପ୍ରତିବାଦ
- କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ନବୀନ ନିବାସ ଘେରାଉ

ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଳାଷ ପଣ୍ଡାଙ୍କୁ ଭଦ୍ରକ ଜିଲା ଚାନ୍ଦବାଲି ଠାରେ ସଂଘବଦ୍ଧ ଆକ୍ରମଣ ଘଟଣାରେ ଏପର୍ଯ୍ୟନ୍ତ ଅଭିଯୁକ୍ତ ବିଜେଡି କର୍ମୀଙ୍କ ବିରୋଧରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ କରି ନ ଥିବା ଭାଜପା ରାଜ୍ୟ ଯୁବମୋର୍ଚ୍ଚା ଅଭିଯୋଗ ଆଣିଛି। ଏହାର ପ୍ରତିବାଦରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ସୋମବାର କଟକ ବକ୍ସିବଜାରସ୍ଥିତ ପୋଲିସ ମୁଖ୍ୟାଳୟ ଘେରାଉ କରାଯାଇଥିଲା। ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ନବୀନ ନିବାସ ଘେରାଉ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ଯୁବମୋର୍ଚ୍ଚା କର୍ମୀମାନେ ବକ୍ସିବଜାର ଛକଠାରୁ ଏକ ଶୋଭାଯାତ୍ରାରେ ବାହାରି ପୋଲିସ ମୁଖ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ସେମାନେ ଧାରଣା ଦେବା ସହ ପୋଲିସ ମୁଖ୍ୟାଳୟ ଘେରାଉ କରିଥିଲେ। ଏନେଇ ଭାଜପା ଯୁବ ମୋର୍ଚ୍ଚା ରାଜ୍ୟ ସମ୍ପାଦକ ଗଗନ ଓଝା କହିଛନ୍ତି, ଅଭିଳାଷ ଚାନ୍ଦବାଲିଠାରେ ପ୍ରଚାର କରି ଫେରିବା ସମୟରେ ବିଜେଡି କର୍ମୀଙ୍କ ସଂଘବଦ୍ଧ ଆକ୍ରମଣର ଶିକାର ହୋଇଥିଲେ। ସମ୍ପୃକ୍ତ ବିଜେଡି କର୍ମୀଙ୍କ ବିରୋଧରେ ଭାଜପା ପକ୍ଷରୁ ଚାନ୍ଦବାଲି ଥାନାରେ ଏତଲା ଦିଆଯାଇଛି। ତେବେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏହା ପ୍ରତିବାଦରେ ଯୁବ ମୋର୍ଚ୍ଚା କର୍ମୀମାନେ ଆନ୍ଦୋଳନକୁ ଓହ୍ଲାଇବା ସହ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ନବୀନ ନିବାସ ଘେରାଉ କରାଯିବ ଏବଂ ଏଥିପାଇଁ ପୋଲିସ ଡିଜି ଦାୟୀ ରହିବେ। ସେହିପରି ଓଝା ଆହୁରି କହିଛନ୍ତି ଯେ, ଭାଜପା କର୍ମୀଙ୍କ ଉପରେ ବିଭିନ୍ନ ସ୍ଥାନରେ ଏଭଳି ଆକ୍ରମଣ ହେଉଛି। ପୋଲିସ କିଛି କର୍ମୀଙ୍କୁ ଗିରଫ କରୁଥିଲେ ମଧ୍ୟ ମୁଖ୍ୟ ଅଭିଯୁକ୍ତଙ୍କୁ ଜାଣତରେ ଛାଡ଼ି ବିଜେଡିକୁ ସହଯୋଗ କରୁଛି ବୋଲି ଓଝା ଅଭିଯୋଗ ଆଣିଛନ୍ତି। ଅନ୍ୟପଟେ ପୋଲିସ ମହାନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଡିଜିପି ଅରୁଣ କୁମାର ଷଡ଼ଙ୍ଗୀଙ୍କୁ ଭାଜପାର ଏକ ପ୍ରତିନିଧିମଣ୍ଡଳୀ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଘଟଣାରେ ତୁରନ୍ତ ପଦକ୍ଷେପ ନେବାକୁ ଡିଜିପି ପ୍ରତିଶ୍ରୁତି ଦେଇଛନ୍ତି। ଆନ୍ଦୋଳନରେ ଭାଜପା କଟକ ଜିଲା ସଭାପତି ରାମନାରାୟଣ ମହାନ୍ତି, ସାଲେପୁର ପ୍ରାର୍ଥୀ ଅରିନ୍ଦମ ରାଏ, କଟକ ସଦର ପ୍ରାର୍ଥୀ ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ଆଠଗଡ଼ ପ୍ରାର୍ଥୀ ଅଭୟ ବାରିକ, ବାଙ୍କୀ ପ୍ରାର୍ଥୀ ତୁଷାରକାନ୍ତ ଚକ୍ରବର୍ତ୍ତୀ, ଭାଜପା ଯୁବ ମୋର୍ଚ୍ଚା ଉପସଭାପତି ସଂଗ୍ରାମ ପାତ୍ର, ସାଧାରଣ ସମ୍ପାଦକ ଦୀପକ ଗୋଛାୟତଙ୍କ ସମେତ ଶତାଧିକ କର୍ମୀ ସାମିଲ ଥିଲେ।

# କଣ୍ଟାବାଞ୍ଜି ଆସନ ଉପରେ ନଜର

ବଲାଙ୍ଗୀର, ୩।୬
(ବୀରେନ୍ଦ୍ର କୁମାର ଝାଙ୍କର)

**ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ବାଚନୀ ଫଳାଫଳକୁ ନେଇ ଉତ୍ସୁକତା**

ବଲାଙ୍ଗୀର ଜିଲାର କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ଅଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏଠାରେ ମେ ୨୦ରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ନିର୍ବାଚନ ପରଠାରୁ କଣ୍ଟାବାଞ୍ଜି ଆସନ ଉପରେ ସମସ୍ତଙ୍କ ନଜର ରହିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଠାରୁ ପ୍ରତିଦ୍ୱନ୍ଦ୍ୱିତା କରିଥିବାରୁ ଫଳାଫଳ କ'ଣ ହେବ ତାକୁ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ମଙ୍ଗଳବାର ଭୋଟ୍ ଗଣତି ପାଇଁ ମଧ୍ୟ କଣ୍ଟାବାଞ୍ଜି ଉପରେ ରାଜ୍ୟବାସୀଙ୍କ ନଜର ରହିଛି। କଣ୍ଟାବାଞ୍ଜି ଆସନର ୩୩୪ ପୋଲିଂ ବୁଥ୍‌ରେ ୨ ଲକ୍ଷ ୭୬ ହଜାର ୪୭୩ ଜଣ ଭୋଟର ଅଛନ୍ତି। ସେଠାରେ ୭୩.୪୧ ପ୍ରତିଶତ ମତଦାନ ହୋଇଥିଲା। ଏହି ଆସନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ୧୧ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରି ଚର୍ଚ୍ଚାରେ ରହିଛନ୍ତି ଭାଜପା ବିଧାୟକ ପ୍ରାର୍ଥୀ ଲକ୍ଷ୍ମଣ ବାଗ ଓ କଂଗ୍ରେସ ବିଧାୟକ ପ୍ରାର୍ଥୀ ସନ୍ତୋଷ ସିଂ ସାଲୁଜା।

ଏହା ସହିତ ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍ ପ୍ରାର୍ଥୀ ଅଭିରାମ ଧରୁଆ, କୋଶଲ ମୁକ୍ତି ମୋର୍ଚ୍ଚା ପ୍ରାର୍ଥୀ ଦେବେନ୍ଦ୍ର କୁମାର ଜୈନ, କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆର ପ୍ରାର୍ଥୀ ପାଣ୍ଡବ ଭୋଇ, ଆମ୍ବେଦକ୍ରାଥଇଟ୍ ପାର୍ଟି ଅଫ୍ ଇଣ୍ଡିଆ ପ୍ରାର୍ଥୀ ସୁଦାମ କଲେତ, ସ୍ୱାଧୀନ ପ୍ରାର୍ଥୀ କମଳ କୁମାର ଛତ୍ରିଆ, ଧନେଶ୍ୱର ମାଝି, ସୁରଥ ବେହେରା ଏବଂ ସୋହନ ସିପ୍‌କା ମଧ୍ୟ ବିଧାୟକ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି। ଦାଦନ ଶ୍ରମିକ ସମସ୍ୟା, ପିଲାବିକ୍ରି, ଅନାହାର ମୃତ୍ୟୁ ସମସ୍ୟାକୁ ନେଇ ଦଶନ୍ଧି ଦଶନ୍ଧି ଧରି ଦେଶ ବିଦେଶରେ ଚର୍ଚ୍ଚାରେ ରହିଆସିଥିବା ଏହି ନିର୍ବାଚନ ମଣ୍ଡଳୀରେ ଚଳିତ ନିର୍ବାଚନରେ ଖୋଦ୍ ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରାର୍ଥୀ ହୋଇଥିବାରୁ ସମସ୍ତଙ୍କ ନଜର ଏହି ନିର୍ବାଚନ ମଣ୍ଡଳୀର ଫଳାଫଳ ଉପରେ ରହିଛି।

# ଫଳାଫଳ ଏକ୍‌ଜିଟ୍ ପୋଲ୍ ବିପରୀତ ହେବ: ସୋନିଆ

ନୂଆଦିଲ୍ଲୀ,୩।୬(ପି.ଟି.)

ଲୋକ ସଭା ନିର୍ବାଚନ ଫଳାଫଳ ଏକ୍‌ଜିଟ୍ ପୋଲ୍‌ଗୁଡ଼ିକର ପୂର୍ବାନୁମାନର ସମ୍ପୂର୍ଣ୍ଣ ବିପରୀତରେ ଯିବା ନେଇ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଆଶାବ୍ୟକ୍ତ କରିଛନ୍ତି। ଫଳାଫଳ ଆସିବା ପର୍ଯ୍ୟନ୍ତ ଆମକୁ ଅପେକ୍ଷା କରିବାକୁ ହେବ ବୋଲି ସୋମବାର ସୋନିଆ ଏକ ଗଣମାଧ୍ୟମକୁ କହିଛନ୍ତି। ଶନିବାର ଅନ୍ତିମ ପର୍ଯ୍ୟାୟ ମତଦାନ ଶେଷ ହେବା ପରେ ବିଭିନ୍ନ ଗଣମାଧ୍ୟମ ପକ୍ଷରୁ ପ୍ରକାଶିତ ବୁଥ୍ ବାହୁଡ଼ା ଜନମତ ସର୍ଭେରେ ଏନ୍‌ଡିଏ ୩୫୦ରୁ ଅଧିକ ଆସନ ଜିତି ତୃତୀୟ ଥର ସରକାର ଗଢ଼ିବ ବୋଲି ପୂର୍ବାନୁମାନ କରିଥିଲେ। ଏପରିକି କେତେକ ଏକ୍‌ଜିଟ୍ ପୋଲ୍‌ରେ ଏନ୍‌ଡିଏକୁ ୪୦୦ରୁ ଅଧିକ ଆସନ ମିଳିବ ବୋଲି ଆକଳନ କରାଯାଇଥିଲା। ତେବେ କଂଗ୍ରେସ ଓ ଇଣ୍ଡିଆ ବ୍ଲକ୍‌ର ଅନ୍ୟ ଦଳଗୁଡ଼ିକ ଏକ୍‌ଜିଟ୍ ପୋଲ୍ ଆକଳନକୁ ବିଭ୍ରାନ୍ତିକର କହି ଅଗ୍ରାହ୍ୟ କରିଛନ୍ତି। ବିରୋଧୀ ମେଣ୍ଟ ପରବର୍ତ୍ତୀ ସରକାର ଗଢ଼ିବ ବୋଲି ସେମାନେ କହିଛନ୍ତି।

# ସମ୍ବଲପୁରରେ ଫଳାଫଳକୁ ନେଇ ଉତ୍କଣ୍ଠା

ସମ୍ବଲପୁର,୩।୬
(ଭବାନୀ ଶଙ୍କର ଭୋଇ)

- ହାର୍ ଜିତ୍‌କୁ ନେଇ ଦିନସାରା କର୍ମୀଙ୍କ ଅଙ୍କକଷା
- ହଟ୍ ସିଟ୍‌ରେ ଲୋକ ସଭା ଆସନ

ସାରା ଦେଶରେ ମଙ୍ଗଳବାର ଲୋକ ସଭା ମତଗଣନା ହେଉଥିବା ବେଳେ ଓଡ଼ିଶାରେ ଲୋକ ସଭା ସହ ବିଧାନସଭାର ମଧ୍ୟ ଭୋଟଗଣନା ହେବ। ସମ୍ବଲପୁର ଲୋକସଭା କ୍ଷେତ୍ରରେ ବିଶେଷକରି ଭାଜପାରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ବିଜେଡିର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ (ବବି) ରଣାଙ୍ଗନରେ ମୁକାବିଲା କରୁଛନ୍ତି। ସେଥିପାଇଁ ସମ୍ବଲପୁର ହଟ୍‌ସିଟରେ ରହିଛି। ଉଭୟେ ରାଜନୀତି ମଇଦାନରେ ଅଭିଜ୍ଞ ଖେଳାଳି ହୋଇଥିବା ବେଳେ ସମ୍ବଲପୁର ଲୋକ ସଭା ଆସନ କିଏ ଅକ୍ତିଆର କରିବେ, ତାହାକୁ ନେଇ ସୋମବାର ଉଭୟ ସମର୍ଥକଙ୍କ ମଧ୍ୟରେ ଅଙ୍କକଷା ଚାଲିଛି।

ବିଭିନ୍ନ ସଂସ୍ଥା ପକ୍ଷରୁ କରାଯାଇଥିବା ବୁଥ୍ ବାହୁଡା ମତ (ଏକ୍‌ଜିଟ୍ ପୋଲ୍) ଅନୁସାରେ ଦେଶରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ଅଧିକ ସିଟ୍ ପାଇବ ବୋଲି କୁହାଯାଉଛି। ସେହିଭଳି ଓଡ଼ିଶାରେ ମଧ୍ୟ ଭାଜପା ଏବଂ ବିଜେଡି ମଧ୍ୟରେ ବିଧାନସଭା ଆସନ ପାଇଁ କଡ଼ା ମୁକାବିଲା ଦେଖିବାକୁ ମିଳିବ ବୋଲି ଅନୁମାନ କରାଯାଉଛି। ଏହି ଗଣିତ ଭିତରେ ସମ୍ବଲପୁର ଲୋକ ସଭା ଅଞ୍ଚଳରେ ରହିଥିବା ସାତଟି ଯାକ ବିଧାନସଭା ଆସନରେ କିଏ ବିଜୟୀ ହେବେ ତାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଚଳିତ ନିର୍ବାଚନରେ କୌଣସି ବିଧାୟକ ପ୍ରାର୍ଥୀ ଶହେ ପ୍ରତିଶତ ଜିତିବା ନେଇ ଦୃଢ଼ୋକ୍ତି ପ୍ରକାଶ କରିପାରୁ ନାହାନ୍ତି। ଏଥିରୁ ଜଣାପଡୁଛି ମୁକାବିଲା କେତେ ଜୋରଦାର ରହିଛି। ସବୁ ବିଧାନସଭା କ୍ଷେତ୍ରରେ ହାର୍ ଜିତ୍‌ର ପରିମାଣ କମ୍ ରହିବ ଏବଂ ଅଳ୍ପ ବ୍ୟବଧାନରେ କିଛି ସିଟ୍‌ରେ ପ୍ରାର୍ଥୀ ବିଜୟୀ ହେବେ ବୋଲି ଅନୁମାନ କରାଯାଉଛି।

ଧର୍ମେନ୍ଦ୍ର ସମ୍ବଲପୁର ଲୋକ ସଭାରୁ ବିଜୟୀ ହେଲେ ପୁଣିଥରେ କେନ୍ଦ୍ରରେ ମନ୍ତ୍ରୀ ହେବା ନେଇ ସମର୍ଥକ ଆଶା ବାନ୍ଧିଥିବା ବେଳେ ଦଳ ରାଜ୍ୟରେ ଭଲ ପ୍ରଦର୍ଶନ କଲେ ସେ ହୁଏତ ରାଜ୍ୟ ରାଜନୀତିରେ ପ୍ରମୁଖ ଭୂମିକା ନେବେ ବୋଲି ସମର୍ଥକ ଦାବି କରୁଛନ୍ତି। ଅନ୍ୟପକ୍ଷରେ ପ୍ରଣବ ବିଜୟୀ ହେଲେ ଏହା ଏକ ମାଷ୍ଟର ଷ୍ଟ୍ରୋକ୍ ହେବ ଓ ରାଜ୍ୟ ରାଜନୀତିରେ ତାଙ୍କ ଗୁରୁତ୍ୱ ଆହୁରି ବୃଦ୍ଧି ପାଇବ ବୋଲି ତାଙ୍କର ସମର୍ଥକମାନେ କହୁଛନ୍ତି। ପୁଣି ଧର୍ମେନ୍ଦ୍ରଙ୍କୁ ସମ୍ବଲପୁର ଭିତରେ ଘେରି ରଖିବାରେ ବବି ସମର୍ଥ ହୋଇଥିବାରୁ ବିଜେଡିର ରଣନୀତି କାମ ଦେଇଛି ବୋଲି ମଧ୍ୟ ବିଜେଡିର ଅନେକ କର୍ମୀ ଚର୍ଚ୍ଚା କରୁଛନ୍ତି ।

ସମ୍ବଲପୁରରେ ଚର୍ଚ୍ଚା ହେଉଛି ରୋହିତ ପୂଜାରୀ ଜିତିଲେ କ'ଣ ପୁଣି ମନ୍ତ୍ରୀପଦ ଫେରି ପାଇବେ କି, ନା ସରକାରଙ୍କୁ ହରଡ଼ଘଣାରେ ପକାଇଥିବା ଜୟନାରାୟଣ ଜିତିଲେ ବିରୋଧୀ ଦଳ ନେତା ପଦ ପୁଣି ପାଇବେ ନା ସରକାରଙ୍କୁ ଆସିଲେ ବଡ ଦାୟିତ୍ୱ ମିଳିବ। କୁଚିଣ୍ଡାରୁ ଭାଜପା ପ୍ରାର୍ଥୀ ରବି ନାୟକଙ୍କ ବିଜୟ ନେଇ ଭାଜପା ନେତା ସବୁଠାରୁ ବେଶି ଆଶ୍ୱସ୍ତ ରହିଥିବାବେଳେ, ରେଢାଖୋଲରୁ ବିଜେଡିର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ବିଜୟକୁ ନେଇ ବିଜେଡି କର୍ମୀ ଆଶ୍ୱସ୍ତ ରହିଛନ୍ତି। ତେବେ ସମ୍ବଲପୁର ଜିଲାରୁ ଯଦି କଂଗ୍ରେସ କୌଣସି ସିଟ୍ ଜିତିବ, ତେବେ ରେଢାଖୋଲରୁ ଆସଫ୍ ଅଲି ଖାନ୍ ଜିତି ପାରନ୍ତି ବୋଲି କଂଗ୍ରେସ କର୍ମୀ ଆଶା ବାନ୍ଧିଛନ୍ତି । ଏଭଳି ବିଭିନ୍ନ ଦଳର ସମର୍ଥକ ନିଜ ନିଜର ଆକଳନରେ ବ୍ୟସ୍ତ ରହିଥିବା ବେଳେ ହାତୀ କାହା ମୁଣ୍ଡରେ ସୁନା କଳସ ଢାଳୁଛି ମଙ୍ଗଳବାର ସ୍ପଷ୍ଟ ହୋଇଯିବ।

# ଯାଜପୁର: ୩-୩-୧ ସମ୍ଭାବନା

ଯାଜପୁର,୩।୬ (ହର୍ଷବର୍ଦ୍ଧନ ବେହେରା)



**ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ଆଜି**

**ଏକ୍‌ଜିଟ୍ ପୋଲ୍‌କୁ ନେଇ ଭାଜପା କର୍ମୀ ଉତ୍ସାହିତ**

ମଙ୍ଗଳବାର ଭୋଟ ଗଣତି। ଯାଜପୁର ଜିଲାରେ ୭ ଜଣ ବିଧାୟକ ଓ ଜଣେ ଏମ୍‌ପିଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବ ଇଭିଏମ୍‌ରେ ସିଲ୍ ହୋଇଥିବା ଜନାଦେଶ। ଯାଜପୁର ନରସିଂହ ଚୌଧୁରୀ(ଏନ୍‌ସି) କଲେଜ ପରିସରରେ ଭୋଟ ଗଣତି କରିବାକୁ ଜିଲା ପ୍ରଶାସନ ପକ୍ଷରୁ ସବୁପ୍ରକାର ପ୍ରସ୍ତୁତି ସରିଛି। ଜିଲାବାସୀଙ୍କ ମଧ୍ୟରେ ହାରଜିତକୁ ନେଇ ହେଉଥିବା ଚର୍ଚ୍ଚା ଓ ଏକ୍‌ଜିଟ୍ ପୋଲ୍ ମତ ବିଭିନ୍ନ ଦଳର କର୍ମୀମାନଙ୍କ ମଧ୍ୟରେ ଉତ୍କଣ୍ଠା ଭରିଦେଇଥିବାବେଳେ ପ୍ରାର୍ଥୀମାନେ ଆଶା, ଆଶଙ୍କା ମଧ୍ୟରେ ରହିଛନ୍ତି। ଯାଜପୁର, କୋରେଇ, ସୁକିନ୍ଦା, ବିଞ୍ଝାରପୁର, ଧର୍ମଶାଳା, ବରୀ ଓ ବଡ଼ଚଣା ଆସନରେ ଜନମତ କାହା ସମର୍ଥନରେ ଯାଉଛି ସେ ନେଇ ଚର୍ଚ୍ଚା ସବୁଠି। ତେବେ ଏଥର ଜନାଦେଶ ୩-୩-୧ ଅର୍ଥାତ୍ ୩ ଭାଜପା, ୩ ବିଜେଡି ଓ ଗୋଟିଏ ସ୍ୱାଧୀନ ସପକ୍ଷରେ ଯାଇପାରେ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ଦେଉଛନ୍ତି।

କେନ୍ଦ୍ରରେ ଭାଜପା ସରକାର ଗଢୁଥିବା ପ୍ରାୟ ସମସ୍ତ ଏକ୍‌ଜିଟ ପୋଲ୍ ସଂସ୍ଥା ପୂର୍ବାନୁମାନ କରିଛନ୍ତି। ଓଡ଼ିଶାରେ ଉଭୟ ବିଜେଡି ଓ ଭାଜପାକୁ ୬୨ରୁ ୮୦ଟି ସିଟ ଲେଖାଏ ମିଳିବ ବୋଲି ଆକ୍ସିସ୍ ମାଇଁ ଇଣ୍ଡିଆ ଏକ୍‌ଜିଟ୍ ପୋଲ୍‌ରେ ଦର୍ଶାଯାଇଛି। ଏହି ପୂର୍ବାନୁମାନ ଜିଲାର ଭାଜପା କର୍ମୀଙ୍କୁ ଉତ୍ସାହିତ କରିଛି। ତେବେ ସହରାଞ୍ଚଳ ବିଧାନସଭା ଆସନ କୋରେଇ ଓ ଯାଜପୁରକୁ ନେଇ ଚର୍ଚ୍ଚା ଜୋର ଧରିଛି। କୋରେଇ ଆସନରେ ୨ଦଶନ୍ଧି ପରେ ଭାଜପା ପୁଣି ଲେଉଟିବ ବୋଲି ଆଲୋଚନା ହେଉଛି। ତେବେ ନିର୍ବାଚନୀ ଲଢ଼େଇ ଜୋରଦାର ହୋଇଥିବାରୁ ବିଜେଡି ପ୍ରାର୍ଥୀ ସନ୍ଧ୍ୟାରାଣୀ ଦାସଙ୍କ ବିଜୟକୁ ମଧ୍ୟ ଅନେକେ ଅଣଦେଖା କରୁନାହାନ୍ତି। ଯାଜପୁର ଆସନରେ ବିଜେଡି ପ୍ରାର୍ଥୀ ସୁଜାତା ସାହୁ ପ୍ରଥମ କରି ନିର୍ବାଚନ ଲଢୁଛନ୍ତି। ତାଙ୍କୁ କଡ଼ା ଟକ୍କର ଦେଉଛନ୍ତି ଭାଜପା ପ୍ରାର୍ଥୀ ଗୌତମ ରାୟ। ଏହି ଆସନରେ ପ୍ରଣବପ୍ରକାଶ ଦାସ(ବବି) ୨୦୦୯ରୁ ଲଗାତର ହାଟ୍ରିକ ବିଜୟୀ ହେବା ପରେ ଏଥର ସେ ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ହୋଇଛନ୍ତି। ତେଣୁ କୋରେଇ ସହ ଏହି ଆସନକୁ ଅକ୍ତିଆର କରିବାକୁ ବିଜେଡି ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ ହୋଇଛି। ତେଣୁ ଫଳାଫଳକୁ ସମସ୍ତେ ଚାହିଁ ରହିଛନ୍ତି। ଅନ୍ୟପକ୍ଷେ ଯାଜପୁର ସହରବାସୀ ସମେତ ଗ୍ରାମାଞ୍ଚଳ ଭୋଟର ପରିବର୍ତ୍ତନ ଚାହିଁଛନ୍ତି ବୋଲି ଚର୍ଚ୍ଚା ହେଉଛି । କିନ୍ତୁ ଏହାକୁ ବିଜେଡି କର୍ମୀ ମହଲରେ ଖଣ୍ଡନ କରିବା ସହିତ ସୁଜାତା ବିଜୟୀ ହେବାର ନିଶ୍ଚିତ ବୋଲି ଦାବି କରୁଛନ୍ତି।

ବିଞ୍ଝାରପୁର ନିର୍ବାଚନମଣ୍ଡଳୀରେ ଏଥର ନେତ୍ରୀ ବଦଳିବାର ସମ୍ଭାବନା ରହିଛି। ଭାଜପା ପ୍ରାର୍ଥୀ ବବିତା ମଲିକ ଏଥର ବାଜି ମାରିବେ ବୋଲି ଚର୍ଚ୍ଚା ଜୋର ଧରିଛି। ତେବେ ୨୦୦୦ରୁ ଲଗାତର ବିଜୟୀ ହୋଇଆସୁଥିବା ବିଜେଡି ପ୍ରାର୍ଥୀ ପ୍ରମିଳା ମଲ୍ଲିକ ଏଥର ୬ଷ୍ଠ ଥର ପାଇଁ ରେକର୍ଡ ସୃଷ୍ଟି କରିବେ ବୋଲି ଦଳୀୟ ମହଲରେ ଦାବି କରାଯାଉଛି। ବରୀ ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକ ଓ ଭାଜପାରର ଉମେଶ ଜେନା ମଧ୍ୟରେ ମୁକାବିଲା ଜୋରଦାର ହୋଇଛି। କେତେକ ମତଦାନ କେନ୍ଦ୍ରରେ ଅନିୟମିତତା ଓ ବୁଥ୍ ରିଗିଂ ହୋଇଥିବା କୁହାଯାଉଛି। ତେବେ ବିଜେଡି ଏଠାରେ ପୁଣିଥରେ ବାଜି ମାରିବ ବୋଲି ଅନେକେ ମତ ଦେଉଛନ୍ତି। ଧର୍ମଶାଳାରେ ବିଜେଡି ଓ ସ୍ୱାଧୀନ ପ୍ରାର୍ଥୀ ମଧ୍ୟରେ କଡ଼ା ଟକ୍କର ହୋଇଥିବା କୁହାଯାଉଛି। ବିଜେଡି ପ୍ରାର୍ଥୀ ପ୍ରଣବ କୁମାର ବଳବନ୍ତରାୟଙ୍କୁ ସ୍ୱାଧୀନ ପ୍ରାର୍ଥୀ ହିମାଂଶୁ ଶେଖର ସାହୁ ପଛରେ ପକାଇ ଦେଇପାରନ୍ତି ବୋଲି କୁହାଯାଇଛି। ଏଭଳି ଆଲୋଚନାକୁ ଖଣ୍ଡନ କରୁଛନ୍ତି ପ୍ରଣବଙ୍କ ସମର୍ଥକମାନେ।

ବଡ଼ଚଣାରେ ଭାଜପା ପ୍ରାର୍ଥୀ ଅମର ନାୟକଙ୍କ ବିଜୟକୁ ନେଇ ଦଳୀୟ କର୍ମୀମାନେ ଅଧିକ ଆଶାବାଦୀ ରହିଛନ୍ତି। ଅନ୍ୟପକ୍ଷରେ ବିଜେଡି ପ୍ରାର୍ଥୀ ବର୍ଷା ପ୍ରିୟଦର୍ଶିନୀ ପ୍ରଥମ କରି ରାଜନୀତିରେ ପାଦଦେଇ ବିଜୟୀ ହେବାର ଆଶା ରଖିଛନ୍ତି। ଶିଳ୍ପ ଓ ଖଣି ସମୃଦ୍ଧ ସୁକିନ୍ଦାରେ ଭାଜପା ଓ ବିଜେଡି ପ୍ରାର୍ଥୀ କେହି କାହାକୁ କମ୍ ନୁହନ୍ତି। ଏଠାରେ ଲୋକେ କାହାକୁ ସମର୍ଥନ କରିଛନ୍ତି ତାହା ଭୋଟଗଣତି ପରେ ସ୍ପଷ୍ଟ ହୋଇଯିବ। ଯାଜପୁର ଏମ୍‌ପି ଆସନ ପାଇଁ ମଧ୍ୟ ବିଜେଡି ଓ ଭାଜପା ମଧ୍ୟରେ କଡ଼ା ମୁକାବିଲା ହୋଇଛି। ମୋଦି ହାୱା ଓ ଏକ୍‌ଜିଟ୍ ପୋଲ୍ ରିପୋର୍ଟ ଆଧାରରେ ଭାଜପା କର୍ମୀମାନେ ଉତ୍ସାହିତ ରହିଛନ୍ତି। ଗଣତି ପାଇଁ ଏନ୍.ସି. କଲେଜ ପରିସରରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଗଣତି କେନ୍ଦ୍ରକୁ ମୋବାଇଲ ମନା ହୋଇଛି।

**ଅନ୍ୟାନ୍ୟ ଖବର**

# ସାଇକେଲ୍ ଶୋଭାଯାତ୍ରାରେ ପରିବେଶ ସଚେତନତା ବାର୍ତ୍ତା

ଭୁବନେଶ୍ୱର, ୩।୬ (ବନ୍ଦନା ସେଠୀ)

ୟୁଥ୍ ଫର୍ ଭଲ୍ୟୁଣ୍ଟାରୀ ୱାର୍କ ଓ ସୁଇଚ୍ ଅନ୍ ଫାଉଣ୍ଡେଶନ ପକ୍ଷରୁ ସୋମବାର 'ବିଶ୍ୱ ବାଇସାଇକେଲ୍ ଦିବସ' ଉପଲକ୍ଷେ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶିଶୁଭବନ ଛକରୁ ଏହି ଶୋଭାଯାତ୍ରା ବାହାରି ମାଷ୍ଟରକ୍ୟାଣ୍ଟିନ୍ ଛକ ପର୍ଯ୍ୟନ୍ତ ଯାଇଥିଲା। ଏହି ଅବସରରେ ପରିବେଶ ପ୍ରଦୂଷଣ ନେଇ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ 'ୱେଷ୍ଟ ପିକ୍‌ଅପ୍ ଡ୍ରାଇଭ୍' ଅଭିଯାନରେ ରାସ୍ତାକଡ଼ରେ ପଡ଼ିଥିବା ଅଳିଆ, ଆବର୍ଜନା ସଫା କରିବା ସହ



ୟୁଥ୍ ଫର୍ ଭଲ୍ୟୁଣ୍ଟାରୀ ୱାର୍କ ଓ ସୁଇଚ୍ ଅନ୍ ଫାଉଣ୍ଡେଶନ ପକ୍ଷରୁ ଶିଶୁଭବନ ଛକରୁ ମାଷ୍ଟରକ୍ୟାଣ୍ଟିନ୍ ଛକ ଯାଏ ବାହାରିଥିବା ଶୋଭାଯାତ୍ରା।

ପରିବେଶ ପ୍ରଦୂଷଣ ସମ୍ବନ୍ଧରେ ବାର୍ତ୍ତା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ୟୁଥ୍ ଫର୍ ଭଲ୍ୟୁଣ୍ଟାରୀ ୱାର୍କର ଅଧ୍ୟକ୍ଷ ମୀର ଅହମ୍ମଦ ଅଲ୍ଲୀ, ଦେବରାୟ କଲେଜ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ପୂର୍ଣ୍ଣଚନ୍ଦ୍ର ସାହୁ, ସୁଇଚ୍ ଅନ୍ ଫାଉଣ୍ଡେଶନ ତରଫରୁ ମୋନାଲିସା ବେହେରା, ଛାତ୍ରନେତା ତାପସ ଦେ, ମନୋଜ ସାହୁ ପ୍ରମୁଖ ଯୋଗଦେଇ ସାଇକେଲ ଚଳାଇବା ଦ୍ୱାରା ସ୍ୱାସ୍ଥ୍ୟ ଉତ୍ତମ ରହିବା ସହ ପରିବେଶ ପ୍ରଦୂଷଣରୁ ମୁକ୍ତି ମିଳିପାରିବ ବୋଲି କହିଥିଲେ। ଏଥିସହ ଆଗାମୀ ପିଢି ପାଇଁ ଡିଜେଲ ଓ ପେଟ୍ରୋଲର ସଂରକ୍ଷଣ ସୂତାରୁ ରୂପେ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଶୋଭାଯାତ୍ରାରେ ସରୋଜ କୁମାର ପ୍ରଧାନ, ସୁକେଶ ଦାଣ୍ଡିଆ, କ୍ଷୀରୋଦ କୁମାର ଜେନା, ଦେବାଶିଷ, ଚନ୍ଦନ, ସତ୍ୟରଞ୍ଜନ ପ୍ରମୁଖ ଯୋଗଦେଇ ଆଗାମୀ ଦିନରେ ସାଇକେଲ୍ ମାଧ୍ୟମରେ ସାରା ଓଡ଼ିଶାରେ ପରିବେଶ ପ୍ରଦୂଷଣ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବେ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଥିଲେ।


# ଅଂଶୁଘାତ ନେଲାଣି ୬ ଜୀବନ

କଟକ,୩।୬(ଶିଳ୍ପା ପ୍ରିୟଦର୍ଶିନୀ)

ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଜାରି ରହିଛି। ଅଂଶୁଘାତର ଶିକାର ହୋଇ ଲୋକଙ୍କ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। କଟକ ଜିଲାରେ ଅଦ୍ୟାବଧି ଅଂଶୁଘାତରେ ୬ଜଣଙ୍କ ଜୀବନ ଯାଇଥିବା ସୂଚନା ମିଳିଛି। ସେହିପରି ପ୍ରତ୍ୟେକ ଦିନ ଅଂଶୁଘାତର ଶିକାର ହୋଇ ୫୦ରୁ ଅଧିକ ବ୍ୟକ୍ତି କଟକ ଏସ୍‌ସିବି ମେଡିକାଲରେ ଭର୍ତ୍ତି ହେଉଥିବା ଜଣାପଡ଼ିଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନାନୁଯାୟୀ, ଏପର୍ଯ୍ୟନ୍ତ ଅଂଶୁଘାତରେ ୬ଜଣଙ୍କ ମୃତ୍ୟୁ ହୋଇଥିବା ତଥ୍ୟ ରହିଛି। ସେମାନଙ୍କ ମଧ୍ୟରୁ ୨ଜଣଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଥିବାବେଳେ ଅନ୍ୟ ୪ଜଣଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇନାହିଁ। ଏ ସଂକ୍ରାନ୍ତରେ ସିଡିଏମ୍‌ଓ ମକରନ୍ଦ ବେଉରା କହିଛନ୍ତି, ୬ଟି କେସ୍ ବର୍ତ୍ତମାନ ପର୍ଯ୍ୟନ୍ତ ଆସିଛି। ସମସ୍ତ ମୃତକ ଗ୍ରାମାଞ୍ଚଳର। ଯେଉଁମାନଙ୍କର ମୃତଦେହ ବ୍ୟବଚ୍ଛେଦ ହୋଇନାହିଁ ସେ ନେଇ ଏସ୍‌ଆର୍‌ସି ପକ୍ଷରୁ ସୂଚନା ଆସିବା ପରେ ପଦକ୍ଷେପ ଗ୍ରହଣ କରାଯିବ। ଏସ୍‌ସିବି ମେଡିସିନ୍ ବିଭାଗର ଡା. ଜୟନ୍ତ ପଣ୍ଡା କହିଛନ୍ତି, ପ୍ରତ୍ୟେକ ଦିନ ୪୦ରୁ ୫୦ ରୋଗୀ ଏସ୍‌ସିବିରେ ଭର୍ତ୍ତି ହେଉଛନ୍ତି। ଏଥିପାଇଁ ପାଇଁ ସ୍ୱତନ୍ତ୍ର ୱାର୍ଡ ବ୍ୟବସ୍ଥା କରାଯାଇଛି। ଗୁରୁତର ରୋଗୀଙ୍କ ପାଇଁ ୫ଟି ଆଇସିୟୁ ବେଡ୍ ମଧ୍ୟ ରହିଛି।

# ଫେରିନି ୭୭୫୫ କୋଟିର ୨୦୦୦ ଟଙ୍କିଆ ନୋଟ୍

ଭୁବନେଶ୍ୱର,୩।୬
(ଅନୁରାଧା ମହାରଣା)



ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ୨୦୦୦ ଟଙ୍କା ନୋଟ ଉପରେ ପ୍ରତିବନ୍ଧକ ଲଗାଇଥିଲା। ଏହାସତ୍ତ୍ୱେ ପ୍ରାୟ ୭୭୫୫ କୋଟି ଟଙ୍କା ମୂଲ୍ୟର ୨୦୦୦ ଟଙ୍କିଆ ନୋଟ୍ ବର୍ତ୍ତମାନ ସୁଦ୍ଧା ଫେରସ୍ତ କରାଯାଇ ନାହିଁ। ଆରବିଆଇ ଅନୁଯାୟୀ, ୨୦୦୦ ଟଙ୍କିଆ ନୋଟର ୯୭.୮୨ ପ୍ରତିଶତ ଏଥିରେ ପହଞ୍ଚିଛି। ଅବଶିଷ୍ଟ ନୋଟଗୁଡ଼ିକ ବର୍ତ୍ତମାନ ମଧ୍ୟ ଜନସାଧାରଣଙ୍କ ପାଖରେ ରହିଛି। ସୋମବାର ଆରବିଆଇ କହିଛି ଯେ ୨୦୦୦ ଟଙ୍କା ନୋଟକୁ ବିମୁଦ୍ରୀକରଣ କରିବାର ନିଷ୍ପତ୍ତି ୨୦୨୩ ମେ’ ୧୯ରେ ନିଆଯାଇଥିଲା। ଏହି ନିଷ୍ପତ୍ତି ନେବା ସମୟରେ ପ୍ରାୟ ୩.୫୬ ଲକ୍ଷ କୋଟି ଟଙ୍କାର ୨୦୦୦ ଟଙ୍କିଆ ନୋଟ ପ୍ରଚଳନ ଥିଲା। ଲୋକଙ୍କୁ ଏହି ନୋଟଗୁଡ଼ିକୁ ବ୍ୟାଙ୍କରେ ଜମା କରିବାକୁ ପର୍ଯ୍ୟାପ୍ତ ସମୟ ଦିଆଯାଇଥିଲେ ମଧ୍ୟ ୯୭.୮୨ ପ୍ରତିଶତ ନୋଟ ଫେରସ୍ତ କରାଯାଇଛି। ପ୍ରାୟ ୭୭୫୫ କୋଟି ଟଙ୍କା ମୂଲ୍ୟର ନୋଟ୍ ଫେରସ୍ତ ହୋଇନାହିଁ। କେନ୍ଦ୍ରୀୟ ବ୍ୟାଙ୍କ କହିଛି ଯେ ଲୋକଙ୍କୁ ୨୦୨୩ ଅକ୍ଟୋବର ୭ ପର୍ଯ୍ୟନ୍ତ ୨୦୦୦ ଟଙ୍କିଆ ନୋଟ ବିନିମୟ କିମ୍ବା ଜମା କରିବାର ସୁଯୋଗ ଦିଆଯାଇଥିଲା। ଯେକୌଣସି ବ୍ୟାଙ୍କ ଶାଖା ସହ ରିଜର୍ଭ ବ୍ୟାଙ୍କର ୧୯ଟି କାର୍ଯ୍ୟାଳୟରେ ମଧ୍ୟ ଏହି ନୋଟ୍ ବିନିମୟ କରିପାରିଥାନ୍ତେ। ଯେକୌଣସି ଡାକଘରୁ ୨୦୦୦ ଟଙ୍କିଆ ନୋଟ୍ ଆରବିଆଇ ଇସ୍ୟୁ କାର୍ଯ୍ୟାଳୟକୁ ଇଣ୍ଡିଆ ପୋଷ୍ଟ ମାଧ୍ୟମରେ ସେମାନଙ୍କ ଆକାଉଣ୍ଟରେ ଜମା କରିବାକୁ ପଠାଇ ପାରିବେ। ଆରବିଆଇର କାର୍ଯ୍ୟାଳୟଗୁଡ଼ିକ ଅହମଦାବାଦ, ବେଙ୍ଗାଲୁରୁ, ବେଲାପୁର, ଭୋପାଳ, ଭୁବନେଶ୍ୱର, ଚଣ୍ଡିଗଡ଼, ଚେନ୍ନାଇ, ଗୁଆହାଟୀ, ହାଇଦ୍ରାବାଦ, ଜୟପୁର, ଜମ୍ମୁ, କାନପୁର, କୋଲକାତା, ଲକ୍ଷ୍ନୌ, ମୁମ୍ବାଇ, ନାଗପୁର, ନୂଆଦିଲ୍ଲୀ, ପାଟନା ଏବଂ ଥିରୁଭାନନ୍ତପୁରମରେ ରହିଛି। ସୂଚନା ଥାଉକି, କେନ୍ଦ୍ର ସରକାର ୫୦୦ ଏବଂ ୧୦୦୦ ଟଙ୍କିଆ ନୋଟ୍‌ର ବିମୁଦ୍ରୀକରଣ ଘୋଷଣା ପରେ ଏହି ୨୦୦୦ଟଙ୍କିଆ ନୋଟ୍ ପ୍ରଚଳନ କରାଯାଇଥିଲା।

## ହୋଣ୍ଡାର ୧୧,୩୪୩ ୟୁନିଟ୍ ବିକ୍ରି

ଭୁବନେଶ୍ୱର,୩।୬

ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ (ଏଚ୍‌ସିଆଇଏଲ୍)ର ମାସିକ ଗାଡ଼ି ବିକ୍ରି ଫଳାଫଳ ନିକଟରେ ପ୍ରକାଶ ପାଇଛି। ଏପରିକି ୨୦୨୪ ମେ’ ମଧ୍ୟରେ ଏଚ୍‌ସିଆଇଏଲ୍ ମୋଟ ୧୧,୩୪୩ ୟୁନିଟ ବିକ୍ରି କରିଥିଲାବେଳେ ଗତ ବର୍ଷ ସମାନ ମାସରେ ଏହି ସଂଖ୍ୟା ୫୨୪୭ ୟୁନିଟ୍ ଥିଲା। ୨୦୨୪ ମେ’ରେ ଏଚ୍‌ସିଆଇଏଲ୍ ମୋଟ ୧୧,୩୪୩ ଗାଡି ବିକ୍ରି କରିଥିଲାବେଳେ ଘରୋଇ ବଜାରରେ ମୋଟ ୪୮୨୨ ଗାଡି ଏବଂ ୬୫୨୧ ଗାଡି ରପ୍ତାନି ହୋଇଛି ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଅପରପକ୍ଷରେ ଗତ ବର୍ଷ ଏହି ସମୟରେ ୪୬୬୦ ଗାଡି ଘରୋଇ ବଜାରରେ ବିକ୍ରି କରିଥିଲାବେଳେ ୫୮୭ ଗାଡି ରପ୍ତାନି ହୋଇଥିଲା। ଏ ସମ୍ପର୍କରେ ଏଚ୍‌ସିଆଇଏଲ୍‌ର ଭାଇସ ପ୍ରେସିଡେଣ୍ଟ (ମାର୍କେଟିଂ ଆଣ୍ଡ ସେଲ୍‌ସ) କୁନାଲ ବେହଲ କହିଥିଲେ, ୨୦୨୪ ମେ ମାସ ଉଭୟ ଶିଳ୍ପ ଓ ବଜାର ପାଇଁ ଚ୍ୟାଲେଞ୍ଜିଂ ଥିଲାବେଳେ ଆମେ ଏହି ସଫଳତା ପାଇଛୁ।

# ବିଓଆଇର ନୂତନ ଅଫର

ଭୁବନେଶ୍ୱର,୩।୬

ବ୍ୟାଙ୍କ ଅଫ୍ ଇଣ୍ଡିଆ(ବିଓଆଇ)ର ନୂତନ ଅଫର ‘୬୬୬ ଦିନିଆ ସ୍ଥାୟୀ ଜମା’ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହି ଅଫର ୨କୋଟି ଟଙ୍କାରୁ କମ୍ ଜମା ରାଶି ଉପରେ ଲାଗୁ ହେଉଥିବା ବେଳେ ୬୬୬ ଦିନ ନିମନ୍ତେ ଅତି ବରିଷ୍ଠ ନାଗରିକମାନଙ୍କୁ ବର୍ଷକୁ ୭.୯୫% ଉଚ୍ଚ ସୁଧହାର ପ୍ରଦାନ କରାଯାଉଛି। ସେହିଭଳି ବ୍ୟାଙ୍କର ଗ୍ରାହକ ଏବଂ ସର୍ବସାଧାରଣ ୬୬୬ଦିନିଆ ସ୍ଥାୟୀ ଜମା ଖାତା ଖୋଲିବା ସହ ଏହି ଆକର୍ଷଣୀୟ ଜମାର ଲାଭ ଉଠାଇପାରିବେ। ସେହିପରି ୬୬୬ଦିନିଆ ସ୍ଥାୟୀ ଜମା ଅଫର ଜରିଆରେ ବରିଷ୍ଠ ନାଗରିକମାନଙ୍କୁ ୭.୮୦% ସୁଧ ମିଳିବା ସହ ଅନ୍ୟମାନଙ୍କୁ ୭.୩୦% ପର୍ଯ୍ୟନ୍ତ ଉଚ୍ଚ ହାରରେ ସୁଧ ମିଳିବ। ଏପରିକି ସଂଶୋଧିତ ସୁଧ ହାର ଘରୋଇ, ଏନ୍‌ଆର୍‌ଓ ଏବଂ ଏନ୍‌ଆର୍‌ଆଇ ରୁପି ଟର୍ମ ଜମା ପାଇଁ ପ୍ରଯୁଜ୍ୟ ରହିଥିଲାବେଳେ ଏହି ନୂତନ ଅଫରର ଶୁଭାରମ୍ଭ ୨୦୨୪ଜୁନ ୧ରୁ ଆରମ୍ଭ ହୋଇଯାଇଛି, ଏଥିରେ ସ୍ଥାୟୀ ଜମା ବିପକ୍ଷରେ ଋଣ ଏବଂ ଅପରିପକ୍ୱ ଉଠାଣ ସୁବିଧା ମଧ୍ୟ ଉପଲବ୍ଧ ରହିଛି। ଅପରପକ୍ଷରେ ୬୬୬ଦିନିଆ ସ୍ଥାୟୀ ଜମା ଖାତା ଖୋଲିବା ପାଇଁ ବ୍ୟାଙ୍କ ଅଫ୍ ଇଣ୍ଡିଆର ଯେକୌଣସି ଶାଖା ସହ ଯୋଗାଯୋଗ କରିପାରିବେ କିମ୍ବା ବିଓଆଇ ଓମ୍‌ନି ନିଓ ଆପ୍ ଓ ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍ ବ୍ୟବହାର କରି ଏ ସମ୍ପର୍କରେ ସବିଶେଷ ବିବରଣୀ ପାଇପାରିବେ। ଏ ନେଇ ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ବିଜୟ କୁମାର ମଲ୍ଲିକ କହିଥିଲେ, ବ୍ୟାଙ୍କର ଏହି ଆକର୍ଷଣୀୟ ସୁଧ ହାର ସମସ୍ତ ଗ୍ରାହକ ଓ ନୂତନ ଗ୍ରାହକମାନଙ୍କୁ ଆକୃଷ୍ଟ କରିବା ସହିତ ଆଶାୟୀ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିବ ବୋଲି ମଲ୍ଲିକ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ।

# ଜୟଆଲୁକ୍କାସକୁ ‘ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ’ ପ୍ରମାଣପତ୍ର

ଭୁବନେଶ୍ୱର,୩।୬

ଦେଶର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ତଥା ଅନ୍ତଃରାଷ୍ଟ୍ରୀୟ ଗହଣା ବ୍ରାଣ୍ଡ୍ ‘ଜୟଆଲୁକ୍କାସ’କୁ ନିକଟରେ ଆଉ ଏକ ସମ୍ମାନ ଓ ମାନ୍ୟତା ‘ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ’ର ପ୍ରମାଣପତ୍ର ଦିଆଯାଇଛି। ବିଶେଷ କରି ଏହା ଏକ ବିଶ୍ୱସ୍ତରୀୟ ଭାରତୀୟ ଅଳଙ୍କାର ବ୍ରାଣ୍ଡ୍ ହୋଇଥିବାବେଳେ ସର୍ବଦା ଏକ ଉତ୍ତମ କାର୍ଯ୍ୟସ୍ଥଳର ପରମ୍ପରା ବଜାୟ ରଖିଛି। ଫଳରେ ବ୍ରାଣ୍ଡକୁ ସମ୍ମାନଜନକ ‘ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ’ ପ୍ରମାଣପତ୍ର ପ୍ରଦାନ କରାଯାଇଛି।

ଉଲ୍ଲେଖଯୋଗ୍ୟ, ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ ଅଥରିଟି ଦ୍ୱାରା କରାଯାଇଥିବା ବିଭିନ୍ନ ସର୍ଭେ ମାଧ୍ୟମରେ ଜୟଆଲୁକ୍କାସକୁ ଏହି ମାନ୍ୟତା ଦିଆଯାଇଛି। ଏପରିକି ଜୟଆଲୁକ୍କାସ ପରିସରରେ କର୍ମକ୍ଷେତ୍ରର ପରମ୍ପରା ଏବଂ କର୍ମଚାରୀଙ୍କ ସନ୍ତୁଷ୍ଟିକୁ ହୃଦୟଙ୍ଗମ କରିବା ପରେ ଅଥରିଟି ବ୍ରାଣ୍ଡକୁ ଏହି ପ୍ରମାଣପତ୍ର ପ୍ରଦାନ କରିଥିଲେ। ସେହିଭଳି ବ୍ରାଣ୍ଡ୍ କର୍ମଚାରୀଙ୍କ ପାଇଁ ଏକ ସପୋର୍ଟ ସିଷ୍ଟମ ଏବଂ କର୍ମଚାରୀଙ୍କ ପାଇଁ କ୍ୟାରିୟର ଅଭିବୃଦ୍ଧିର ସୁଯୋଗ ପ୍ରଦାନ ଲାଗି ମଧ୍ୟ ମାନ୍ୟତା ପାଇଛି। ଏପରିକି ଗ୍ରାହକମାନଙ୍କୁ ସର୍ବୋତ୍ତମ ଅଳଙ୍କାର ସଂଗ୍ରହ ଉପଲବ୍ଧ କରାଇବାରେ ମଧ୍ୟ ଜୟଆଲୁକ୍କାସଙ୍କର ଦଶନ୍ଧି ଧରି ଅଭିଜ୍ଞତା ରହିଛି। ଭାରତର ସବୁଠୁ ବଡ଼ ଅଳଙ୍କାର ବ୍ରାଣ୍ଡ୍ ଭାବେ ସେମାନଙ୍କର ପରମ୍ପରା ଲକ୍ଷ ଲକ୍ଷ ସନ୍ତୁଷ୍ଟ ଗ୍ରାହକଙ୍କ ପୃଷ୍ଠପୋଷକତାରେ ବୃଦ୍ଧି ପାଇଥାଏ ସାର୍ଟିଫିକେଟ୍ ହାସଲ କରିବା ପରେ।

ଜୟଆଲୁକ୍କାସ୍ ସମୂହର ଚେୟାରମ୍ୟାନ୍ ତଥା ପରିଚାଳନା ନିର୍ଦ୍ଦେଶକ ଜୟ ଆଲୁକ୍କାସ୍ କହିଛନ୍ତି, ଏହା ଆମ ସମସ୍ତଙ୍କ ପାଇଁ ଗର୍ବର ମୁହୂର୍ତ୍ତ ହୋଇଥିଲାବେଳେ ଦୀର୍ଘ ଦଶନ୍ଧି ଧରି ଆମେ ଗ୍ରାହକଙ୍କ ସନ୍ତୁଷ୍ଟି ପରି କର୍ମଚାରୀଙ୍କ ସନ୍ତୁଷ୍ଟିକୁ ମଧ୍ୟ ପ୍ରାଥମିକତା ଦେଇ ଆସିଛୁ।

# ଏଏସ୍‌ଜି ଆଇ ହସ୍ପିଟାଲର ନୂଆ ମାଇଲଖୁଣ୍ଟ



ଏଏସ୍‌ଜି ଆଇ ହସ୍ପିଟାଲ ଭୁବନେଶ୍ୱର ଶାଖାର ୬ଷ୍ଠ ବାର୍ଷିକ ଉତ୍ସବ ନିକଟରେ ପାଳିତ ହୋଇଯାଇଛି। ଏହି ଅବସରରେ ଏଏସ୍‌ଜି ଭୁବନେଶ୍ୱର ସେଣ୍ଟରର ସେଣ୍ଟର ଡାଇରେକ୍ଟର ଡା.ବିଘ୍ନରାଜ ପାଲଙ୍କ ସମେତ ସେଣ୍ଟର ମ୍ୟାନେଜର ବିଶ୍ୱଜିତ ମିଶ୍ର ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

### ୬ ବର୍ଷରେ ୧ଲକ୍ଷ ରୋଗୀଙ୍କୁ ସେବା ଯୋଗାଇଛି ଭୁବନେଶ୍ୱର ଶାଖା

ଭୁବନେଶ୍ୱର,୩।୬ (ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ଚିକିତ୍ସାଳୟ ତଥା ଏସିଆର ଅଗ୍ରଣୀ ଆଇ ହସ୍ପିଟାଲ ଚେନ ‘ଏଏସ୍‌ଜି ଆଇ ହସ୍ପିଟାଲ’ର ଭୁବନେଶ୍ୱର ସେଣ୍ଟର (ଶାଖା) ଏକ ନୂଆ ମାଇଲଖୁଣ୍ଟ ସହ ୬ଷ୍ଠ ବାର୍ଷିକ ଉତ୍ସବ ନିକଟରେ ପାଳନ କରିଛି। ଏପରିକି ଏହି ୬ ବର୍ଷ ମଧ୍ୟରେ ହସ୍ପିଟାଲ ୧ଲକ୍ଷ ରୋଗୀଙ୍କୁ ଗୁଣାତ୍ମକ ସେବା ଯୋଗାଇବା ସହ ରୋଗୀଙ୍କ ନିକଟତର ହୋଇପାରିଛି। ସେହିଭଳି ହସ୍ପିଟାଲର ଭୁବନେଶ୍ୱର ଶାଖାରେ ସମସ୍ତ ପ୍ରକାରର ଅତ୍ୟାଧୁନିକ ଯନ୍ତ୍ରପାତି ସହ ଚିକିତ୍ସା ସୁବିଧା ଉପଲବ୍ଧ ରହିଛି। ଏପରିକି ଗୋଟିଏ ଛାତ ତଳେ ଆଖି ସମ୍ବନ୍ଧୀୟ ସମସ୍ତ ଚିକିତ୍ସା,ସେବା ଓ ଆବଶ୍ୟକ ଉପାଦାନ ମଧ୍ୟ ସୁଲଭ ମୂଲ୍ୟରେ ରୋଗୀଙ୍କୁ ଯୋଗାଇ ଦିଆଯାଉଛି।

ଏ ସମ୍ପର୍କରେ ଏଏସଜି ଭୁବନେଶ୍ୱର ସେଣ୍ଟରର ସେଣ୍ଟର ଡାଇରେକ୍ଟର ଡା.ବିଘ୍ନରାଜ ପାଲ କହିଥିଲେ, ଆମେ ସଫଳତାର ସହ ୬ଷ୍ଠ ବର୍ଷ ପାଳନ କରି ବେଶ୍ ଉତ୍ସାହିତ ଅଛୁ। ସେହିଭଳି ସେଣ୍ଟର ମ୍ୟାନେଜର ବିଶ୍ୱଜିତ ମିଶ୍ର କହିଥିଲେ, ଆମେ ଆମର ଯାତ୍ରା ଜାରି ରଖିଛୁ। ଏପରିକି ଗୁଣାତ୍ମକ ରୋଗୀ ସେବାକୁ ସର୍ବାଧିକ ଗୁରୁତ୍ୱ ଦେଉଥିବାବେଳେ ଆଖି ଚିକିତ୍ସା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ଆମର ମୂଳ ଲକ୍ଷ୍ୟ ରହିଛି। ସେହିପରି ଖୁବଶୀଘ୍ର ଆମେ କଟକରେ ମଧ୍ୟ ଏକ ନୂତନ ଏବଂ ସର୍ବବୃହତ ଆଇ ହସ୍ପିଟାଲ ଖୋଲିବାକୁ ଯାଉଛୁ।

# ଆକ୍ସିସ୍ ବ୍ୟାଙ୍କ ସହ ବାଗିର ବୁଝାମଣା

ଭୁବନେଶ୍ୱର,୩।୬

ବଜାଜ ଆଲିଆଞ୍ଜ ଜେନେରାଲ ଇନ୍‌ସ୍ୟୁରାନ୍ସ ବା ବାଗି ଏବଂ ଆକ୍ସିସ୍ ବ୍ୟାଙ୍କ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ସ୍ଥାପନ ହୋଇଛି। ଏପରିକି ବ୍ୟାଙ୍କର ୫୨୫୦ରୁ ଅଧିକ ଶାଖା ନେଟ୍‌ୱର୍କ ଜରିଆରେ ସାଧାରଣ ବୀମା ଉତ୍ପାଦର ବ୍ୟାପକ ବର୍ଣ୍ଣମାଳା ପ୍ରଦାନ କରିବା ଲାଗି ବାଗି ସହ ଏହି ବୁଝାମଣା (ସହଭାଗିତା) କରାଯାଇଛି। ଏହି ସହଭାଗିତାର ଅଂଶ ସ୍ୱରୂପ ବାଗିର ଗାଡ଼ି, ସ୍ୱାସ୍ଥ୍ୟ, ଗୃହ ଏବଂ ଗମନାଗମନ ବୀମା ଭଳି ବ୍ୟାପକ ବ୍ୟକ୍ତିଗତ ବୀମା ଉତ୍ପାଦ ସହିତ ଇଞ୍ଜିନିୟରିଂ ବୀମା ଓ ମେରାଇନ୍ ବୀମା ଭଳି ବାଣିଜ୍ୟିକ ବୀମା ଉତ୍ପାଦ ମଧ୍ୟ ପ୍ରଦାନ କରାଯିବ। ଏହା ଜରିଆରେ ଗ୍ରାହକ କୈନ୍ଦ୍ରିକ ଦୃଷ୍ଟିକୋଣ ରଖି ବ୍ୟାଙ୍କର ଗ୍ରାହକମାନଙ୍କୁ ସେମାନଙ୍କ ଆବଶ୍ୟକତା ପୂରଣ କରିବା ଭଳି ଉତ୍ପାଦ ଓ ସେବା ପ୍ରଦାନ କରାଯିବ।

ଏ ସମ୍ପର୍କରେ ଆକ୍ସିସ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ଭାରତ ବ୍ୟାଙ୍କିଙ୍ଗ ମୁଖ୍ୟ ମୁନିଶ ଶାରଦା କହିଛନ୍ତି, ବାଗି ସହ ଆମର ସହଭାଗିତା ଭବିଷ୍ୟତ ପାଇଁ ଏକ ପଥ ପ୍ରଶସ୍ତ କରୁଛି,ଯେଉଁଠାରେ ବ୍ୟାପକ ବୀମା ସମାଧାନ ସମସ୍ତଙ୍କ ପାଇଁ ସହଜରେ ଉପଲବ୍ଧ ହେବ ଏବଂ ଏକ ସୁରକ୍ଷିତ ଓ ସଶକ୍ତ ଭାରତକୁ ପ୍ରୋତ୍ସାହିତ କରିବ।

ଏହି ସହଭାଗିତା ବୀମା ପରିଦୃଶ୍ୟକୁ ପରିବର୍ତ୍ତନ କରିବ,କାରଣ ଆକ୍ସିସ୍ ବ୍ୟାଙ୍କର ବ୍ୟାପକ ଗ୍ରାହକ ଆଧାର ଏବଂ ବିତରଣ ନେଟୱର୍କ ସହିତ ବାଗି ବୀମା ସୁବିଧାର ବିବିଧ ପୋର୍ଟଫୋଲିଓକୁ ମିଶ୍ରଣ କରୁଛୁ।

ସେହିଭଳି ବାଗିର ଏମ୍‌ଡି ତଥା ସିଇଓ ତପନ ସିଂଘେଲ କହିଛନ୍ତି,ଆକ୍ସିସ ବ୍ୟାଙ୍କ ସହ ସହଭାଗିତା କରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ବ୍ୟାଙ୍କର ବ୍ୟାପକ ଉପସ୍ଥିତି ଦେଶର କୋଣ ଅନୁକୋଣରେ ଆମର ଉପସ୍ଥିତିକୁ ବିସ୍ତାର କରିବ,ଯାହା ଆମ ବୀମା ଉତ୍ପାଦଗୁଡ଼ିକର ଉପଲବ୍ଧତା ସୁନିଶ୍ଚିତ କରିବ। ଦେଶର ପ୍ରତ୍ୟେକ ନାଗରିକଙ୍କ ସେବା କରିବା ଆମର ସର୍ବଦା ପ୍ରୟାସ ରହିଆସିଛି।

## ଅନ୍ୟାନ୍ୟ ଖବର

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ନ ମରୁ ବାଳ ଜନନୀ**
**ନ ମରୁ ବୁଢ଼ା ଘରଣୀ।**

ମା’ ହିଁ ଶିଶୁର ଗୁରୁଦାୟିତ୍ୱ ବହନ କରିଥାଏ। ଶୈଶବରୁ ଆରମ୍ଭ କରି ଉତ୍ତମ ନାଗରିକରେ ପରିଣତ ହେବା ପର୍ଯ୍ୟନ୍ତ ସବୁ ଦାୟିତ୍ୱ ମା’ ହାତରେ ନ୍ୟସ୍ତ ଥିବାବେଳେ ବାଲ୍ୟ କାଳରେ ମାଆକୁ ହରାଇଥିବା ସନ୍ତାନ ଅବହେଳିତ ହେଉଥିବାର ଦେଖିବାକୁ ମିଳିଥାଏ। ଠିକ ସେହିପରି ବୃଦ୍ଧାବସ୍ଥାରେ ପତ୍ନୀକୁ ହରାଇଥିବା ବ୍ୟକ୍ତି ନିଃସଙ୍ଗ ଜୀବନଯାପନ କରିବା ସହ ଅନେକ ଦୁଃଖ କଷ୍ଟ ପାଉଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନଡ଼ିଆ ଗଛ ବାଆ କରୁଛି**
**ବାଟକୁ ପଡିଛି ଛାଇ**
**ବଣି ଚଢ଼େଇର ପୁଅ ହେଇଛି**
**କୁଳ ଉଦ୍ଧାରିବା ପାଇଁ।**

ବଂଶକୁ ଆଗକୁ ନେବା ପାଇଁ ବା ବଂଶ ବୃଦ୍ଧି ପାଇଁ ସନ୍ତାନର ଆବଶ୍ୟକତା ରହିଥାଏ। ପୁତ୍ର ସନ୍ତାନ ଲାଭ ନିମନ୍ତେ ଅନେକେ ନାନା ଓଷା, ବାର, ବ୍ରତ ରଖିବା ସହ ଈଶ୍ୱରଙ୍କଠାରେ ମାନସିକ ରଖିଥାନ୍ତି। କୌଣସି ପରିବାର ମଧ୍ୟରେ ପୁଅଟିଏ ଜାତ ହୋଇଛି ଜାଣି ବଂଶ ରକ୍ଷା ହୋଇଗଲା ଭାବି ଖୁସିରେ ଏଇଭଳି ଉପଲକ୍ଷ୍ୟର ଅବତାରଣା କରାଯାଇଛି।


ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ମାଳଦ୍ୱୀପ ନୁହେଁ ଲାକ୍ଷାଦ୍ୱୀପ ଯାଅ

ନୂଆଦିଲ୍ଲୀ,୩।୬



ସୁନ୍ଦର ବେଳାଭୂମି ପର୍ଯ୍ୟଟନ ପାଇଁ ପ୍ରସିଦ୍ଧ ମାଳଦ୍ୱୀପ ଗାଜା ଯୁଦ୍ଧରେ ପାଲେଷ୍ଟିନୀୟଙ୍କୁ ସମର୍ଥନ ଜଣାଇ ଇସ୍ରାଏଲ୍ ପର୍ଯ୍ୟଟକମାନଙ୍କ ଆଗମନ ଉପରେ ନିଷେଧାଦେଶ ଲଗାଇଛି। ଫଳରେ ମାଳଦ୍ୱୀପକୁ ବର୍ଜନ କରି ଭାରତୀୟ ବେଳାଭୂମି ବିଶେଷ କରି ଲାକ୍ଷାଦ୍ୱୀପ ଭ୍ରମଣ କରିବାକୁ ଇସ୍ରାଏଲ୍ ଏହାର ପର୍ଯ୍ୟଟକମାନଙ୍କୁ ପରାମର୍ଶ ଦେଇଛି। ଭାରତୀୟ ବେଳାଭୂମିଗୁଡ଼ିକରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଓ ଭଲ ଆତିଥେୟତା ମିଳିଥାଏ ବୋଲି ଇସ୍ରାଏଲ୍ ଦୂତାବାସ ପକ୍ଷରୁ ଏକ୍ସ’ରେ ପୋଷ୍ଟ କରାଯାଇଛି।

ଗତ ଜାନୁଆରୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲାକ୍ଷାଦ୍ୱୀପ ଯାଇ ଏହାର ବେଳାଭୂମିକୁ ପ୍ରଶଂସା କରିବା ସହ ସେଠାକାର ଅଞ୍ଚଳବାସୀଙ୍କ ଆତିଥେୟତା ବେଶ୍ ପ୍ରଶଂସନୀୟ ବୋଲି କହିଥିଲେ। ତେବେ ସେ ମାଳଦ୍ୱୀପର ବେଳାଭୂମି ପର୍ଯ୍ୟଟନକୁ ବିରୋଧ କରୁଥିବାର ଏକ ଭୁଲ୍ ଧାରଣା ଉକ୍ତ ଦ୍ୱୀପଦେଶରେ ସୃଷ୍ଟି ହୋଇଥିଲା। ଏପରିକି କେତେଜଣ ମାଳଦ୍ୱୀପ ମନ୍ତ୍ରୀ ମୋଦିଙ୍କ ବିରୋଧରେ ସୋସିଆଲ ମିଡିଆରେ ପୋଷ୍ଟ ମଧ୍ୟ କରିଥିଲେ। ଏହାକୁ ନେଇ ଭାରତରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ ମାଳଦ୍ୱୀପ ବେଳାଭୂମି ବର୍ଜନ କରିବା ନେଇ ଏକ କ୍ୟାମ୍ପେନ୍ ବା ଅଭିଯାନ ଆରମ୍ଭ ହୋଇଥିଲା। ମାଳଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୋଇଜୁଙ୍କ ଭାରତ ବିରୋଧୀ ମନୋଭାବ ଯୋଗୁ ସେଠାକୁ ଭାରତୀୟ ପର୍ଯ୍ୟଟକ ସଂଖ୍ୟା ଯଥେଷ୍ଟ ହ୍ରାସ ପାଇଛି। ମାଳଦ୍ୱୀପ ଅର୍ଥନୀତି ମୁଖ୍ୟତଃ ପର୍ଯ୍ୟଟନ ଉପରେ ନିର୍ଭର କରୁଥିବାବେଳେ ଇସ୍ରାଏଲ୍ ପର୍ଯ୍ୟଟକ ନ ଆସିବା ଦ୍ୱାରା ଏହା ଆହୁରି ପ୍ରଭାବିତ ହେବ ବୋଲି କୁହାଯାଉଛି।

## ବାହାନଗା ରେଳ ଦୁର୍ଘଟଣା

# ମୃତ ଯାତ୍ରୀଙ୍କ ପାଇଁ ନୀରବ ପ୍ରାର୍ଥନା

ଯାଜପୁର,୩।୬(ହର୍ଷବର୍ଦ୍ଧନ ବେହେରା)

ବାଲେଶ୍ୱର ଜିଲା ବାହାନଗା ବଜାର ରେଲଷ୍ଟେଶନ ନିକଟରେ ଘଟିଥିବା ବଡ଼ଧରଣର ରେଳ ଦୁର୍ଘଟଣାର ୧ ବର୍ଷ ପୂର୍ତ୍ତି ଉପଲକ୍ଷେ ସୋମବାର ଯାଜପୁରରୋଡ୍ ରେଳ ଷ୍ଟେଶନଠାରେ ଶ୍ରଦ୍ଧାଞ୍ଜଳି ସଭା ଓ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଯାଜପୁରରୋଡ୍ ରେଲୱେ ଡିଭିଜନ କ୍ରିୟାନୁଷ୍ଠାନ କମିଟିର ଆବାହକ ଦୁଷ୍ମନ୍ତ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇ ମୃତ ଯାତ୍ରୀମାନଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଛି। ଦୁର୍ଘଟଣାର ଭୟାବହତା, ମୃତଦେହ ଚିହ୍ନଟରେ ଉପୁଜିଥିବା ସମସ୍ୟା, ପୁନରୁଦ୍ଧାର କାର୍ଯ୍ୟ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଏଥିରେ କମିଟିର ହରଦୟାଲ ସିଂହ, ପ୍ରଫୁଲ୍ଲ ବାରିକ, ବିପ୍ଳବ ଦତ୍ତ, ଯୁବ ସାମାଜିକ କର୍ମୀ ଚନ୍ଦ୍ରମଣି ବାରିକ, ଅସିତ୍ ଦାସ, ଶିକ୍ଷାବିତ୍ ଅକ୍ଷୟ କୁମାର ପଣ୍ଡା, ସୁମନ ରାୟ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୁପ୍‌ସା ବାଲେଶ୍ୱରର ଯାତ୍ରା କଳାକାର ସତ୍ୟନାରାୟଣ ଭୋଳ, ତପନ କୁମାର ମହାନ୍ତି, ଗାୟିକା ସସ୍ମିତା ଦାସ ପ୍ରମୁଖ ସାମିଲ ହୋଇଥିଲେ।



ଯାଜପୁରରୋଡ୍ ରେଳ ଷ୍ଟେଶନଠାରେ ଅନୁଷ୍ଠିତ କ୍ୟାଣ୍ଡେଲ ଶୋଭାଯାତ୍ରା।

# ୫ ବରିଷ୍ଠ ଓଏଏସ୍ ଅଫିସରଙ୍କୁ ସ୍ୱତନ୍ତ୍ର ସଚିବ ପାହ୍ୟା

ଭୁବନେଶ୍ୱର,୩।୬ (ଅନିଲ ଦାସ)

ରାଜ୍ୟ ସରକାର ୫ ଜଣ ବରିଷ୍ଠ ଓଏଏସ ଅଫିସରଙ୍କୁ ଅତିରିକ୍ତ ଶାସନ ସଚିବ ପାହ୍ୟାରୁ ସ୍ୱତନ୍ତ୍ର ସଚିବ ପାହ୍ୟାକୁ ପଦୋନ୍ନତି ଦେଇଛନ୍ତି। ଏ ନେଇ ସୋମବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ପଦୋନ୍ନତି ପାଇଥିବା ଅଧିକାରୀମାନେ ହେଲେ କୃଷି ଓ କୃଷକ ଶସକ୍ତୀକରଣ ବିଭାଗ ଅତିରିକ୍ତ ସଚିବ ଅଞ୍ଜନା ପଣ୍ଡା, ଗୃହ ବିଭାଗର ଅତିରିକ୍ତ ଶାସନ ସଚିବ ନିବେଦିତା ପୃଷ୍ଟି, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅତିରିକ୍ତ ସଚିବ ସ୍ୱୟଂପ୍ରଭା ମହାନ୍ତି, ପରିବହନ ବିଭାଗ ଅତିରିକ୍ତ କମିଶନର ଇନ୍ଦ୍ରମଣି ନାୟକ ଏବଂ ଖଦି ଓ ଗ୍ରାମୋଦ୍ୟୋଗ ଅତିରିକ୍ତ ନିର୍ଦ୍ଦେଶକ ସୁଦାମ ଚରଣ ମଣ୍ଡଳ। ପଦୋନ୍ନତି ପାଇଥିବା ଅଧିକାରୀଙ୍କ ମଧ୍ୟରୁ ସୁଦାମ ମଣ୍ଡଳ ଏବଂ ଅଞ୍ଜନା ପଣ୍ଡାଙ୍କୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସ୍ୱତନ୍ତ୍ର ସଚିବ ଭାବେ ବଦଳି କରାଯାଇଛି। ସ୍ୱୟଂପ୍ରଭା, ନିବେଦିତା ଏବଂ ଇନ୍ଦ୍ରମଣିଙ୍କୁ ନିଜ ବିଭାଗରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ଅଭୀପ୍ସା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିଜୟ ସହ ଅଭିଯାନ ଆଶାରେ ଇଂଲଣ୍ଡ

**ବ୍ରିଜଟାଉନ୍, ୩।୬ (ପି.ଟି.)**

ଡିଫେଣ୍ଡିଂ ଚାମ୍ପିୟନ ଇଂଲଣ୍ଡ ମଙ୍ଗଳବାର ଏହାର ବିଶ୍ୱକପ ଅଭିଯାନ ଆରମ୍ଭ କରିବ। ବର୍ଷା ଯୋଗୁ ଭଲଭାବେ ଅଭ୍ୟାସ କରିପାରି ନ ଥିଲେ ହେଁ ପ୍ରଥମ ମ୍ୟାଚରେ ସ୍କଟ୍‌ଲାଣ୍ଡ ବିପକ୍ଷରେ ବିଜୟ ଆଶାରେ ରହିଛି ଏହି ଦଳ। ଫିଲ୍ ସଲ୍ଟ ଇଣ୍ଡିଆନ ପ୍ରିମିୟର ଲିଗ୍‌ର ରେଡ୍-ହଟ୍ ଫର୍ମ ବଜାୟ ରଖିବାନେଇ ଆଶା ରହିଥିବାବେଳେ ପେସର ଜୋଫ୍ରା ଆର୍ଚରଙ୍କ ପ୍ରତ୍ୟାବର୍ତ୍ତନ ଇଂଲଣ୍ଡ ବୋଲିଂ ଆକ୍ରମଣକୁ ଶାଣିତ କରିଛି। ପାକିସ୍ତାନ ବିପକ୍ଷ ଇଂଲଣ୍ଡର ୪ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ବର୍ଷା ଯୋଗୁ ବାଧାପ୍ରାପ୍ତ ହୋଇଥିଲା। ତେବେ ଇଂଲଣ୍ଡ ଚଳିତ ଟୁର୍ନାମେଣ୍ଟର ଅନ୍ୟତମ ଟାଇଟଲ ଦାବିଦାରଭାବେ ଉଭାହେବ।

## ଟି୨୦ ବିଶ୍ୱକପ

କ୍ରିକେଟର ଏହି ଛୋଟ ଫର୍ମାରେ ସ୍କଟ୍‌ଲାଣ୍ଡକୁ ପ୍ରଥମଥର ପାଇଁ ଭେଟିବ ଇଂଲଣ୍ଡ। ତେବେ କେନ୍‌ସିଂଟନ ଓଭାଲ ମ୍ୟାଚ ପାଇଁ ଜୋଶ୍ ବଟଲରଙ୍କ ନେତୃତ୍ୱାଧୀନ ଦଳ ଫେଭରାଇଟ ବିବେଚିତ ହୋଇଛି। ଇଂଲଣ୍ଡ ଗ୍ରୁପ୍ 'ବି'ରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଅଷ୍ଟ୍ରେଲିଆ, ନାମ୍ବିଆ, ଓମାନ ଓ ସ୍କଟ୍‌ଲାଣ୍ଡ ସ୍ଥାନ ପାଇଛି। ଗ୍ରୁପ୍‌ର ଶ୍ରେଷ୍ଠ ୨ ଦଳ ସୁପର-୮ ପର୍ଯ୍ୟାୟକୁ ଉନ୍ନୀତ ହେବ। ୨୦୨୨ରେ ମେଲବୋର୍ନରେ ଅନୁଷ୍ଠିତ ଟି୨୦ ବିଶ୍ୱକପର ଫାଇନାଲରେ ପାକିସ୍ତାନକୁ ୫ ଉଇକେଟରେ ହରାଇବା ପରେ ହ୍ୱାଇଟ-ବଲ୍ କ୍ରିକେଟରେ ଇଂଲଣ୍ଡର ଯାତ୍ରା ସହଜ ହୋଇନାହିଁ। ଭାରତରେ ଅନୁଷ୍ଠିତ ଦିନିକିଆ କ୍ରିକେଟ ବିଶ୍ୱକପ ଦଳ ପାଇଁ ଦୁଃସ୍ୱପ୍ନ ସଦୃଶ ହୋଇଥିଲା। ୯ ମ୍ୟାଚରୁ ମାତ୍ର ୩ଟିରେ ବିଜୟୀ ହୋଇଥିବାବେଳେ ୬ ମ୍ୟାଚ ହାରି ୭ମ ସ୍ଥାନରେ ରହିଥିଲା। ଆଫଗାନିସ୍ତାନଠାରୁ ପରାଜୟ ଅଧିକ ଯନ୍ତ୍ରଣାଦାୟକ ଥିଲା। କେବଳ ସେତିକି ନୁହେଁ , ହ୍ୱାଇଟ ବଲ୍ ଗେମ୍‌ରେ ଖରାପ ପ୍ରଦର୍ଶନ ବଜାୟ ରଖି ଦଳ ୱେଷ୍ଟଇଣ୍ଡିଜଠାରୁ ଉଭୟ ୫୦ ଓ ୨୦ ଓଭର ଫର୍ମାଟରେ ସିରିଜ ପରାଜୟ ଲଭିଥିଲା। ତେବେ ବର୍ଷା ବାଧାପ୍ରାପ୍ତ ପାକିସ୍ତାନ ବିପକ୍ଷ ସିରିଜକୁ ୨-୦ରେ ଜିତି ଇଂଲଣ୍ଡ ସାମାନ୍ୟ ଆଶ୍ୱସ୍ତ ହୋଇଛି। ଏବେ ସ୍କଟ୍‌ଲାଣ୍ଡ ବିପକ୍ଷ ନିଜର ପ୍ରଥମ ମ୍ୟାଚକୁ ଅପେକ୍ଷା। କେନ୍‌ସିଂଟନ ଓଭାଲ ଗ୍ରାଉଣ୍ଡ ସହ ଇଂଲଣ୍ଡ ଦଳର ସ୍ମରଣୀୟ ସ୍ମୃତି ରହିଛି। ୨୦୧୦ରେ ପଲ୍ କଲିଂଉଡ୍‌ଙ୍କ ନେତୃତ୍ୱରେ ଦଳ ଏଠାରେ ପ୍ରଥମଥର ପାଇଁ ଟି୨୦ ବିଶ୍ୱକପ ବିଜୟ ସ୍ୱାଦ ଚାଖିଥିଲା।

ଅନ୍ୟପକ୍ଷରେ କ୍ରମାଗତ ତୃତୀୟ ଥରପାଇଁ ଟି୨୦ ବିଶ୍ୱକପ ଖେଳୁଥିବା ସ୍କଟ୍‌ଲାଣ୍ଡ ରେକର୍ଡ ଅନୁସାରେ ପ୍ରତିପକ୍ଷ ଇଂଲଣ୍ଡର ସମକକ୍ଷ ଦଳ ନୁହେଁ। ମାତ୍ର ୟୁରୋପିଆନ କ୍ୱାଲିଫାୟର୍ସରେ ପ୍ରଭାବୀ ପ୍ରଦର୍ଶନ କରିଥିବା ଏହି ଦଳ ବିପର୍ଯ୍ୟୟ ସୃଷ୍ଟି କରିବାକୁ ସକ୍ଷମ। କ୍ୱାଲିଫାୟର୍ସରେ ସ୍କଟ୍‌ଲାଣ୍ଡ ସମସ୍ତ ୬ଟି ଯାକ ମ୍ୟାଚ ଜିତି ଷ୍ଟାଣ୍ଡିଂରେ ଶୀର୍ଷସ୍ଥାନ ଅଧିକାର କରିଥିଲା। ଏଥିସହ ଦଳକୁ ଟି୨୦ ବିଶ୍ୱକପ ଟିକେଟ ମିଳିଯାଇଥିଲା।

# ଅଷ୍ଟ୍ରେଲିଆ ଖେଳାଳିଙ୍କ ବିମାନ ବିଳମ୍ବ, ଲଗେଜ୍ ଚୋରି

**ବ୍ରିଜ୍‌ଟାଉନ୍, ୩।୬ (ପି.ଟି.)**

ଟି୨୦ ବିଶ୍ୱକପର ପ୍ରଥମ ମ୍ୟାଚ୍ ପୂର୍ବରୁ ଅଷ୍ଟ୍ରେଲିଆ ଖେଳାଳିଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ବାତିଲ ହୋଇଥିବା ବିମାନ, ଖେଳାଳିଙ୍କ ଲଗେଜ୍ ଚୋରି ସହ ପ୍ରତିକୂଳ ପାଗ କାରଣରୁ ବିମାନ ଓହ୍ଲାଇବା ବିଳମ୍ବ ହୋଇଥିଲା। ୫ ତାରିଖରେ ଓମାନ ବିପକ୍ଷରେ ପ୍ରଥମ ମ୍ୟାଚ ପୂର୍ବରୁ ଏକ କ୍ରୁଜ୍ ମିଳିବା ଫଳରେ ଏହାଦ୍ୱାରା ସମସ୍ତ ଖେଳାଳି ସାମାନ୍ୟ ରିଲାକ୍ସ ହୋଇଥିବା କହିଛନ୍ତି ଅଲରାଉଣ୍ଡର ଆଷ୍ଟନ ଆଗର। ଭାରତରେ ଆଇପିଏଲ୍ ଖେଳି ଦୁଇ ପେସ୍ ବୋଲର ପ୍ୟାଟ୍ କମିନ୍ସ ଓ ମିଚେଲ୍ ଷ୍ଟାର୍କ ଫେରୁଥିବା ବେଳେ ଷ୍ଟାର୍କଙ୍କ ଲଗେଜ୍ ଚୋରି ହୋଇଥିଲା।

ସେହିପରି ଷ୍ଟାର୍କ ଓ ମ୍ୟାକ୍ସୱେଲ ବିଳମ୍ବିତ ବିମାନ କାରଣରୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଉଭୟଙ୍କୁ ପ୍ରଥମେ ଗୋଟିଏ ରାତି ଲସ୍‌ଏଞ୍ଜେଲସ୍‌ରେ ବିତାଇବାକୁ ପଡିଥିଲା। ସେହିପରି ବାର୍ବଡୋସ୍ ଯିବା ପୂର୍ବରୁ ମିଆମିରେ ମଧ୍ୟ ଗୋଟିଏ ଦିନ ଅତିରିକ୍ତ ବିତାଇବାକୁ ପଡ଼ିଥିଲା। ସେହିପରି ଅଲରାଉଣ୍ଡର ମାର୍କୁସ୍ ଷ୍ଟୋଇନିସ୍‌ଙ୍କ କିଟ୍ ବିଳମ୍ବରେ ଡେଲିଭର ହୋଇଥିଲା। ଫଳରେ ସେ ଗୋଟିଏ ଦିନ ଅଭ୍ୟାସ କରିପାରି ନ ଥିଲେ। ତେବେ ପରେ ଏକ କ୍ରୁଜରେ ସମସ୍ତ ଖେଳାଳି ୱେଷ୍ଟଇଣ୍ଡିଜ୍‌ର ଉପକୂଳ ବୁଲିଥିଲେ। ସମସ୍ତ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ରିଲାକ୍ସ ହେବାରେ ଏହା ସାହାଯ୍ୟ କରିଥିଲା ବୋଲି କହିଛନ୍ତି ଆଗର। ଅଷ୍ଟ୍ରେଲିଆ ଏହାର ଅଭ୍ୟାସ ମ୍ୟାଚ୍ ଖେଳିବା ପାଇଁ ୧୧ ଜଣ ଖେଳାଳି ନ ଥିଲେ। ମୁଖ୍ୟ କୋଚ୍ ଓ ଚୟନକର୍ତ୍ତାଙ୍କୁ ଖେଳାଳିଙ୍କ ସ୍ଥାନରେ ପଡିଆକୁ ଓହ୍ଲାଇବାକୁ ପଡିଥିଲା। ଆଇପିଏଲ୍ ଖେଳି ଏହାର ଖେଳାଳି ମାନେ କ୍ଲାନ୍ତ ଥିବାରୁ ଅତିରିକ୍ତ ବିଶ୍ରାମ ଦିଆଯାଇଥିଲା।





କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ରାଜ୍ୟ ଜୁନିୟର ଆଥ୍‌ଲେଟିକ୍ସ ମିଟ୍‌ର ସୋମବାର ଅନ୍ତିମ ଦିବସରେ ଡିସ୍କସ୍ ଏବଂ ଜାଭେଲିନ୍ ଥ୍ରୋ ଅବସରରେ ଦୁଇ ପ୍ରତିଯୋଗୀ।

# ରାଜ୍ୟ ଜୁନିୟର ଆଥ୍‌ଲେଟିକ୍ ମିଟ୍ ଉଦ୍‌ଯାପିତ

**ଭୁବନେଶ୍ୱର,୩।୬ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ୭୦ତମ ରାଜ୍ୟ ଜୁନିୟର ଆଥ୍‌ଲେଟିକ୍ ମିଟ ସୋମବାର ଶେଷ ହୋଇଛି। ୩ ଦିନ ବିଶିଷ୍ଟ ଏହି ପ୍ରତିଯୋଗିତାର ସୋମବାର ଅନ୍ତିମ ଦିବସରେ ଅନୁଷ୍ଠିତ ଇଭେଣ୍ଟ ମଧ୍ୟରେ ୧୪ ବର୍ଷରୁ କମ୍ ବାଳକ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ନୀଳାଦ୍ରି ମୋହନ ସ୍ୱାଇଁ। ଶମ୍ଭୁ ହୋ ଏବଂ ଯଶ୍ ମହାନ୍ତି ପରବର୍ତ୍ତୀ ୨ ସ୍ଥାନ ଅଧିକାର କରିଛନ୍ତି। ୧୬ ବର୍ଷରୁ କମ୍ ବାଳକ ୬୦ ମିଟର ରେସ୍‌ରେ ମଙ୍ଗଲ ସିଙ୍କୁ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଶ୍ରୀନାଥ ମୁର୍ମୁ ଓ ଧନଞ୍ଜୟ ସୋରେନ ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି। ୬୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ଜିତିଛନ୍ତି ଅନି ସାଲବେମ୍। ସଞ୍ଜୟ ହାଁସଦା ରୌପ୍ୟ ଓ ଲୁକୁ ବଡନାୟକ ବ୍ରୋଞ୍ଜ ପାଇଛନ୍ତି। ୧୮ ବର୍ଷରୁ କମ୍ ବାଳକ ୨୦୦ ମିଟର ରେସ୍ ଜିତିଛନ୍ତି ପ୍ରତୀକ ମହାରଣା। ବିଶ୍ୱଭୂଷଣ ଜେନା ଓ ରାମ ହାଁସଦା ପରବର୍ତ୍ତୀ ୨ ସ୍ଥାନରେ ରହିଛନ୍ତି। ସେହିପରି ଏହି ବୟସ ବର୍ଗର ୪୦୦ ମିଟର ରେସ୍‌ରେ ବାପି ହାଁସଦା ସ୍ୱର୍ଣ୍ଣ, ରାମ ହାଁସଦା ରୌପ୍ୟ, ନିଲେୟ ତାଡିଙ୍ଗି ବ୍ରୋଞ୍ଜ, ୫୦୦୦ ମିଟର ରେସ୍ ୱାକିଂରେ ଧନେଶ୍ୱର ବାସ୍କେ ସ୍ୱର୍ଣ୍ଣ, ଶ୍ଳୋକ ସାଇ ରୌପ୍ୟ, ନୟନ ପ୍ରଧାନ ବ୍ରୋଞ୍ଜ, ଡିସକସ୍‌ରେ ଓଁକାର ପ୍ରସାଦ ନନ୍ଦ ସ୍ୱର୍ଣ୍ଣ, ସୂରଜ ଗୋପେ ରୌପ୍ୟ, ସତନମ ମୁଦୁଲଇ ବ୍ରୋଞ୍ଜ ଏବଂ ହେପ୍‌ଟାଥଲନରେ ସୂର୍ଯ୍ୟ ପ୍ରକାଶ ରାୟ ସ୍ୱର୍ଣ୍ଣ, ଜୀତେନ ବାଘ ରୌପ୍ୟ ଓ ବିଶ୍ୱଜିତ ଦାସ ବ୍ରୋଞ୍ଜ ପଦକ ହାସଲ କରଛନ୍ତି।

୧୪ ବର୍ଷରୁ କମ୍ ବାଳିକା ଜାଭେଲିନ୍ ଥ୍ରୋ ଜିତିଛନ୍ତି କୁନି ରାଜଗୋଣ୍ଡ। ସମୀକ୍ଷା ସ୍ମରଣୀକା ଓ ବର୍ଷା ତରେଇ ପରବର୍ତ୍ତୀ ୨ ସ୍ଥାନରେ ରହିଛନ୍ତି। ୧୬ ବର୍ଷରୁ କମ୍ ବାଳିକା ୬୦ ମିଟର ରେସ୍‌ରେ ପାର୍ବତୀ ହାଁସଦା ସ୍ୱର୍ଣ୍ଣ, ତୁଳସୀ ବାଗ୍ ରୌପ୍ୟ, ରତ୍ନପର୍ଣ୍ଣା ବିଶ୍ୱାଳ ବ୍ରୋଞ୍ଜ ଏବଂ ୬୦୦ ମିଟର ରେସ୍‌ରେ ଲକ୍ଷ୍ମୀପ୍ରିୟା ନାଥ ସ୍ୱର୍ଣ୍ଣ, କବିତା ମହତୋ ରୌପ୍ୟ ଓ ମଲହି ମୁର୍ମୁ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୧୮ ବର୍ଷରୁ କମ୍ ବାଳିକା ୨୦୦ ମିଟର ରେସ୍‌ରେ ଅର୍ପିତା ପ୍ରିୟଦର୍ଶିନୀ ସ୍ୱର୍ଣ୍ଣ, ନେହା ଓରାମ ରୌପ୍ୟ, ସୁଶ୍ରୀ ସ୍ୱାଗତିକା ସାମନ୍ତରାୟ ବ୍ରୋଞ୍ଜ, ୪୦୦ ମିଟର ରେସ୍‌ରେ ରାମେଶ୍ୱରୀ ଗୋଣ୍ଡ ସ୍ୱର୍ଣ୍ଣ, ନେହା ଓରାମ ରୌପ୍ୟ, ଆକ୍ସିରେଞ୍ଜୀ କେ.ପି.ଜି. କୁମାରୀ ବ୍ରୋଞ୍ଜ ପାଇଛନ୍ତି। ୩୦୦୦ ମିଟର ରେସ୍ ୱାକିଂରେ ନିଶା ବାରିକ ସ୍ୱର୍ଣ୍ଣ, ରାଧା ସାନ୍ତା ରୌପ୍ୟ, ପ୍ରୀୟଙ୍କା ଏକ୍କା ବ୍ରୋଞ୍ଜ, ଡିସକସ୍ ଥ୍ରୋରେ ପୂର୍ବୀ ପାଢ଼ୀ ସ୍ୱର୍ଣ୍ଣ, ଅଙ୍କିତା ମହାପାତ୍ର ରୌପ୍ୟ, ସସ୍ମିତା ବେହେରା ବ୍ରୋଞ୍ଜ ଏବଂ ଓ ହେପ୍‌ଟାଥଲନରେ ମନୀଷା ଲାକ୍ରା ସ୍ୱର୍ଣ୍ଣ, ଅନୁ ପଟେଲ ରୌପ୍ୟ ଓ ତନୁଜା ବାର୍ଲା ବ୍ରୋଞ୍ଜ ପଦକ ଜିତିଛନ୍ତି।


CLASSIFIED DISPLAY
MORE SPACE • SAME PRICE

TARIFF (GST 5%)

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

BINET SCIENCE ACADEMY
Best Coaching Centre in Bhubaneswar since 2010
CBSE Class - XI & XII
(Physics, Chemistry, Mathematics & Biology)
(NEET, JEE, IIT-Foundation, BOARDS, NISER, KVPY, NDA)
FREE ADMISSION & DEMO CLASSES
SAILASHREE VIHAR PHASE-II / BOMIKHAL, BHUBANESWAR
Contact No.: 9438014738, 8847864947

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ବିଶ୍ୱକପ୍ ପାଇଁ ୧୧.୨୫ ନିୟୁତ ଡଲାରର ପୁରସ୍କାର

**ନ୍ୟୁୟର୍କ, ୩।୬ (ପି.ଟି.)**

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ସୋମବାର ଚଳିତ ଟି୨୦ ବିଶ୍ୱକପ୍ ପାଇଁ ରେକର୍ଡ ପୁରସ୍କାର ରାଶି ୧୧.୨୫ ନିୟୁତ ଆମେରିକୀୟ ଡଲାର ଘୋଷଣା କରିଛି। ବିଜେତା ଦଳ ଅତି କମ୍‌ରେ ୨.୪୫ ନିୟୁତ ଡଲାର ପକେଟସ୍ଥ କରିବ। ରନରଅପ୍ ଦଳ ଅତିକମ୍‌ରେ ୧.୨୮ ନିୟୁତ ଆମେରିକୀୟ ଡଲାର ପାଇବାକୁ ଥିବା ବେଳେ ପ୍ରତ୍ୟେକ ପରାଜିତ ସେମିଫାଇନାଲିଷ୍ଟ ପାଇଁ ୭୮୭,୫୦୦ ଡଲାର ବ୍ୟବସ୍ଥା ରହିଛି। ୨୦୨୨ରେ ପୂର୍ବ ସଂସ୍କରଣରେ ମୋଟ ପୁରସ୍କାର ରାଶି ୫.୬ ନିୟୁତ ଆମେରିକୀୟ ଡଲାର ରହିଥିଲା। ଟାଇଟଲ ବିଜେତା ଇଂଲଣ୍ଡ ୧.୬ ନିୟୁତ ଡଲାର ନେଇଥିଲା। ଆଇସିସି ପୁରୁଷ ଟି୨୦ ବିଶ୍ୱକପ୍‌ର ୯ମ ସଂସ୍କରଣ ୨୦ଟି ଦଳ ଅଂଶଗ୍ରହଣ କରୁଛନ୍ତି। ବିଜେତା ଦଳ ଟ୍ରଫି ସହ ଅତିକମ୍‌ରେ



୨.୪୫ ନିୟୁତ ଡଲାର ପାଇବେ, ଯାହାକି ଟୁର୍ନାମେଣ୍ଟ ଇତିହାସରେ ସର୍ବାଧିକ ବୋଲି ଆଇସିସି କହିଛି। ଫାଇନାଲ ମ୍ୟାଚ ଜୁନ୍ ୨୯ରେ ବାର୍ବାଡୋସର କେନ୍‌ସିଙ୍ଗଟନ ଓଭାଲଠାରେ ହେବ। ସୁପର-୮ରୁ ବାଦ୍ ପଡ଼ିଥିବା ୪ଦଳ ପ୍ରତ୍ୟେକ ୩୮୨,୫୦୦ ଆମେରିକୀୟ ଡଲାର ଲେଖାଏ ପାଇବାକୁ ଥିବାବେଳେ ୯ମ, ୧୦ମ, ୧୧ଶ, ୧୨ତମ ସ୍ଥାନ ଅଧିକାର କରିଥିବା ପ୍ରତ୍ୟେକ ଦଳ ୨୪୭, ୫୦୦ ଆମେରିକୀୟ ଡଲାର ଲେଖାଏ ପାଇବେ। ଅଂଶଗ୍ରହଣକାରୀ ଦଳଗୁଡ଼ିକ ମଧ୍ୟରୁ ୧୩ରୁ ୨୦ତମ ସ୍ଥାନ ଅଧିକାର କରିଥିବା ପ୍ରତ୍ୟେକ ଦଳ ୨୨୫,୦୦୦ ଡଲାର ଲେଖାଏଁ ପାଇବେ। ଏହାଛଡ଼ା ସେମିଫାଇନାଲ ଓ ଫାଇନାଲକୁ ଛାଡ଼ି ପ୍ରତିଟି ମ୍ୟାଚରେ ବିଜୟ ପାଇଁ ଦଳକୁ ଅତିରିକ୍ତ ୩୧.୧୫୪ ଆମେରିକୀୟ ଡଲାର ପୁରସ୍କାର ବ୍ୟବସ୍ଥା ରହିଥିବା ଖେଳର ପରିଚାଳନା ପରିଷଦ କହିଛି। ୫୫ ମ୍ୟାଚ ବିଶିଷ୍ଟ ଇଭେଣ୍ଟ ୨୮ ଦିନ ଧରି ୱେଷ୍ଟଇଣ୍ଡିଜ ଓ ୟୁଏସ୍‌ର ୯ଟି ଭେନ୍ୟୁରେ ଖେଳାଯିବ। ଏହା ହେଉଛି ସର୍ବବୃହତ୍ ଟି୨୦ ବିଶ୍ୱକପ୍।

# ଫ୍ରାନ୍ସ ଅଲିମ୍ପିକ୍ସ ଫୁଟ୍‌ବଲ ଦଳରୁ ଏମ୍‌ବାପେ ବାଦ୍

**ପ୍ୟାରିସ୍, ୩।୬(ପି.ଟି.):** ଫ୍ରାନ୍ସ ଅଲିମ୍ପିକ୍ସ ଫୁଟ୍‌ବଲ ଦଳରୁ ବାଦ୍ ପଡ଼ିଛନ୍ତି ତାରକା ଷ୍ଟ୍ରାଇକର କିଲିଆନ୍ ଏମ୍‌ବାପେ। ସୋମବାର ଥିଏରୀ ହେନରୀ ଏକ ପ୍ରୋଭିଜନାଲ ଦଳ ଘୋଷଣା କରିଥିବା ବେଳେ ଏଥିରେ ଏମ୍‌ବାପେଙ୍କ ନାମ ନାହିଁ। ଉଭୟ ହେନରୀ ଓ ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ ମ୍ୟାକ୍ରଁ ତାଙ୍କୁ ଦଳରେ ଚାହୁଁଥିଲେ ମଧ ୨୫ ଜଣିଆ ଦଳରେ ତାଙ୍କୁ ସ୍ଥାନ ମିଳି ନାହିଁ। ଏମ୍‌ବାପେ ନିକଟରେ ପ୍ୟାରିସ୍ ସେଣ୍ଟ ଜର୍ମେନ(ପିଏସ୍‌ଜି) ଛାଡି ରିୟଲ ମାଡ୍ରିଡ୍‌ରେ ଯୋଗଦେଇଥିଲେ। କ୍ଲବ୍‌ଗୁଡିକ ଅଲିମ୍ପିକ୍ସ ପାଇଁ ଖେଳାଳିଙ୍କୁ ଛାଡ଼ିବା ବାଧ୍ୟତାମୂଳକ ନ ଥିବା ବେଳେ ଏମ୍‌ବାପେ ବାଦ୍ ପଡ଼ିଥିବା କୁହାଯାଉଛି। ଦଳରେ ପିଏସ୍‌ଜିର ୱାରେନ୍ ଜାଇରେ ଏମିର, ବ୍ରାଡଲେ ବ୍ରାକୋଲା ଓ ଭେଟେରାନ୍ ଷ୍ଟ୍ରାଇକର ଆଲେକଜାଣ୍ଡ୍ରେ ଲାକାଜେଟେଙ୍କୁ ସାମିଲ କରାଯାଇଛି। ଏମ୍‌ବାପେ ସ୍ପଷ୍ଟୀକରଣ ଦେଇ କହିଛନ୍ତି, ଅଲିମ୍ପିକ୍ସ ଖେଳିବା ମୋର ଇଚ୍ଛା ଥିଲା। କିନ୍ତୁ କ୍ଲବ୍ ନ ଛାଡିବାରୁ ଏଭଳି ନିଷ୍ପତ୍ତି ନେବାକୁ ପଡିଲା। କ୍ରିଷ୍ଟାଲ ପ୍ୟାଲେସର ଜିନ୍‌ଫିଲିପ୍ ମାଟେଟା ଓ ମାଇକେଲ ଓଲ୍‌ସିଙ୍କୁ ସାମିଲ କରାଯାଇଛି।

# ଓଏଫ୍‌ସି ସହ ରୟ କ୍ରିଷ୍ଣାଙ୍କ ଅବଧି ବଢ଼ିଲା

**ଭୁବନେଶ୍ୱର,୩।୬ (ସରୋଜ ଜେନା)**

ଓଡ଼ିଶା ଫୁଟ୍‌ବଲ କ୍ଲବ୍ (ଓଏଫ୍‌ସି) ସହ ୧ ବର୍ଷର ଚୁକ୍ତି ବୃଦ୍ଧି କରିଛନ୍ତି ଫିଜି ଫରୱାର୍ଡ ଖେଳାଳି ରୟ କ୍ରିଷ୍ଣା। ଆସନ୍ତା ସିଜନ ପାଇଁ ରୟ ଓଏଫ୍‌ସି ସହ ରହିବେ ବୋଲି ସୁପର କପ୍ ଚାମ୍ପିୟନ ଓଏଫ୍‌ସି ସୋମବାର ଘୋଷଣା କରିଛି। ଚଳିତ ଆଇଏସ୍‌ଏଲ୍ ସିଜନରେ ଓଏଫ୍‌ସି ପ୍ରଥମ ଥର ଆଇଏସ୍‌ଏଲ୍ ସେମିଫାଇନାଲରେ ପ୍ରବେଶ କରିଥିବା ବେଳେ ରୟ ୧୩ ଗୋଲ ସ୍କୋର କରିଥିଲେ। ସେହିପରି ଏଏଫ୍‌ସି କପ୍‌ରେ ମଜିୟା ଏସ୍‌ଆର୍‌ସି ବିପକ୍ଷରେ ଅନ୍ତିମ ମିନିଟ୍‌ରେ ଏକ ଗୋଲ ଦେଇ ସେ ଦଳକୁ ବିଜୟୀ କରିଥିଲେ। ଓଏଫ୍‌ସି ସହ ବିଗତ ସିଜନ ବେଶ୍ ଚମତ୍କାର ରହିଥିଲା। ତେଣୁ ଆଉ ୧ବର୍ଷ ପାଇଁ ଚୁକ୍ତି ବୃଦ୍ଧି କରିଥିବା ନିଜ ବିବୃତିରେ କହିଛନ୍ତି ରୟ କ୍ରିଷ୍ଣା। ଓଡ଼ିଶାରେ ଉଭୟ ଅନ୍ ଫିଲ୍ଡ ଓ ଅଫ୍ ଦ ଫିଲ୍ଡ ଫ୍ୟାନ୍‌ଙ୍କ ଠାରୁ ମିଳୁଥିବା ଭଲ ପାଇବା ଅତୁଳନୀୟ ବୋଲି ସେ କହିଛନ୍ତି। ସେହିପରି ସର୍ଗିଓ ଲୋବେରାଙ୍କ ପରି କୋଚଙ୍କ ଅଧୀନରେ ଖେଳିବା ମୋ ପାଇଁ ଏକ ଚମତ୍କାର ଅନୁଭୂତି ରହିଥିଲା। ଅନ୍ୟପକ୍ଷରେ ରୟ କ୍ଲବ ସହ ଚୁକ୍ତି କରିଥିବାରୁ ମୁଖ୍ୟ କୋଚ୍ ଲୋବେରା ମଧ୍ୟ ଖୁସି ଜାହିର କରିଛନ୍ତି। ଗତ ସିଜନରେ ରୟଙ୍କ ସହ ଏକ ସଫଳ ସିଜନ ରହିଥିବା ବେଳେ ଚଳିତ ବର୍ଷ ଏହା ଦୋହରାଇବାର ଲକ୍ଷ୍ୟ ରହିଛି ବୋଲି କହିଛନ୍ତି ଲୋବେରା।





Classified Everyday
0674-2580101, 2549949


REAL ESTATE
SALE

1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9861463011, 9777154964. D-442

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75750

ବିନା ଔଷଧରେ ମଧୁମେହ, ରକ୍ତଚାପ, ଗ୍ୟାସଟ୍ରିକ୍, ଗଣ୍ଠିଯନ୍ତ୍ରଣା, ହୃଦରୋଗ, ଗୁପ୍ତରୋଗ ଭଲ ହେବାକୁ ଚାହୁଁଥିଲେ। 9439493164. D-75962

Newly open Jyoti SPA positively health benefits (Expert therapist). 8458067955. D-76125

Relax, refresh your body, mind by expert therapist. Contact- 9938843929. D-76124

Full body massage experience, good looking therapist @999 (Bhubaneswar). 9078484455. D-426

Fully relaxed body massage trained therapist. Central SPA. 9556483961. D-75747

Relax, Refresh your body, mind at Saikrupa Spa with best therapies. 8984068077. D-416

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ମନେ ପଡ଼ନ୍ତି
ଚତୁର୍ଥ ଶ୍ରାଦ୍ଧବାର୍ଷିକୀ



୰ପ୍ରଶାନ୍ତ କୁମାର ମଲିଆ (ପପୁ)
କପିଳେଶ୍ୱର ଦାଣ୍ଡସାହି, ଲିଙ୍ଗରାଜ, ଭୁବନେଶ୍ୱର-୦୨
ଆବିର୍ଭାବ: ୧୯।୦୪।୧୯୬୫
ତିରୋଧାନ: ୧୯।୦୫।୨୦୨୦
ଦେଖୁ ଦେଖୁ ଚାରି ବର୍ଷ ବିତିଗଲା, ଏବେ ବି ବିଶ୍ୱାସ ହେଉନାହିଁ, ତୁମେ ଆମମାନଙ୍କ ଭିତରେ ନାହଁ। ତୁମେ ଯେଉଁଠି ଥାଅ ଭଲରେ ଥାଅ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥ ଓ ଲିଙ୍ଗରାଜଙ୍କ ପାଖରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ।
ଶୋକସନ୍ତପ୍ତ: ସ୍ତ୍ରୀ, ଝିଅ, ପୁଅ, ପରିବାରବର୍ଗ ଓ ବନ୍ଧୁବାନ୍ଧବ।
ଧ-୪୩୯


# କେଦାର ଯାଦବଙ୍କ ଅବସର

**ପୁଣେ, ୩।୬ (ପି.ଟି.)**



ଭାରତ ଓ ମହାରାଷ୍ଟ୍ର ବ୍ୟାଟର କେଦାର ଯାଦବ ସୋମବାର ଅନ୍ତର୍ଜାତୀୟ କ୍ରିକେଟରୁ ତାଙ୍କର ଅବସର ଘୋଷଣା କରିଛନ୍ତି। ଜାତୀୟ ଦଳ ତରଫରୁ ସେ ଶେଷଥର ପାଇଁ ୪ ବର୍ଷ ତଳେ ଖେଳିଥିଲେ। ୩୯ବର୍ଷୀୟ ଏହି କ୍ରିକେଟର ୨୦୧୪ ନଭେମ୍ବରରେ ରାଞ୍ଚିଠାରେ ଶ୍ରୀଲଙ୍କା ବିପକ୍ଷ ଏକ ଦିନିକିଆରେ ଭାରତ ତରଫରୁ ଖେଳି ତାଙ୍କ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ସେ ୭୩ ଦିନିକିଆ ଓ ୯ଟି ଅନ୍ତର୍ଜାତୀୟ ଟି୨୦ ଖେଳିଛି। ଭାରତର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କର ସେ ଜଣେ ଘନିଷ୍ଠ ଭାବେ ଜଣାଶୁଣା। କୌତୂହଳର କଥା ଯେ, ଯାଦବ ବର୍ତ୍ତମାନ ପୁଣେରେ ଚାଲିଥିବା ମହାରାଷ୍ଟ୍ର ପ୍ରିମିୟର ଲିଗରେ କୋହ୍ଲାପୁର ଟସ୍କର ଦଳର ଅଧିନାୟକତ୍ୱ କରୁଛନ୍ତି। ସେ ଅବସର ଘୋଷଣା କରିବା ପରେ ଏହି ଟୁର୍ନାମେଣ୍ଟରେ ତାଙ୍କ ଖେଳ ଜାରି ରହିବ କି ନା ତାହା ସ୍ପଷ୍ଟ ହୋଇନାହିଁ। ଯାଦବ ଭାରତ ତରଫରୁ ୭୩ ଅନ୍ତର୍ଜାତୀୟ ଦିନିକିଆ ଖେଳି ୨ ଶତକ ଓ ୬ ଅର୍ଦ୍ଧଶତକ ସହ ୪୨.୦୯ ଆଭରେଜରେ ୧,୩୮୯ ସ୍କୋର କରିଛନ୍ତି। ସେ ଆହୁରି ମଧ ୯ ଅନ୍ତର୍ଜାତୀୟ ଟି୨୦ ଖେଳି ୬ଟି ଇନିଂସରେ ୧୨୨ ରନ କରିଛନ୍ତି। ଯାଦବ ତାଙ୍କର ସବୁଠାରୁ ଉଲ୍ଲେଖନୀୟ ଇନିଂସ ୨୦୧୭ ଜାନୁଆରୀରେ ପୁଣେଠାରେ ଇଂଲଣ୍ଡ ବିପକ୍ଷରେ ଏକ ଅନ୍ତର୍ଜାତୀୟ ଦିନିକିଆରେ ଖେଳିଥିଲେ। ଏହି ହାଇ ସ୍କୋରିଂ ମ୍ୟାଚରେ ସେ ତାଙ୍କର ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ ଶତକ ହାସଲ କରିଥିଲେ। ସେ ୭୬ ବଲ୍‌ରେ ୧୨ଚୌକା ଓ ୪ ଛକା ସହ ୧୨୦ ରନ ସଂଗ୍ରହ କରିଥିଲେ। ଭାରତ ଏହି ମ୍ୟାଚ ୩ ଉଇକେଟରେ ଜିତିନେଇଥିଲା। ମ୍ୟାଚରେ ୩୫୧ରନର ବିଜୟ ଲକ୍ଷ୍ୟ ପିଛା କରୁଥିବା ବେଳେ ଭାରତ ଏକଦା ୬୩ ରନରେ ୪ ଉଇକେଟ ହରାଇ ସାରିଥିଲା। ସେତେବେଳେ ଯାଦବ ଓ ବିରାଟ କୋହଲି (୧୨୨) ପଞ୍ଚମ ଉଇକେଟରେ ୧୪୭ ବଲ୍‌ରୁ ୨୦୦ ରନ ଯୋଗକରିଥିଲେ। ଯାଦବ ମଧ ଜଣେ ଅଫ୍ ସ୍ପିନ୍ ବୋଲର। ସେ ୨୭ ଅନ୍ତର୍ଜାତୀୟ ଦିନିକିଆ ଉଇକେଟ ହାସଲ କରିଛନ୍ତି। ଏହି ଡାହାଣହାତୀ ବ୍ୟାଟର ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଚେନ୍ନାଇ ସୁପର କିଙ୍ଗ୍ସ, ପୂର୍ବତନ ଦିଲ୍ଲୀ ଡେୟାର ଡେଭିଲ୍ସ, ବର୍ତ୍ତମାନ କାର୍ଯ୍ୟକ୍ଷମ ନ ଥିବା କୋଚି ଟସ୍କର୍ସ କେରଳ, ପୂର୍ବତନ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଏବଂ ସନରାଇଜର୍ସ ହାଇଦ୍ରାବାଦ ପାଇଁ ଖେଳିଛନ୍ତି।

# ବାଥରୁମ୍ ସମ୍ପର୍କରେ

**ବେଳେବେଳେ ବାଥ୍ରୁମ୍ ଏତେ ଛୋଟ ହୋଇଥାଏ ଯେ ନିଜ ସୁବିଧା ଅନୁସାରେ ସବୁକିଛି ରଖିବା ପାଇଁ ସ୍ଥାନ ମିଳେ ନାହିଁ। ତେବେ ଛୋଟ ବାଥ୍ରୁମ୍‌ରେ କିଭଳି ଅଧିକ ଜିନିଷ ରଖିପାରିବେ ସେଥିପାଇଁ ଜାଣିରଖନ୍ତୁ କିଛି ଟିପ୍ସ...**

■ ବାଥରୁମ୍‌ରେ ଥାକ କରିବା ପାଇଁ ଅଧିକ ସ୍ଥାନ ନ ଥିଲେ କିମ୍ବା ଥାକ ଛୋଟ ହୋଇଥିଲେ ସବୁ ଜିନିଷ ରଖିବାରେ ଅସୁବିଧା ହୁଏ। ତେଣୁ ଏଭଳି କ୍ଷେତ୍ରରେ ଆପଣ ଚାହିଁଲେ ବାଥ୍ରୁମ୍‌ର କବାଟରେ ଭିତର ପଟରେ ଛୋଟ ହ୍ୟାଙ୍ଗିଙ୍ଗ୍ ଥାକ ଲଗାଇପାରିବେ। ଆଉ ସେଥିରେ ଶାମ୍ପୁଠାରୁ ଆରମ୍ଭକରି ଫେସ୍‌ୱାଶ୍ ଆଦି ରଖିପାରିବେ।

■ ବାଥ୍ରୁମ୍‌ରେ ପିଲାମାନଙ୍କ ହାତ ସବୁ ଥାକକୁ ପାଇ ନ ଥାଏ। ତେଣୁ ସେମାନଙ୍କର ସୁବିଧା ନିମନ୍ତେ ଏକ ଛୋଟ ଷ୍ଟେପ୍ସ ଟୁଲ୍ ରଖନ୍ତୁ।

■ ଛୋଟ ଛୋଟ ଜିନିଷ ରଖିବା ନିମନ୍ତେ ଆପଣ ଚାହିଁଲେ ମ୍ୟାଗ୍ନେଟିକ୍ ଷ୍ଟିକର ମଧ୍ୟ ରଖିପାରିବେ। ଏଥିରେ ଆପଣ ନେଲ୍‌କଟରଠାରୁ ଆରମ୍ଭକରି ଅନେକ କିଛି ଛୋଟ ଏବଂ ହାଲ୍‌କା ଜିନିଷ ରଖିପାରିବେ। ଏହା ବ୍ୟତୀତ ଟୁଇଜର, ହେୟାରପିନ୍, କସ୍‌ମେଟିକ୍ ବ୍ରଶ୍ ଆଦି ବିଭିନ୍ନ ଜିନିଷ ରଖିପାରିବେ ଏବଂ ସହଜରେ ପାଇପାରିବେ।

■ ବାଥ୍ରୁମ୍‌ରେ ସେଭିଂ କ୍ରିମ୍ ଓ ଫେସ୍ ୱାଶକୁ ଓଲଟାଇ ରଖନ୍ତୁ। ଫଳରେ ସେହି ବଟଲ ଖରାପ ହେବ ନାହିଁ କିମ୍ବା ଦାଗ ଲାଗିବ ନାହିଁ।



# ଫ୍ରିଜ୍‌ରେ ରଖନ୍ତୁ

**ଠିକ୍ ଭାବରେ ଜିନିଷ ସାଇତି ରଖିଲେ ଫ୍ରିଜ୍ ଶୀଘ୍ର ଅପରିଷ୍କାର ହେବ ନାହିଁ। ତେଣୁ କେଉଁ ଜିନିଷ କେଉଁଠି ରଖିବେ ସେସମ୍ପର୍କରେ ଭଲଭାବେ ଜାଣିରଖନ୍ତୁ।**

▶▶ ପ୍ରତିଦିନ ବ୍ୟବହାର କରୁଥିବା ଜିନିଷକୁ ଫ୍ରିଜ୍‌ର ଉପର ଥାକରେ ରଖନ୍ତୁ। ବଳକା ଖାଦ୍ୟକୁ ବି ଫ୍ରିଜ୍‌ର ଉପର ଥାକରେ ହିଁ ରଖନ୍ତୁ। ଫଳରେ ଆପଣ ରଖିଥିବା ଜିନିଷ ଭୁଲିବେ ନାହିଁ ଏବଂ ଖାଦ୍ୟ ନଷ୍ଟ ହେବନାହିଁ।

▶▶ ଜିନିଷର ପ୍ରକାର ଦେଖି ସେହି ଅନୁସାରେ ନିର୍ଦ୍ଦିଷ୍ଟ ସ୍ଥାନରେ ରଖନ୍ତୁ। ଅର୍ଥାତ୍ ସବୁ ପ୍ରକାର ଚକୋଲେଟକୁ ଗୋଟିଏ ସ୍ଥାନରେ ରଖନ୍ତୁ। ସେହିପରି ଫଳ କିମ୍ବା ପରିବାକୁ ବି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ରଖନ୍ତୁ। ଏପରି କରିବା ଫଳରେ ଆପଣଙ୍କର ସମୟ ବଞ୍ଚିବା ସହ ଅଧିକ ଜିନିଷ ରଖିପାରିବେ।

▶▶ ଫ୍ରିଜ୍‌ରେ ପ୍ରତ୍ୟେକ ଜିନିଷକୁ ବୁଦ୍ଧି ପ୍ରୟୋଗକରି ରଖନ୍ତୁ। କେଉଁଠି ବୋତଲ ରଖିବେ, କେଉଁଠି ଟିଫିନ୍ ରଖିବେ ସେନେଇ ଠିକ୍ ଭାବେ ଚିନ୍ତାକରି ରଖନ୍ତୁ। ନଚେତ୍ ବେଳେବେଳେ ଫ୍ରିଜ୍ ଖୋଲିବା ମାତ୍ରେ ଅନେକ ଜିନିଷ ପଡ଼ି ନଷ୍ଟ ହୋଇଯାଏ।



▶▶ ଫ୍ରିଜ୍‌ରେ ଆପଣ ବଜାରରେ ମିଳୁଥିବା ଅନ୍ୟ ଥାକ ଆଣି ତା ଭିତରେ ଜିନିଷ ଭର୍ତ୍ତି କରି ରଖିପାରିବେ। ଏଭଳିଭାବେ ବିଭିନ୍ନ ପ୍ରକାର ଜିନିଷକୁ ଆରାମରେ ରଖିପାରିବେ। ଏପରି କରିବା ଫଳରେ ଅଧିକ ସ୍ଥାନ ମିଳିପାରିବ।

▶▶ ଅଳ୍ପ ମଇଳା ହେବା ମାତ୍ରେ ଫ୍ରିଜ୍‌କୁ ସଫାକରି ଦିଅନ୍ତୁ। ଟିସୁ ପେପର ସାହାଯ୍ୟରେ ଫ୍ରିଜ୍‌ର ଟ୍ରେ କିମ୍ବା ଅନ୍ୟ ଥାକ ସବୁ ପୋଛିଦିଅନ୍ତୁ। ଫ୍ରିଜ୍‌ରେ କୌଣସି ପ୍ରକାର ଫଳ କିମ୍ବା ପରିବା ପଚିଯାଇଥିଲେ ତୁରନ୍ତ ବାହାର କରି ସଫାକରି ଦିଅନ୍ତୁ। ଫ୍ରିଜ୍‌କୁ ଗନ୍ଧ ହେବାକୁ ଦିଅନ୍ତୁ ନାହିଁ।

# କ୍ରିଏଟିଭ୍ ସମର



**ଖରାଛୁଟିରେ ପିଲାମାନେ ଘରେ ରହୁଛନ୍ତି ପୂରା ସମୟ। ଖେଳାବୁଲା ପରେ ବି ହାତରେ ଢେର୍ ସମୟ। ଏ ସମୟରେ ପିଲା ଯେମିତି ବୋର୍ ହେବେ ନାହିଁ ସେଥିପାଇଁ ବିଭିନ୍ନ ପ୍ରକାର ବିକଳ୍ପ ଚିନ୍ତା କରନ୍ତି ମାଆମାନେ। ତେବେ କଣ କଲେ ସେମାନଙ୍କ ସମୟ ଭଲରେ କଟିବା ସହ କ୍ରିଏଟିଭିଟି ବଢ଼ିବ ସେନେଇ ଦୃଷ୍ଟି ଦିଅନ୍ତୁ...**





ଏବେ ଘରେ ରହି ଛୁଟି ମନାଉଛନ୍ତି ପିଲାମାନେ। ସବୁଠୁ ଲମ୍ବା ଅବଧିର ଛୁଟି। ସ୍କୁଲ ପାଠପଢ଼ାର ବୋଝ କମ୍। ଖେଳାବୁଲା କରିବା ପରେ ବି ପାଖରେ ଢେର୍ ସମୟ। ତେଣୁ ଅନେକ ସମୟ ଘରେ ବସିବାକୁ ପଡ଼େ। ଘରେ କେହି କେହି ଟିଭି କିମ୍ବା ଫୋନ୍ ଦେଖିବାରେ ସମୟ କଟାନ୍ତି ତ ଆଉ କେତେକ ଘରେ ବୋର୍ ହୋଇ ସାଙ୍ଗମାନଙ୍କ ପାଖକୁ ଚାଲି ଯାଆନ୍ତି। ହେଲେ ଘରେ ରହି ସବୁବେଳେ ଫୋନ୍ କି ଟିଭି ଦେଖିବା ଅବା ଅନ୍ୟ କିଛି ବେକାର କାମରେ ଯେମିତି ସମୟ ନଷ୍ଟ ନ ହେଉ ସେହି ଚିନ୍ତା ଥାଏ ଅଭିଭାବକଙ୍କର। କିନ୍ତୁ ଘରେ ରହି ପିଲାମାନେ କେମିତି ଆଦୌ ବୋର୍ ନ ହେବେ ସେଥିପ୍ରତି ଦୃଷ୍ଟିଦେବା ଅଭିଭାବକଙ୍କ ଦାୟିତ୍ୱ। ବିଶେଷକରି ମାଆମାନେ ପିଲାଙ୍କୁ ଘରେ ଏଭଳି ଭାବରେ ବ୍ୟସ୍ତ କରାଇପାରିବେ ଯେ ସେମାନେ ସମୟକୁ ଏନ୍‌ଜୟ କରିବା ସହ ନୂଆ କଥା ବି ଶିଖିପାରିବେ।

### ରୁଟିନ୍ ତିଆରି କରନ୍ତୁ

ଛୁଟିରେ ସ୍କୁଲ ଯିବା ସମୟ ଭଳି ଏକ ରୁଟିନ୍ ଜୀବନ ନ ଥାଏ। ମନ ଇଚ୍ଛାରେ ଖାଇବା, ପିଇବା କିମ୍ବା ଶୋଇବା ଆଦି ସବୁଥିରେ ଥାଏ ସ୍ୱାଧୀନତା। ପ୍ରକୃତରେ ଛୁଟିର ଏହା ହିଁ ଅର୍ଥ। ହେଲେ ଛୁଟିରେ ସବୁବେଳେ ଏଭଳି ସମୟ କଟାଇବା ଫଳରେ ସବୁକିଛି ଓଲଟପାଲଟ ହୋଇଯାଏ। ଶାରୀରିକ ସମସ୍ୟା ସାଙ୍ଗକୁ ଏକ ଅପ୍ରୀତିକର ପରିବେଶ ସୃଷ୍ଟି ହୋଇଥାଏ। ତେଣୁ ଛୁଟିରେ ବି କିଛି ସମୟ ପାଇଁ ହେଲେ ବି ରୁଟିନ୍ ଲାଇଫ୍ ଦରକାର। ଛୁଟି କିଭଳି କଟାଇବେ ସେନେଇ ଏକ ରୁଟିନ୍ ଅନୁସରଣ କରିବା ପାଇଁ ପିଲାଙ୍କୁ କୁହନ୍ତୁ। ଯେମିତିକି କିଛି ସମୟ ବାହାରେ ଖେଳିବା, କିଛି ସମୟ ପଢ଼ିବା ଅବା କିଛି ସମୟ ଘରର ଅନ୍ୟ କାମ ପାଇଁ ଦେବାକୁ ହେବ। ଏପରି ଭାବେ ଚିନ୍ତାକଲେ ଆଉ ବୋର୍ ହେବାକୁ ପଡ଼ିବ ନାହିଁ। ତେଣୁ ପିଲାଙ୍କୁ ଏଭଳି କରିବାରେ ସାହାଯ୍ୟ କରନ୍ତୁ।

### ଘର କାମରେ

ଛୁଟିରେ ପିଲାଙ୍କ ମନକୁ ଫ୍ରେଶ୍ କରିବା ପାଇଁ ମନୋରଞ୍ଜନ ବି ଜରୁରୀ। ତା ଅର୍ଥ ନୁହେଁ କି ସେମାନେ ସବୁବେଳେ ବୁଲାବୁଲି କରିବେ ଅବା ଟିଭି କିମ୍ବା ଫୋନ୍ ଦେଖିବେ। ତେଣୁ ମାଆମାନେ ସେମାନଙ୍କୁ ଘରକାମରେ ସାହାଯ୍ୟ କରିବା ପାଇଁ କୁହନ୍ତୁ। ବିଶେଷକରି ରୋଷେଇ ଘରେ ନିଜେ ଥିବାବେଳେ ପିଲାଙ୍କୁ ଡାକି ବିଭିନ୍ନ ପ୍ରକାର ପରିବା ଚିହ୍ନାନ୍ତୁ ଓ ସେସବୁର ଉପକାରିତା ସମ୍ପର୍କରେ ଜଣାନ୍ତୁ। ରୋଷେଇ କିପରି ହେଉଛି ଦେଖାନ୍ତୁ ଓ ସାହାଯ୍ୟ କରିବାକୁ କୁହନ୍ତୁ। ସୁଷମ ଖାଦ୍ୟ ତଥା ପରିଷ୍କାର ପରିଚ୍ଛନ୍ନତା ସମ୍ପର୍କରେ ଶିକ୍ଷା ଦିଅନ୍ତୁ। କର୍ମଜୀବୀ ହୋଇଥିଲେ ପିଲାଙ୍କୁ ସବୁବେଳେ ଘରର କିଛି କିଛି କାମରେ ସାହାଯ୍ୟ କରିବା ପାଇଁ ପିଲାଙ୍କୁ ଅଭ୍ୟାସ କରାନ୍ତୁ। ଏପରି ହେଲେ ପିଲାମାନେ ଖାଲି ସମୟରେ ଘରକାମ କରି ସମୟ କଟାଇବା ସହ ଖୁସି ହୋଇପାରିବେ।

### କ୍ରିଏଟିଭ୍ ହାବିଟ୍ ବଢ଼ାନ୍ତୁ

ଛୁଟି ସମୟରେ ପାଠପଢ଼ା ବାଦ୍ ସେମାନଙ୍କୁ ଅନ୍ୟ କିଛି କରିବା ପାଇଁ ନିଶ୍ଚୟ କୁହନ୍ତୁ। କିଛି ନୂଆ କୋର୍ସରେ ନାମ ଲେଖାନ୍ତୁ। ଦିନକୁ କିଛି ସମୟ ସେମାନେ ସମର କୋର୍ସ ଯେପରି କରାଟେ, ଚେସ୍, ସ୍କେଟିଂ, ଡ୍ୟାନ୍ସ, ମ୍ୟୁଜିକ୍ ଆଦି ଯେକୌଣସି ବିଷୟରେ ଶିକ୍ଷା ନେବା ପାଇଁ ସୁଯୋଗ ଦିଅନ୍ତୁ। ଏହା ଫଳରେ ପିଲାଙ୍କର କ୍ରିଏଟିଭିଟି ବଢ଼ିବ। ଏକ ସମୟରେ ଛୁଟି ଭଲରେ କଟିବା ସହ ସେମାନଙ୍କ ଦକ୍ଷତା ବିକାଶ ହୋଇପାରିବ।



## ଏମାନେ କ'ଣ କରନ୍ତି



**ନୂଆ କ୍ଲାସ୍ ଦେଇଛି:** ଖରାଛୁଟିରେ ମୋର ପ୍ରବଳ ଟେନ୍‌ସନ। ଘରେ ପିଲାଙ୍କୁ ସବୁବେଳେ ଜଗିବାକୁ ପଡୁଛି, ପୁଣି ସେମାନଙ୍କୁ ବିଭିନ୍ନ ପ୍ରକାରର ଖାଇବା ତିଆରି କରି ଦେବାକୁ ହେଉଛି। ଏସବୁ ବାଦ୍ ଛୁଆ କେତେବେଳେ ଝଗଡ଼ା କରୁଛନ୍ତି ତ କେବେ ଘର ଅପରିଷ୍କାର କରୁଛନ୍ତି। ସବୁକିଛିକୁ ଜଗାରଖା କରି ସେମାନଙ୍କୁ ଗାଇଡ୍ କରିବା ଓ ସବୁକାମ ଶିଖାଇବା ପାଇଁ ମତେ ଭାରି କଷ୍ଟ ହେଉଛି। କିନ୍ତୁ ପିଲାଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଯଥାସମ୍ଭବ ସବୁ କରିବା ପାଇଁ ଆମେ ଚେଷ୍ଟା କରୁଛୁ। ଏଠି ଘର ପାଖରେ ସକାଳେ ପିଲାଙ୍କୁ କରାଟେ କ୍ଲାସ୍‌ରେ ଛାଡୁଛି ଓ ସନ୍ଧ୍ୟା ସମୟରେ ମୋର ଦୁଇ ଝିଅଙ୍କୁ ଡ୍ୟାନ୍ସ ଶିଖାଇବାକୁ ନେଇ ଯାଉଛି। ଘରର ସବୁ କାମ ପରେ ଏସବୁ ଅଧିକ କାମ କରୁଛି। ପିଲାଙ୍କ ଖୁସି ଓ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଏସବୁ କରୁଛି।

– *ମଧୁସ୍ମିତା ବାରିକ*, ଗୃହିଣୀ, ପିପିଲି, ପୁରୀ



**ପିଲାଙ୍କ ସହ ଗାଁକୁ ଯାଏ:** ଖରାଛୁଟି ହେଲେ ମୋ ପିଲାମାନେ ସବୁବେଳେ ଗାଁକୁ ଯାନ୍ତି। ସେଠି ରହି ସେମାନେ ବେଶ୍ ଆରାମରେ ଛୁଟି କଟାନ୍ତି। ଗାଁରେ ସବୁ ପ୍ରକାର କାମରେ ସାହାଯ୍ୟକରି ଖୁସି ହୁଅନ୍ତି। ଗୋରୁ, ବିଲବାଡ଼ି ତଥା ଅନ୍ୟାନ୍ୟ କାମରେ ସେମାନଙ୍କ ସମୟ କଟିଯାଏ। ପିଲାଙ୍କ ଛୁଟି ହେଲେ ମୁଁ ବି ସବୁବେଳେ ସେମାନଙ୍କୁ ନେଇ ଗାଁକୁ ଯାଏ। ତେଣୁ ଆମ ସମସ୍ତଙ୍କର ସମୟ ବହୁତ ମଜାରେ କଟେ। ସହରଠୁ ଦୂରରେ ଏକ ଭିନ୍ନ ପରିବେଶରେ କିଛି ସମୟ କଟେଇବାର ମଜା ଅଲଗା। ତେବେ ଏସବୁ ଭିତରେ ପିଲାମାନେ ସନ୍ଧ୍ୟାବେଳେ ଓ ସକାଳେ କିଛି ସମୟ ପାଠ ବି ପଢ଼ନ୍ତି। ରଜ ସରିବା ପରେ ଆମେ ସମସ୍ତେ ପୁଣି ଫେରିଆସିବୁ।

– *ସୁରଶ୍ରୀ ପ୍ରିୟଦର୍ଶିନୀ*, ଗୃହିଣୀ, କଟକ



**ପାର୍କ ନେଇ ଯାଏ:** ଖରାଛୁଟିରେ ସବୁବର୍ଷ ଭଳି ଏବର୍ଷ ବି ପୁଅକୁ ମାସକ ପାଇଁ ଗୀତ ଶିଖିବାକୁ ପଠାଉଛି। କାରଣ ଘରେ ସେ ଏକୁଟିଆ ହୋଇଯାଉଛି ଏବଂ ବୋର୍ ହେଉଛି। ଘରର ଛୋଟ ମୋଟ କାମରେ ସାହାଯ୍ୟ କରିବାକୁ କହୁଛି, କିନ୍ତୁ ସବୁଦିନ ସେ ଖେଳିବା ପାଇଁ ନ ଗଲେ ଚିଡ଼ିଯାଏ। ଏଥିପାଇଁ ପାଖରେ ଥିବା ଏକ ପାର୍କକୁ ସବୁଦିନ ସନ୍ଧ୍ୟାରେ ତାକୁ ନେଇ ଯାଉଛି। ସେଠି ସେ କିଛି ସମୟ ଖେଳିବା ପରେ ଘରକୁ ଆସୁଛି। ମତେ କଷ୍ଟ ହେଲେ ବି ତା'ର ଭବିଷ୍ୟତ ପାଇଁ ସବୁ ପରିଶ୍ରମ କରିବାକୁ ଚେଷ୍ଟା କରେ।

– *ଅନୁରାଧା ମହାପାତ୍ର*, ଗୃହିଣୀ, ନୟାପଲ୍ଲୀ, ଭୁବନେଶ୍ୱର





ସୌନ୍ଦର୍ଯ୍ୟ

# ଲଗାନ୍ତୁ ଟୋନର

**ମୁହଁକୁ ଭଲଭାବେ ସଫା କରି ଉଜ୍ଜ୍ୱଳତା ବଢ଼ାଇବାକୁ ଟୋନର ବ୍ୟବହାର କରାଯାଏ। ଟୋନର ଲଗାଇଲେ ତ୍ୱଚାକୁ ପୋଷଣ ମିଳିବା ସହ ଉଜ୍ଜ୍ୱଳତା ବୃଦ୍ଧି ପାଇଥାଏ। ତେବେ କିଭଳି ଏବଂ କେଉଁ ପ୍ରକାର ଟୋନର ଲଗାଇବେ ସେ ସମ୍ପର୍କରେ ଜାଣିରଖନ୍ତୁ।**







▶▶ ବଜାରରେ ମିଳୁଥିବା ବିଭିନ୍ନ ପ୍ରକାର ଟୋନର ବଦଳରେ ହୋମ୍ ମେଡ୍ ଟୋନର ବ୍ୟବହାର କଲେ ଭଲ। ଘରେ ଟୋନର ତିଆରି ପାଇଁ ଅଧା କପ୍ ପାଣି ଫୁଟାଇ ସେଥିରେ ଗ୍ରୀନ୍ ଟି ବ୍ୟାଗ୍ ପକାଇ ୨ ମିନିଟ୍ ଛାଡ଼ି ଦିଅନ୍ତୁ। ଏବେ ଏଥିରେ ୧ ଚାମଚ ଗୋଲାପଜଳ ଏବଂ ଅଧାକଟା ଡାଳିମ୍ବ ଜୁସ୍ ମିଶାନ୍ତୁ। ଏହାକୁ ବୋତଲରେ ରଖି ବ୍ୟବହାର କରନ୍ତୁ। ପାଣିରେ ଆଲୋଭେରା ଜେଲ୍ ମିଶାଇ ଏହାକୁ ମଧ୍ୟ ଟୋନର ଭଳି ବ୍ୟବହାର କରିପାରିବେ।

▶▶ ଯେକୌଣସି ପ୍ରକାର ଟୋନରକୁ ତୁଳା ସାହାଯ୍ୟରେ ମୁହଁ ଏବଂ ବେକରେ ଭଲଭାବେ ଲଗାନ୍ତୁ। ଏହାପରେ ହାଲ୍‌କା ଭାବେ ମସାଜ୍ କରି ଶୁଖିବା ପାଇଁ ଛାଡ଼ି ଦିଅନ୍ତୁ। କିଛି ସମୟ ପରେ ମୁହଁ ଧୋଇ ଦିଅନ୍ତୁ। ଏପରି କରିବା ଫଳରେ ତ୍ୱଚାକୁ ପୋଷଣ ମିଳିଥାଏ।

▶▶ ଆପଣଙ୍କ ସ୍କିନ୍ ଅନୁସାରେ ହିଁ ଟୋନର ବାଛନ୍ତୁ। ଯଦି ଆପଣଙ୍କ ସ୍କିନ୍ ସେନ୍‌ସିଟିଭ୍ ହୋଇଥାଏ ତେବେ ତ୍ୱଚା ଅନୁସାରେ ଟୋନର ଲଗାନ୍ତୁ। ଫଳରେ ତ୍ୱଚାର ପିଏଚ୍ ଲେଭଲରେ ସନ୍ତୁଳନ ରହିପାରିବ।

▶▶ ଟୋନର ବ୍ୟବହାର କରିବା ଫଳରେ ତ୍ୱଚା ଶୁଷ୍କ ହୋଇ ନ ଥାଏ। ଦିନକୁ ୨ଥର ଟୋନର ବ୍ୟବହାର କରିପାରିବେ।

▶▶ ପ୍ରଥମେ ଫେସ୍‌ୱାଶ୍‌ରେ ମୁହଁ ଧୋଇଦିଅନ୍ତୁ। ଏହାପରେ ତୁଳାରେ ଟୋନର ଲଗାଇ ହାତରେ ସ୍କ୍ରବ୍ କରନ୍ତୁ। ଟୋନର ଲଗାଇବା ପରେ ମଶ୍ଚରାଇଜର ଲଗାନ୍ତୁ। କିଛି ସମୟ ପରେ ସନ୍‌ସ୍କ୍ରିନ୍ ଲଗାନ୍ତୁ।

ଖାଦ୍ୟରୁଚି

# ମ୍ୟାଙ୍ଗୋ କୁଲ୍‌ଫି

**ଆବଶ୍ୟକ ସାମଗ୍ରୀ–**
ପାଚିଲା ଆମ୍ବ–୨ଟି, କ୍ଷୀର– ୧ ଲିଟର, ଚିନି– ଅଧା କପ୍, କଷ୍ଟାଡ୍ ମିଲ୍କ– ଅଧା କପ୍, କାଜୁ ଓ ପିସ୍ତା ବାଦାମ– ୪ ବଡ଼ ଚାମଚ, ଗୁଜୁରାତି ଗୁଣ୍ଡ– ୧ଛୋଟ ଚାମଚ।

**ପ୍ରସ୍ତୁତି ପ୍ରଣାଳୀ–**
ପ୍ରଥମେ ଆମ୍ବରୁ ରସ ବାହାରକରି ଗ୍ରାଇଣ୍ଡିଂକରି ରଖନ୍ତୁ। ଏହାପରେ କ୍ଷୀରକୁ ଚୁଲିରେ ବସାଇ ସିଝାନ୍ତୁ। କୁଲ୍‌ଫି ତିଆରି ପାଇଁ ସବୁବେଳେ କ୍ଷୀରକୁ ଅଧିକ ସମୟ ସିଝାଇ ଗାଢ଼ା କରିବେ। ସିଝିବା ବେଳେ କ୍ଷୀର ଯେତେବେଳେ ଅଧା ହୋଇଆସିବ ସେଥିରେ ଚିନି ଓ କଷ୍ଟାଡ୍ ମିଲ୍କ ମିଶାନ୍ତୁ। ଏହାକୁ ଲଗାତର କିଛି ସମୟ ଗୋଳାନ୍ତୁ। ବହଳିଆ ହୋଇ ଆସିଲେ ସେଥିରେ ଗ୍ରାଇଣ୍ଡିଂ ହୋଇଥିବା ଆମ୍ବରସ ମିଶାଇ ଗୋଳାନ୍ତୁ। ଏହା ପରେ ଗୁଜୁରାତି ଗୁଣ୍ଡ ପକାନ୍ତୁ। ଶେଷରେ ଏଥିରେ କାଜୁ ଓ ପିସ୍ତା ବାଦାମକୁ ଛୋଟ ଛୋଟ କରି କାଟି ପକାନ୍ତୁ। କିଛି ସମୟ ଗୋଳାଇବା ପରେ ଗ୍ୟାସ୍ ବନ୍ଦକରିଦେଇ ମିଶ୍ରଣକୁ ଥଣ୍ଡା ହେବା ପାଇଁ ଛାଡ଼ି ଦିଅନ୍ତୁ। ଥଣ୍ଡା ହୋଇଗଲେ ଏହି ମିଶ୍ରଣକୁ କୁଲ୍‌ଫି ମୋଲ୍‌ଡ କିମ୍ବା ଛୋଟ ପାତ୍ରରେ ଭର୍ତ୍ତି କରି ଫ୍ରିଜରରେ ରଖି ଦିଅନ୍ତୁ। ପ୍ରାୟ ୮–୯ ଘଣ୍ଟା ପରେ ଏହା ବରଫ ହୋଇ ଯାଇଥିବ। ତେଣୁ ଫ୍ରିଜରରୁ ବାହାର କରି ଖାଇବାକୁ ଦିଅନ୍ତୁ ପ୍ରସ୍ତୁତ ହୋଇଥିବା କୁଲ୍‌ଫି। ଖରାଦିନେ ଏହା ବେଶ୍ ସ୍ୱାଦିଷ୍ଟ ଲାଗିବ।





ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଅବସରରେ ଏକ ହାଲ୍‌କା ମୁହୂର୍ତ୍ତରେ ଓନ୍ସ ଜାବେର ଓ ନୋଭାକ୍ ଜୋକୋଭିଚ୍।

# ଫ୍ରେଞ୍ଚ୍ ଓପନ: ଅଲକାରାଜ-ସିତ୍‌ସିପାସ୍, ଦିମିତ୍ରୋଭ-ସିନର କ୍ୱାର୍ଟର ଫାଇନାଲ

**ପ୍ୟାରିସ, ୩।୬ (ଏପି)**

ଚଳିତ ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ୍ ଟେନିସ୍ ପୁରୁଷ ସିଙ୍ଗଲ୍ସର କ୍ୱାର୍ଟର ଫାଇନାଲ ଲାଇନ୍‌ଅପ୍ ହେବାରେ ଲାଗିଛି। ରବିବାର ୪ର୍ଥ ରାଉଣ୍ଡରେ ୮ମ ସିଡ୍ ହୁବର୍ଟ ହୁର୍କାଜଙ୍କୁ ୭-୬(୫), ୬-୪, ୭-୬(୩) ସେଟ୍‌ରେ ହରାଇ ୩୩ ବର୍ଷରେ ପ୍ରଥମଥର ପାଇଁ କ୍ୱାର୍ଟର ଫାଇନାଲରେ ପହଞ୍ଚିଥିବା ୧୦ମ ସିଡ୍ ଗ୍ରିଗୋର ଦିମିତ୍ରୋଭ ରାଉଣ୍ଡ ଅଫ୍-୮ରେ ଜାନିକ ସିନରଙ୍କୁ ଭେଟିବେ। ଦ୍ୱିତୀୟ ସିଡ୍ ସିନର ୨-୬, ୬-୩, ୬-୨, ୬-୧ ସେଟ୍‌ରେ କେରେଣ୍ଟିନ ମୌଟେଟ୍‌ଙ୍କୁ ପରାସ୍ତ କରିଛନ୍ତି। ପ୍ରଥମ ସେଟ୍‌ରେ ହାରିଥିଲେ ହେଁ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲେ ସିନର। ସେହିପରି ୩ୟ ସିଡ୍ କାର୍ଲୋସ ଅଲ୍‌କାରାଜ୍ ଓ ୯ମ ସିଡ୍ ଷ୍ଟିଫାନୋସ ସିତ୍‌ସିପାସ୍‌ଙ୍କ ମଧ୍ୟରେ କ୍ୱାର୍ଟର ଫାଇନାଲ ମୁକାବିଲା ହେବ। ୪ର୍ଥ ରାଉଣ୍ଡରେ ଆଲ୍‌କାରାଜ୍ ୬-୩, ୬-୩, ୬-୧ରେ ଅଣସିଡେଡ୍ ଫେଲିକ୍ସ ଅଗର ଅଲିସାମେଙ୍କୁ ହରାଇଥିବାବେଳେ ସିତ୍‌ସିପାସ୍ ୩-୬, ୭-୬ (୭/୪), ୬-୨, ୬-୨ରେ ମାଟେଓ ଅର୍ନାଲ୍ଡିଙ୍କୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି।





ମ୍ୟାଚ ଜିତିବାପରେ ଉଲ୍ଲସିତ ମୀରା ଆଣ୍ଡ୍ରିଭା ଓ ଜସମିନ ପାଓଲିନି।

## କ୍ୱାର୍ଟରରେ ଆଣ୍ଡ୍ରିଭା, ରିବାକିନା, ପାଓଲିନି

ମହିଳା ସିଙ୍ଗଲ୍ସ ୪ର୍ଥ ରାଉଣ୍ଡ ମ୍ୟାଚ ଜିତି କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି ଏଲେନା ରିବାକିନା, ଆରିନା ସାବାଲେଙ୍କା, ମୀରା ଆଣ୍ଡ୍ରିଭା ଓ ଜସ୍‌ମିନ ପାଓଲିନି। ରିବାକିନା ୬-୪, ୬-୩ରେ ଏଲିନା ସ୍ୱିତୋଲିନାଙ୍କୁ, ଆରିନା ସାବାଲେଙ୍କା ୬-୨, ୬-୩ରେ ଇମା ନାଭାରୋଙ୍କୁ ଜସ୍‌ମିନ ପାଓଲିନି ୪-୬, ୬-୦, ୬-୧ରେ ଅଣସିଡେଡ୍ ଇଲିନା ଆଭାନେସ୍ୟାନଙ୍କୁ ଏବଂ ଆଣ୍ଡ୍ରିଭା ୭-୫, ୬-୨ରେ ବାର୍ବରା ଗ୍ରାଚେଭାଙ୍କୁ ହରାଇ କ୍ୱାର୍ଟରରେ ପ୍ରବେଶ କରିଛନ୍ତି।

## ମେଡଭେଡେଭଙ୍କ ଅଭିଯାନ ଶେଷ

ପଞ୍ଚମ ସିଡ୍ ଡାନିଲ ମେଡଭେଡେଭଙ୍କ ଅଭିଯାନ ୪ର୍ଥ ରାଉଣ୍ଡରୁ ଶେଷ ହୋଇଛି। ସେ ୬-୪, ୨-୬, ୧-୬, ୩-୬ ସେଟ୍‌ରେ ୧୧ଶ ସିଡ୍ ଆଲେକ୍ସ ଡି ମିନାଉରଙ୍କଠାରୁ ହାରି ଯାଇଛନ୍ତି। ଫଳରେ ମିନାଉର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

## ସ୍ୱିଟେକ୍‌ଙ୍କ ଅସନ୍ତୋଷ

ଫ୍ରେଞ୍ଚ ଓପନ ପ୍ରତିଯୋଗିତାରେ ବିଳମ୍ବିତ ରାତିରେ ମ୍ୟାଚ ଖେଳାଯିବାକୁ ନେଇ ଟେନିସ ଖେଳାଳି ଇଗା ସ୍ୱିଟେକ୍ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅନେକଥର ମଧ୍ୟ ମ୍ୟାଚ ରାତ୍ର ସେସନକୁ ଅତିକ୍ରମ କରିଯାଉଛି। ଶୋଇବା ସମୟରେ ଏହି ମ୍ୟାଚ ଖେଳିବାକୁ ହେଉଛ, ଯାହାକି କଷ୍ଟକର ବୋଲି ନମ୍ବର ୱାନ ମହିଳା ସିଙ୍ଗଲ୍ସ ଖେଳାଳି କହିଛନ୍ତି। ନିକଟରେ ରୋଲାଣ୍ଡ ଗାରୋସଠାରେ ଲୋରେଞ୍ଜୋ ମୁସେଟିଙ୍କ ବିପକ୍ଷରେ ମୁଗତଥରର ଚାମ୍ପିୟନ ନୋଭାକ ଜୋକୋଭିଚ୍‌ଙ୍କର ୫ ସେଟ୍ ବିଜୟ ମ୍ୟାଚ ହେଉଛି ଏହାର ସଦ୍ୟତମ ଉଦାହାରଣ। ଏହି ମ୍ୟାଚ ଶନିବାର ରାତି ୧୦ଟା ୩୦ରେ ଆରମ୍ଭ ହୋଇ ୩ଟା ପରେ ଶେଷ ହୋଇଥିଲା। କେବଳ ଖେଳାଳି ନୁହଁନ୍ତି, ଦର୍ଶକ, ଷ୍ଟାଡିୟମ କର୍ମଚାରୀ ଏବଂ କୋର୍ଟ ଅଫିସିଆଲଙ୍କ ପାଇଁ ଏହା ଏକ ବଡ଼ ସମସ୍ୟା। ମାତ୍ର ଏହାର ସାମାଧାନ ପନ୍ଥା କେହି ବାହାର କରିବାକୁ ଆଗଭର ହେଉ ନାହାନ୍ତି।

## ବଜରଙ୍ଗ ପୁନିଆଙ୍କ ବାସନ୍ଦାଦେଶ ଉଠିଲା

**ନୂଆଦିଲ୍ଲୀ, ୩।୬(ପି.ଟି.):** ଜାତୀୟ ଆଣ୍ଟି ଡୋପିଂ ଏଜେନ୍ସି (ନାଡା)ର ଶୃଙ୍ଖଳାଗତ କମିଟି ପକ୍ଷରୁ ବଜରଙ୍ଗ ପୁନିଆଙ୍କ ବାସନ୍ଦାଦେଶ ହଟାଯାଇଛି। ପୂର୍ବରୁ ଡୋପ୍ ଟେଷ୍ଟିଂ ଏଡାଇବା କାରଣରୁ ବଜରଙ୍ଗଙ୍କୁ ସାମୟିକ ବାସନ୍ଦ କରାଯାଇଥିଲା। ସୋମବାର ଏହାକୁ ହଟାଯାଇଥିବା ବେଳେ ବଜରଙ୍ଗଙ୍କୁ ଏକ ନୋଟିସ୍ ଜାରି କରିବାକୁ ନିଷ୍ପତ୍ତି ନିଆଯାଇଛି। ନ୍ୟାଶନାଲ ଟ୍ରାଏଲ୍ସ ସମୟରେ ବଜରଙ୍ଗ ଡୋପ୍ ଟେଷ୍ଟ ପାଇଁ ନମୂନା ଦେଇ ନ ଥିଲେ। ପରେ ଏପ୍ରିଲ୍ ୨୩ ତାରିଖରେ ତାଙ୍କୁ ସାମୟିକ ଭାବରେ ବାସନ୍ଦ କରାଯାଇଥିଲା। ବାସନ୍ଦାଦେଶ ପରେ ଓକିଲଙ୍କ ଜରିଆରେ ବଜରଙ୍ଗ ନୋଟିସ୍ ମଧ୍ୟ ପଠାଇଥିଲେ।

## ପଦକ ଦୌଡ଼ରେ ଈଶା

**ମ୍ୟୁନିକ୍, ୩।୬ (ପି.ଟି.)**

ଭାରତୀୟ ଶୁଟର ରମିତା ଜିନ୍ଦଲ ଏଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍‌ରେ ଭଲ ପ୍ରଦର୍ଶନକରି ମହିଳା ୧୦ ମିଟର ଏୟାର ରାଇଫଲ୍ସରେ ୬ଷ୍ଠ ସ୍ଥାନ ଅଧିକାର କରିଥିବା ବେଳେ ଈଶା ସିଂ ୨୫ ମିଟର ସ୍ପୋର୍ଟ୍ସ ପିସ୍ତଲ କ୍ୱାଲିଫାଇଂରେ ୬ଷ୍ଠ ସ୍ଥାନ ଅଧିକାର କରି ପଦକ ଆଶାକୁ ଉଜ୍ଜୀବିତ ରଖିଛନ୍ତି। ଅଲିମ୍ପିକ ସିଲେକ୍ସନ ଟ୍ରାଏଲରେ ରମିତା ଦ୍ୱିତୀୟ ସ୍ଥାନରେ ରହିଥିଲେ। ପ୍ୟାରିସ୍ ଗେମ୍ସ ପାଇଁ ଯୋଗ୍ୟ ବିବେଚିତ ହେବା କଥା। ମାତ୍ର ସେ ତୃତୀୟ ଶୁଟର ଭାବେ ୮ ଶୁଟରଙ୍କୁ ନେଇ ଫାଇନାଲରେ କାଟ୍ ଖାଇଯାଇଥିଲେ। ଲକ୍ଷ୍ୟ ଅଭାବରୁ ଫାଇନାଲରେ ତାଙ୍କର ଦୁଇଟି ଖରାପ ସ୍କୋର ୯.୯ ଓ ୯.୮ ରହିଥିଲା। ସ୍ୱଳ୍ପ ବୟସ୍କଙ୍କ ମଧ୍ୟରେ ଅନୁଷ୍ଠିତ ଲଢେଇରେ ୧୭ ବର୍ଷୀୟ ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ବିଜେତା ଚାଇନାର ହୁଆଙ୍ଗ୍ ୟୁଟିଙ୍ଗ୍ (୨୫୨.୭) କୋରିଆର ୧୬ ବର୍ଷୀୟ ବାନ୍ ହ୍ୟୋଜିନ୍‌ଙ୍କଠାରୁ ସ୍ୱଳ୍ପ ବ୍ୟବଧାନରେ ବିଜୟ ଲାଭ କରିଥିଲେ। ରମିତା ପୂର୍ବରୁ କ୍ୱାଲିଫିକେଶନ ରାଉଣ୍ଡରେ ୬୩୩.୦ ସ୍କୋର ସହ ଚତୁର୍ଥ ହୋଇଥିଲେ। ୟୁଟିଙ୍ଗ୍ ୬୩୫.୩ ସ୍କୋର ସହ ଜୁନିୟର କ୍ୱାଲିଫିକେଶନ ବିଶ୍ୱ ରେକର୍ଡ କରିଥିଲେ। ପ୍ରତିଯୋଗିତାରେ ଭାଗନେଇଥିବା ଅନ୍ୟ ଭାରତୀୟଙ୍କ ମଧ୍ୟରେ ତିଳୋତ୍ତମା ସେନ୍ ଓ ଇଲାଭେନିଲ ଭାଲାରିଭାନ ଯଥାକ୍ରମେ ୩୪ତମ ଓ ୫୩ତମ ସ୍ଥାନ ଅଧିକାର କରିଥିଲେ।

## ବୋପାନ୍ନା-ଇବ୍‌ଡେନ କ୍ୱାର୍ଟରରେ

**ପ୍ୟାରିସ, ୩।୬ (ପି.ଟି.)**

ଭାରତର ରୋହନ ବୋପାନ୍ନା ଓ ତାଙ୍କ ଅଷ୍ଟ୍ରେଲୀୟ ପାର୍ଟନର ମାଥ୍ୟୁ ଇବ୍‌ଡେନ ଫ୍ରେଞ୍ଚ ଓପନ ଟେନିସ ପୁରୁଷ ଡବଲ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ସୋମବାର ଏକ ତୃତୀୟ ରାଉଣ୍ଡ ମ୍ୟାଚରେ ଦ୍ୱିତୀୟ ସିଡ୍ ଯୋଡ଼ି ସୁପର ଟାଇବ୍ରେକରରେ ୬-୭ (୨), ୬-୩, ୭-୬ (୧୦-୮)ରେ ଇଣ୍ଡୋ-ମେକ୍ସିକାନ ଯୋଡ଼ି ଏନ୍. ଶ୍ରୀରାମ ବାଲାଜୀ ଓ ଏମ୍‌ଏ ରିୟେସ ଭାରେଲା ମାର୍ଟିନେଜଙ୍କୁ ହରାଇ ଦେଇଛନ୍ତି। ସୂଚନାଯୋଗ୍ୟ, ପ୍ୟାରିସ ଗେମ୍ସ ପାଇଁ ବୋପାନ୍ନା ଏପର୍ଯ୍ୟନ୍ତ ତାଙ୍କ ପାର୍ଟନର ସ୍ଥିର କରି ନାହାନ୍ତି। ଚଳିତ ସିଜନରେ ବାଲାଜୀଙ୍କ ପ୍ରଦର୍ଶନ ତାଙ୍କୁ ନିଶ୍ଚିତ ପ୍ରଭାବିତ କରିଥିବ। ବୋପାନ୍ନା ଜଣ ଟପ୍ ୧୦ ଖେଳାଳି ହୋଇଥିବାରୁ ପ୍ୟାରିସ ଗେମ୍ସ ପାଇଁ ସେ ତାଙ୍କ ପାର୍ଟନର ସ୍ଥିର କରିପାରିବେ।

## ଦୂରଦର୍ଶନରେ ଟି୨୦ ବିଶ୍ୱକପ୍

**ନୂଆଦିଲ୍ଲୀ, ୩।୬ (ପି.ଟି.)**

ଦୂରଦର୍ଶନ (ଡିଡି) ସ୍ପୋର୍ଟ୍ସ ଚ୍ୟାନେଲରେ ଚଳିତ ଟି୨୦ କ୍ରିକେଟ ବିଶ୍ୱକପ୍, ପ୍ୟାରିସ ଅଲିମ୍ପିକ୍ସ ଏବଂ ୱିମ୍ବେଲଡନ ଟେନିସ ପ୍ରତିଯୋଗିତାର ସିଧା ପ୍ରସାରଣ କରିବ। ଏଥିପାଇଁ ଏଥିପାଇଁ ବିଭିନ୍ନ କ୍ରୀଡ଼ା ସଂସ୍ଥା ଓ ଏଜେନ୍‌ସି ସହିତ ବୁଝାମଣା ହୋଇଛି। ସୋମବାର ଗଣମାଧ୍ୟମ ସହିତ ବାର୍ତ୍ତାଳାପ ସମୟରେ ପ୍ରସାରଭାରତୀୟ ସିଇଓ ଗୌରବ ଦ୍ୱିବେଦୀ ଏକଥା ଘୋଷଣା କରିଛନ୍ତି। ପ୍ରସାରଭାରତୀ ତରଫରୁ ଆହୁରି ମଧ୍ୟ ଟି୨୦ ବିଶ୍ୱକପ୍ ପାଇଁ ସ୍ୱତନ୍ତ୍ର ସଙ୍ଗୀତ 'ଜଜ୍‌ବା' ର ଉନ୍ମୋଚନ କରିଛି। ଦୂରଦର୍ଶନ ଆହୁରି ମଧ୍ୟ ଜୁଲାଇ ୨୬ରୁ ଅଗଷ୍ଟ ୧୧ ପ୍ୟାରିସ ଅଲିମ୍ପିକ୍ସ ଏବଂ ପ୍ୟାରିସ ପାରାଲିମ୍ପିକ୍ସ (ଅଗଷ୍ଟ ୨୮-ସେପ୍ଟେମ୍ବର ୮)ର ସିଧାପ୍ରସାରଣ ଓ ହାଇଲାଇଟ୍ସ ଦେଖାଇବ। ଏହା ଆହୁରି ମଧ୍ୟ ଜୁଲାଇ ୬ରୁ ୧୪ ଭାରତର ଜିମ୍ବାୱେ ଟୁର୍ ମ୍ୟାଚର ସିଧାପ୍ରସାରଣ କରିବ। ଟି୨୦ ବିଶ୍ୱକପ୍ ପରେ ଭାରତ ଜିମ୍ବାୱେ ଟୁର୍‌ରେ ୫ ଅନ୍ତର୍ଜାତୀୟ ଟି୨୦ ଖେଳିବ। ଜୁଲାଇ ୨୭ରୁ ଅଗଷ୍ଟ ୭ ପର୍ଯ୍ୟନ୍ତ ଭାରତର ହ୍ୱାଇଟ୍ ବଲ ସିରିଜ ଖେଳାଯିବ। ଏହା ମଧ୍ୟ ଡିଡି ସ୍ପୋର୍ଟ୍ସରେ ପ୍ରସାରିତ ହେବ। ଫ୍ରେଞ୍ଚ ଓପନ ଓ ୱିମ୍ବେଲଡନ ଫାଇନାଲ ମଧ୍ୟ ଦୂରଦର୍ଶନରେ ପ୍ରସାରିତ ହେବ।

# ସୁପର ଓଭର ଜିତିଲା ନାମ୍ବିଆ

**ବ୍ରିଜ୍‌ଟାଉନ୍,୩।୬(ପି.ଟି.)**

ରୁବେନ୍ ଟ୍ରମ୍ପେଲମାନ ଓ ଡେଭିଡ୍ ୱାଇସେଙ୍କ ବୋଲିଂ ସଫଳତା ବଳରେ ଟି୨୦ ବିଶ୍ୱକପରେ ଓମାନକୁ ସୁପର ଓଭରରେ ପରାସ୍ତକରି ବିଜୟରୁ ଅଭିଯାନ ଆରମ୍ଭ କରିଛି ନାମ୍ବିଆ। ବିଶ୍ୱକପ ଇତିହାସର ଏହା ଚତୁର୍ଥ ସୁପର ଓଭର ହୋଇଥିବା ବେଳେ ଡେଭିଡ୍ ୱାଇସେ ଉଭୟ ବ୍ୟାଟ୍ ଓ ବଲ୍ ଜରିଆରେ ହିରୋ ରହିଥିଲେ। ପ୍ରଥମେ ବ୍ୟାଟିଂକରି ଓମାନ ୧୦୯ ରନରେ ସମସ୍ତ ଉଇକେଟ

### ଟ୍ରମ୍ପେଲମାନ, ୱାଇସେଙ୍କ ବୋଲିଂ ସଫଳତା

ହରାଇଥିଲା। ଜବାବରେ ନାମ୍ବିଆ ମଧ୍ୟ ୬ ଉଇକେଟ ହରାଇ ସମାନ ୧୦୯ ରନ୍ କରିଥିଲା। ଅନ୍ତିମ ଓଭରରେ ୫ ରନ୍ ଆବଶ୍ୟକ ଥିବା ବେଳେ ମେହରାନ୍ ଖାନ୍ ଚମତ୍କାର ବୋଲିଂ କରିଥିଲେ। ଅନ୍ତିମ ବଲରେ ୨ ରନ୍ ଆବଶ୍ୟକ ଥିବା ବେଳେ ବାଇରୁ ୧ ରନ୍ ସଂଗୃହୀତ ହୋଇଥିଲା। ପରେ ସୁପର ଓଭରରେ ଡେଭିଡ୍ ୱାଇସେ ଓ ଅଧିନାୟକ ଜେରହାର୍ଡ ଏରାସ୍‌ମସ ୨୧ ରନ୍ କରିଥିଲେ। ପରେ ୱାଇସେ ବୋଲିଂ କରିବାକୁ ଆସି ମାତ୍ର ୧୦ ରନ୍ ଦେଇ ଗୋଟିଏ ଉଇକେଟ ନେଇଥିଲେ।

ବାର୍ବାଡୋସ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ନାମ୍ବିଆ ପ୍ରଥମେ ବୋଲିଂ ନେଇଥିଲା। ଦକ୍ଷିଣ ଆଫ୍ରିକା ଜନ୍ମିତ ବାମହାତୀ ପେସର ରୁବେନ୍ ଟ୍ରମ୍ପେଲମାନ ଚମତ୍କାର ବୋଲିଂ ସହ ଏକ ରେକର୍ଡ ନିଜ ନାମରେ କରିଥିଲେ। ଟି୨୦ରେ ପ୍ରଥମ ବୋଲର ଭାବରେ ସେ ପ୍ରଥମ ଦୁଇ ବଲ୍‌ରେ କଶ୍ୟପ ପ୍ରଜାପତି ଏବଂ ଓମାନ କ୍ୟାପ୍‌ଟେନ ଆକିବ୍ ଇଲିଆସଙ୍କୁ ଆଉଟ କରିଥିଲେ। ଓମାନ ପକ୍ଷରୁ ଖାଲିଦ୍ କାଇଲ ୩୪ ବଲ୍‌ରୁ ସର୍ବାଧିକ ୩୯ ରନ୍ କରିଥିଲେ। ଜିଶାନ ମାସୁଦ୍ ୨୨, ଆୟନ୍ ଖାନ୍ ୧୫ ରନ୍ କରିଥିବା ବେଳେ ୭ ଜଣ ବ୍ୟାଟର ଦୁଇ ଅଙ୍କ ସ୍କୋର ଛୁଇଁପାରି ନ ଥିଲେ। ରୁବେନ୍ ଟ୍ରମ୍ପେଲମାନ ୨୧ ରନ୍‌ରେ ୪ ଓ ଡେଭିଡ୍ ୱାଇସେ ୩ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜେରହାର୍ଡ ଏରାସ୍‌ମସ ୨ ଓ ବର୍ନାର୍ଡ ସ୍କଲ୍ଜ ୧ ଉଇକେଟ ନେଇଥିଲେ।

ଜବାବରେ ନାମ୍ବିଆ ପ୍ରଥମ ଓଭରରେ ବିନା ସ୍କୋରରେ ଓପନର ମାଇକେଲ ଭାନ୍ ଲିଙ୍ଗେନଙ୍କ ଉଇକେଟ ହରାଇଥିଲା। ତେବେ ପରବର୍ତ୍ତୀ ଦୁଇ ବ୍ୟାଟର ନିକୋଲାସ୍ ଡାଭିନ୍(୨୪) ଓ ଜାନ୍ ଫ୍ରାଇଲିଙ୍କ(୪୫) ସତର୍କତାର ସହ ଇନିଂସ ଆଗକୁ ବଢାଇଥିଲେ। ଅଧିନାୟକ ଜେରହାର୍ଡ ଏରାସ୍‌ମସ ୧୩ ରନ୍ କରିଥିଲେ। ଅନ୍ତିମ ଓଭରରେ ୫ ରନ୍ ଆବଶ୍ୟକ ଥିବା ବେଳେ ପ୍ରଥମ ବଲରେ ଫ୍ରାଇଲିଙ୍କଙ୍କୁ ଆଉଟ କରିଥିଲେ ମେହରାନ୍ ଖାନ୍। ପରବର୍ତ୍ତୀ ବଲ୍ ଡଟ୍ ରହିଥିବା ବେଳେ ତୃତୀୟ ବଲ୍‌ରେ ଆଉ ଏକ ଉଇକେଟର ପତନ ଘଟିଥିଲା। ଅନ୍ତିମ ୩ ବଲ୍‌ରୁ ୪ ରନ୍ ସଂଗୃହୀତ ହୋଇଥିବା ବେଳେ ଚଳିତ ବିଶ୍ୱକପର ପ୍ରଥମ ତଥା ବିଶ୍ୱକପ ଇତିହାସର ଚତୁର୍ଥ ସୁପର ଓଭର ଦେଖିବାକୁ ମିଳିଥିଲା।



ସୁପର ଓଭରରେ ଶଟ୍ ଖେଳିବା ଅବସରରେ ଡେଭିଡ ୱାଇସେ।

**ଟି୨୦ ବିଶ୍ୱକପ**
**(ଆଜିର ମ୍ୟାଚ)**

**ଆଫଗାନିସ୍ତାନ ବନାମ ଉଗାଣ୍ଡା**
ସ୍ଥାନ: ଗୁଏନା
ସମୟ: ସକାଳ ୬ଟା

**ଇଂଲଣ୍ଡ ବନାମ ସ୍କଟ୍‌ଲାଣ୍ଡ**
ସ୍ଥାନ: ବାର୍ବାଡୋସ୍
ସମୟ: ରାତି ୮ଟା

**ନେଦରଲାଣ୍ଡ୍ସ ବନାମ ନେପାଳ**
ସ୍ଥାନ: ଡଲାସ
ସମୟ: ରାତି ୯ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ସଂକ୍ଷିପ୍ତ ସ୍କୋର**

ଓମାନ ୧୯.୪ ଓଭରରେ ୧୦୯/୧୦ (ଖାଲିଦ୍ କାଇଲ-୩୯, ଜିଶାନ ମାସୁଦ୍-୨୨, ଆୟନ୍ ଖାନ୍-୧୫, ରୁବେନ୍ ଟ୍ରମ୍ପେଲମାନ-୪/୨୧, ଡେଭିଡ୍ ୱାଇସେ-୩/୨୮, ଜେରହାର୍ଡ ଏରାସ୍‌ମସ-୨/୨୦)। ନାମ୍ବିଆ ୨୦ ଓଭରରେ ୧୦୯/୬ (ଜାନ୍ ଫ୍ରାଇଲିଙ୍କ-୪୫, ନିକୋଲାସ ଡେଭିନ୍-୨୪, ଜେରହାର୍ଡ ଏରାସ୍‌ମସ-୧୩, ମେହରାନ୍ ଖାନ୍-୩/୭, ଆକିବ୍ ଇଲିଆସ୍-୧/୧୭, ବିଲାଲ୍ ଖାନ୍-୧/୨୫)।

## ନର୍ଜେଙ୍କ ପ୍ରଭାବୀ ବୋଲିଂ

**ନ୍ୟୁୟର୍କ,୩।୬**

ଟି୨୦ ବିଶ୍ୱକପରେ ଶ୍ରୀଲଙ୍କା ବିପକ୍ଷରେ ଦକ୍ଷିଣ ଆଫ୍ରିକାର ପ୍ରଭାବୀ ବୋଲିଂ। ଆନରିଚ୍ ନର୍ଜେ ମାତ୍ର ୭ ରନ୍‌ରେ ୪ ଉଇକେଟ ନେବାରୁ ଶ୍ରୀଲଙ୍କା ୧୯.୧ ଓଭରରେ ମାତ୍ର ୭୭ ରନ୍‌ରେ ଅଲଆଉଟ ହୋଇଥିଲା। ଜବାବରେ ଖବର ପ୍ରସ୍ତୁତି ସୁଦ୍ଧା ଦକ୍ଷିଣ ଆଫ୍ରିକା ୭ ଓଭରରେ ୨ ଉଇକେଟ ହରାଇ ୩୦ ରନ୍ କରିଛି। ଶ୍ରୀଲଙ୍କା ଟସ୍ ଜିତି ପ୍ରତିକୂଳ ପରସ୍ଥିତିରେ ପ୍ରଥମେ ବୋଲିଂ କରିଥିଲା। ତେବେ ଦକ୍ଷିଣ ଆଫ୍ରିକା ବୋଲରଙ୍କ ଘାତକ ବୋଲିଂ କରିବା କାରଣରୁ ଶ୍ରୀଲଙ୍କା ଏହାର ଟି୨୦ ବିଶ୍ୱକପ ଇତିହାସର ସର୍ବନିମ୍ନ ସ୍କୋର କରିଥିଲା। ପେସ୍ ବୋଲିଂ ସହାୟକ ପିଚ୍‌ରେ ଚତୁର୍ଥ ଓଭରରେ ଶ୍ରୀଲଙ୍କା ପାଥୁମ୍ ନିଶଙ୍କା(୩)ଙ୍କ ଉଇକେଟ ହରାଇଥିଲା। ପରେ କୁଶାଲ ମେଣ୍ଡିସ୍(୧୯) ଓ କାମିନ୍ଦୁ ମେଣ୍ଡିସ(୧୧) ଦଳୀୟ ସ୍କୋର ୩୧ରେ ପହଞ୍ଚାଇ ଥିଲେ। ଅଷ୍ଟମ ଓଭରରେ କାମିନ୍ଦୁ ଆଉଟ ହେବା ପରେ ପରବର୍ତ୍ତୀ ଓଭରରେ ୨ ବଲ୍‌ରେ ହସରଙ୍ଗା ଓ ସାଦିରା ସମରବିକ୍ରମାଙ୍କୁ ଆଉଟ କରିଥିଲେ କେଶବ ମହାରାଜ। ଶେଷ ଭାଗରେ ଅନୁଭବୀ ଆଞ୍ଜେଲୋ ମାଥ୍ୟୁସ୍ ୧୬ ରନ୍ କରିବାରୁ ଶ୍ରୀଲଙ୍କା ୭୭ ରନ୍‌ରେ ପହଞ୍ଚିଥିଲା। ଶ୍ରୀଲଙ୍କାର ୮ ଜଣ ଖେଳାଳି ୨ ଅଙ୍କରେ ପହଞ୍ଚି ପାରି ନ ଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ଆନରିଚ୍ ନର୍ଜେ ୪ ଉଇକେଟ ନେଇ ଶ୍ରୀଲଙ୍କାର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗି ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କେଶବ ମହାରାଜ,କାଗିସୋ ରାବାଡା ୨ଟି ଲେଖାଏ ଓ ଓଟ୍‌ନିଲ୍ ବାର୍ଟମାନ୍ ଗୋଟିଏ ଉଇକେଟ ନେଇଥିଲେ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ